ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୩୦/୨୦୨୨ (୮+୮=୧୬ ପୃଷ୍ଠା) | Bhubaneswar, Wednesday, March 30/2022 Page 16 ₹ 7.00 ★★★★★★

୪୮ଶ ଭାଗ ୧୨୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



## କ୍ରିସ୍‌ଙ୍କୁ କ୍ଷମା ମାଗିଲେ ସ୍ମିଥ୍

ଓସ୍କାର ସମାରୋହରେ ଅଭିନେତା ୱିଲ୍ ସ୍ମିଥ୍ ହୋଷ୍ଟ କ୍ରିସ୍ ରକ୍‌ଙ୍କୁ ଚାପୁଡ଼ା ମାରିବା ଘଟଣାରେ କ୍ଷମା ମାଗିଛନ୍ତି। ନିଜ ଆଚରଣ ପାଇଁ ସେ ଦୁଃଖିତ ବୋଲି କ୍ରିସ୍‌ଙ୍କୁ କହିଛନ୍ତି।

୦୨

୦୮

## ସାମ୍‌ସନଙ୍କ ଶତକ ମ୍ୟାଚ

ଇଣ୍ଡିଆନ ପ୍ରିମିୟର ଲିଗ୍‌ରେ ମଙ୍ଗଳବାର ରାଜସ୍ଥାନ ରୟାଲ୍ସ ପକ୍ଷରୁ ୧୦୦ତମ ମ୍ୟାଚ ଖେଳିଛନ୍ତି ସଞ୍ଜୁ ସାମ୍‌ସନ।





ପାର୍ଲାମେଣ୍ଟରେ ମଙ୍ଗଳବାର ବିଜେଡି ଏମ୍‌ପିମାନଙ୍କ ଗହଣରେ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।

# ରାଷ୍ଟ୍ରପତି ନିର୍ବାଚନ ନେଇ ଚିନ୍ତା କରାଯାଇନି

## ସଂସଦରେ ମୁଖ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୨୯।୩

୩ଦିନିଆ ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ସଂସଦକୁ ଯାଇ ଦଳୀୟ ଏମ୍‌ପିଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଅବସରରେ ରାଷ୍ଟ୍ରପତି ନିର୍ବାଚନ ସମ୍ପର୍କରେ ବିଜେଡିର ରଣନୀତି ସମ୍ପର୍କରେ ନବୀନଙ୍କୁ ଗଣମାଧ୍ୟମ ପ୍ରଶ୍ନ ପଚାରିଥିଲେ । ସେ କହିଥିଲେ ଯେ, ରାଷ୍ଟ୍ରପତି ନିର୍ବାଚନକୁ ଆହୁରି ବହୁ ସମୟ ଅଛି। ତେଣୁ ଏନେଇ ଦଳ ପକ୍ଷରୁ କୌଣସି ଚିନ୍ତା କରାଯାଇ ନାହିଁ। ବିଜେଡି ସବୁବେଳେ ରାଜ୍ୟର ବିକାଶକୁ ଗୁରୁତ୍ୱ ଦେଇ ଆସିଛି। ତେଣୁ ରାଜ୍ୟର ସ୍ୱାର୍ଥ ପାଇଁ ଯାହା ଠିକ୍ ହେବ, ସେହି ଅନୁସାରେ ନିଷ୍ପତ୍ତି ନିଆଯିବ ବୋଲି ନବୀନ କହିଛନ୍ତି। ବିଶେଷ କରି ତୃତୀୟ ସାମ୍ମୁଖ୍ୟ ଗଠନ ସମ୍ପର୍କରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପ୍ରସ୍ତାବ ଏପର୍ଯ୍ୟନ୍ତ ବିଜେଡିର ହସ୍ତଗତ ହୋଇନାହିଁ। ମିଳିବା ପରେ ସେ ସମ୍ପର୍କରେ ଚିନ୍ତା କରାଯିବ ବୋଲି ନବୀନ କହିଛନ୍ତି। ତାଙ୍କର ପ୍ରଧାନମନ୍ତ୍ରୀ କିମ୍ବା ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଭେଟିବାର କୌଣସି କାର୍ଯ୍ୟକ୍ରମ ନାହିଁ। ଏପରିକି ବିରୋଧୀ ବରିଷ୍ଠ ନେତାଙ୍କ ସହ ମଧ୍ୟ କୌଣସି ଆଲୋଚନା କରିବାର ଯୋଜନା ନାହିଁ ବୋଲି କହିଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ବିରୋଧୀ ମେଳିରେ ମିଶିବାର କୌଣସି ଯୋଜନା ରହିଛି କି ବୋଲି ଏକ ପ୍ରଶ୍ନର ଉତ୍ତରଦେଇ ନବୀନ କହିଛନ୍ତି ଯେ, ସେନେଇ କୌଣସି ଚିନ୍ତା କରାଯାଇ ନାହିଁ ।

ନବୀନ ପାର୍ଲାମେଣ୍ଟକୁ ଯିବା ସମୟରେ ଗେଟ୍ ନିକଟରେ ଦଳୀୟ ଏମ୍‌ପିମାନେ ତାଙ୍କୁ ସ୍ୱାଗତ କରିଥିଲେ। ଏହାପରେ ଦଳର ସଂସଦୀୟ କାର୍ଯ୍ୟାଳୟରେ ଦଳୀୟ ଏମ୍‌ପିଙ୍କ ସହ ରାଜ୍ୟର ବିଭିନ୍ନ କଲ୍ୟାଣମୂଳକ ଯୋଜନା ସମ୍ପର୍କରେ ଆଲୋଚନା ☞ପୃଷ୍ଠା-୪

# ମୁଣ୍ଡ ପିଛା ଆୟ ବଢ଼ିଲା

## ଅର୍ଥନୈତିକ ସର୍ଭେ ରିପୋର୍ଟ

ଭୁବନେଶ୍ୱର, ୨୯।୩(ବ୍ୟୁରୋ)

ଗତ ଦୁଇ ବର୍ଷ ହେବ କରୋନା ମହାମାରୀ ଯୋଗୁ ଦେଶର ଅର୍ଥନୀତି ଦୁର୍ବଳ ହୋଇଥିଲେ ସୁଦ୍ଧା ରାଜ୍ୟ ସରକାରଙ୍କ ଉପଯୁକ୍ତ ଆର୍ଥିକ ପରିଚାଳନା ଯୋଗୁ ରାଜ୍ୟର ଅଭିବୃଦ୍ଧି ବଳବତ୍ତର ରହିଛି। ୨୦୨୦-୨୧ରେ ରାଜ୍ୟରେ ମୁଣ୍ଡପିଛା ଆୟ କମିଥିବାବେଳେ ୨୦୨୧-୨୨ରେ ମୁଣ୍ଡ ପିଛା ଆୟ ଉପରମୁହାଁ ହୋଇଛି। ଚଳିତ ଆର୍ଥିକ ବର୍ଷରେ ଦେଶର ଅଭିବୃଦ୍ଧି ହାର ୮.୮ % ଥିବାବେଳେ ଓଡ଼ିଶାର ଅଭିବୃଦ୍ଧି ହାର ୧୦.୧ % ରହିଛି। ଖଣି, ଶିଳ୍ପ, କୃଷି, ଶିକ୍ଷା, ପର୍ଯ୍ୟଟନର ବିକାଶ ହେବା ସହ ଉନ୍ନତ ସ୍ୱାସ୍ଥ୍ୟସେବା ଓ ନାରୀ ସଶକ୍ତୀକରଣ କ୍ଷେତ୍ରରେ ଆଖିଦୃଶିଆ ପ୍ରଗତି ହୋଇଛି। ମଙ୍ଗଳବାର ବିଧାନସଭାରେ ଉପସ୍ଥାପିତ ୨୦୨୧-୨୨ ଅର୍ଥନୈତିକ ସର୍ଭେ ରିପୋର୍ଟରେ ରାଜ୍ୟ ସରକାର ଏକଥା କହିଛନ୍ତି।

ରିପୋର୍ଟରେ କୁହାଯାଇଛି ଯେ ୨୦୨୧-୨୨ ଆର୍ଥିକ ବର୍ଷରେ ରାଜ୍ୟର ଦାରିଦ୍ର୍ୟ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି। ନୀତି ଆୟୋଗଙ୍କ ଦ୍ୱାରା ପ୍ରକାଶିତ ବହୁମୁଖୀ ଦାରିଦ୍ର୍ୟ ସୂଚକାଙ୍କ ଅନୁଯାୟୀ ଜାତୀୟସ୍ତରରେ ଦାରିଦ୍ର୍ୟ ହାର ୨୫.୦୧% ଥିବାବେଳେ ଓଡ଼ିଶାରେ ୨୯.୩୫% ରହିଛି। ସେହିପରି ଦାରିଦ୍ର୍ୟ ତୀବ୍ରତା ଜନସଂଖ୍ୟାର ୪୬.୪୨ ପ୍ରତିଶତ ଥିବାବେଳେ ଜାତୀୟସ୍ତରରେ ୪୭.୧୩ ପ୍ରତିଶତ ରହିଛି।

ଶିଳ୍ପ ଉତ୍ପାଦନ ଓ ଖଣି ଶିଳ୍ପରେ ଅଭିବୃଦ୍ଧି ଯଥାକ୍ରମେ ୧୪.୦୩ ଏବଂ ୧୮.୧% ରହିଛି। ସେହିପରି ସେବା କ୍ଷେତ୍ର ୭.୯% ବୃଦ୍ଧି ପାଇବାର ଆଶା କରାଯାଉଛି। ତେବେ ମରୁଡ଼ି, ଅନିୟମିତ ବୃଷ୍ଟିପାତ, ଜୱାଦ, ଗୁଲାବ ଏବଂ ୟସ୍ ଭଳି ବାତ୍ୟା ଯୋଗୁ ରାଜ୍ୟରେ କୃଷି ଓ ଆନୁଷଙ୍ଗିକ କ୍ଷେତ୍ରଗୁଡ଼ିକର ଅଭିବୃଦ୍ଧିହାର ୩.୪% ରହିବା ଆକଳନ କରାଯାଇଛି। ମହାମାରୀ ସତ୍ତ୍ୱେ ରାଜ୍ୟରେ ମୁଣ୍ଡ ପିଛା ଆୟ ବଢ଼ିଛି। ୨୦୨୦-୨୧ରେ ମୁଣ୍ଡପିଛା ଆୟ ୧,୦୯,୦୭୧ ଥିବାବେଳେ ୨୦୨୧-୨୨ ରେ ଏହା ୧୬.୮% ବୃଦ୍ଧିପାଇ ୧,୨୭,୩୮୩ ଟଙ୍କାରେ ପହଞ୍ଚିବାର ଆକଳନ କରାଯାଇଛି। ବେକାରି ହାର ମଧ୍ୟ ତଳମୁହାଁ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ୨୦୧୭-୧୮ରେ ବେକାରି ହାର ୭.୧ ପ୍ରତିଶତ ଥିବାବେଳେ ଏହା ହ୍ରାସ ପାଇ ୨୦୧୯-୨୦ରେ ୬.୨ ପ୍ରତିଶତକୁ ଖସିଆସିଥିଲା। ୨୦୧୯-୨୦ରେ ଜାତୀୟସ୍ତରରେ ୪.୮ % ପଞ୍ଜୀକୃତ କରାଯାଇଛି।

ସେହିପରି ରାଜ୍ୟରେ ମିଳିତ ହାରାହାରି ଖାଉଟି ମୂଲ୍ୟ ସୂଚକାଙ୍କ ମୁଦ୍ରାସ୍ଫୀତି ୨୦୨୧-୨୨(ଏପ୍ରିଲ-ଜାନୁୟାରୀ)ରେ ୨.୭ ପ୍ରତିଶତ ଥିବାବେଳେ ସର୍ବଭାରତୀୟ ସ୍ତରରେ ୫.୩ ପ୍ରତିଶତ ରହିଛି। ଓଡିଶା ଏକ ରାଜସ୍ୱ ବଳକା ରାଜ୍ୟ ହେବା ସହିତ ଆର୍ଥିକ ନିଅଣ୍ଟକୁ ଏଫଆର୍‌ବିଏମ ଆକ୍ଟ ଅନୁଯାୟୀ ଜିଏସ୍‌ଡିପିର ୩.୫ ପ୍ରତିଶତରେ ରଖାଯାଇପାରିଛି। ରାଜ୍ୟରେ ରାଜସ୍ୱ ଆଦାୟ ୨୦୨୦-୨୧ରେ ୧,୦୭,୨୦୦ କୋଟି ଥିବାବେଳେ ଏହା ୨୦୨୧-୨୨ରେ ୧୭.୨ ପ୍ରତିଶତ ବୃଦ୍ଧି ପାଇ ୧,୨୫,୬୦୦ କୋଟିରେ ପହଞ୍ଚିଛି। ଚାହିଦା ଠାରୁ ରାଜ୍ୟରେ ଅଧିକ ବିଦ୍ୟୁତ୍ ଉତ୍ପାଦନ ହେଉଛି। ଓଡ଼ିଶା ଏକ ବିଦ୍ୟୁତ୍ ବଳକା ☞ପୃଷ୍ଠା-୪




## ଯୁକ୍ତ୨ ବିଜ୍ଞାନ ପରୀକ୍ଷା ସୂଚୀ ବଦଳିପାରେ

ଭୁବନେଶ୍ୱର, ୨୯।୩(ବ୍ୟୁରୋ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ବିଜ୍ଞାନ ପରୀକ୍ଷା ସୂଚୀ ବଦଳିପାରେ। ବିଜ୍ଞାନ ଛାତ୍ରୀଛାତ୍ରଙ୍କ ନିର୍ଦ୍ଧାରିତ ପରୀକ୍ଷା ସୂଚୀରେ କମ୍ ଦିନର ବ୍ୟବଧାନ ରହିଥିଲା। ଏଥିପାଇଁ ପିଲାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ତେଣୁ ପରୀକ୍ଷା କାର୍ଯ୍ୟସୂଚୀରେ ସାମାନ୍ୟ ପରିବର୍ତ୍ତନ ପାଇଁ ସିଏଚ୍‌ଏସ୍‌ଇକୁ ନିର୍ଦ୍ଦେଶ ଦିଆଯାଇଥିବା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି। ଏଥର ୧,୫୮୬ ☞ପୃଷ୍ଠା-୪

ଆଜିର ସମ୍ପାଦକୀୟ

ସ୍ମିଥ୍‌ଙ୍କ ଚାପୁଡ଼ା

# ୫ଟଙ୍କା ବଢ଼ିଲାଣି ତେଲ ଦର

- ପେଟ୍ରୋଲ ୮୫, ଡିଜେଲ ୭୪ ପଇସା ବୃଦ୍ଧି
- ଦିଲ୍ଲୀରେ ୧୦୦ ଟପିଲା ପେଟ୍ରୋଲ

ନୂଆଦିଲ୍ଲୀ, ୨୯।୩




ଗତ ୮ ଦିନ ମଧ୍ୟରେ ଦେଶରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟ ୭ ଥର ବଢ଼ିଲାଣି। ପ୍ରମୁଖ ତୈଳ ବିପଣନ କମ୍ପାନୀ ଭାରତୀୟ ତୈଳ ନିଗମର ସୂଚନା ଅନୁସାରେ ମଙ୍ଗଳବାର ଭୁବନେଶ୍ୱରରେ ପେଟ୍ରୋଲ ୮୫ ପଇସା ଏବଂ ଡିଜେଲ ୭୪ ପଇସା ବୃଦ୍ଧି ପାଇଛି। ଏହି ଦର ବୃଦ୍ଧି ଫଳରେ ଏଠାରେ ପେଟ୍ରୋଲ ଲିଟର ପିଛା ୧୦୬.୯୩ ଟଙ୍କାରେ ବିକ୍ରି ହେଉଥିବା ବେଳେ ଡିଜେଲ ଲିଟର ପିଛା ୯୬.୭୨ ଟଙ୍କାରେ କାରବାର ହେଉଛି। ଏହି ସମୟ ମଧ୍ୟରେ ଓଡ଼ିଶାରେ ଉଭୟ ତେଲର ଦର ସପ୍ତାହକ ମଧ୍ୟରେ ୫ଟଙ୍କାରୁ ଉର୍ଦ୍ଧ୍ୱ ବଢ଼ିଲାଣି। ସୂଚନାଯୋଗ୍ୟ, ପେଟ୍ରୋଲ ଉପରେ ୫.୧୨ ଟଙ୍କା ଓ ଡିଜେଲରେ ୫.୧୦ ଟଙ୍କା ଗତ ୭ ଥର ଦର ବୃଦ୍ଧିରେ ବଢ଼ିଛି ବୋଲି ସୂଚନା ମିଳିଛି। ଅପରପକ୍ଷରେ ନୂଆଦିଲ୍ଲୀରେ ମଧ୍ୟ ପେଟ୍ରୋଲ ୮୦ ପଇସା ଓ ଡିଜେଲ ୭୦ ପଇସା ବଢ଼ିଛି। ଫଳରେ ସେଠାରେ ପେଟ୍ରୋଲ ଲିଟର ପିଛା ୧୦୦.୨୧ ଟଙ୍କା ଏବଂ ଡିଜେଲ ଲିଟର ପିଛା ୯୧.୪୭ ଟଙ୍କାରେ ପହଞ୍ଚିଛି। ବିଶେଷକରି ପୁଣି ଥରେ ଦିଲ୍ଲୀରେ ପେଟ୍ରୋଲ ଦର ଶହେ ଟପିଯାଇଛି। ଉପରୋକ୍ତ ସମୟ ମଧ୍ୟରେ ନୂଆଦିଲ୍ଲୀରେ ମଧ୍ୟ ଉଭୟ ପେଟ୍ରୋଲ ଓ ଡିଜେଲ ଉପରେ ମୋଟ ୪.୮୦ ଟଙ୍କା ବୃଦ୍ଧି ଘଟିଛି। ସେହିଭଳି ଦେଶର ପ୍ରମୁଖ ମହାନଗର ମୁମ୍ବାଇ, କୋଲକାତା ଓ ଚେନ୍ନାଇ ଭଳି ସହରରେ ପେଟ୍ରୋଲ ଲିଟର ପିଛା ଯଥାକ୍ରମେ ୧୧୫.୦୪ ଟଙ୍କା, ୧୦୯.୬୮ଟଙ୍କା ଏବଂ ୧୦୫.୯୪ ଟଙ୍କାରେ ବିକ୍ରି ହେଉଛି। ସେହିପରି ଉପରୋକ୍ତ ମହାନଗରଗୁଡ଼ିକରେ ଡିଜେଲ ଲିଟର ପିଛା ୯୯.୨୫ ଟଙ୍କା, ୯୪.୬୨ ଟଙ୍କା ଏବଂ ୯୬ ଟଙ୍କାରେ ପହଞ୍ଚିଛି।

ସୂଚନାଯୋଗ୍ୟ, ମଙ୍ଗଳବାର ଅନ୍ତଃରାଷ୍ଟ୍ରୀୟ ବଜାରରେ ଅଶୋଧିତ ☞ପୃଷ୍ଠା-୪

# ଭାଜପାକୁ ଗୋଡ଼ଟଣା ମାରିଲା

ଭୁବନେଶ୍ୱର, ୨୯।୩(ବ୍ୟୁରୋ)

ଗଣତାନ୍ତ୍ରିକ ବ୍ୟବସ୍ଥାରେ ସରକାରୀ ଦଳ ସମେତ ଶକ୍ତିଶାଳୀ ବିରୋଧୀ ଦଳର ଉପସ୍ଥିତି ଅତ୍ୟନ୍ତ ଆବଶ୍ୟକ ହୋଇଥାଏ । ସରକାରୀ ଦଳଠାରୁ ଯେତିକିସ୍ୱଚ୍ଛତା ଏବଂ ସଚ୍ଚୋଟତା ଆଶା କରାଯାଏ ତାହାଠାରୁ କିଛି ଅଧିକ ସ୍ପଷ୍ଟବାଦିତା ବିରୋଧୀ ଦଳଠାରୁ ଆଶା କରିଥାଆନ୍ତି ଜନସାଧାରଣ। ତେବେ ଓଡ଼ିଶାରେ ତାହା ଦେଖାଯାଉ ନାହିଁ।

ଗୋଷ୍ଠୀ କନ୍ଦଳ ଯୋଗୁ ରାଜ୍ୟରେ ବିରୋଧୀ ଦଳଗୁଡ଼ିକ ସତ୍ତା ହରାଇବା ସ୍ଥିତିରେ ପହଞ୍ଚିଛନ୍ତି । ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ମୁଖ୍ୟ ବିରୋଧୀ ଦଳ ଭାଜପା ଶୋଚନୀୟ ପରାଜୟ ବରଣ କରିଛି। କେବଳ ଗାଁ ଭୋଟର ନୁହନ୍ତି, ସହର ଭୋଟର ମଧ୍ୟ ଦଳକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ଉଭୟ ନିର୍ବାଚନରୁ ଏହା ଜଳଜଳ ହୋଇ ଦିଶୁଛି। ନିକଟରେ ଶେଷ ହୋଇଥିବା ଜିଲା ପରିଷଦ ନିର୍ବାଚନରେ ମୋଟ ୮୫୨ ଆସନରୁ ଭାଜପାକୁ ମାତ୍ର ୪୨ଟି ସିଟ୍‌ରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ୧୦ଟି ଜିଲାରେ ଦଳ ସମ୍ପୂର୍ଣ୍ଣ ଫେଲ୍ ମାରିଥିବା ବେଳେ ୯ଟି ଜିଲାରେ କେବଳ ଗୋଟିଏ ଲେଖାଏ ସିଟ୍ ପାଇବାରେ ସକ୍ଷମ ହୋଇଛି। ସେହିପରି ୧୦୫ ପୌର ପରିଷଦ/ଏନ୍‌ଏସି ଅଧ୍ୟକ୍ଷ ନିର୍ବାଚନରେ ଦଳକୁ ମାତ୍ର ୧୬ଟି ସିଟ୍ ମିଳିପାରିଛି।

ଅନ୍ୟପକ୍ଷରେ ଦେଖିବାକୁ ଗଲେ ଭାଜପା କର୍ମୀଙ୍କ ଉତ୍ସାହ ଏବଂ ଲଢ଼ିବାର ଇଚ୍ଛାକୁ ସମାଲୋଚନା କରିହେବ ନାହିଁ। କେତେଜଣ ପ୍ରାର୍ଥୀ ଓ କର୍ମୀଙ୍କୁ ନିକଟରୁ ଦେଖିଲେ ସ୍ପଷ୍ଟ ଜଣାପଡ଼େ ଯେ ସେମାନଙ୍କର ଉତ୍ସାହ ଏବଂ



ଜିଦ୍‌ରେ ଅଭାବ ନ ଥିଲା। କିନ୍ତୁ ଦଳୀୟ ନେତୃତ୍ୱ ସେମାନଙ୍କୁ ମଝି ସମୁଦ୍ରରେ ପକାଇ ଦେଲା ଭଳି ସମସ୍ତେ ଅନୁଭବ କରୁଛନ୍ତି। ବିଶେଷ କରି ହାତଗଣତି ଦଳୀୟ ନେତୃତ୍ୱଙ୍କ ଆଭ୍ୟନ୍ତରୀଣ କନ୍ଦଳ ଯୋଗୁ ଦଳର ପରାଜୟ ହୋଇଛି। କ୍ଷମତାଶାଳୀ କେନ୍ଦ୍ରମନ୍ତ୍ରୀ, ଏମ୍‌ପି ଓ ଦଳର ଅନ୍ୟାନ୍ୟ ଟାଣୁଆ ନେତା ଥିବା ସତ୍ତ୍ୱେ ଦଳକୁ ଏଭଳି ଦୁର୍ଦ୍ଦଶା ଭୋଗିବାକୁ ପଡ଼ିଛି । ଏହି ପରାଜୟ ପାଇଁ ଗୋଷ୍ଠୀ କନ୍ଦଳ ଓ ଦଳୀୟ ନେତୃତ୍ୱକୁ ଭାଜପାର କେତେଜଣ ନେତା ଓ କର୍ମୀମାନେ ଦାୟୀ କରିଛନ୍ତି । ପୌର ନିର୍ବାଚନରେ ଦଳ ନୈରାଶ୍ୟଜନକ ପ୍ରଦର୍ଶନ କରିବା କଥାକୁ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ନିଜେ ମଧ୍ୟ ହଜମ କରିପାରି ନାହାନ୍ତି । ଏଥିପାଇଁ ସେ ସିଧାସଳଖ ଭାଜପା ନେତୃତ୍ୱଙ୍କ ଉପରକୁ ଅଙ୍ଗୁଳି ଉଠାଇଛନ୍ତି । ସେ କହିଛନ୍ତି ଯେ ପୌର ନିର୍ବାଚନରେ ଆମର ଫଳାଫଳ ବହୁତ ଖରାପ ହୋଇଛି। ରାଜ୍ୟ ନେତୃତ୍ୱ ଯଦି ଦୃଢ଼ ହୋଇଥାଆନ୍ତା ତାହାହେଲେ ଏଭଳି ଅବସ୍ଥା ହୋଇ ନ ଥାଆନ୍ତା ବୋଲି ଅପରାଜିତା କହିଛନ୍ତି।

ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତରେ, ଓଡ଼ିଶାରେ ମୋଦି ହାୱାର ପ୍ରଭାବ ଦୁର୍ବଳ ରହିଛି। ଏଥିସହିତ ଜଣେ କେନ୍ଦ୍ରମନ୍ତ୍ରୀଙ୍କ ଆଭିମୁଖ୍ୟ ଯୋଗୁ ଓଡ଼ିଶା ଭାଜପା ଉଧେଇବାରେ ସକ୍ଷମ ହୋଇପାରୁ ନାହିଁ। ଏହାର ଉଦାହରଣ ସ୍ୱରୂପ ସେମାନେ ୩ଟି କର୍ପୋରେଶନ ମେୟର ଭୋଟର ସଂଖ୍ୟା ଦର୍ଶାଉଛନ୍ତି। ଏଥିରୁ ଖିଅ ଟାଣି ପର୍ଯ୍ୟବେକ୍ଷକମାନେ କହିଛନ୍ତି ଯେ ସବୁ କଥାକୁ ମାଡ଼ି ବସୁଥିବା କେନ୍ଦ୍ରମନ୍ତ୍ରୀଙ୍କ ☞ପୃଷ୍ଠା-୪

KALINGA INSTITUTE OF INDUSTRIAL TECHNOLOGY (KIIT)
Deemed to be University
Established U/S 3 of UGC Act, 1956, Bhubaneswar, Odisha, India
25 years as an institution, 18 years as a university

KIITEE 2022

APPLY NOW through KIIT websites www.kiit.ac.in/www.kiitee.ac.in

No Application / Examination Fee
(Computer Based Online Test)

KIIT DU Rank 21 | Institution of Eminence | Rank 1 | 801-1000 | India's first QS 5 Stars Rated University | QS STARS | IET | NAAC A | ISAS

ACADEMIC PROGRAMMES AVAILABLE

B.Tech (4 Years) in following branches of Engineering:
- Civil
- Mechanical
- Electrical
- Electronics & Telecommunication
- Computer Science
- Information Technology
- Electronics & Electrical
- Electronics & Instrumentation
- Mechanical (Automobile)
- Aerospace
- Mechatronics
- Electronics & Computer Science
- Computer Science & Communication
- Chemical Technology
- Computer Science & System Engineering

Bachelors Programmes
- B.Tech (4 Yrs)
- B.Tech (Lateral Entry) (3 Yrs)
- B.Arch (5 Yrs)
- Bachelor of Design (Fashion/Textile) (4 Yrs)
- BA.LLB, BBA.LLB & B.Sc.LLB (5 Yrs)
- Bachelor of Film & Television Production (3 Yrs)
- BBA (3 Yrs)
- BCA (3 Yrs)
- B.Sc. Computer Science (3 Yrs)
- B.Sc. Nursing (4 Yrs)
- BA (Hons) in English / Economics / Sociology / Psychology (3 Yrs)
- B.Com. (Hons) (3 Yrs)

Masters Programmes
- M.Sc. Biotechnology (2 Yrs)
- M.Sc. Applied Microbiology (2 Yrs)
- M.Sc. in Computer Science (2 Yrs)
- M.Sc. Nursing (2 Yrs)
- Integrated M.Sc. & Ph.D (Phy/Chem/Math) (5 Yrs)
- M.Sc. By Research - S&T Translation (2 Yrs)
- M.Com. (2 Yrs)
- MCA (2 Yrs)
- MBA (2 Yrs)
- MBA in Business Analytics (2 Yrs)
- MBA in Supply Chain Management (2 Yrs)
- MBA in Healthcare Management (2 Yrs)
- MBA in Construction Management (2 Yrs)
- MBA in Rural Management (2 Yrs)
- MBA in Agribusiness Management (2 Yrs)
- B.Tech & M.Tech - Biotechnology (Dual Degree) (5 Yrs)
- M.Tech. (2 Yrs)
- M.Tech. in Defence Technology (2 Yrs)
- Integrated M.Tech & PhD (5 Yrs)
- M.Arch (2 Yrs)
- M.A in English/Economics/ Sociology/Psychology (2Yrs)
- M.A in Spiritualism (2 Yrs)
- M.A in Yoga Therapy (2 Yrs)
- M.A in Public Policy (2 Yrs)
- M.A in Leadership (2 Yrs)
- M.A in Anthropology (2 Yrs)
- Master of Public Health (2 Yrs)
- Master of Hospital Administration (2 Yrs)
- Master of Mass Communication (2 Yrs)
- Master of Mass Communication (Integrated) (5 Yrs)
- LLM (2 Yrs)
- Ph.D Programmes

CAMPUS PLACEMENT 2022 HIGHLIGHTS
400+ Companies | 4500+ Job offers | 90% Students already placed | ₹52 lakhs Highest CTC offered | 2000+ Paid internship opportunities

Director, Admissions:
Admission Cell, Koel Campus, Po- KIIT, Bhubaneswar-751024, Odisha, India
Ph: 8114373311/12/13/14/15, 0674-2741747, Fax : 0674 - 2741465
Email: admission@kiit.ac.in, Websites: www.kiitee.kiit.ac.in & www.kiit.ac.in
Google play

KIIT (Deemed to be University) has only one permanent campus in Bhubaneswar, Odisha. It has no other campus / off campus anywhere else in the country and globe.



ଇସ୍ରାଏଲ ପ୍ରଧାନମନ୍ତ୍ରୀ ନାଫଟାଲି ବେନେଟ କରୋନାରେ ଆକ୍ରାନ୍ତ ହେବା ପରେ ଭାରତ ଗସ୍ତ ବାତିଲ୍ କରିଛନ୍ତି। ଭାରତ ଓ ଇସ୍ରାଏଲ ଦ୍ୱିପାକ୍ଷିକ ସମ୍ପର୍କକୁ ୩୦ ବର୍ଷ ପୂର୍ତ୍ତି ଅବସରରେ ବେନେଟ ଏପ୍ରିଲ ୩ରୁ ୫ ପର୍ଯ୍ୟନ୍ତ ଭାରତରେ ରହିବା ନେଇ ଯୋଜନା ହୋଇଥିଲା। ବର୍ତ୍ତମାନ ବେନେଟଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଇସ୍ରାଏଲ ପିଏମ୍ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।



## ସଂକ୍ଷେପରେ

### ବ୍ୟାଘ୍ର ଅଭୟାରଣ୍ୟରେ ନିଆଁ

**ଜୟପୁର, ୨୯।୩:** ରାଜସ୍ଥାନର ସାରିସ୍କା ବ୍ୟାଘ୍ର ଅଭୟାରଣ୍ୟରେ ସୋମବାର ସନ୍ଧ୍ୟାରୁ ନିଆଁ ଲାଗିଛି। ନିଆଁ ଲିଭାଇବା ପାଇଁ ଭାରତୀୟ ବାୟୁସେନା (ଆଇଏଏଫ୍) ପକ୍ଷରୁ ମଙ୍ଗଳବାର ଦୁଇଟି ହେଲିକପ୍ଟର ମୁତୟନ କରାଯାଇଛି। ଏହାସହ ସ୍ଥାନୀୟ ବନ ବିଭାଗର ପ୍ରାୟ ୨୦୦ କର୍ମଚାରୀଙ୍କୁ ନିଆଁ ଲିଭାଇବା ପାଇଁ ଉଦ୍ୟମ କରୁଛନ୍ତି। ଅଭୟାରଣ୍ୟ ଜଳୁଥିବା ନେଇ ଅଲୱାର ଜିଲା ପ୍ରଶାସନ ପକ୍ଷରୁ ଆଇଏଏଫ୍‌କୁ ଜଣାଯିବା ସହ ସହାୟତା ମଗାଯାଇଥିଲା। ଜଙ୍ଗଲର ପ୍ରାୟ ୧୦ ବର୍ଗ କିଲୋମିଟର ପର୍ଯ୍ୟନ୍ତ ନିଆଁ ବ୍ୟାପିଥିବାରୁ ଏହାକୁ ନିୟନ୍ତ୍ରଣ କରିବା ପାଇଁ ସେଠାରେ ଦୁଇଟି ଏମ୍‌ଆଇ ୧୭ ଭି୫ ହେଲିକପ୍ଟର ମୁତୟନ କରାଯାଇଥିବା ଆଇଏଏଫ୍ କହିଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ। ଆଖପାଖ ଅଞ୍ଚଳରେ ଥିବା ଜନବସତି ଏରିଆରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଯିବାପାଇଁ ପରାମର୍ଶ ଦିଆଯାଇଛି।

### ୟୁକ୍ରେନ୍ ଫେରନ୍ତାଙ୍କ ପାଇଁ ମେଡିକାଲ ସିଟ୍ ବଢ଼ାଅ

**ମୋଦିଙ୍କୁ ଚିଠି ଲେଖିଲେ କେସିଆର୍**

**ନୂଆଦିଲ୍ଲୀ, ୨୯।୩:** ଯୁଦ୍ଧ ପ୍ରଭାବିତ ୟୁକ୍ରେନ୍‌ରୁ ଭାରତ ଫେରିଥିବା ଡାକ୍ତରୀ ଛାତ୍ରୀଛାତ୍ରଙ୍କ ପାଇଁ ମେଡିକାଲ ସିଟ୍ ବଢ଼ାଇବାକୁ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଚିଠି ଲେଖିଛନ୍ତି। ସମସ୍ତ ଛାତ୍ରୀଛାତ୍ର ସେମାନଙ୍କ ପାଠପଢ଼ା ପୂର୍ଣ୍ଣ କରିବା ପାଇଁ ଗୋଟିଏ ଥର ଭାରତୀୟ ମେଡିକାଲ କଲେଜରେ ସିଟ୍ ସଂଖ୍ୟା ବୃଦ୍ଧି କରିବାକୁ କେସିଆର୍ ଚିଠିରେ ଅନୁରୋଧ କରିଛନ୍ତି। ରୁଷିଆର ଆକ୍ରମଣ ଯୋଗୁ ପ୍ରାୟ ୨୦ ହଜାର ଛାତ୍ରୀଛାତ୍ର ଭାରତ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ହେଉଛନ୍ତି ଡାକ୍ତରୀ ଷ୍ଟୁଡେଣ୍ଟ। ଅନେକେ ମଧ୍ୟବିତ୍ତ ପରିବାରର ହୋଇଥିବାରୁ କେନ୍ଦ୍ର ସରକାର ସେମାନଙ୍କ ଶିକ୍ଷା ପୂର୍ଣ୍ଣ କରିବା ପାଇଁ ସହଯୋଗ କରନ୍ତୁ ବୋଲି କେସିଆର୍ କହିଛନ୍ତି।

### ପୁଣି ବାହାହେବେ ଟିନା ଡାବି



**ନୂଆଦିଲ୍ଲୀ, ୨୯।୩:** ଭାରତୀୟ ପ୍ରଶାସନିକ ଅଧିକାରୀ ଟିନା ଡାବି ଦ୍ୱିତୀୟ ଥର ପାଇଁ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି। ୟୁପିଏସ୍‌ସି ପରୀକ୍ଷାରେ ଟପ୍ପର ହୋଇଥିବା ଟିନା ୨୦୧୩ ବ୍ୟାଚ୍ ଆଇଏଏସ୍ ପ୍ରଦୀପ ଗୱାନ୍ଦେଙ୍କୁ ବିବାହ କରିବେ। ମଙ୍ଗଳବାର ଟିନା ନିଜ ନିର୍ବନ୍ଧ ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ୨୦୧୫ରେ ଆଇଏଏସ୍ ପରୀକ୍ଷାରେ ଟପ୍ପର ହୋଇ ଟିନା ଚର୍ଚ୍ଚାକୁ ଆସିଥିବାବେଳେ ପରୀକ୍ଷାରେ ଦ୍ୱିତୀୟ ହୋଇଥିବା ଅଥର ଆମିର ଉଲ୍ ଶାଫି ଖାନ୍‌ଙ୍କୁ ୨୦୧୮ରେ ବିବାହ କରିଥିଲେ। ଦୁହେଁ ପ୍ରେମ ବିବାହ କରିଥିଲେ ହେଁ ବ୍ୟକ୍ତିଗତ କାରଣରୁ ଦୁହେଁ ୨୦୨୧ରେ ଅଲଗା ହୋଇଯାଇଥିଲେ। ସୂଚନାଯୋଗ୍ୟ ଗୱାନ୍ଦେଙ୍କ ମଧ୍ୟ ପୂର୍ବରୁ ବିବାହ ବିଚ୍ଛେଦ ହୋଇଛି।



କିଭ୍‌ରେ ରୁଷୀୟ ସୈନ୍ୟଙ୍କ ସହ ଲଢ଼େଇ ପରେ କବ୍‌ଜା କରିଥିବା ଏକ ଯୁଦ୍ଧ ଟ୍ୟାଙ୍କ ଭିତରେ ଜଣେ ୟୁକ୍ରେନୀୟ ସୈନ୍ୟ।

## ରୁଷିଆ କଥା ବିଶ୍ୱାସଯୋଗ୍ୟ ନୁହେଁ: ବ୍ଲିଙ୍କେନ୍

**ୱାଶିଂଟନ, ୨୯।୩:** ୟୁକ୍ରେନ୍-ରୁଷିଆ ମଧ୍ୟରେ ଶାନ୍ତି ଆଲୋଚନା ଶେଷ ହେବା ପରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ମଙ୍ଗଳବାର ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଏବଂ ବ୍ରିଟେନ୍ ରାଷ୍ଟ୍ରମୁଖ୍ୟଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ୟୁକ୍ରେନ୍ ପ୍ରସଙ୍ଗରେ ସେମାନେ ଆଲୋଚନା କରିଥିବା ଜଣାପଡ଼ିଛି। ଅପରପକ୍ଷେ ୟୁକ୍ରେନ୍‌ରେ ଶାନ୍ତି ପାଇଁ ରୁଷିଆ ପକ୍ଷରୁ ବାସ୍ତବରେ କୌଣସି ତତ୍ପରତା ଦେଖିବାକୁ ମିଳି ନ ଥିବା ଆମେରିକା ପରରାଷ୍ଟ୍ର ସଚିବ ଆଣ୍ଟୋନି ବ୍ଲିଙ୍କେନ୍ କହିଛନ୍ତି। ପାରସ୍ପରିକ ବିଶ୍ୱାସ ବଢ଼ାଇବା ପାଇଁ କିଭ୍ ଏବଂ ଚେର୍ନିହିଭ୍‌ରେ ସେନା ଗତିବିଧି କମ୍ କରିବାକୁ ନିଷ୍ପତ୍ତି ନେଇଥିବା ରୁଷିଆ କହିଛି, କିନ୍ତୁ ଏହା ବିଶ୍ୱାସଯୋଗ୍ୟ ନୁହେଁ। ରୁଷିଆର କଥା ଓ କାମ ମଧ୍ୟରେ ଅନେକ ତଫାତ୍ ରହିଛି ବୋଲି ବ୍ଲିଙ୍କେନ୍ ପ୍ରକାଶ କରିଛନ୍ତି।

## ଡୋନ୍‌ବାସ୍‌ର ସ୍ୱାଧୀନତା ମୂଳ ଲକ୍ଷ୍ୟ: ମସ୍କୋ

**ମସ୍କୋ, ୨୯।୩**

ରୁଷିଆ-ୟୁକ୍ରେନ୍ ଶାନ୍ତି ଆଲୋଚନାରେ କିଭ୍ ଏବଂ ଚେର୍ନିହିଭ୍ ସହରରେ ସାମରିକ ଗତିବିଧି କମାଇବା ନିମନ୍ତେ ମସ୍କୋ ନିଷ୍ପତ୍ତି ନେଇଥିଲେ ହେଁ ପୂର୍ବ ୟୁକ୍ରେନ୍‌ର ଡୋନବାସ୍ ଅଞ୍ଚଳକୁ ସ୍ୱାଧୀନ କରାଇବା ମୂଳ ଲକ୍ଷ୍ୟ ବୋଲି ରୁଷିଆ ପ୍ରତିରକ୍ଷା ମନ୍ତ୍ରୀ ସେରଗି ସୋଇଗୁ ମଙ୍ଗଳବାର କହିଛନ୍ତି। ରୁଷିଆର ପ୍ରଥମ ପର୍ଯ୍ୟାୟ ମିଲିଟାରୀ ଅପରେଶନ ସଫଳ ହୋଇଛି। ଏଥିରେ ୟୁକ୍ରେନ୍ ସୁରକ୍ଷାବଳର ଶକ୍ତି ବ୍ୟାପକ ଭାବେ ହ୍ରାସ ପାଇଛି। ତେଣୁ ଡୋନ୍‌ବାସ ଅଞ୍ଚଳକୁ ସ୍ୱାଧୀନ କରି ରୁଷିଆ ଏହାର ଲକ୍ଷ୍ୟ ହାସଲ କରିବା ଦିଗରେ ଏବେ ଗୁରୁତ୍ୱ ଦେବ ବୋଲି ସୋଇଗୁ କହିଛନ୍ତି। ଏଥିସହ ନାଟୋ ୟୁକ୍ରେନ୍‌କୁ ଫାଇଟର ଏୟାରକ୍ରାଫ୍ଟ ଏବଂ ଏୟାର ଡିଫେନ୍ସ ସିଷ୍ଟମ ଯୋଗାଇଲେ ମସ୍କୋ ଏହାର ଜବାବ ଦେବ ବୋଲି ସେ ଚେତାବନୀ ଦେଇଛନ୍ତି।

# କିଭ୍‌ରେ ଆକ୍ରମଣ କମାଇବ ରୁଷିଆ

**ଇସ୍ତାନବୁଲ/କିଭ୍, ୨୯।୩**

### ତୁର୍କୀରେ ୪ ଘଣ୍ଟା ଆଲୋଚନା



- ଯୁଦ୍ଧବିରତି, ସୁରକ୍ଷା ଗ୍ୟାରେଣ୍ଟି ମାଗିଲା ୟୁକ୍ରେନ୍
- ହୋଇପାରେ ପୁଟିନ୍-ଜେଲେନ୍‌ସ୍କି ଭେଟ

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣର ୩୪ ଦିନରେ ମଙ୍ଗଳବାର ତୁର୍କୀରେ ଚତୁର୍ଥ ପର୍ଯ୍ୟାୟ ଶାନ୍ତି ଆଲୋଚନା ହୋଇଛି। ଇସ୍ତାନବୁଲରେ ଉଭୟ ଦେଶର ପ୍ରତିନିଧିଙ୍କ ମଧ୍ୟରେ ୪ ଘଣ୍ଟା ଧରି ହୋଇଥିବା ଏହି ଆଲୋଚନାରେ ଯୁଦ୍ଧବିରତିର ସଙ୍କେତ ମିଳିଛି। ପୂର୍ବରୁ ୟୁକ୍ରେନ୍ ଓ ରୁଷିଆ ମଧ୍ୟରେ ହୋଇଥିବା ୩ ବୈଠକରେ ଫଳଶୂନ୍ୟ ହୋଇଥିବାବେଳେ ସଦ୍ୟ ଆଲୋଚନାର ଫଳାଫଳ ସକାରାତ୍ମକ ରହିଥିବା ତୁର୍କୀ ରାଷ୍ଟ୍ରପତି ରେସେପ୍ ତୟିପ୍ ଏର୍ଦୋଗାନ୍ କହିଛନ୍ତି। ଏଥିରେ ରୁଷିଆ ୟୁକ୍ରେନ୍ ରାଜଧାନୀ କିଭ୍ ଏବଂ ଚେର୍ନିହିଭ୍‌ରେ 'ମିଲିଟାରୀ ଅପରେଶନ' କମାଇବାକୁ ରାଜି ହୋଇଛି। ୟୁକ୍ରେନ୍‌ର ନିରପେକ୍ଷତା, ଅଣ-ଆଣବିକ ଷ୍ଟାଟସ୍, ସୁରକ୍ଷା ଗ୍ୟାରେଣ୍ଟି ଆଦି ଉପରେ ବୁଝାମଣା ବାସ୍ତବିକତା ଆଡ଼କୁ ଗତି କରୁଛି। ତେଣୁ ଉଭୟ ପକ୍ଷ ମଧ୍ୟରେ ପାରସ୍ପରିକ ବିଶ୍ୱାସ ବୃଦ୍ଧି ନିମନ୍ତେ ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ କିଭ୍ ଏବଂ ଚେର୍ନିହିଭ୍‌ରେ ସାମରିକ ଗତିବିଧି ବ୍ୟାପକ ହ୍ରାସ କରିବାକୁ ନିଷ୍ପତ୍ତି ନେଇଥିବା ମସ୍କୋ ପକ୍ଷରୁ ଡେପୁଟି ପ୍ରତିରକ୍ଷା ମନ୍ତ୍ରୀ ଆଲେକ୍‌ଜାଣ୍ଡର ଫୋମିନ୍ କହିଛନ୍ତି। ଏହାଦ୍ୱାରା ପରବର୍ତ୍ତୀ ବୁଝାମଣା ଏବଂ ଉପରୋକ୍ତ ନିଷ୍ପତ୍ତି ଉପରେ ଚୁକ୍ତି ସ୍ୱାକ୍ଷର ପାଇଁ ଆବଶ୍ୟକ ପରିସ୍ଥିତି ସୃଷ୍ଟି ହୋଇପାରିବ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ସାମରିକ ଗତିବିଧି ହ୍ରାସ ଅର୍ଥ ଯୁଦ୍ଧବିରତି ନୁହେଁ। ଆଗକୁ ଆହୁରି ଅଧିକ ଆଲୋଚନା ବାକି ଅଛି ବୋଲି ବୈଠକରେ ରୁଷିଆର ନେତୃତ୍ୱ ନେଇଥିବା ଜଣେ ପ୍ରତିନିଧି କହିଛନ୍ତି।

ବୈଠକ ଆରମ୍ଭରେ ଏର୍ଦୋଗାନ୍ ଏହି ହିଂସା ବନ୍ଦ କରିବା ପାଇଁ ଉଭୟ ପକ୍ଷକୁ ଅନୁରୋଧ କରିଥିଲେ। ସାରା ବିଶ୍ୱ ସେମାନଙ୍କଠାରୁ ଭଲ ଖବର ଆଶା ରଖିଥିବା ଏର୍ଦୋଗାନ୍ କହିଥିଲେ। ତୁର୍କୀ ମଧ୍ୟସ୍ଥତାରେ ସାମୟିକ ବିରତି ରଖି ୪ ଘଣ୍ଟା ପର୍ଯ୍ୟନ୍ତ ରୁଷିଆ ଓ ୟୁକ୍ରେନ୍ ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ସମ୍ପୂର୍ଣ୍ଣ ଯୁଦ୍ଧବିରତି ଏବଂ ସୁରକ୍ଷା ଗ୍ୟାରେଣ୍ଟି ରୁଷିଆଠାରୁ ମିଳିଲେ ହିଁ ନାଟୋ କିମ୍ବା ଅନ୍ୟ ସାମରିକ ମେଣ୍ଟରେ ୟୁକ୍ରେନ୍ ସାମିଲ ନ ହେବା ସହ କୌଣସି ବିଦେଶର ସୈନ୍ୟ ଘାଟିକୁ ଅନୁମତି ଦେବ ନାହିଁ ବୋଲି ବୈଠକରେ କିଭ୍ ପ୍ରତିନିଧି କହିଛନ୍ତି। ଏଥିସହ ଇସ୍ରାଏଲ, ପୋଲାଣ୍ଡ, କାନାଡା ଏବଂ ତୁର୍କୀ ଆଦି ଦେଶ ଗ୍ୟାରେଣ୍ଟର ଭାବେ ରହିବାକୁ ୟୁକ୍ରେନ୍ ଦାବି ରଖିଥିଲା। କୌଣସି ଚୁକ୍ତି ଚୂଡ଼ାନ୍ତ ହେବା ପୂର୍ବରୁ ଏ ବାବଦରେ ୟୁକ୍ରେନ୍ ଲୋକଙ୍କ ମତାମତକୁ ମଧ୍ୟ ଗୁରୁତ୍ୱ ଦେବା ଉପରେ କିଭ୍ ପ୍ରତିନିଧି ପ୍ରସ୍ତାବ ଦେଇଥିଲେ। ଏହାବାଦ୍ ୨୦୧୪ରେ ରୁଷିଆ କବ୍‌ଜା କରିନେଇଥିବା ୟୁକ୍ରେନ୍‌ର କ୍ରିମିଆ ଉପଦ୍ୱୀପ ଉପରେ ଆଲୋଚନା କଥା କିଭ୍ ପକ୍ଷରୁ ଉଠାଯାଇଥିଲା। ଯୁଦ୍ଧ ଆରମ୍ଭ ହେବାପରଠାରୁ ଏହି ଆଲୋଚନାରେ ସକାରାତ୍ମକ ପ୍ରଗତି ହୋଇଥିବା ଏର୍ଦୋଗାନ୍ ପ୍ରକାଶ କରିଛନ୍ତି। ଏଥିସହ ଉଭୟ ଦେଶର ବହିର୍ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା କୌଣସି ଚୁକ୍ତି ଚୂଡ଼ାନ୍ତ ହେବା ପରେ ତୁର୍କୀରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ମଧ୍ୟରେ ଭେଟ ହୋଇପାରେ ବୋଲି ମସ୍କୋର ଜଣେ ପ୍ରତିନିଧିଙ୍କ ସୂତ୍ରରୁ ଜଣାପଡ଼ିଛି। ଆଲୋଚନା ପୂର୍ବରୁ ୟୁକ୍ରେନ୍ ଅବିଳମ୍ବେ ଶାନ୍ତି ଚାହୁଁଥିବା ଜେଲେନ୍‌ସ୍କି ସୋମବାର କହିବା ସହ ନିଜ ଦେଶର ସାର୍ବଭୌମତ୍ୱ ଓ ଆଞ୍ଚଳିକ ଅଖଣ୍ଡତା ବଜାୟ ରଖିବା ପାଇଁ ନିରପେକ୍ଷ ରହିବାକୁ ପ୍ରସ୍ତୁତ ଥିବା ପ୍ରକାଶ କରିଥିଲେ।

### ୟୁକ୍ରେନ୍‌ରେ ଆଇଏଇଏ ମୁଖ୍ୟ



ଯୁଦ୍ଧର ୩୪ ଦିନରେ ଇଣ୍ଟରନ୍ୟାଶନାଲ ଆଟମିକ୍ ଏନର୍ଜି ଏଜେନ୍ସି (ଆଇଏଇଏ) ମୁଖ୍ୟ ମାରିଆନୋ ଗ୍ରୋସି ୟୁକ୍ରେନ୍‌ରେ ପହଞ୍ଚିଛନ୍ତି। ଦେଶ ଆଣବିକ ପ୍ରତିଷ୍ଠାନର ସୁରକ୍ଷା ସୁନିଶ୍ଚିତ କରିବା ଉପରେ ସେ ୟୁକ୍ରେନ୍ ବରିଷ୍ଠ ଅଧିକାରୀଙ୍କୁ ଭେଟି ଆଲୋଚନା କରିଛନ୍ତି। ରୁଷିଆ ଆକ୍ରମଣ ଯୋଗୁ ୟୁକ୍ରେନ୍‌ର ନ୍ୟୁକ୍ଲିଅର ପାୱାର ପ୍ଲାଣ୍ଟ ସମେତ ରେଡିଓ ଆକ୍ଟିଭ୍ ସାମଗ୍ରୀ ସହ ଜଡ଼ିତ ସଂସ୍ଥା ପ୍ରତି ବିପଦ ସୃଷ୍ଟି ହୋଇଥିବା ମାରିଆନୋ କହିଛନ୍ତି। ଏହାର ସୁରକ୍ଷା ଜରୁରୀ ବୋଲି ସେ ଏକ ବିବୃତିରେ ପ୍ରକାଶ କରିଛନ୍ତି।

### କ୍ରିଶ୍‌ଙ୍କୁ କ୍ଷମା ମାଗିଲେ ସ୍ମିଥ୍




**ୱାଶିଂଟନ, ୨୯।୩**

ଲସ୍ ଏଞ୍ଜେଲ୍ସରେ ଆୟୋଜିତ ଓସ୍କାର ସମାରୋହରେ ହୋଇଥିବା ହାଇଡ୍ରାମାକୁ ନେଇ ହଲିଉଡ୍ ଅଭିନେତା ୱିଲ୍ ସ୍ମିଥ୍ କମେଡିଆନ୍ କ୍ରିସ୍ ରକ୍‌ଙ୍କୁ କ୍ଷମା ମାଗିଛନ୍ତି। ଏ ନେଇ ମଙ୍ଗଳବାର ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରିଥିଲେ ସ୍ମିଥ୍। ନିଜ ଆଚରଣ ପାଇଁ ସେ ଦୁଃଖିତ ଥିବାବେଳେ ସ୍ତ୍ରୀ ଜାଡାଙ୍କ ମେଡିକାଲ କଣ୍ଡିଶନ୍ ନେଇ ଉପହାସ କରିବା ତାଙ୍କ ସହନ ଶକ୍ତିକୁ ପାର କରିଥିବା ସେ ଉକ୍ତ ପୋଷ୍ଟରେ ଲେଖିଥିଲେ। ଏଥିସହ ଓସ୍କାର ସମାରୋହରେ ଉପସ୍ଥିତ ପ୍ରତ୍ୟେକ ଅତିଥିଙ୍କୁ ମଧ୍ୟ ନିଜ ବ୍ୟବହାର ପାଇଁ ସ୍ମିଥ୍ କ୍ଷମା ମାଗିଛନ୍ତି। ଆୱାର୍ଡ ସେରେମୋନିରେ କ୍ରିସ୍ ସ୍ମିଥ୍‌ଙ୍କ ସ୍ତ୍ରୀ ଜାଡାଙ୍କ କେଶକୁ ନେଇ ଉପହାସ କରିବା ପରେ ସ୍ମିଥ୍ ରାଗିଯାଇ ମଞ୍ଚରେ ଥିବା କ୍ରିଶ୍‌ଙ୍କୁ ଏକ ଶକ୍ତ ଚାପୁଡ଼ା ମାରିଥିଲେ।

## ଶତାଧିକ କୁକୁରଙ୍କୁ ମାରିଦେଲେ ସରପଞ୍ଚ

**ହାଇଦ୍ରାବାଦ, ୨୯।୩**

ତେଲଙ୍ଗାନାର ସିଦ୍ଦିପେଟ୍ ଜିଲାରେ ଶତାଧିକ ବୁଲା କୁକୁରଙ୍କୁ ବିଷ ଦେଇ ହତ୍ୟା କରାଯାଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରିଥିବା ମଙ୍ଗଳବାର କହିଛି। ପ୍ରାଣୀ ଅଧିକାର କର୍ମୀ ଗୌତମଙ୍କ କହିବା ଅନୁସାରେ, ଥିଗୁଲ ସରପଞ୍ଚ ଏବଂ ଗ୍ରାମ ପଞ୍ଚାୟତ ସେକ୍ରେଟାରୀ ବୃତ୍ତିଗତ କୁକୁର ଧରାଳୀଙ୍କୁ ଏହି କାମରେ ଲଗାଇଛନ୍ତି। ସେମାନେ ଗତ ୨୭ ତାରିଖରେ ବୁଲା କୁକୁରଙ୍କୁ ବିଷ ଇଞ୍ଜେକଶନ ଦେଇ ହତ୍ୟା କରିଥିବା ଗୌତମ ଅଭିଯୋଗ କରିଛନ୍ତି। ବହୁ ସଂଖ୍ୟାରେ କୁକୁର ମୃତଦେହ ଏକ ଖାଲରେ ପଡ଼ିଥିବା ସୋସିଆଲ ମିଡିଆ ଭିଡିଓରେ ଦେଖିବାକୁ ମିଳିଛି।



## ଇମ୍ରାନଙ୍କୁ ଫୋନ କଲେ ଜେଲେନ୍‌ସ୍କି

**ଇସ୍‌ଲାମାବାଦ, ୨୯।୩**

ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ମଙ୍ଗଳବାର ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କୁ ଫୋନ୍ କରି କଥା ହୋଇଛନ୍ତି। ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ବନ୍ଦ କରି ସମସ୍ୟାର କୂଟନୈତିକ ସମାଧାନ ନିମନ୍ତେ ଇମ୍ରାନ୍ ଜେଲେନ୍‌ସ୍କିଙ୍କୁ କହିଥିବା ଜଣାଯାଇଛି। ୟୁକ୍ରେନ୍ ସ୍ଥିତିକୁ ନେଇ ଇମ୍ରାନ୍ ଦୁଃଖ ପ୍ରକାଶ କରିଥିବା ଏକ ବିବୃତିରେ କହିଛନ୍ତି। ଯୁଦ୍ଧ ଯୋଗୁ କେବଳ ସମ୍ପୃକ୍ତ ରାଷ୍ଟ୍ର ନୁହେଁ ବିକାଶଶୀଳ ଦେଶଗୁଡ଼ିକର ଅର୍ଥନୀତି ଉପରେ ଏହାର ପ୍ରଭାବ ପଡୁଥିବାରୁ ଉଭୟ ରାଷ୍ଟ୍ର ଅସ୍ତ୍ରବିରତି ଦିଗରେ ଆଗକୁ ବଢ଼ନ୍ତୁ ବୋଲି ଇମ୍ରାନ କହିଛନ୍ତି।

## ସରକାର ବଞ୍ଚାଇବା ପାଇଁ ଇମ୍ରାନ୍ ଗୁଣି କରୁଛନ୍ତି: ଶେହୱାଜ୍

**ଇସ୍‌ଲାମାବାଦ, ୨୯।୩**

ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ବିରୋଧରେ ଏପ୍ରିଲ ୩ରେ ହେବାକୁଥିବା ଅନାସ୍ଥା ଭୋଟରେ ସାମିଲ୍ ନ ହେବା ପାଇଁ ଶାସକ ପାକିସ୍ତାନ ତେହରିକ୍-ଇ-ଇନ୍‌ସାଫ୍ (ପିଟିଆଇ) ଏମ୍‌ପିମାନଙ୍କ ଉଦ୍ଦେଶ୍ୟରେ ହ୍ୱିପ୍ ଜାରି କରାଯାଇଛି। ୩୪୨ ସଦସ୍ୟତା ବିଶିଷ୍ଟ ନ୍ୟାଶନାଲ ଆସେମ୍ବ୍ଲିରେ ସରକାର ବଞ୍ଚାଇବା ପାଇଁ ଇମ୍ରାନ୍‌ଙ୍କୁ ୧୭୨ ଏମ୍‌ପିଙ୍କ ସମର୍ଥନ ଆବଶ୍ୟକ। ତେବେ ୨୩ ଏମ୍‌ପି ସମର୍ଥନ ପ୍ରତ୍ୟାହାର କରିବା ପରେ ଇମ୍ରାନ୍ ସରକାର ସଂଖ୍ୟାଲଘୁରେ ପରିଣତ ହୋଇଥିବା ଦର୍ଶାଇ ସୋମବାର ବିରୋଧୀଦଳ ନେତା ଶେହୱାଜ୍ ଶରିଫ୍ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ମଙ୍ଗଳବାର ଆଉ ଦୁଇଜଣ ସଦସ୍ୟ ଇସ୍ତଫା ଦେଇ ଶେହୱାଜ୍‌ଙ୍କ ପାକିସ୍ତାନ ମୁସଲିମ୍ ଲିଗ୍ (ନୱାଜ୍)ରେ ସାମିଲ ହେବା ପରେ ଇମ୍ରାନ୍‌ଙ୍କ ବିପଦ ବଢ଼ିଯାଇଛି। ତେଣୁ ଇମ୍ରାନ୍ ସରକାର ବଞ୍ଚାଇବା ପାଇଁ ଗୁଣିବିଦ୍ୟା ଆପଣାଇଥିବା ଶେହୱାଜ୍ ଦାବି କରିଛନ୍ତି। ଇମ୍ରାନ୍ ଖାନ୍‌ଙ୍କ ବାନି ଗାଲା ବାସଭବନରେ ଲକ୍ଷ ଲକ୍ଷ କୁକୁଡ଼ାଙ୍କୁ ମାରି ସରକାର ବଞ୍ଚାଇବା ଉଦ୍ୟମ ଚାଲିଛି ବୋଲି ସେ କହିଛନ୍ତି।

# ଆସାମ-ମେଘାଳୟ ଐତିହାସିକ ଚୁକ୍ତି

**ନୂଆଦିଲ୍ଲୀ, ୨୯।୩**

ଆସାମ ଓ ମେଘାଳୟ ମଧ୍ୟରେ ଦୀର୍ଘ ୫ ଦଶନ୍ଧି ଧରି ଲାଗିରହିଥିବା ସୀମା ବିବାଦର ସମାଧାନ ନିମନ୍ତେ ଦୁଇ ପଡ଼ୋଶୀ ମଙ୍ଗଳବାର ନୂଆଦିଲ୍ଲୀରେ ଚୁକ୍ତିବଦ୍ଧ ହୋଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ଉପସ୍ଥିତିରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଓ ମେଘାଳୟ ପ୍ରତିପକ୍ଷ କନରାଡ୍ ସାଙ୍ଗ୍‌ମା ଏହି ଚୁକ୍ତିନାମାରେ ସ୍ୱାକ୍ଷର କରିଛନ୍ତି। ଶାହା ଏହାକୁ ଏକ ଐତିହାସିକ ଚୁକ୍ତି ଭାବେ ଅଭିହିତ କରିବା ସହ ଏହାଦ୍ୱାରା ୭୦% ବିବାଦର ସମାଧାନ ହୋଇଥିବା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଆସାମ ପୁନର୍ଗଠନ ଆଇନ, ୧୯୭୧ ବଳରେ ୧୯୭୨ ମସିହାରେ ଆସାମରୁ ମେଘାଳୟ ଅଲଗା ହେବା ପରେ ନୂଆ ରାଜ୍ୟର ପରିସୀମା ନିର୍ଦ୍ଧାରଣରୁ ସୀମା ବିବାଦ ଆରମ୍ଭ ହୋଇଥିଲା। ସେବେଠୁ ୮୮୫ କି.ମି. ବିସ୍ତୃତ ସୀମାକୁ ନେଇ ଦୁଇ ରାଜ୍ୟ ଅନେକ ଥର ମୁହାଁମୁହିଁ ହୋଇଛନ୍ତି। ସଂଘର୍ଷରେ ବହୁ ଲୋକଙ୍କ ଜୀବନ ମଧ୍ୟ ଯାଇଛି। ସୀମାନ୍ତ ଅପର ତରବାରି, ଗଜାଙ୍ଗ ରିଜର୍ଭ ଫରେଷ୍ଟ, ହହିମ, ଲାଙ୍ଗ୍‌ପିହ, ବୋର୍ଦୁଆର, ବୋକଲାପାରା, ନୋଙ୍ଗ୍‌ୱାହ, ମାତାମୁର, ଖାନ୍‌ପାରା-ପିଲାଙ୍ଗକାଟା, ଦେଶଦେମୋରେଆହ ବ୍ଲକ୍ ୧ ଓ ବ୍ଲକ୍ ୨, ଖାନ୍‌ଦୁଲି ଏବଂ ରେଟାଚେରାକୁ ନେଇ

### ଅର୍ଦ୍ଧଶତାବ୍ଦୀର ସୀମା ବିବାଦ

୧୨ଟି ପ୍ରସଙ୍ଗରେ ମତଭେଦ ରହିଥିଲା। ଏହାର ସମାଧାନ ପାଇଁ ଗତ ଜାନୁୟାରୀ ୩୧ରେ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ନିକଟରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଏକ ଚିଠା ସଂକଳ୍ପନାମା ଦାଖଲ କରିଥିଲେ। ମନ୍ତ୍ରଣାଳୟ ଏହାକୁ ଯାଞ୍ଚ ଓ ଅନୁଧ୍ୟାନ କରିଥିଲା। ଚୁକ୍ତି ସ୍ୱାକ୍ଷର ପୂର୍ବରୁ ଦୁଇ ମୁଖ୍ୟମନ୍ତ୍ରୀ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସହ ଚୂଡ଼ାନ୍ତ ପର୍ଯ୍ୟାୟ ଆଲୋଚନା କରିଥିଲେ। ଉକ୍ତ ବୈଠକରେ ଶାହାଙ୍କ ସମେତ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ଓ ଦୁଇରାଜ୍ୟର ମୁଖ୍ୟ ଶାସନ ସଚିବ ମଧ୍ୟ ଉପସ୍ଥିତ ଥିଲେ। ମେଘାଳୟ ସରକାରଙ୍କ ୧୧ ଓ ଆସାମର ୯ ପ୍ରତିନିଧି ଆଲୋଚନାରେ ସାମିଲ ହୋଇଥିଲେ। ଚୁକ୍ତି ସ୍ୱାକ୍ଷର ପରେ ମେଘାଳୟ ମୁଖ୍ୟମନ୍ତ୍ରୀ କନରାଡ୍ ସାଙ୍ଗ୍‌ମା କହିଛନ୍ତି, ସୀମା ବିବାଦର ସମାଧାନ ପାଇଁ ଆମକୁ ମାର୍ଗଦର୍ଶନ କରିଥିବାରୁ ଶାହାଙ୍କୁ ଧନ୍ୟବାଦ। ଆଜି ସଂକଳ୍ପନାମାର ପ୍ରଥମ ପର୍ଯ୍ୟାୟ ସମ୍ପନ୍ନ ହୋଇଛି। ଏହା କେବଳ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ଯୋଗୁ ସମ୍ଭବ ହୋଇପାରିଛି। ଦୁଇରାଜ୍ୟ ମଧ୍ୟରେ ମତଭେଦ ଦୂର କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଶାହାଙ୍କ ଉଦ୍ୟମ ପ୍ରଶଂସନୀୟ। ଯଦି ଭାରତ ଓ ବାଂଲାଦେଶ ସୀମା ବିବାଦର ସମାଧାନ କରିପାରିବେ ତେବେ ଦୁଇଟି ରାଜ୍ୟ କାହିଁକି ପାରିବେ ନାହିଁ। ଏହା ଥିଲା କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ।

# ମାମଲାର ତଦନ୍ତ କରିପାରୁନି ସିବିଆଇ

**ନୂଆଦିଲ୍ଲୀ, ୨୯।୩**




- ରାଜ୍ୟ ସଭା ଷ୍ଟାଣ୍ଡିଂ କମିଟିର ସୁପାରିସ
- ବୋଝ ହ୍ରାସ ଲାଗି ପଦବୀ ପୂରଣ କର

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)ରେ ପଡ଼ିରହିଥିବା ୧,୦୦୦ରୁ ଊର୍ଦ୍ଧ୍ୱ ମାମଲାକୁ ନେଇ ରାଜ୍ୟ ସଭାର ଉଚ୍ଚକ୍ଷମତାସମ୍ପନ୍ନ ସ୍ଥାୟୀ କମିଟି ଉଦ୍‌ବେଗ ପ୍ରକାଶ କରିଛି। ସିବିଆଇରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ପୂରଣ କରାଗଲେ ମାମଲା ସଂଖ୍ୟା ହ୍ରାସ କରାଯାଇପାରିବ ବୋଲି ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଭାଜପା ଏମ୍‌ପି ସୁଶୀଲ ମୋଦିଙ୍କ ଅଧ୍ୟକ୍ଷତାରେ ଗଠିତ କାର୍ମିକ, ସାଧାରଣ ଅଭିଯୋଗ, ଆଇନ ଓ ନ୍ୟାୟ ସମ୍ପର୍କିତ ଷ୍ଟାଣ୍ଡିଂ କମିଟି କହିଛି। ସିବିଆଇରେ ଖାଲିଥିବା ପଦବୀଗୁଡ଼ିକୁ ପୂରଣ କରିବା ସକାଶେ ତଦନ୍ତକାରୀ ସଂସ୍ଥାରେ ଯଥାଶୀଘ୍ର ସମ୍ଭବ କ୍ୟାଡର ପୁନର୍ଗଠନ କରିବାକୁ କମିଟି ନିଜ ରିପୋର୍ଟରେ ଉଲ୍ଲେଖ କରିଛି। ଏଥିରେ ଆହୁରି କୁହାଯାଇଛି ଯେ, ବିଳମ୍ବିତ ନ୍ୟାୟ ଆଦୌ ନ୍ୟାୟ ନ ମିଳିବା ସହ ସମାନ। ଦଶନ୍ଧି ଦଶନ୍ଧି ଧରି ମାମଲାଗୁଡ଼ିକୁ ଗଡ଼ାଯାଇପାରିବ ନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ, ତଦନ୍ତ ପାଇଁ ଶତାଧିକ ହାଇପ୍ରୋଫାଇଲ ବ୍ୟାଙ୍କ ଠକେଇ ମାମଲା ରାଜ୍ୟ ସରକାରମାନଙ୍କ ସାଧାରଣ ସମ୍ମତିକୁ ଅପେକ୍ଷା କରିଥିବା ନିକଟରେ ସିବିଆଇ ସ୍ୱୀକାର କରିଥିଲା। ଏହି ମାମଲାଗୁଡ଼ିକର ତଦନ୍ତ ଲାଗି ୯ ରାଜ୍ୟ ସହମତି ପ୍ରକାଶ କରି ନ ଥିବା ଜଣାପଡ଼ିଛି। ଷ୍ଟାଣ୍ଡିଂ କମିଟିର ସଦ୍ୟ ରିପୋର୍ଟ ଅନୁସାରେ ଗତ କିଛି ମାସ ହେଲା ଅଭିଯୁକ୍ତଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଲାଗି ଅନୁମତି ଅଭାବରୁ ୭୨ ଭିଜିଲାନ୍ସ ମାମଲା ଗଡୁଛି। ସିବିଆଇ ପାଇଁ ୭,୨୭୩ ପଦବୀ ମଞ୍ଜୁର ହୋଇଥିବାବେଳେ ସେଥିରୁ ୫,୭୪୦ ପଦବୀ ପୂରଣ ହୋଇଛି। ଏଥିଯୋଗୁ ୧,୦୨୫ ମାମଲାର ତଦନ୍ତ ଆଗକୁ ବଢ଼ିପାରୁ ନାହିଁ। ସେଥିରୁ ୬୬ଟି ମାମଲା ୫ ବର୍ଷ ହେଲା ଗଡୁଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଏହାବାଦ୍ ସିବିଆଇ ତଦନ୍ତାଧୀନ କେତୋଟି ମାମଲା ଉପରେ ଦେଶର ଅଦାଲତଗୁଡ଼ିକ ସ୍ଥଗିତାଦେଶ ଜାରି କରିଛନ୍ତି ତାହା ମଧ୍ୟ ଷ୍ଟାଣ୍ଡିଂ କମିଟି ଜାଣିବାକୁ ଚାହିଁଛି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୮,୪୧,୭୯,୮୯୭ | ୬୧,୫୩,୫୩୬ | ୪୧,୮୨,୬୨,୭୮୨ |
| ଭାରତ | ୪,୩୦,୨୧,୯୮୨ | ୫,୨୧,୦୯୮ | ୪,୨୪,୮୫,୫୩୪ |
| ଓଡ଼ିଶା | ୧୨,୮୭,୫୪୯ | ୯୧୨୦(+୫୩) | ୧୨,୭୮,୦୩୫ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ଶିମିଳିପାଳରେ ନିଆଁ ଲଗାଇ ୫ ଗିରଫ

ବାରିପଦା ଅଫିସ/ବାଙ୍ଗିରିପୋଷି,୨୯।୩ (ଡି.ଏନ.ଏ.): ମୟୂରଭଞ୍ଜ ଜିଲା ଉତ୍ତର ଶିମିଳିପାଳ ଅଭୟାରଣ୍ୟର ନଅଁଣା ରେଞ୍ଜରେ ଶିକାର ଉଦ୍ଦେଶ୍ୟରେ ନିଆଁ ଲଗାଉଥିବା ୫ଶିକାରୀଙ୍କୁ ବନବିଭାଗ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଜାମଦା ଥାନା ଅଁଳାବେଣା ଗ୍ରାମର ରାମା ସିଂ, ବାଙ୍ଗିରିପୋଷି ଥାନା ବଡ଼ଗାଁ ଅଞ୍ଚଳର ରାମା ସିଂ, ତାପସ ନାଏକ, ଭାଡ଼ା ହେମ୍ବ୍ରମ ଓ ପଣସଡିହା ଗ୍ରାମର ଭୀମା ସିଂ। ସେମାନଙ୍କ ନିକଟରୁ ଧନୁତୀର, କୁରାଢ଼ି ଓ ଦିଆସିଲି ଆଦି ଜବତ ହୋଇଛି। ତେବେ ବାଙ୍ଗିରିପୋଷି ବ୍ଲକ ତାଳବନ୍ଧ ରେଞ୍ଜରେ ଲାଗିଥିବା ନିଆଁ ପ୍ରଶମିତ ହୋଇଥିବା ନେଇ ଶିମିଳିପାଳ ଉତ୍ତର ଡିଭିଜନର ଡେପୁଟି ଡାଇରେକ୍ଟର ସାଇ କିରଣ କହିଛନ୍ତି। ମହୁଲ ସଂଗ୍ରହ ଓ ଶିକାର ଉଦ୍ଦେଶ୍ୟରେ କିଛି ଲୋକ ଅଭୟାରଣ୍ୟର ତାଳବନ୍ଧ ରେଞ୍ଜର ବିଭିନ୍ନ ସ୍ଥାନରେ ନିଆଁ ଲଗାଉଥିବା ବନ ବିଭାଗ ଅଧିକାରୀ ଶୈଳେନ୍ଦ୍ର କୁମାର ଦାଶ କହିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରାଗଲେ ଜଙ୍ଗଲ ନିଆଁ ରୋକିବାରେ ସହାୟକ ହୋଇ ପାରନ୍ତା ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି।

# ଠାକୁରାଣୀ ଯାତ୍ରାରୁ ଚିକେନ୍ ପକୋଡ଼ା ଖାଇ ୭ ଅସୁସ୍ଥ

କୁଡୁମୁଲୁଗୁମ୍ମା, ୨୯।୩(ଡି.ଏନ୍.ଏ.): ମାଲକାନଗିରି ଜିଲା କୋରୁକୋଣ୍ଡାରେ ଚାଲିଥିବା ଠାକୁରାଣୀ ଯାତ୍ରା ଦେଖିବାକୁ ଯାଇ ଯାତ୍ରାରେ ମିଳୁଥିବା ଚିକେନ୍ ପକୋଡା ଖାଇ ୭ଜଣ ଶିଶୁ ଅସୁସ୍ଥ ହୋଇପଡିଛନ୍ତି। ସେମାନଙ୍କ ମଧ୍ୟରେ ସିନ୍ଧିଗୁଡା ଗ୍ରାମର ୪ଜଣ ଥିବା ବେଳେ କୁଡୁମୁଲୁଗୁମ୍ମାର ୩ ଜଣ ଶିଶୁ ରହିଛନ୍ତି। ଅସୁସ୍ଥ ପିଲାମାନେ ହେଲେ ଶତ୍ରୁଘନ ବେହେରା,ପ୍ରେମ ପାଙ୍ଗୀ, ଅଜୟ କୁଆଁସୀ, ବିଜୟ କୁଆଁସୀ, କାର୍ତ୍ତିକ ଟାଟୁ ଓ ସତ୍ୟ ଟାଟୁ। ସମସ୍ତଙ୍କୁ କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଖବରରୁ ଜଣାପଡିଛି କୋରୁକୋଣ୍ଡାରେ ଚାଲିଥିବା ଠାକୁରାଣୀ ଯାତ୍ରା ଦେଖିବାକୁ ସିନ୍ଧିଗୁଡା ଓ କୁଡୁମୁଲୁଗୁମ୍ମା ଗ୍ରାମର କେତେଜଣ ବ୍ୟକ୍ତି ଯାଇଥିଲେ। ସେମାନେ ଯାତ୍ରାରେ ବୁଲିବା ସହ ଫାଷ୍ଟଫୁଡ୍ ଦୋକାନରେ ଚିକେନ ପକୋଡା ଖାଇଥିଲେ।

# ୧ରୁ ପୁରୀରେ ଗଡ଼ିବ ମୋ ବସ୍

**ଭୁବନେଶ୍ୱର, (ବ୍ୟୁରୋ)/ ପୁରୀ ଅଫିସ, ୨୯।୩**



## ୫୨ ଓ ୫୩ ନମ୍ବର ରୁଟ୍‌ରେ ମିଳିବ ସେବା

ଶ୍ରୀକ୍ଷେତ୍ର ପୁରୀରେ ଗଡ଼ିବ ମୋ ବସ୍। ଏପ୍ରିଲ ୧ରୁ ପୁରୀ ସହରରେ ମୋ ବସ୍ ଚାଲିବା ନେଇ କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ୍) ପକ୍ଷରୁ ମଙ୍ଗଳବାର ସୂଚନା ଦିଆଯାଇଛି। ପୂର୍ବରୁ ପୁରୀ ଜିଲାରେ ୨ଟି ରୁଟ୍‌ରେ ଏକ୍ସପ୍ରେସ୍ ସେବା ଜାରି ରହିଥିବାବେଳେ ଏଥର ପୁରୀ ସହର ମଧ୍ୟରେ ମୋ ବସ୍ ଚଳାଚଳ କରିବ। ଏଥିପାଇଁ ମୋ ବସ୍ ସେବାରେ ୫୨ ଓ ୫୩ ନମ୍ବର ଦୁଇଟି ନୂଆ ରୁଟ୍ ଯୋଡ଼ା ହୋଇଛି। ଯାତ୍ରୀଙ୍କ ବାରମ୍ବାର ଅନୁରୋଧ ପରେ କ୍ରୁଟ୍ ପକ୍ଷରୁ ଏହି ନିଷ୍ପତ୍ତି ନିଆଯାଇଛି। ରୁଟ୍ ନଂ.୫୨ ପୁରୀ ବସ୍‌ଷ୍ଟାଣ୍ଡରୁ ରେଳ ଷ୍ଟେଶନ, ସମୁଦ୍ର କୂଳ, ସ୍ୱର୍ଗଦ୍ୱାର ଦେଇ ଲାଇଟ୍ ହାଉସ୍ ପର୍ଯ୍ୟନ୍ତ ରହିବ। ସେହିପରି ରୁଟ୍ ନଂ.୫୩ରେ ମୋ ବସ୍‌ଟି ମାଳତୀପାଟପୁରଠାରୁ ଅଠରନଳା ରୋଡ୍ ଦେଇ ପୁରୀ ବସ୍‌ଷ୍ଟାଣ୍ଡ ଯାଏ ଚାଲିବ। ଏହାଦ୍ୱାରା ପୁରୀବାସୀଙ୍କ ସମେତ ପୁରୀକୁ ଯାତ୍ରା କରୁଥିବା ପର୍ଯ୍ୟଟକମାନେ ସୁବିଧା ଉଠାଇ ପାରିବେ। ଏହି ରୁଟ୍ ଦ୍ୱୟରେ ଯାତ୍ରୀମାନେ ସହଜ ଯାତାୟାତ ପାଇଁ ମୋ ବସ୍ କାର୍ଡ଼ ବ୍ୟବହାର କରିପାରିବେ। ଯାତ୍ରା ପୂର୍ବରୁ ପ୍ରତ୍ୟେକ ବସ୍ ସାନିଟାଇଜ୍ କରାଯିବାର ବ୍ୟବସ୍ଥା ରହିଛି। ଉଭୟ ରୁଟ୍‌ର ବସ୍‌ଗୁଡ଼ିକ ମାଳତୀପାଟପୁରରୁ ବାହାରି ନିର୍ଣ୍ଣୟ କରାଯାଇଥିବା ରୁଟ୍ ଦେଇ ଗତି କରିବ ବୋଲି ସୂଚନା ଦିଆଯାଇଛି।

ଏ ସମ୍ପର୍କରେ କ୍ରୁଟ୍ ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ କୁମାର ସିଂ କହିଛନ୍ତି, ପୁରୀ ଭଳି ଏକ ପର୍ଯ୍ୟଟକ ବହୁଳ ସ୍ଥାନରେ ମୋ ବସ୍ ସେବା ଆରମ୍ଭ ହେବା ଖୁସି ଖବର। ପୁରୀ ଜିଲା ଓ ପୁରୀ ସହରକୁ ଦୈନିକ ଆସୁଥିବା ହଜାର ହଜାର ପର୍ଯ୍ୟଟକଙ୍କ ପାଇଁ ଏହି ସେବା ବେଶ୍ ସହାୟକ ହେବ ବୋଲି ଆଶା କରୁଛୁ। ସେହିପରି ଓଡ଼ିଶା ଓ ବାହାର ରାଜ୍ୟରୁ ଆସୁଥିବା ଲକ୍ଷାଧିକ ପର୍ଯ୍ୟଟକ ଦୈନିକ ଯାତାୟାତରେ ଏହି ସେବା ଦ୍ୱାରା ଲାଭାନ୍ୱିତ ହେବେ ବୋଲି କ୍ରୁଟ୍ ଜେନେରାଲ୍ ମ୍ୟାନେଜର୍ ଦୀପ୍ତି ମହାପାତ୍ର କହିଛନ୍ତି। କ୍ରୁଟ୍ ୪ବର୍ଷ ଧରି କଟକ, ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ ଆଦି ପ୍ରମୁଖ ସହରାଞ୍ଚଳରେ ମୋ ବସ୍ ସେବା ଯୋଗାଇଆସୁଛି। ଏହାଦ୍ୱାରା ଜନସାଧାରଣଙ୍କ ନିତିଦିନିଆ ଯାତ୍ରାରେ ବେଶ୍ ସହାୟକ ହେଉଛି।

# ଆଇଇଡି ବିସ୍ଫୋରଣ, ୨ ଯବାନ ଆହତ

**ମାଲକାନଗିରି,୨୯।୩(ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ନାରାୟଣପୁର ଜିଲାରେ ଆଇଇଡି ବିସ୍ଫୋରଣରେ ମଙ୍ଗଳବାର ୨ଜଣ ଯବାନ ଆହତ ହୋଇଛନ୍ତି। ସକାଳୁ ଡିଆର୍‌ଜି ଯବାନମାନେ କୋମ୍ବିଂ ଅପରେଶନରେ ଜେଭଲାପଦର ରାସ୍ତାରେ ଯାଉଥିବା ବେଳେ ସେମାନଙ୍କୁ ଟାର୍ଗେଟ କରି ପୂର୍ବରୁ ମାଓବାଦୀମାନେ ଏହି ରାସ୍ତାରେ ଖଞ୍ଜିଥିବା ଆଇଇଡି ବିସ୍ଫୋରଣ ହୋଇଥିଲା। ଫଳରେ ୨ ଜଣ ଯବାନ ଗୁରୁତର ହୋଇଥିଲେ। ସେମାନଙ୍କୁ ରାୟପୁର ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଜଣେ ଯବାନଙ୍କ ଅବସ୍ଥା ଗୁରୁତର ରହିଛି। ଉଭୟଙ୍କ ପରିଚୟ ଜଣାପଡିନାହିଁ। ଘଟଣା ପରେ ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଇଛି।









# ବନ୍ଧୁକ ଦେଖାଇ ସମବାୟ କର୍ମଚାରୀଙ୍କଠାରୁ ୭.୫ ଲକ୍ଷ ଲୁଟ୍

**ବାଲୁଗାଁ,୨୯।୩(ଡି.ଏନ୍.ଏ.)**

ବାଲୁଗାଁ ଥାନା ଅଧୀନ ବାଲୁଗାଁ ବସଷ୍ଟାଣ୍ଡର ଅନତି ଦୂରରେ ମଙ୍ଗଳବାର ଅପରାହ୍ନ ସ୍ୱଷ୍ଟ ଦିବାଲୋକରେ ଏକ ଲୁଟ୍ ହୋଇଛି। ଜଣେ ସମବାୟ କର୍ମଚାରୀଙ୍କଠାରୁ ଦୁର୍ବୃତ୍ତମାନେ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ନଗଦ ୭ଲକ୍ଷ ୫୦ହଜାର ୫୬୦ଟଙ୍କା ଓ ମୋବାଇଲ ଫୋନ୍ ଲୁଟି ନେଇଛନ୍ତି। ଏହାଦେଖି ସ୍ଥାନୀୟ ଲୋକ ଭୟଭୀତ ହୋଇଯାଇଥିବା ବେଳେ ପରେ ଖବରପାଇ ପୋଲିସ ଆସି ତଦନ୍ତ ଚଳାଇଛି। ଖବର ଅନୁଯାୟୀ, ବାଲୁଗାଁ ନିକଟ ବଡ଼କୂଳ ସେବା ସମବାୟ ସମିତିର ସହ-ସମ୍ପାଦକ ତଥା କୋଷାଧ୍ୟକ୍ଷ ଭୋବନେଶ୍ୱର ରଥ ତାଙ୍କର ଜଣେ ସହକର୍ମୀ ସମୀର କୁମାର ସାହୁଙ୍କ ସହ ବଡ଼କୂଳ ଓ ଡୁଙ୍ଗମାଳ ପଞ୍ଚାୟତ ଅଧୀନ ଗ୍ରାମଗୁଡ଼ିକରୁ ଅପରାହ୍ନରେ କୃଷି ଋଣ ଅର୍ଥ ଆଦାୟ କରି ବାଲୁଗାଁସ୍ଥିତ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କକୁ ଜମା କରିବା ନିମନ୍ତେ ୨ଟି ବାଇକ୍ ଯୋଗେ ଆଗପଛ ହୋଇ ଆସୁଥିଲେ। ଅପରାହ୍ନ ପ୍ରାୟ ସାଢ଼େ ୩ଟା ସମୟରେ ବାଲୁଗାଁ ବସ୍‌ଷ୍ଟାଣ୍ଡ ଏବଂ ଇଞ୍ଜନପୁର ଗ୍ରାମ ମଧ୍ୟବର୍ତ୍ତୀ ସ୍ଥଳରେ ପୂର୍ବରୁ ପିଛା କରୁଥିବା ୩ଟି ବାଇକ୍‌ରେ ୪ଜଣ ଦୁର୍ବୃତ୍ତ ହଠାତ୍ ନିକଟକୁ ଆସି ପ୍ରଥମେ ଭୋବନେଶ୍ୱରଙ୍କ ବାଇକ୍‌କୁ ଗୋଇଠା ମାରିବାରେ ବାଇକ ସହ ରାସ୍ତାପାର୍ଶ୍ୱ ଏକ ବୁଦାରେ ସେ ପଡ଼ିଯାଇଥିଲେ। ଭୟରେ ତାଙ୍କ ସହକର୍ମୀ ରହିଯାଇଥିବା ବେଳେ ଦୁର୍ବୃତ୍ତମାନେ ୨ଜଣଙ୍କୁ ଘେରିଯାଇ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ଏପରିକି ତାଙ୍କଠାରୁ ବାଇକ୍ ଚାବି ଛଡ଼ାଇ ନେଇ ଡିକି ଖୋଲି ଆଦାୟ କରିଥିବା ଟଙ୍କା ଭର୍ତ୍ତି ବ୍ୟାଗ ଏବଂ ୨ଜଣଙ୍କ ମୋବାଇଲ ଲୁଟି ନେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପରେ ବାଲୁଗାଁ ଥାନା ଏବଂ ନାଭାଲ ଫାଣ୍ଡି ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଲୁଟେରାଙ୍କୁ ଠାବ କରିବା ପାଇଁ ଆଖପାଖ ବିଭିନ୍ନ ଥାନାକୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ତେବେ ପୋଲିସ୍ ଲୁଟେରାଙ୍କ ଅନୁସନ୍ଧାନ ଜାରି ରଖିଥିବା ବେଳେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ।







**ଆଜିର ମନ୍ତବ୍ୟ**
ବିରୋଧୀଙ୍କୁ ଟାର୍ଗେଟ କରି ସେମାନଙ୍କୁ ହଇରାଣ କରିବାକୁ ଭାଜପା କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକର ଅପବ୍ୟବହାର କରୁଛି। କେନ୍ଦ୍ରର ଏହି ଦମନ ନୀତି ବିରୋଧରେ ଏକଜୁଟ ହେବାକୁ ପଡ଼ିବ। **-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଲିଟୁ
ପରିବାରବର୍ଗ


ବିୟୁଟି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମାଛ ପାଇଁ ପାପୁଲି ଛିଣ୍ଡିଲା

**ଡିନାମାଇଟ୍ ଫୁଟାରୁ ଦୁର୍ଘଟଣା**

ବୌଦ୍ଧ,୨୯।୩(ସ୍ୱ.ପ୍ର.)

ବୌଦ୍ଧ ସହରର ମହାନଦୀ ଘାଟରେ ମଙ୍ଗଳବାର ଡିନାମାଇଟ୍ ଫୁଟାଇ ମାଛ ମାରିବା ଜଣେ ଯୁବକଙ୍କ ପାଇଁ ବିଷମ ପରିସ୍ଥିତି ସୃଷ୍ଟି ହୋଇଛି। ଡିନାମାଇଟ୍ ହଠାତ୍ ଫୁଟି ଯିବାରୁ ଯୁବକଙ୍କ ହାତ ପାପୁଲି ଛିଣ୍ଡିଯାଇଛି। ଆହତ ଯୁବକ ହେଲେ ସୁରଥ ଭୋକ୍ତା (୪୦)। ଗୁରୁତର ଅବସ୍ଥାରେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ମୁତାବକ, ବୌଦ୍ଧ ଥାନା ଅନ୍ତର୍ଗତ ଲାଣ୍ଡିବନ୍ଧ ଗ୍ରାମର ସୁରଥ ଜଣେ ଗାଡି ଚାଳକ। ମଙ୍ଗଳବାର ସେ କାମକୁ ନ ଯାଇ କେତେଜଣ ସାଙ୍ଗଙ୍କ ସହ ମାଛ ମାରିବାକୁ ମହାନଦୀର ହନୁମାନ ଘାଟକୁ ଯାଇଥିଲେ। ମାଛ ମାରିବା ପାଇଁ ସେ ଏକ ଡିନାମାଇଟ୍‌ରେ ନିଆଁ ଲଗାଇ ପାଣିରେ ପକାଇଥିଲେ। କିନ୍ତୁ ଡିନାମାଇଟଟି ଫୁଟି ନ ଥିଲା। ଫଳରେ ସୁରଥ ପୁନର୍ବାର ଆଉ ଏକ ଡିନାମାଇଟ୍‌ରେ ନିଆଁ ଲଗାଇ ପାଣିରେ ପକାଇଥିଲେ। ଡିନାମାଇଟ ପାଣିରେ ଫୁଟିବା ପରେ ସେ ମାଛ ଧରିବାକୁ ପାଣିରେ ପଶିଥିଲେ। ମାଛ ଧରୁଥିବା ବେଳେ ପାଣିରେ ପକାଇଥିବା ପ୍ରଥମ ଡିନାମାଇଟ ଫୁଟି ଯିବାରୁ ସୁରଥଙ୍କ ଡାହାଣ ହାତ ପାପୁଲି ଛିଣ୍ଡିବା ସହ ମୁହଁ ଓ ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣା ଘଟିବା ପରେ ସୁରଥଙ୍କ ଅନ୍ୟ ସାଙ୍ଗମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି। ବୌଦ୍ଧ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରକାଶଥାଉ କି, ଏକଦା ବୌଦ୍ଧ ସହର ଦେଇ ଯାଇଥିବା ମହାନଦୀର ଚିଙ୍ଗୁଡ଼ି ଓ ଅନ୍ୟ ମାଛର ବହୁ ଚାହିଦା ରହିଥିଲା। କିନ୍ତୁ ଏବେ ମହାନଦୀ ଶୁଖିଲା ପଡିଛି। ଯାହା ମାଛ ଅଛି ତାକୁ ଅଧିକାଂଶ ସମୟରେ ଡିନାମାଇଟ୍ କିମ୍ବା ରାସାୟନିକ ଦ୍ରବ୍ୟ ପକାଇ ଧରାଯାଉ ଥିବାରୁ ମାଛ ବଂଶ କ୍ରମଶଃ ହ୍ରାସ ପାଇବାରେ ଲାଗିଛି। ପ୍ରଶାସନର ଏଥିପ୍ରତି ନିଘା ନାହିଁ। ଯଦି କିଛି ଦୁର୍ଘଟଣା ଘଟୁଛି ପୋଲିସ କେସ କରି ଚୁପ ହୋଇ ବସୁଛି। ପ୍ରଶାସନ ପକ୍ଷରୁ ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ସାମାନ୍ୟ କଥାକୁ କେନ୍ଦ୍ରକରି ପାରିବାରିକ କ୍ଷେତ୍ରରେ ସମସ୍ୟାଜନିତ ଟେନ୍ସନ ଲାଗିରହିବ। କର୍ମକ୍ଷେତ୍ରରେ ମଧ୍ୟ କାମ କରିବାକୁ ଆଦୌ ଇଚ୍ଛା ହେବନାହିଁ। ବ୍ୟବସାୟ କ୍ଷେତ୍ରରେ କେତେକ ସୁବିଧା ସୁଯୋଗ ପାଇବେ । ନିର୍ମାଣ କାମ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ।

**ବୃଷ** ଆଜି ଏକାଧାରରେ ଆନୁଷ୍ଠାନିକ, ସଂଗଠନ, ରାଜନୀତି କ୍ଷେତ୍ରରେ ଫଳପ୍ରଦ ଆଲୋଚନା କରିବେ। ଶିକ୍ଷା, ସନ୍ତାନ, ପରୀକ୍ଷା, ସଭାସମିତି ପାଇଁ ମଧ୍ୟ ଦିନଟି ମନ୍ଦ ହେବନି। ପୁରାତନ ତଥା କ୍ରନିକ ରୋଗରେ ଶରୀର କଷ୍ଟ ଅନୁଭବ କରିପାରନ୍ତି । କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ମିଥୁନ** ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି, ଆପଣଙ୍କ ଚେଷ୍ଟା କଦାପି ନିଷ୍ଫଳ ହେବନାହିଁ। ଭାଇ, ବନ୍ଧୁ କିମ୍ବା ପଡ଼ୋଶୀମାନଙ୍କ ସହ ଆଲୋଚନା ଫଳପ୍ରଦ ହେବ। ପାରିବାରିକ କ୍ଷେତ୍ରରେ ସବୁ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ ହେବେ। ସନ୍ତାନଙ୍କ କୃତିତ୍ୱର ଗୌରବରେ ଗୌରବାନ୍ୱିତ ହୋଇପାରନ୍ତି ।

**କର୍କଟ** ଆଜି ଆକସ୍ମିକ ଭାବରେ ଆର୍ଥିକ ଦିଗରୁ ମନ ଖୁସୀ ହୋଇଯିବ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଋଣ ସୂତ୍ରରେ ଅର୍ଥଲାଭ କରିବା ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା,ଚଳଚ୍ଚିତ୍ର ସମେତ ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ** ହଠାତ୍ କୌଣସି ଜରୁରୀ କାମରେ ବାହାରକୁ ଯିବାକୁ ପଡ଼ିପାରେ। ଯୁକ୍ତିତର୍କଜନିତ ପରିବାରରେ ପୁନଶ୍ଚ ସ୍ତ୍ରୀଙ୍କ ସହ ମତଭେଦର ସମ୍ଭାବନା ରହିଛି। ଯେତେ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ । ସଚେତନତା ହେତୁ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କନ୍ୟା** ଗତକାଲିଠାରୁ ଆପଣ ଯେଉଁଥିପାଇଁ ଚିନ୍ତିତ ରହିଛନ୍ତି ତା'ର ସରଳ ସମାଧାନ ସହଜରେ ହୋଇପାରିବ। ପାରିବାରିକ ପରିସ୍ଥିତି ଗମ୍ଭୀର ରହିବ ଏଣୁ ଭାବିଚିନ୍ତି କାମ କରିବା ଭଲ ହେବ। ଅଫିସରେ ଭାବପ୍ରବଣ ବଶତଃ ପ୍ରତିକ୍ରିୟା ହଠାତ୍ ପ୍ରକାଶ କରନ୍ତୁ ନାହିଁ । ବନ୍ଧୁଙ୍କୁ ପ୍ରିୟକଥା କହି ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟିତ ହେବେ।

**ତୁଳା** ଆଜି ପ୍ରତ୍ୟେକ ପ୍ରକାରର ପ୍ରତିଦ୍ୱନ୍ଦ୍ୱିତାରେ ସଫଳ ହେବା ସହ ପ୍ରଶଂସିତ ହୋଇପାରନ୍ତି। ବନ୍ଧୁମାନଙ୍କ ଜରିଆରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ । ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବେ। ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିବା ସହିତ ସ୍ୱାସ୍ଥ୍ୟରେ ଉନ୍ନତି ହେତୁ ଚିନ୍ତାମୁକ୍ତ ହେବେ।

**ବିଛା** ବନ୍ଧୁଙ୍କ ଉପରେ ଅଯଥା ରାଗ କିମ୍ବା ଅଭିମାନ କରି ଚୁପ୍ ରହିଲେ ଲାଭ ବଦଳରେ କ୍ଷତିରେ ପଡ଼ିବେ। ସବୁ ସମୟରେ ଅଯଥାଗୁଡ଼ିଏ କଥା ଚିନ୍ତା କରି ମନକୁ ଭାରାକ୍ରାନ୍ତ କରିବେ। ଅନ୍ୟମାନଙ୍କ କଥା ଓ କାମ ମନକୁ ନ ପାଇଲେ ମଧ୍ୟ କିଛି କରିପାରିବେ ନାହିଁ। ବନ୍ଧୁଙ୍କ ସହ ଆଳାପ ଆଲୋଚନାରେ ସମୟ କଟାଇବେ ।

**ଧନୁ** ପଡ଼ୋଶୀଙ୍କ ସହାୟତାରେ ପାରିବାରିକ ଅସ୍ଥିରତା ଦୂର ହେବା ସଙ୍ଗକୁ ମନବଳ ଟାଣ ରହିବ । ଆଶା ପୂରଣରେ ଜଣେ ବନ୍ଧୁ ସାହାଯ୍ୟ କରିପାରନ୍ତି। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡ଼ିପାରେ। ଭ୍ରାତୃ ସମ୍ପର୍କରେ ବ୍ୟତିକ୍ରମ ପରିଲକ୍ଷିତ ହେବ । ଆର୍ଥିକ ଦିଗରୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ।

**ମକର** ଆଜି ହଠାତ୍ ଆକସ୍ମିକ କଳହର ସୂଚନା ରହିଛି,ଏଣୁ ଜଗିରଖି କାମ କରିବା ଭଲ ହେବ। ଯାତ୍ରାରେ ଜିନିଷ ପତ୍ର ପ୍ରତି ସତର୍କ ରହନ୍ତୁ,ନଚେତ୍ ଅଦଳବଦଳ ହୋଇଯାଇପାରେ । ଆନୁଷ୍ଠାନିକ କାମରୁ ଖୁସି ରହିବେ ଏବଂ ପ୍ରଶଂସିତ ମଧ୍ୟ ହେବେ । ଶିଳ୍ପ, ବାଣିଜ୍ୟ, ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**କୁମ୍ଭ** ଆଜି ଯେଉଁ କାମରେ ବାହାରିଛନ୍ତି ସେଥିରେ କୌଣସି ଅସୁବିଧା ହେବ ନାହିଁ। ସମସ୍ୟା ବୃଦ୍ଧି କାରଣରୁ ପାରିବାରିକ ଭାବପ୍ରବଣତା ଆପଣଙ୍କୁ କେତେମାତ୍ରାରେ ବିବ୍ରତ କରିବ। ବନ୍ଧୁମାନଙ୍କ ମେଳରେ ଗାମ୍ଭୀର୍ଯ୍ୟ ରକ୍ଷା କରି ସମାଲୋଚିତ ହେବେ। ସମସ୍ୟାକୁ ସୁଧାରି ନେବା ସକାଶେ ପରିବାରର ବ୍ୟକ୍ତି ବିଶେଷ ବହୁତ ସାହାଯ୍ୟ କରିପାରନ୍ତି।

**ମୀନ** ଅର୍ଥ ଓ ସମ୍ମାନ ପାଇବାରେ ନିଜ ଲୋକମାନଙ୍କ ସାହାର୍ଯ୍ୟ ଅବିସ୍ମରଣୀୟ ରହିବ। ଆକସ୍ମିକ ଭାବରେ ବନ୍ଧୁମାନଙ୍କ ସହ ଦୂରଯାତ୍ରାର ସୁଯୋଗ ପାଇବେ। ଅଫିସ୍ କାମରେ ବ୍ୟସ୍ତ ରହି ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି । କଳା ଓ ସାହିତ୍ୟ ତଥା ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ।

**ପ୍ରଥମ ପୃଷ୍ଠାରୁ...**

## ଯୁକ୍ତ୨ ବିଜ୍ଞାନ ପରୀକ୍ଷା...

କଲେଜର ଛାତ୍ରୀଛାତ୍ର ୧,୧୪୮ଟି କେନ୍ଦ୍ରରେ ପରୀକ୍ଷା ଦେବେ। ପୂରା ପରୀକ୍ଷା ସିସିଟିଭିରେ ମନିଟରିଂ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଯୁକ୍ତ୨ ପରୀକ୍ଷାକୁ ସୁରାରୁରୂପେ ତୁଲାଇବାକୁ ପୂରା ପ୍ରସ୍ତୁତି ଚାଲିଛି। ଗଣିତ ପରୀକ୍ଷା ପାଇଁ ଗୋଟିଏ ଦିନର ବ୍ୟବଧାନ ଥିବାରୁ ଅନେକ ଛାତ୍ରୀଛାତ୍ର କାର୍ଯ୍ୟସୂଚୀ ପରିବର୍ତ୍ତନ କରିବାକୁ ଅନୁରୋଧ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ସିଏଚ୍‌ଏସ୍‌ଇକୁ ଏଥିପ୍ରତି ଦୃଷ୍ଟି ଦେବାକୁ କହିଛି। ଯଦି ସମ୍ଭବ ହେବ, ତେବେ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯିବ ଓ ବିଜ୍ଞାନ ପିଲାମାନେ ପରୀକ୍ଷା ପ୍ରସ୍ତୁତି ପାଇଁ ଅଧିକ ସମୟ ପାଇପାରିବେ ବୋଲି ମନ୍ତ୍ରୀ କହିଛନ୍ତି। ସିଏଚ୍‌ଏସ୍‌ଇର ପୂର୍ବ ବିଜ୍ଞପ୍ତି ଓ ୨୪ ତାରିଖରେ ପ୍ରକାଶିତ କାର୍ଯ୍ୟସୂଚୀ ଅନୁସାରେ, ଯୁକ୍ତ୨ ପରୀକ୍ଷା ଅଫ୍‌ଲାଇନ ମୋଡ୍‌ରେ କରାଯିବ। କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷାର ୩.୨ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ଏଥର ପରୀକ୍ଷା ଦେବେ। କଳା ଓ ବାଣିଜ୍ୟ ପରୀକ୍ଷା ଏପ୍ରିଲ ୨୮ରୁ ଆରମ୍ଭ ହେବ। ପ୍ରଥମ ଦିନ ମାତୃଭାଷା ପରୀକ୍ଷା ହେବ। ଏହା ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ଯାଏ ଚାଲିବ। ବିଜ୍ଞାନ ଓ ଧନ୍ଦାମୂଳକ ପରୀକ୍ଷା ମେ' ୯ରୁ ଆରମ୍ଭ ହେବ। ବିଜ୍ଞାନ ଛାତ୍ରୀଛାତ୍ର ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଓ ଧନ୍ଦାମୂଳକ ଛାତ୍ରୀଛାତ୍ର ସକାଳ ୯ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ପରୀକ୍ଷା ଦେବେ। ତେବେ ସବୁଠି କରୋନା କଟକଣାରେ ପରୀକ୍ଷା କରିବା ପାଇଁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, କରୋନା ଯୋଗୁ ଦୁଇବର୍ଷ ହେବ ବିନା ପରୀକ୍ଷାରେ ଯୁକ୍ତ୨ ପରୀକ୍ଷାଫଳ ପ୍ରକାଶ କରାଯାଇଥିଲା। ଚଳିତବର୍ଷ କରୋନା ସଂକ୍ରମଣ ହ୍ରାସ ପାଇବାରୁ ଅଫ୍‌ଲାଇନ୍ ପରୀକ୍ଷା କରିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।


# classifieds Everyday
0674-2580101, 2549302




**GROOM WANTED**

50 ବୟସ୍କା ସରକାରୀ ଚାକିରିଆ ଛାଡ଼ପତ୍ରପ୍ରାପ୍ତ ଖଣ୍ଡାୟତ ନିଃସନ୍ତାନ ଏକାକୀ ରହୁଥିବା ଝିଅଙ୍କୁ ଘରଜ୍ୱାଇଁ ଆବଶ୍ୟକ। ଯୋଗାଯୋଗ-7606947424. D-23496

Wanted Groom for Lady Doctor age-26, caste Brahmin, Working in a Hospital, Bhubaneswar, MD Preferable. Contact No.- 9778312631. D-23487




**SALE**

**Fully loaded 2015 Excellent running condition Swift Dzire Petrol, 5,20,000/-. Contact Owner- 9853926464 (BABU BHAI).** D-23307




**SALE**

Plot For Sale at Chaatabar per sqft. @99/-. 9583295832, 8249017091. D-23501

**Independent bungalow for immediate sale main road, Jharsuguda. Contact: 9861193320.** D-23452

Running Hotel sale at Puri, 15 room, Swimming pool, lift. near Temple and Sea beach. Call 9172602555. D-23516

**3 Acre Land for Sale on NH-16 near Khurda Collectorate for 6 Crore. 7980909139.** D-23515

ଭୁବନେଶ୍ୱର ରବି ଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା, ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71970

House sale in Bhimatangi, BBSR plot- 3200sqft. Rs.- 20000000. Contact: 6370360553. D-46558

**1.4KM from Pitapalli Chandaka bypass Bhubaneswar (loan available) developed for home sqft.- 999/- Gangapada Priyanka- 7735142073.** D-73217

ନଖରା, ପଞ୍ଚବଟି, ପାହାଳ, ବାଲିଅନ୍ତା, ତମାଣ୍ଡୋରେ develop ହୋଇଥିବା ପ୍ଲଟ କିଣି ଘର କରନ୍ତୁ। 9938603188. D-73218

Booking open- 2BHK, 3BHK Apartment for sale near AIIMS Hospital & Doon International School (Patrapada, Bhubaneswar). Contact: 9090770637, 9938670164. D-71965

Yellowzone ୨୦୦ ଫୁଟ ରାସ୍ତାରେ sqft.300/- ଜାଗା ବିକ୍ରି ହେଉଛି। 7327055890. D-71483

**ସୁନ୍ଦରପଦା ଏବଂ ବାଲିଅନ୍ତାରେ developed, demarcated gharabari, electricity plot କିଣନ୍ତୁ। 7008492511.** D-23475

**4300sqft. commercial plot near Mangalpur, Bhubaneswar Puri NH side, (brokers not allowed). 8117084862.** D-73219

ଭୁବନେଶ୍ୱର ସୁନ୍ଦରପଦା-କଟଣୀ ରାସ୍ତାରେ **Xavier University** ଏବଂ **Aditya Birla School** ପାଖରେ **possession** ପ୍ଲଟ୍ ମିଳୁଛି। **8249292535, 7377376856.** D-73215

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**5000sqft. (50ft.X100ft.) fully commercial developed 100% litigation free Gharabari, Yellowzone, Single Patta Owner plot for sale with 25ft. wide road at Dhauli Square just 3rd plot from Dhauli-Uttara NH. Price-Rs. 1,50,00,000/-. Contact: direct Owner- 9040026465 (BABU BABU).** D-23306

ଭୁବନେଶ୍ୱର **Sum Hospital 4KM** ଦୂରତାରେ ଘରବାଡ଼ି, **Road,** ଇଲେକ୍ଟ୍ରି ଥାଇ ପ୍ଲଟ୍ ମିଳୁଛି। **9090963952.** D-73214

ଉତ୍ତରା ଛକ ବାଳକାଟି **market** ନିକଟରେ **developed, gharabari boundary plot** କିଣନ୍ତୁ। **9937166932.** D-23509

**60ft.** ପିଚୁ ରୋଡ୍‌କୁ ଲାଗି **18**ଗୁଣ୍ଠ **commercial Plot Bhubaneswar GIFT College** ସାମ୍ନାରେ ତୁରନ୍ତ ବିକ୍ରିହେବ। **per** ଗୁଣ୍ଠ **@900000/- Owner- 9437033320.** D-73213




**Construct your Dream home @460/-, 850/-, 1325/- with Branded material along with 3Years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd. 9439856856.** D-23456




**2BHK well located modern flat available for rent Rs.- 16000/- approximately with conditions on GGP Pandra road in Avantika Apartment near Gokul Residency. Contact: 8984692488 during office hour.** D-71623

For commercial purpose at Prime location Unit-9, Bhubaneswar, Ground Floor, 2000sqft. 9437057789. D-71624




Newly open SPA positively health benefits expert therapist, Kalpana. 7846814019. D-71480

Refreshing your mind and body with the best therapy, 7873794731. D-23292

Newly opening SPA positively health benefits with expert therapist. 8917332216. D-71971

**Relax, Refresh your body, Mind at Saikrupa Spa with best therapies. 8984068077.** D-23511

**AFFIDAVIT**

By virtue of an affidavit before Notary Public, Barbil, I, Chattar Singh Patial, Son of Late Kanshi Ram do hereby declare that Chattar Singh Patial, S/o. Kanshi Ram & Patial Chatar Singh Kashiram, S/o. Kashiram Patial & Chattar Singh Patial, S/o. Kanshiram Patial is one and same person i.e. myself. Henceforth, I shall be known as Chattar Singh Patial, S/o. Late Kanshi Ram for all purposes. D-71625

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଓପୁରି ଲାଭରେ ନ ପୁରେ ପେଟ,**
**ଯେଉଁ ନିଅଣ୍ଟକୁ ସେହି ନିଅଣ୍ଟ ।**

ସାଧାରଣତଃ ଅସଦ୍ ଉପାୟରେ ଅର୍ଥ ଉପାର୍ଜନ କରିବା ବା ଉତ୍କୋଚ ନେବା ଅନୁଚିତ ହୋଇଥାଏ। ଉତ୍କୋଚ ନେବା ଲୋକର ଅଭାବ କେବେ ମେଣ୍ଟିପାରେ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଓଷା ଯାକରେ ଖୁଦୁରୁକୁଣୀ**
**ଯାତ ଯାକରେ ତିରିବେଣୀ।**

ମା' ମଙ୍ଗଳାଙ୍କ ନାମରେ କରାଯାଉଥିବା ଓଷାକୁ ଭାଲୁକୁଣୀ ବା ଖୁଦୁରୁକୁଣୀ ଓଷା କୁହାଯାଇଥାଏ। ଅବିବାହିତ ଭଉଣୀ ନିଜ ଭାଇର ଶୁଭମନାସିବା ନେଇ ଏହି ଓଷାକୁ ପାଞ୍ଚ ପାଳି ପର୍ଯ୍ୟନ୍ତ ଅତି ନିଷ୍ଠା ଓ ଭକ୍ତିର ସହିତ ପାଳନ କରିଥାନ୍ତି। ସେହିପରି ତ୍ରିବେଣୀରେ ବୁଡ଼ ପକାଇଲେ ବ୍ୟକ୍ତିର ସକଳ ପାପ ଧୋଇ ହୋଇ ଯାଉଥିବା ନେଇ ଲୋକ ବିଶ୍ୱାସ ରହିଆସିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

**ପ୍ରଥମ ପୃଷ୍ଠାରୁ...**

## ମୁଣ୍ଡ ପିଛା ଆୟ ...

ରାଜ୍ୟରେ ପରିଣତ ହୋଇଛି । ୨୦୧୯-୨୦ରେ ରାଜ୍ୟରେ ମୋଟ ସଂସ୍ଥାପିତ କ୍ଷମତା(ଇନ୍‌ଷ୍ଟଲ୍‌ଡ କାପାସିଟି) ୭୬୭୬.୬୯ ମେଗାୱାଟ ଥିବାବେଳେ ୨୦୨୦-୨୧ରେ ଏହା ୮୦୧୮.୨୫ ମେଗାୱାଟରେ ପହଞ୍ଚିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ, ୨୦୨୧ରେ ରାଜ୍ୟରେ ସହରାଞ୍ଚଳ ଜନସଂଖ୍ୟା ୮୪ଲକ୍ଷ ହେବ ବୋଲି ଆକଳନ କରାଯାଇଥିଲା ଯାହା ଓଡ଼ିଶାର ମୋଟ ଜନସଂଖ୍ୟାର ୧୮.୫ ପ୍ରତିଶତ। ସେହିପରି ଗୃହ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ସହଜ ଜୀବନ ସୂଚକାଙ୍କ, ୨୦୨୧ ସଂକଳନରେ ଭାରତର ଶ୍ରେଷ୍ଠ ୧୦ଟି ରାଜଧାନୀ ମଧ୍ୟରେ ଭୁବନେଶ୍ୱର ୪ର୍ଥ ସ୍ଥାନ ଅଧିକାର କରିଛି। ୨୦୨୧ରେ ପୁରୀ ଦେଶର ପ୍ରଥମ ସହର ଭାବେ ଡ୍ରିଙ୍କ୍ ଫ୍ରମ୍ ଟ୍ୟାପ୍ ସୁବିଧା ପାଇଛି। ତେବେ ୨୦୨୪-୨୫ ସୁଦ୍ଧା ସମସ୍ତ ଗ୍ରାମରେ ସୁରକ୍ଷିତ ପାନୀୟ ଜଳ ଯୋଗାଇବା ଲାଗି ସରକାର ଲକ୍ଷ୍ୟ ରଖିଥିବା ରିପୋର୍ଟରେ କୁହାଯାଇଛି। ସେହିପରି ରାଜ୍ୟର ମୋଟ ଘରୋଇ ଉତ୍ପାଦ(ଜିଏସ୍‌ଡିପି)ର ସ୍ୱାସ୍ଥ୍ୟ ବ୍ୟୟ ବରାଦ ୨୦୧୯-୨୦ରେ ୧.୧୯% ରୁ ୨୦୨୧-୨୨ରେ ୧.୫୯%କୁ ବୃଦ୍ଧି ପାଇଛି। ନବଜାତ ମୃତ୍ୟୁହାର, ଶିଶୁ ମୃତ୍ୟୁହାର ଏବଂ ପାଞ୍ଚ ବର୍ଷରୁ କମ୍ ମୃତ୍ୟୁହାର କ୍ରମାଗତ ଭାବେ ହ୍ରାସ ପାଉଛି। ଅନ୍ୟପଟେ ୨୦୧୪ରୁ ୨୦୧୬ ମଧ୍ୟରେ ମାତୃ ମୃତ୍ୟୁହାର ୧୮୦ଥିବାବେଳେ ଏହା ୨୦୧୭-୧୯ରେ ହ୍ରାସ ପାଇ ୧୩୬ରେ ପହଞ୍ଚିଛି। ଶିକ୍ଷା କ୍ଷେତ୍ରରେ ମଧ୍ୟ ସରକାର ରାଜ୍ୟରେ ଉନ୍ନତି କରିଥିବା ଜଣାପଡ଼ିଛି। ପ୍ରାଥମିକସ୍ତରରେ ମୋଟ ନାମଲେଖା ଅନୁପାତ ଗତ ୫ ବର୍ଷ ମଧ୍ୟରେ ଉଚ୍ଚସ୍ତରରେ ପହଞ୍ଚିଛି। ପ୍ରାଥମିକସ୍ତରରେ ୧୦୨.୨ ପ୍ରତିଶତ ଓ ଉଚ୍ଚ ମାଧ୍ୟମିକ ସ୍ତରରେ ୯୮ ପ୍ରତିଶତ ରହିଛି। ଉଚ୍ଚଶିକ୍ଷାରେ ମୋଟ ନାମଲେଖା ଅନୁପାତ ୨୦୧୦-୧୧ରେ ୧୬.୧୦ ପ୍ରତିଶତ ଥିବାବେଳେ ଏହା ୨୦୧୮-୧୯ରେ ୨୨.୧୦କୁ ବୃଦ୍ଧି ପାଇଥିବା ସର୍ଭେ ରିପୋର୍ଟରେ କୁହାଯାଇଛି।

## ରାଷ୍ଟ୍ରପତି ନିର୍ବାଚନ ...

କରିଥିଲେ। ନବୀନଙ୍କ ଏହି ଗସ୍ତ ସମୟରେ ତାଙ୍କୁ ଡିଏମ୍‌କେ ସାଂସଦ ଟି.ଆର୍ ବାଲୁ, କଂଗ୍ରେସ ସାଂସଦ ଆନନ୍ଦ ଶର୍ମା, ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ଟିଏମ୍‌ସି ସାଂସଦ ସୁଦୀପ ବନ୍ଦୋପାଧ୍ୟାୟ, ଭାଜପା ସାଂସଦ ରବିଶଙ୍କର ପ୍ରସାଦ ଓ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପ୍ରମୁଖ ଭେଟିଥିଲେ। ବିଜେଡିର ଏବେ ରାଜ୍ୟ ସଭାରେ ୯ଜଣ ସଦସ୍ୟ ଥିବାବେଳେ ଲୋକ ସଭାରେ ୧୧ଜଣ ରହିଛନ୍ତି। ସଂସଦରେ କୌଣସି ବିଲ୍ ପାସ୍ କିମ୍ବା ସାମ୍ବିଧାନିକ ପଦବୀ ପାଇଁ ନିର୍ବାଚନ ସମୟରେ ବିଜେଡି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ବିଶେଷକରି ଏହା ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ସପକ୍ଷରେ ମତ ଦେଇ ଆସିଥିବା ନଜିର ରହିଛି। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ନୂଆଦିଲ୍ଲୀରେ ପହଞ୍ଚିବାପରେ ଏକ କ୍ରୀଡ଼ା ସମ୍ମାନ ଉତ୍ସବରେ ଯୋଗ ଦେଇ ମହିଳା ହକି ଟିମ୍‌କୁ ପୁରସ୍କୃତ କରିଥିଲେ।

## ଭାଜପାକୁ ଗୋଡ଼ଟଣା ...

ପାଇଁ ସାଧାରଣ ଲୋକଙ୍କ ଭିତରେ ଗ୍ରହଣୀୟତାର ଘୋର ଅଭାବ ରହିଛି। କଟକ ମହାନଗର ନିଗମର ଭାଜପା ମେୟର ପ୍ରାର୍ଥୀ ଶ୍ରୀତମ ଦାସ କହିଛନ୍ତି, କଟକରେ ମୁଁ ମେୟର ପ୍ରାର୍ଥୀ ହେବି ବୋଲି ପୂର୍ବରୁ ଜାଣି ନ ଥିଲି। ନାମାଙ୍କନପତ୍ର ଦାଖଲର ଦିନକ ପୂର୍ବରୁ ଅର୍ଥାତ୍ ୬ ତାରିଖ ରାତି ୧୧ଟାରେ ମୋତେ ସୂଚନା ଦିଆଗଲା । ୭ ତାରିଖରେ ନାମାଙ୍କନ ପତ୍ର ଦାଖଲ କଲି। ଆମେ କେହି କାହାକୁ ଜାଣି ନ ଥିଲୁ । ଦଳ ପକ୍ଷରୁ ଯଦି ଆମକୁ ମିଳିତ ସମର୍ଥନ ମିଳିଥାଆନ୍ତା ହୁଏତ ଆମର ଫଳାଫଳ ଆହୁରି ଭଲ ହୋଇଥାଆନ୍ତା । ଅନ୍ୟପକ୍ଷରେ ଭୁବନେଶ୍ୱର ମହାନଗର ନିଗମର ଭାଜପା ମେୟର ପ୍ରାର୍ଥୀ ସୁନୀତ ମୁଣ୍ଡ କହିଛନ୍ତି ଯେ ଆମକୁ କାହାକୁ ପଇସା ଦିଆଯାଇନି । ମୋର ଓ ଅପରାଜିତାଙ୍କର କିଛି ଶୁଭାକାଂକ୍ଷୀ ଥିଲେ। ସେମାନଙ୍କ ଆଶୀର୍ବାଦ ଆମକୁ ମିଳିଛି। ଦଳରେ ଏତେ ବଡ଼ ବଡ଼ ଲୋକ ଅଛନ୍ତି ସେମାନଙ୍କ ବିଷୟରେ ମୁଁ କ'ଣ କହିବି।

## ୫ଟଙ୍କା ବଢ଼ିଲାଣି ...

ତୈଳ ମୂଲ୍ୟ ହ୍ରାସ ଘଟିଥିଲେ ସୁଦ୍ଧା ଭାରତ ବଜାରରେ ଏହାର କୌଣସି ପ୍ରଭାବ ବା ତେଲ ଦରର ପରିବର୍ତ୍ତନ କିମ୍ବା ସ୍ଥିର ରହିନାହିଁ। କାରଣ ଦୀର୍ଘଦିନର ସ୍ଥିରତା ଯୋଗୁ ତୈଳ କମ୍ପାନୀଗୁଡ଼ିକ ବ୍ୟାପକ କ୍ଷତି ସହିବା ସହ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ନିଜ ନିଜର ଟିକସ ହ୍ରାସ କିମ୍ବା ଛାଡ଼ କରୁ ନ ଥିବା ଯୋଗୁ ଦର ଉଚ୍ଚା ରହୁଛି ବୋଲି ବଜାର ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

## ପରିବାରର ୧୦ ଜଣଙ୍କୁ ଆଜୀବନ ଜେଲ

ଭୋପାଳ, ୨୯।୩: ଜଣେ ବ୍ୟକ୍ତିଙ୍କୁ ହତ୍ୟା ଅଭିଯୋଗରେ ମଧ୍ୟପ୍ରଦେଶର ଏକ କୋର୍ଟ ଗୋଟିଏ ପରିବାରର ୧୦ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ସମସ୍ତ ଅପରାଧୀଙ୍କୁ ଆଜୀବନ ଜେଲ ଦଣ୍ଡାଦେଶ ସହ ପ୍ରତ୍ୟେକଙ୍କ ଉପରେ ୪ ହଜାର ଟଙ୍କା ଜରିମାନା ଲଗାଇଛନ୍ତି। ଘଟଣାର ବିବରଣୀ ଅନୁସାରେ, ତିକ୍ରୋଉଲି ଗ୍ରାମର ଶିବକୁମାର ଓ ଦୋଷୀ ମନୋଜ ଗୁର୍‌ଜାରଙ୍କ ପରିବାର ମଧ୍ୟରେ ଦୀର୍ଘ ଦିନରୁ ବିବାଦ ଲାଗି ରହିଥିଲା। ୨୦୧୦ ନଭେମ୍ବର ୩ରେ ଶିବ କୁମାର ଦୋକାନରୁ ଘରକୁ ଫେରୁଥିବାବେଳେ ମନୋଜ ତାଙ୍କୁ ଗୁଳି କରି ଫେରାର ହୋଇଯାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଶିବକୁମାରଙ୍କ ମୃତ୍ୟୁ ଘଟିଥିଲା। ଘଟଣାରେ ମନୋଜ ଓ ତାଙ୍କ ପରିବାର ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଥିଲା।

**ଖଣ୍ଡାମାହାଲ ଖାଦାନରେ ଶ୍ରମିକଙ୍କ ମୃତ୍ୟୁ: ଅଂଶୁଘାତ ସନ୍ଦେହ**

ସୋର,(ଡି.ଏନ୍.ଏ.): ବାଲେଶ୍ୱର ଜିଲା ସୋର ବ୍ଲକ ବାଗୁଡ଼ି ଖଣ୍ଡାମାହାଲ ଖାଦାନରେ କାମ କରୁଥିବା ଜଣେ ଶ୍ରମିକଙ୍କ ମଙ୍ଗଳବାର ଅପରାହ୍ନରେ ମୃତ୍ୟୁ ଘଟିଛି। ଏହି ମୃତ୍ୟୁ ଅଂଶୁଘାତଜନିତ ବୋଲି ସନ୍ଦେହ କରାଯାଉଛି। ଉକ୍ତ ଶ୍ରମିକ ହେଲେ ନବରଙ୍ଗପୁର ଜିଲା ଉମରକୋଟ ବକ୍ରାବେଡ଼ା ଗ୍ରାମର କପିଳାସ ଭତ୍ରା। କପିଳାସ ଟେକ୍‌ମୋ ଖାଦାନ ନିକଟରେ ଏକ ଫାଙ୍କା ଜାଗାରେ ଥିବା ଏକ ଗଛମୂଳରେ ଖାଇସାରି ବିଶ୍ରାମ ନେଇଥିଲେ। ଅପରାହ୍ନରେ ଅନ୍ୟସାଥୀମାନେ କାମକୁ ଯିବା ବେଳେ ଡାକିବା ପରେ ସେ ଉଠି ନ ଥିଲେ। ଖାଦାନ ସଂଘ ଆମ୍ବୁଲାନ୍ସ ତାଙ୍କୁ ସୋର ଡାକ୍ତରଖାନାକୁ ଆଣିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରି ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିଛି।

# କର୍ମରେ ଆତ୍ମତୃପ୍ତି ହିଁ ସଫଳତା

**ପେସା ସରକାରୀ ଚାକିରି ହେଲେ ନିଶା ଥିଲା ଓଡ଼ିଶାର କଳା ସଂସ୍କୃତିକୁ ନେଇ ଉନ୍ନତ ମାନର ହସ୍ତତନ୍ତ ପୋଷାକ ପ୍ରସ୍ତୁତି ସହ ଏହାର ପ୍ରଚାର ପ୍ରସାର କରାଇବା। ସୋନପୁରର ବୟନ ବିହାରରୁ ରାଜଧାନୀର ମେହେର୍ସ ବସ୍ତ୍ରାଳୟ। କିପରି ଥିଲା ଏହି ଦୀର୍ଘ ଯାତ୍ରା ଧରିତ୍ରୀ ସହ ସାକ୍ଷାତ୍‌କାର ବେଳେ ବଖାଣିଛନ୍ତି ଓଡ଼ିଶାକୁ ନିଜ ବାନ୍ଧକଳା ମାଧ୍ୟମରେ ସାରା ବିଶ୍ୱରେ ପରିଚିତ କରାଇଥିବା ପଦ୍ମଶ୍ରୀ ଡ. ଚତୁର୍ଭୁଜ ମେହେର।**



ଶିଳ୍ପଗୁରୁ ପଦ୍ମଶ୍ରୀ ଚତୁର୍ଭୁଜ ମେହେର
ଖ୍ୟାତିସମ୍ପନ୍ନ ବାନ୍ଧଶିଳ୍ପୀ ତଥା ମେହେର୍ସ ପ୍ରତିଷ୍ଠାତା

**▸▸ ବୃତ୍ତି ଓ ବ୍ରତକୁ କିଭଳି ଭାବେ ପାଳନ କରିଥିଲେ?**

ପରିବାରଠୁ ପରିଜନ ସମସ୍ତେ ଲୋକକଳା ସହ ଜଡ଼ିତ ଥିଲେ। ସେତେବେଳେ ହସ୍ତତନ୍ତ ବସ୍ତ୍ରର ଚାହିଦା ନ ଥିଲେ ମଧ୍ୟ ମନରେ ଅନେକ ଆଗ୍ରହ ଥିଲା। ସେହି ଆଗ୍ରହରୁ ଜନ୍ମ ନେଇଥିଲା ଉଦ୍ଦୀପନା। କୌଣସି କାମ ଛୋଟ ନୁହେଁ କିମ୍ବା କେଉଁ ଶିକ୍ଷାର ମୂଲ୍ୟ ମଧ୍ୟ ବେକାର ଯାଏନାହିଁ। ପରିବାରଠାରୁ ମିଳିଥିବା ଶିକ୍ଷାକୁ ବ୍ରତ ଭାବେ ଗ୍ରହଣ କରି ଆଗେଇଚାଲିଥିଲି। ଇତିମଧ୍ୟରେ ସରକାରଙ୍କ ପକ୍ଷରୁ ଏକ ବୃତ୍ତି (ଚାକିରି) ମିଳିଗଲା। ଉଭୟ ବୃତ୍ତି ଓ ବ୍ରତକୁ ସମ ପରିମାଣରେ ସମୟ ଦେବା କଷ୍ଟଦାୟକ ଥିଲେ ମଧ୍ୟ ପ୍ରୟାସ ଜାରି ରହିଥିଲା। ଏପରି କି ଶେଷ ପର୍ଯ୍ୟନ୍ତ ମଧ୍ୟ ସେହି ପ୍ରୟାସ ଜାରି ରହିଛି।

**▸▸ ସଫଳତା ଓ ସମ୍ମାନକୁ କିଭଳି ଦେଖିଥାନ୍ତି?**

ସଫଳତା ପାଇବାକୁ ହେଲେ ସ୍ୱପ୍ନ ଦେଖ। ହେଲେ ପରିଶ୍ରମ ଓ କର୍ମକୁ ମଧ୍ୟ ସେହି ଅନୁଯାୟୀ ଧ୍ୟାନଦେବାକୁ ଚେଷ୍ଟା କର। ନିଜ କର୍ମରେ ଆତ୍ମତୃପ୍ତି ନ ମିଳିଲେ ସଫଳତା ମଧ୍ୟ ବିଫଳତା ପାଲଟିଯାଏ। ଦୀର୍ଘ ବର୍ଷର ଶିକ୍ଷା ଓ ଅଭିଜ୍ଞତା ପରେ ସମ୍ମାନ ମିଳିଥିଲା। କର୍ମରେ ମନୋନିବେଶ କଲେ ସ୍ୱୀକୃତି ମିଳିଥାଏ। ଥରେ ପରିଚୟ ସୃଷ୍ଟି ହୋଇଗଲେ କର୍ମ ଅନୁସାରେ ସମ୍ମାନ ଓ ସଫଳତା ମିଳିଥାଏ। ଜୀବନର ଶେଷ ପାହାଚରେ ଥିଲେ ମଧ୍ୟ କର୍ମମୟ ଜୀବନ ମଧ୍ୟରେ ପଲ୍ଲୀଠାରୁ ନେଇ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ତା' ସହିତ ସମାଜର ଅନେକ ସାମାଜିକ ଅନୁଷ୍ଠାନ ଏପରି କି ସରକାରୀ ଓ ବେସରକାରୀ ସ୍ତରରେ ମଧ୍ୟ ଅନେକ ସଫଳତା ଓ ସମ୍ମାନରେ ସମ୍ମାନିତ ହୋଇଛି। ଉଭୟ ସଫଳତା ଓ ସମ୍ମାନକୁ ସମ ଦୃଷ୍ଟିରେ ଦେଖିଥାଏ। ହେଲେ କେବେ ସମ୍ମାନ ପଛରେ ଗୋଡ଼ାଇ ନାହିଁ। ସଫଳତା ପାଇଁ ସବୁ ସ୍ତରରେ କଠିନ ପରିଶ୍ରମର ଫଳ ମିଳିଛି।

**▸▸ ବୟନ ବିହାରରୁ ମେହେର୍ସ ଭଳି ବସ୍ତ୍ରାଳୟର ଯାତ୍ରା କିଭଳି ରହିଛି?**

ବାପାଙ୍କ ଇଚ୍ଛା ଥିଲା ଶିକ୍ଷା କେନ୍ଦ୍ରଟିଏ କରି ସ୍ଥାନୀୟ ପିଲା ଓ ଆଗ୍ରହୀ କାରିଗରଙ୍କୁ ହସ୍ତତନ୍ତର ଅଠୁଲ ଶିଖାଇବା। ବାପାଙ୍କଠାରୁ ମିଳିଥିବା ଶିକ୍ଷାକୁ ନେଇ ତାଙ୍କ ଆଶା ପୂରଣ କରିବା ପାଇଁ ସୋନପୁରରେ ବୟନ ବିହାର ନାମରେ ଏକ ହସ୍ତତନ୍ତ ପ୍ରଯୋଗଶାଳା ସହ ବାଣିଜ୍ୟିକ କେନ୍ଦ୍ରସ୍ଥଳୀର ଆରମ୍ଭ କରାଯାଇଥିଲା। ବୟନ ବିହାର ଯାତ୍ରା ଓ ପରିକଳ୍ପନା ଧୀରେ ଧୀରେ ଅଗ୍ରସର ହେବା ସହ ଆଉ କିଛି ନୂଆ କରିବାର ଆଶା ନେଇ ୨୦୦୧ରେ ଭୁବନେଶ୍ୱରରେ ମେହେର୍ସ ନାମରେ ସ୍ୱତନ୍ତ୍ର ହସ୍ତତନ୍ତ ବସ୍ତ୍ରାଳୟର ଶୁଭାରମ୍ଭ କରାଯାଇଥିଲା। ବୟନ ବିହାରର କଳା, କାରିଗର ଓ ଶିକ୍ଷାରୁ ଉତ୍ପାଦିତ ସାମଗ୍ରୀଗୁଡ଼ିକର କାରବାର ମେହେର୍ସ ଜରିଆରେ କରାଗଲା। ସେହିଭଳି ସୁବର୍ଣ୍ଣପୁର ସମେତ ଅନ୍ୟ ଜିଲାର ଲୋକକଳା ହସ୍ତତନ୍ତ ପୋଷାକ ସାମଗ୍ରୀର ମଧ୍ୟ ସମ୍ଭାର ଓ ଉପଲବ୍ଧ କରାଇବା ଦିଗରେ ପ୍ରୟାସ ରହିଲା।

**▸▸ ପରିବାର ଓ ପ୍ରତିଷ୍ଠାନକୁ କିଭଳି ପରିଚାଳନା କରୁଥିଲେ ?**

ପରିବାର କହିଲେ ମୁଁ ସବୁ ଓ ସମସ୍ତଙ୍କୁ ଭାବୁଥିଲି। ହେଲେ ପରିବାରକୁ ପରିବାର ସ୍ଥାନରେ ଓ ପ୍ରତିଷ୍ଠାନକୁ ତା' ସ୍ଥାନରେ ରଖି କାର୍ଯ୍ୟ କରୁଥିଲି। ଉଭୟ ମଧ୍ୟରେ ସମାନତା ଓ ସମଭାବନା ରଖିଆସିଥିଲି। ମୋତେ ଆବଶ୍ୟକ ସହଯୋଗ ମିଳିଥିବାରୁ ପରିବାର ଓ ପ୍ରତିଷ୍ଠାନକୁ ଅତି ସହଜରେ ଦୀର୍ଘ ବର୍ଷ ଧରି ଚଳାଇଆସିଛି। ବୟସାଧିକ କାରଣରୁ ମୋ ପୁଅ ଓ ଅନ୍ୟମାନେ ଦେଖାଦେଖି କରୁଛନ୍ତି। ତଥାପି ମୁଁ ସବୁ କଥା ପଚାରି ବୁଝିଛୁ। ନୀତି ନିୟମ ଓ ଧର୍ମରେ ରହି କାର୍ଯ୍ୟ ସମ୍ପାଦନ କରୁଥିବି।

**▸▸ ପଦ୍ମଶ୍ରୀ ପାଇବାର ଖୁସି କିଭଳି ରହିଥିଲା?**

ସମ୍ମାନ ସବୁବେଳେ ଖୁସି ଦେଇଥାଏ ହେଲେ ଯେଉଁ ସମ୍ମାନ ତମ କର୍ମକୁ ପରିଚୟ ଦେଇଥାଏ ସେ ସମ୍ମାନ ଟିକେ ଅଲଗା ଧରଣର ଖୁସି ଦେଇଥାଏ। ସବୁଠାରୁ ବଡ କଥା ହେଉଛି ଭାରତ ରତ୍ନ ଭାବେ ପରିଚିତ ଡଃ ଅବଦୁଲ କଲାମ ସେ ସମୟରେ ରାଷ୍ଟ୍ରପତି ଥାନ୍ତି। ୨୦୦୫ରେ କେନ୍ଦ୍ର ସରକାର କଳା ପାଇଁ ମୋତେ ପଦ୍ମଶ୍ରୀ ଦେବେ ବୋଲି ନିଷ୍ପତ୍ତି ନେଇ ଏକ ଚିଠି ମୋ ଠିକଣାରେ ପଠାଇଥିଲେ। ପଦ୍ମଶ୍ରୀ ପୁରସ୍କାର ମିଳିବା ଖବର ଯେତିକି ଖୁସି ଦେଇଥିଲା ତା' ଠାରୁ ବେଶି ଖୁସି ମୋ କର୍ମକୁ ଏବଂ ଅବଦୁଲ କଲାମଙ୍କ ଭଳି ମହାପୁରୁଷଙ୍କ ଠାରୁ ଉକ୍ତ ସମ୍ମାନ ମିଳିବା।

**▸▸ କାରିଗର ଓ ଯୁବପିଢ଼ିଙ୍କୁ ହସ୍ତତନ୍ତ ସମ୍ପର୍କରେ କ'ଣ କହିବେ ?**

ଆମ ସମୟରେ ପିଢ଼ି ପରେ ପିଢ଼ି କଳା ଓ କୌଳିକ ବୃତ୍ତିକୁ ଧରି ରହୁଥିଲେ। ହେଲେ ବର୍ତ୍ତମାନ ଯୁଗ ପରିବର୍ତ୍ତନ ହେବା ସହ ସମୟ ସହ ତାଳ ଦେଇ ପିଲା ଆଗକୁ ବଢ଼ୁଛନ୍ତି। ତଥାପି କେତେଜଣ ପିଲା କୌଳିକ ବୃତ୍ତିକୁ ବଞ୍ଚାଇରଖିବାକୁ ଉଦ୍ୟମ କରୁଛନ୍ତି। ଯୁବପିଢ଼ି ନିଜ ପରିବାର ଓ ପରିବେଶର ପରିଚୟକୁ ବଞ୍ଚାଇ ରଖିବାକୁ ପ୍ରୟାସ କରିବା ଆବଶ୍ୟକ। କଳାକୁ ଭଲ ପାଉଥିବା ପିଲା ଓ କାରିଗରଙ୍କୁ ଆହୁରି ଅନେକ କିଛି କରିବାକୁ ହେବ। ଫଳରେ ଉଭୟ କଳା ଓ କୌଳିକ ବୃତ୍ତି ଆଗକୁ ବଢ଼ିବା ସହ ପରିଚୟ ମଧ୍ୟ ସୃଷ୍ଟି କରାଯାଇପାରିବ।

**▸▸ ହସ୍ତତନ୍ତ ପୋଷାକର ଚାହିଦା କିଭଳି ରହିଛି?**

ଯେଉଁମାନେ ହସ୍ତତନ୍ତ ପୋଷାକ ପରିଧାନ କରିଛନ୍ତି ସେମାନେ ହିଁ ଜାଣିଛନ୍ତି ଏହାର ଉପାଦେୟତା। ବିଶେଷକରି ଯୁବବର୍ଗ ଓ ବୟସ୍କଙ୍କ ମଧ୍ୟରେ ଏହାର ଚାହିଦା ରହିଛି। ହେଲେ ଏହାର ପ୍ରଚାର ଓ ପ୍ରସାର ସାଙ୍ଗକୁ ଉତ୍ପାଦନ ଲାଗି ସରକାରଙ୍କ ସହଯୋଗ ରହିଲେ ହସ୍ତତନ୍ତ ପୋଷାକର ଡିମାଣ୍ଡ ବଢ଼ିବ ଏବଂ ଏକ ସ୍ୱତନ୍ତ୍ର ପରିଚୟ ମଧ୍ୟ ସୃଷ୍ଟି କରିବ। ଏଭଳି ପୋଷାକ ଉଭୟ ଦେହ ଓ ପରିବେଶ ପାଇଁ ବେଶ୍ ଅନୁକୂଳ।

# ମୂଳରୁ ଚିହ୍ନଟ ହେଲେ କର୍କଟ ନିରାକରଣ ସମ୍ଭବ

**ଉନ୍ନତ ଚିକିତ୍ସା ପ୍ରଣାଳୀ ଓ ନିରବଚ୍ଛିନ୍ନ ସେବା ସହିତ ରୋଗୀଙ୍କୁ ଆଦର ଦ୍ୱାରା କର୍କଟ ଭଳି ଅସାଧ ରୋଗର ଉପଶମ ସମ୍ଭବ ହେଉଛି। ରୋଗୀଙ୍କୁ ସୁସ୍ଥ କରିବା ପାଇଁ ଗୋଟିଏ ଛାତ ତଳେ ଚିକିତ୍ସା, ନିରୂପଣ ଓ ସଚେତନତା ଯୋଗାଇଦେଇଥାଏ ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲ। ନିଜ ବୃତ୍ତିଗତ ଜୀବନ ଓ କ୍ୟାନ୍‌ସର ରୋଗର ଚିକିତ୍ସା ସମ୍ପର୍କରେ ଧରିତ୍ରୀକୁ ସାକ୍ଷାତ୍‌କାର ବେଳେ ଅନେକ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି ହସ୍ପିଟାଲର ନିର୍ଦ୍ଦେଶକ ତଥା କର୍କଟ ବିଶେଷଜ୍ଞ ପ୍ରଫେସର ଡାକ୍ତର କୃପାସିନ୍ଧୁ ପଣ୍ଡା।**



ପ୍ରଫେସର ଡାକ୍ତର କୃପାସିନ୍ଧୁ ପଣ୍ଡା
ନିର୍ଦ୍ଦେଶକ, ଏଚ୍‌ସିଜି ପଣ୍ଡା କ୍ୟାନ୍‌ସର ହସ୍ପିଟାଲ

**❖ ନିପଟ ଗ୍ରାମାଞ୍ଚଳର ଏକ ମଧ୍ୟବିତ୍ତ ପରିବାରରେ ଜନ୍ମ ହୋଇ ବି କିଭଳି ଡାକ୍ତରୀ ଶିକ୍ଷା ସୁବିଧା ପାଇଥିଲେ?**

ପିଲାବେଳୁ ସମାଜସେବା ପ୍ରତି ମୋର ମନ ଥିଲା। ରେଭେନ୍‌ଶାରୁ ବିଜ୍ଞାନ ପାସ୍ କରିବା ପରେ ଡାକ୍ତରୀ ଶିକ୍ଷା ପାଇଁ ସ୍ଥିର କରିଥିଲି। ସେ ସମୟରେ ମାର୍କ ବେସିସ୍‌ରେ ସିଲେକ୍ସନ ହେଉଥିଲା ଏବଂ ଭଲ ମାର୍କ ରଖିଥିବାରୁ ୧୯୬୪ରେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲ କଲେଜରେ ପଢ଼ିବାର ସୁଯୋଗ ମିଳିଥିଲା। ଶଲ୍ୟ ଚିକିତ୍ସାରେ ସମ୍ମାନର ସହ ଉତ୍ତୀର୍ଣ୍ଣ ହୋଇଥିଲି।

**❖ ଆପଣଙ୍କ ବୃତ୍ତିଗତ ଜୀବନ କିଭଳି ଥିଲା?**

ସୁଦୂର ଫୁଲବାଣୀରେ ଟିବି ଡାକ୍ତର ଭାବରେ ବୃତ୍ତିଗତ ଜୀବନ ଆରମ୍ଭ ହୋଇଥିଲା। ପରେ ବଦଳି ହୋଇ ଏସ୍‌ସିବି ମେଡିକାଲ୍ କଲେଜର ଆନାଟୋମି ଶିକ୍ଷକ ଭାବରେ ଯୋଗଦେଇଥିଲି। ଶଲ୍ୟ ଚିକିତ୍ସାରେ ସ୍ନାତକୋତ୍ତର ପାସ୍ କରିବା ପରେ ୧୯୬୯ ମସିହାରେ କ୍ୟାନ୍‌ସର ବିଶେଷଜ୍ଞ ଭାବରେ କର୍ମଜୀବନ ଆରମ୍ଭ କଲି। ପରବର୍ତ୍ତୀ ସମୟରେ ଟାଟା ମେମୋରିଆଲ୍ କଲେଜରେ କର୍କଟ ପ୍ରଶିକ୍ଷଣ ନେଲି ଏବଂ ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ ସମ୍ମିଳନୀରେ ଯୋଗଦେଇ ବିଶେଷ ଜ୍ଞାନ ଆହରଣର ସୁଯୋଗ ମିଳିଥିଲା। ରିସର୍ଚ୍ଚ କାମ ପାଇଁ ଆମେରିକାରୁ ଫେଲୋଶିପ୍ ପାଇ ନ୍ୟୁୟର୍କସ୍ଥିତ ପ୍ରଥମ କ୍ୟାନ୍‌ସର ହସ୍ପିଟାଲ୍‌ରେ ଯୋଗଦେଇ ପାରଦର୍ଶିତା ଲାଭ କରିଥିଲି।

**❖ ପଣ୍ଡା କ୍ୟାନ୍‌ସର ହସ୍ପିଟାଲ କିପରି ପ୍ରତିଷ୍ଠା ହେଲା?**

କର୍କଟ ରୋଗୀମାନଙ୍କୁ ନିରନ୍ତର ସେବା ଯୋଗାଇଦେବା ଲକ୍ଷ୍ୟରେ ୧୯୯୬ରେ ସରକାରୀ ଚାକିରି ଛାଡ଼ି କଟକ କେଶରପୁରରେ ପଣ୍ଡା କ୍ୟାନ୍‌ସର ହସ୍ପିଟାଲ୍ ଆରମ୍ଭ କରିଥିଲି। ଏଠାରୁ ମିଳୁଥିବା ଚିକିତ୍ସା ଓ ସେବା ଦ୍ୱାରା ହସ୍ପିଟାଲ ପ୍ରତି କ୍ରମଶଃ ଲୋକଙ୍କର ଆସ୍ଥା ଓ ବିଶ୍ୱାସ ବଢ଼ିଥିଲା। ତେଣୁ ୨୦୦୦ ମସିହାରେ କଟକର ତେଲେଙ୍ଗାପେଣ୍ଠରେ ଏକ ବଡ଼ ତଥା ଉନ୍ନତ ହସ୍ପିଟାଲ୍ ଆରମ୍ଭ ହୋଇଥିଲା। ଏହାପରେ ୨୦୦୫ରେ ଏଚ୍‌ସିଜି ଗ୍ରୁପ୍ ଜାତୀୟ ସ୍ତରରେ ବେଙ୍ଗାଲୁରୁସ୍ଥିତ କର୍କଟ ଚିକିତ୍ସା ସଂସ୍ଥା ସହ ଅନୁବନ୍ଧିତ ହେଲା।

**❖ ରାଜ୍ୟରେ କର୍କଟ ରୋଗର ସ୍ଥିତି କ'ଣ ରହିଛି?**

ଓଡ଼ିଶାରେ ମୁଖ୍ୟତଃ ମୁଖଗହ୍ୱର, ସ୍ତନ ଓ ସର୍ଭାଇକାଲ୍ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି। ଏହି ପ୍ରକାରର କର୍କଟ ରୋଗୀ ରାଜ୍ୟରେ ୫ ଲକ୍ଷରୁ ଅଧିକ ଥିବା ଆକଳନ କରାଯାଉଛି। ଗ୍ରାମାଞ୍ଚଳର ୪୧% ଓ ସହରାଞ୍ଚଳର ୨୬% ଲୋକ ଗୁଟ୍‌ଖା, ଖଇନି, ପାନ ମସଲା ସେବନ କରୁଥିବାରୁ କର୍କଟର ଭୟାବହତା ବଢ଼ୁଛି।

**❖ କର୍କଟ ରୋକିବା ପାଇଁ କି ପଦକ୍ଷେପ ନେବା ଆବଶ୍ୟକ?**

ଯୁବବର୍ଗ ନିକୋଟିନ୍ ଜାତୀୟ ସାମଗ୍ରୀ ବ୍ୟବହାର କରୁଛନ୍ତି। ମହିଳାମାନେ କର୍କଟ ସଚେତନତାର ଅଭାବ ଓ ଲଜ୍ଜା ଯୋଗୁ ଡାକ୍ତରଙ୍କ ପରାମର୍ଶ ନ କରିବା ହେତୁ ସମସ୍ୟା ବଢ଼ିଚାଲିଛି। ସରକାରଙ୍କ ପକ୍ଷରୁ ଗୁଟ୍‌ଖା, ତମାଖୁ, ପାନମସଲା, ସିଗାରେଟ୍ ଭଳି ନିକୋଟିନ୍ ଜାତୀୟ ପଦାର୍ଥର ବ୍ୟବହାର, ବିପଣନ ଓ ପ୍ରସ୍ତୁତି ଉପରେ ନିଷେଧାଦେଶ ଜାରି କରାଯାଇଥିଲେ ମଧ୍ୟ ଏହାକୁ କଡ଼ାକଡ଼ି ଭାବେ ପାଳନ କରାଯାଉନାହିଁ। ସରକାରୀ ଓ ବେସରକାରୀ ସ୍ତରରେ କର୍କଟ ସଚେତନତା ଆନ୍ଦୋଳନକୁ ଜୋର୍‌ଦାର କରାଯିବା ଆବଶ୍ୟକତା ରହିଛି।

**❖ ରାଜ୍ୟବାସୀଙ୍କୁ କି ପରାମର୍ଶ ଦେବେ?**

ମୁଖ୍ୟତଃ କର୍କଟ ସୃଷ୍ଟିକାରୀ ସାମଗ୍ରୀର ବ୍ୟବହାରକୁ ନିଷେଧ କିମ୍ବା କମ୍ କରନ୍ତୁ। ପନିପରିବା ଓ ଖାଦ୍ୟଶସ୍ୟ ଉତ୍ପାଦନରେ ମାତ୍ରାଧିକ ସାର ତଥା କୀଟନାଶକର ପ୍ରୟୋଗ କ୍ଷତିକାରକ ହୋଇଥାଏ। ବର୍ତ୍ତମାନ ହରମୋନ୍‌ର ପ୍ରୟୋଗ ମଧ୍ୟ କର୍କଟର ଅନ୍ୟ ଏକ କାରଣ ସାଜିଛି। ତେଣୁ ଜୀବନଶୈଳୀରେ ପରିବର୍ତ୍ତନ ସହ ଅତ୍ୟାଧୁନିକ ଫାଷ୍ଟଫୁଡ୍ ଓ ରଙ୍ଗଦିଆ ଖାଦ୍ୟର ବହୁଳ ପ୍ରଚଳନଠାରୁ ଦୂରରେ ରହିଲେ ଆମେ କ୍ୟାନ୍‌ସରକୁ ହରାଇପାରିବା।

**❖ କର୍କଟ ରୋଗୀଙ୍କୁ କି ଉପଦେଶ ଦେବେ?**

କର୍କଟ ରୋଗ ପ୍ରାଥମିକ ସ୍ତରରେ ଚିହ୍ନଟ ହୋଇପାରିଲେ ଏହାର ନିରାକରଣ ସମ୍ଭବ। ଏଥିପାଇଁ ଶଲ୍ୟ, ଭେଷଜ ଏବଂ ବିକିରଣ ଚିକିତ୍ସା ଯଥାବିଧି କରାଯିବା ଉଚିତ। ରୋଗୀଙ୍କ ପାଇଁ ରହିବା, ଖାଇବା ବ୍ୟବସ୍ଥା ସହ ସେମାନଙ୍କ ସେବା କରିବା ଜରୁରୀ। ଆନନ୍ଦଦାୟକ ପରିବେଶ ଓ ଦୃଢ଼ ମନୋବଳ ରୋଗର ଚିକିତ୍ସାକୁ ଅଧିକ ପ୍ରଭାବୀ କରାଇଥାଏ। ତେଣୁ ପରିବାର ଲୋକେ ସେମାନଙ୍କୁ ଖୁସି ରଖିବାକୁ ଚେଷ୍ଟା କରିବା ସହିତ ଜୀବନ ଯାତ୍ରାରେ ଉତ୍ସାହିତ କରିବା ଆବଶ୍ୟକ।

# ୨୦୨୪ ସୁଦ୍ଧା କାର୍ଯ୍ୟକ୍ଷମ ହେବ ତାଳଚେର ସାର କାରଖାନା

ନୂଆଦିଲ୍ଲୀ,୨୯।୩: ତାଳଚେର ସାର କାରଖାନା ଅନ୍ୟୂନ ବର୍ଷେ ବିଳମ୍ବରେ କାର୍ଯ୍ୟକ୍ଷମ ହେବ ବୋଲି ମଙ୍ଗଳବାର ରାଜ୍ୟ ସଭାରେ କେନ୍ଦ୍ର ରସାୟନ ଓ ସାର ମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ସୂଚନା ଦେଇଛନ୍ତି। ବିଜେଡି ସଦସ୍ୟ ସସ୍ମିତ ପାତ୍ରଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ, ଏହି ପ୍ଲାଣ୍ଟ ୨୦୨୩ ସେପ୍ଟେମ୍ବରରେ କାର୍ଯ୍ୟକ୍ଷମ କରିବାକୁ ସ୍ଥିର କରାଯାଇଥିଲା। କିନ୍ତୁ କୋଭିଡ୍-୧୯ ମହାମାରୀ ଯୋଗୁ ଏହା ବର୍ଷେ ବିଳମ୍ବିତ ହୋଇଛି। ୨୦୨୪ ସେପ୍ଟେମ୍ବରରେ ତାଳଚେର ଫର୍ଟିଲାଇଜର ଲିମିଟେଡ୍ (ଟିଏଫ୍‌ଏଲ୍) କାର୍ଯ୍ୟକ୍ଷମ ହୋଇପାରେ। ତେବେ ମୋଟାମୋଟି ଭାବେ ୨୦୨୨ ଫେବୃୟାରୀ ସୁଦ୍ଧା କାର୍ଯ୍ୟରେ ୨୦.୮୪% ଅଗ୍ରଗତି ହୋଇଛି। ଟିଏଫ୍‌ଏଲ୍ କାର୍ଯ୍ୟକ୍ଷମ ହେଲେ ଦେଶର ପୂର୍ବାଞ୍ଚଳରେ ଚାଷୀଙ୍କୁ ସାର ପ୍ରଦାନ ତ୍ୱରାନ୍ୱିତ ହେବା ସହ ୟୁରିଆ ଯୋଗାଣ କ୍ଷେତ୍ରରେ ପରବହନ ଖର୍ଚ୍ଚ କମିବ। ଫଳରେ ବାର୍ଷିକ ୧୨.୭ ଲକ୍ଷ ମେଟ୍ରିକ୍ ଟନ୍ ୟୁରିଆ ଆମଦାନୀ ହ୍ରାସ ପାଇବ ବୋଲି ମାଣ୍ଡବ୍ୟ ପ୍ରକାଶ କରିଛନ୍ତି।

# ସମ୍ବଲପୁରୀକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କର

**ଲୋକ ସଭାରେ ଭାଜପାର ଦାବି**

ନୂଆଦିଲ୍ଲୀ,୨୯।୩: ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରିବା ପାଇଁ ମଙ୍ଗଳବାର ଭାଜପା ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯାଇଛି। ଲୋକ ସଭା ଶୂନ୍ୟକାଳରେ ବରଗଡ଼ର ଭାଜପା ଏମ୍‌ପି ସୁରେଶ ପୂଜାରୀ ଏହି ପ୍ରସଙ୍ଗ ଉଠାଇ କହିଥିଲେ, ସମ୍ବଲପୁରୀ ଏକ ପ୍ରାଚୀନ ତଥା ବିଜ୍ଞାନ ଆଧାରିତ ଭାଷା, ଯାହାର ନିଜସ୍ୱ ବ୍ୟାକରଣ, ଶବ୍ଦାବଳୀ ଓ ସାହିତ୍ୟ ରହିଛି। ରାମାୟଣ, ମହାଭାରତ, ଶ୍ରୀମଦ୍‌ଭଗବତଗୀତା ଓ ଅନ୍ୟ ଧର୍ମୀୟ ପୁସ୍ତକଗୁଡ଼ିକ ଏହି ଭାଷାରେ ଅନୁଦିତ ହୋଇଛି। ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ ଓ ଅନ୍ୟ କେତେକ ରାଜ୍ୟରେ ୧.୫ କୋଟିରୁ ଊର୍ଦ୍ଧ୍ୱ ଲୋକ ସମ୍ବଲପୁରୀ ଭାଷା କହିଥାଆନ୍ତି। କେନ୍ଦ୍ର ସରକାର ସମ୍ବଲପୁରୀ କବି ହଳଧର ନାଗ ଓ କଣ୍ଠଶିଳ୍ପୀ ଜିତେନ୍ଦ୍ର ହରିପାଳଙ୍କୁ ପଦ୍ମଶ୍ରୀ ଉପାଧି ପ୍ରଦାନ କରିବା ଏହି ଭାଷାକୁ ସ୍ୱତଃ ଏକ ସ୍ୱୀକୃତି। ତେଣୁ ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ ପୂର୍ବରୁ ଆମେ ଅନେକ ଥର ଅନୁରୋଧ କରିଛୁ। ଏବେ ସେହି ଅନୁରୋଧକୁ ପୁଣି ଦୋହରାଉଛି ବୋଲି ସୁରେଶ କହିଛନ୍ତି।

**ନୋଟିସ୍**

ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଭୁବନେଶ୍ୱର ମଦନପୁର ମୌଜାସ୍ଥିତ ପ୍ଲଟ ନଂ- ୩୦୬/୧୨୭୩, ୩୦୭, ୩୦୮, ୩୧୧, ୩୧୨, ୩୧୩, ୩୧୪, ୩୧୫, ୩୧୬ ଓ ୩୧୭ ରେ ଆମ୍ଭର ଏକ ବାସଗୃହ ପ୍ରକଳ୍ପ ଭାରତ ସରକାରଙ୍କ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦନ ଲାଭ କରିଅଛି। ଏ ସମ୍ପର୍କିତ ଚିଠିର ନକଲ ଗୁଡ଼ିକ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼ରେ ଉପଲବ୍ଧ ଅଛି। ଏତଦ୍ ବ୍ୟତିତ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ୱେବ୍‌ସାଇଟ୍: **http://www.envfor.nic.in** ରେ ଉପଲବ୍ଧରେ ଅଛି।

**ଆମ ଠିକଣା**
ଡି.ଏନ୍.ହୋମସ୍ (ପ୍ରା) ଲିଃ., ପ୍ଲଟ ନଂ-୧୫, ଭିଆଇପି କଲୋନି, ନୂଆପଲ୍ଲି, ଭୁବନେଶ୍ୱର-୭୫୧୦୧୫

# ନିଶା ନିବାରଣ କେନ୍ଦ୍ରକୁ ନେବା ବାଟରେ ଯୁବକଙ୍କୁ ହତ୍ୟା

- ମୃତଦେହକୁ ଟାୟାର ଜାଳି ପୋଡ଼ିଦେଲେ
- ତଥ୍ୟ ଲୁଚାଇବା ଅଭିଯୋଗରେ ୨ ଗିରଫ

ବାରିପଦା ଅଫିସ,୨୯।୩: ମୟୂରଭଞ୍ଜ ଜିଲା ଯଶିପୁର ଥାନା ଅଞ୍ଚଳର ଏକ ଜଙ୍ଗଲରୁ ଜନୈକ ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଅଭିଯୁକ୍ତମାନେ ଉକ୍ତ ଯୁବକଙ୍କୁ ନିଶା ନିବାରଣ କେନ୍ଦ୍ରକୁ ନେଉଥିବା ବେଳେ ବାଟରେ ହତ୍ୟା କରି ତଥ୍ୟ ଲୁଚାଇବା ପାଇଁ ଟାୟାର ଜାଳି ପୋଡ଼ି ଦେଇଥିଲେ। ଜଙ୍ଗଲରେ ଅର୍ଦ୍ଧଦଗ୍ଧ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ପହଞ୍ଚି ତଦନ୍ତ ଚଳାଇ ଦୁଇ ଅଭିଯୁକ୍ତଙ୍କୁ ଗିରଫ ପରେ ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ କେନ୍ଦୁଝର ଟାଉନ ଥାନା ଅଞ୍ଚଳର ସତ୍ୟଜିତ ପାଢ଼ୀ(୩୪) ଓ ଘଟଗାଁ ଥାନା ଖୁଣ୍ଟା ଅଞ୍ଚଳର ସ୍ୱରୂପ ନାରାୟଣ ପଲେଇ(୨୭)। ଏ ସଂକ୍ରାନ୍ତରେ ଯଶୀପୁର ଥାନାରେ ଏକ ହତ୍ୟା ମାମଲା (ନଂ.୬୪/୨୨) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗତ ୨୪ତାରିଖରେ କେନ୍ଦୁଝର ଟାଉନ ଥାନା ରାଙ୍କି ଅଞ୍ଚଳର ଆଦିତ୍ୟ ସ୍ୱାଇଁ(୨୫)ଙ୍କୁ ସତ୍ୟଜିତ ଓ ନାରାୟଣ ବାରିପଦାସ୍ଥିତ ନିଶା ନିବାରଣ କେନ୍ଦ୍ରକୁ ଛାଡ଼ିବା ପାଇଁ ଯଶିପୁର ଦେଇ ଆସୁଥିଲେ। କୌଣସି କାରଣରୁ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଅଭିଯୁକ୍ତଦ୍ୱୟ ମାଡ଼ ମାରିବାରୁ ଘଟଣାସ୍ଥଳରେ ଆଦିତ୍ୟଙ୍କର ମୃତ୍ୟୁ ଘଟିଥିଲା। ତଥ୍ୟ ଲୁଚାଇବା ପାଇଁ ସେମାନେ ମୃତଦେହକୁ ରାସ୍ତା ପାର୍ଶ୍ୱ ଜଙ୍ଗଲରେ ଟାୟାର ଜାଳି ପୋଡ଼ି ଦେଇଥିଲେ। ଖବରପାଇ ପୋଲିସ ମୃତଦେହ ଜବତ କରି ତଦନ୍ତ ଜାରି ରଖିଥିଲା।

## ବୁଲ୍ଲିବାଇ- ସୁଲି ଡିଲ୍ସ ଆପ୍ ନିର୍ମାତାଙ୍କୁ ଜାମିନ

ନୂଆଦିଲ୍ଲୀ,୨୯।୩: ଦିଲ୍ଲୀ କୋର୍ଟ ମଙ୍ଗଳବାର ବୁଲ୍ଲିବାଇ ଏବଂ ସୁଲି ଡିଲ୍ସ ଆପ୍ ନିର୍ମାତା ନୀରଜ ବିଷ୍ଣୋଇ ଓ ଓମ୍‌କାରେଶ୍ୱର ଠାକୁରଙ୍କ ଜାମିନ ମଞ୍ଜୁର କରିଛନ୍ତି। ମାନବିକତା ଆଧାରରେ କୋର୍ଟ ପକ୍ଷରୁ ଦୁଇ ଅଭିଯୁକ୍ତଙ୍କୁ ସର୍ତ୍ତମୂଳକ ଜାମିନ ମିଳିଛି। ସର୍ତ୍ତ ମୁତାବକ ଦୁଇ ଅଭିଯୁକ୍ତ ଦେଶ ଛାଡ଼ି ଯାଇପାରିବେ ନାହିଁ। ଆବଶ୍ୟକସ୍ଥଳେ କୋର୍ଟରେ ହାଜର ହେବା ପାଇଁ ଏଥିରେ ଉଲ୍ଲେଖ କରାଯାଇଛି। ବର୍ତ୍ତମାନ ସୁଦ୍ଧା ଉକ୍ତ ଘଟଣାରେ ୬ ଜଣଙ୍କୁ ଗିରଫ କରାଯାଇଛି।

**TPCODL**
**TP CENTRAL ODISHA DISTRIBUTION LIMITED**
(A Tata Power and Odisha Govt. Joint Venture)
2nd Floor, IDCO Tower, Janpath Bhubaneshwar, Odisha 751022, Odisha

**NOTICE INVITING TENDER**

TP Central Odisha Distribution Limited invites open tender from eligible Bidders for the following:

| Sl No | Tender Description | Tender Enquiry No. | Estimated Tender Cost (Rs.Cr.) | Tender Fee Incl. of GST(Rs.)* | EMD (Rs. Lakh)** | Last date for Payment of Tender Fee |
|---|---|---|---|---|---|---|
| 1 | Electrification of UEHHs by providing Service Connection under PMAY-G and BGJY schemes | TPCODL/P&S/ 1000000189/21-22 | 15.00 | 5,000 | 2.00 | 09.04.2022, 17:00Hrs |
| 2 | LT Augmentation Works for Providing Supply to UEHHs under PMAY-G and BGJY schemes on Turnkey Basis | TPCODL/P&S/ 1000000190/21-22 | 11.00 | 5,000 | 2.00 | 09.04.2022, 17:00Hrs |
| 3 | HT Augmentation Works for Providing Supply to UEHHs under PMAY-G and BGJY schemes on Turnkey Basis | TPCODL/P&S/ 1000000173/21-22 | 35.00 | 5,000 | 2.00 | 09.04.2022, 17:00Hrs |
| 4 | Hiring of Agency for Vehicle On Call Service | TPCODL/P&S/ 1000000191/21-22 | - | 5,000 | 1.00 | 09.04.2022, 17:00Hrs |
| 5 | Implementation of RTU based Automation for Conventional Substations (Phase-2) | TPCODL/P&S/ 1000000192/21-22 | - | 5,000 | 5.00 | 09.04.2022, 17:00Hrs |
| 6 | Procurement of Transformer Differential Relay | TPCODL/P&S/ 1000000193/21-22 | - | 5,000 | 0.50 | 09.04.2022, 17:00Hrs |

* MSMEs registered in the State of Odisha shall pay tender fee of Rs. 1,000/- including GST.
** EMD is exempted for MSMEs registered in the State of Odisha.
For further details of Tenders, please visit "Tender" section on TPCODL website https://tpcentralodisha.com.
Future communication/corrigendum to tender documents, if any, shall be available on website.

DSPL - 435

MOFPI
MINISTRY OF FOOD PROCESSING INDUSTRIES
GOVERNMENT OF INDIA
ଓଡ଼ିଶା ସରକାର
APICOL
PMFME

# ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗ ସଙ୍ଗଠୀକରଣ ଯୋଜନା (ପି.ଏମ.ଏଫ୍.ଏମ୍.ଇ.)

ଅଣସଂଗଠିତ ଅଣୁ ଖାଦ୍ୟ ପ୍ରକ୍ରିୟାକରଣ ଉଦ୍ୟୋଗଗୁଡିକୁ ସୁସଂଗଠିତ କରିବା ନିମନ୍ତେ ଏକ ବ୍ୟାଙ୍କ୍ ଋଣ ସଂଯୁକ୍ତ ପୁଞ୍ଜି ରିହାତି ଯୋଜନା

**ହିତାଧିକାରୀ**
ଖାଦ୍ୟ ପ୍ରକ୍ରିୟାକରଣ ସହ ଜଡିତ ଥିବା:
- ଏକକ ଉଦ୍ୟୋଗ
- ସ୍ୱୟଂ ସହାୟକ ଗୋଷ୍ଠୀ
- କୃଷକ ଉତ୍ପାଦକ ସଂଘ
- ସମବାୟ ସଂଘ





**ପାଉଥିବା ସୁବିଧା**

୧. ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ/ସଦସ୍ୟାଙ୍କ ପାଇଁ ୪୦୦୦୦ ଟଙ୍କା ପର୍ଯ୍ୟନ୍ତ ମୂଳ ପୁଞ୍ଜି ସହାୟତା।
୨. ଏକକ ଉଦ୍ୟୋଗମାନଙ୍କ ପାଇଁ ଯୋଗ୍ୟ ପୁଞ୍ଜି ନିବେଶର ୩୫% ରିହାତି (ସର୍ବାଧିକ ୧୦ ଲକ୍ଷ ପର୍ଯ୍ୟନ୍ତ)।
୩. ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଘ, ସମବାୟ ଇତ୍ୟାଦି ପାଇଁ ଯୋଗ୍ୟ ପୁଞ୍ଜି ନିବେଶର ୩୫% ରିହାତି।
୪. କମନ୍ ଇନ୍ କ୍ୟୁବେଶନ ସେଣ୍ଟର୍ ସୁବିଧା।
୫. ବ୍ରାଣ୍ଡିଂ ଓ ମାର୍କେଟିଂ ସହାୟତା।

OIPR-01046/13/0012/2122

ବିଶେଷ ବିବରଣୀ ନିମନ୍ତେ ନିଜ ଜିଲ୍ଲାର ଜିଲ୍ଲା ଶିଳ୍ପ କେନ୍ଦ୍ରରେ ସମ୍ପର୍କ କରନ୍ତୁ।

ହିତାଧିକାରୀମାନେ ଉପରୋକ୍ତ ସୁବିଧା ଲାଭ କରିବା ପାଇଁ http://pmfme.mofpi.gov.in/pmfme/#/Home-Page ୱେବ୍ ସାଇଟ୍ ରେ ଅନ୍ ଲାଇନ୍ ଆବେଦନ କରିବା ଜରୁରୀ।

ବିଶେଷ ସୂଚନା ନିମନ୍ତେ ଆମକୁ odishapmfme@gmail.com ରେ ଇ-ମେଲ୍ ଲେଖନ୍ତୁ।

ପ୍ରତ୍ୟେକ ବସ୍ତୁରେ, ପ୍ରତ୍ୟେକ କ୍ଷେତ୍ରରେ, ପ୍ରତିଟି ସଂପର୍କରେ ସତ୍ୟକୁ ପରିପୂର୍ଣ୍ଣ ଛନ୍ଦ ସହ ବିକଶିତ କରିବାକୁ ହେବ ଏବଂ ଜୀବନର ପ୍ରତିଟି ଗତିବୃତ୍ତି ସୌନ୍ଦର୍ଯ୍ୟ ଓ ସଂଗତିର ପ୍ରକାଶକ ହେବା ଉଚିତ। -ଶ୍ରୀମା

# ସ୍ମିଥ୍‌ଙ୍କ ଚାପୁଡ଼ା

ମାର୍ଚ୍ଚ ୨୮ରେ ଆମେରିକାର ଲସ୍ ଏଞ୍ଜେଲସରେ ୯୪ତମ ଓସ୍କାର ପୁରସ୍କାର ସମାରୋହରେ ଏକ ଅଜବ ସ୍ଥିତି ଉପୁଜିଥିଲା। ହଲିଉଡ୍‌ର ସର୍ବଶ୍ରେଷ୍ଠ ପୁରସ୍କାର ଓସ୍କାର କାର୍ଯ୍ୟକ୍ରମର ଉପସ୍ଥାପକ ତଥା କମେଡିଆନ କ୍ରିସ୍ ରକ୍‌ଙ୍କୁ ଚାପୁଡ଼ା ମାରିଥିଲେ ପ୍ରଖ୍ୟାତ ହଲିଉଡ ଅଭିନେତା ୱିଲ୍ ସ୍ମିଥ। ସୂଚନାଯୋଗ୍ୟ ଯେ, ଏହି ଘଟଣା ପରେ ସେହି ମଞ୍ଚରେ ସ୍ମିଥ ଶ୍ରେଷ୍ଠ ଅଭିନେତା ବର୍ଗରେ ଓସ୍କାର ପୁରସ୍କାର ପାଇଥିଲେ। ୱିଲ ସ୍ମିଥଙ୍କ ସ୍ତ୍ରୀ ଜେଡା ପିଙ୍କେଟ ସ୍ମିଥଙ୍କୁ ଥଟ୍ଟା କରିବା କାରଣରୁ ସ୍ମିଥ ଷ୍ଟେଜ ଉପରକୁ ଯାଇ କ୍ରିସ୍‌ଙ୍କୁ ଚାପୁଡା ମାରିଥିଲେ। ସ୍ମିଥଙ୍କର ଏଭଳି ଉଗ୍ର ଆଚରଣ ସମସ୍ତଙ୍କୁ ବିସ୍ମିତ କରିଥିଲା। ସ୍ମିଥଙ୍କୁ ଅଭିନେତା ଡାନିଏଲ କାଲ୍ୟୁୟା ବୁଝାଇବା ପରେ ସେ ଷ୍ଟେଜ୍‌କୁ ଯାଇ ଓସ୍କାର ଗ୍ରହଣ କରି ଧନ୍ୟବାଦ ଭାଷଣରେ ଏକାଡେମୀ ଓ ଉପସ୍ଥିତ ଅତିଥିଙ୍କୁ କ୍ଷମା ମାଗିଥିଲେ। ପୁରସ୍କାର ପ୍ରଦାନ କରୁଥିବା ଏକାଡେମୀ ଅଫ୍ ମୋସନ ପିକ୍‌ଚର ଆର୍ଟସ ଆଣ୍ଡ୍ ସାଇନସେସ୍ ପକ୍ଷରୁ ୱିଲ୍ ସ୍ମିଥଙ୍କ ମାଡ଼ ମାରିବାକୁ ନିନ୍ଦା କରାଯାଇଛି ଓ ଏକାଡେମୀ କୌଣସି ପ୍ରକାର ହିଂସାକୁ ସମର୍ଥନ କରେ ନାହିଁ ବୋଲି କହିଛି। ସୋସିଆଲ ମିଡ଼ିଆରେ ୱିଲ୍ ସ୍ମିଥ ଗୋଟିଏ ଦିନ ପରେ କ୍ରିସ୍‌ଙ୍କୁ କ୍ଷମା ମାଗିଛନ୍ତି ଏବଂ କହିଛନ୍ତି ଯେ, ହିଂସା ପାଇଁ ପୃଥିବୀରେ ସ୍ଥାନ ନାହିଁ ଓ ତାଙ୍କର ଆଚରଣ ଅକ୍ଷମଣୀୟ।

ଏହି ଘଟଣାକୁ ନେଇ ସୋସିଆଲ ମିଡିଆରେ ଝଡ଼ ସୃଷ୍ଟି ହୋଇଯାଇଛି। ଅନେକେ ସ୍ମିଥଙ୍କ ସପକ୍ଷରେ ଏବଂ ଆହୁରି ଅନେକ ତାଙ୍କ ବିପକ୍ଷରେ ମତ ଦେଇଛନ୍ତି। ସମାଲୋଚକଙ୍କ ଅନୁସାରେ ହିଂସା କେବେହେଲେ ସମାଧାନର ପନ୍ଥା ଆଣିପାରିବ ନାହିଁ। ଅନ୍ୟପଟେ ମତ ଆସିଛି ଯେ, କ୍ରିସ୍ ରକ୍‌ଙ୍କର ଥଟ୍ଟା ଅରୁଚିକର ଥିଲା। କାରଣ ଜେଡା ପିଙ୍କେଟ ସ୍ମିଥ୍‌ଙ୍କର ସ୍ୱାସ୍ଥ୍ୟ ଅବସ୍ଥାକୁ ଇଙ୍ଗିତ କରି କୁହାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଜେଡା ଆଲୋପେସିଆ ରୋଗରେ ଆକ୍ରାନ୍ତ, ଯେଉଁଥିରେ ମୁଣ୍ଡର ଚୁଟି ଝଡ଼ିଯାଇଥାଏ। ଏହି ରୋଗ ସମ୍ପର୍କରେ ଜେଡା ପୂର୍ବରୁ ଅନେକଥର ଖୋଲାଖୋଲି ଆଲୋଚନା କରିଛନ୍ତି।

**ଅନେକ ସମୟରେ ପ୍ରେମର ଦ୍ୱାହି ଦେଇ ଯେଉଁ ସବୁ ପଦକ୍ଷେପ ନିଆଯାଏ, ସେଗୁଡ଼ିକ ଅମାନୁଷିକ ହୋଇଥିବା ସତ୍ତ୍ୱେ ପ୍ରେମ ହୋଇଯାଏ ଢାଲ**

ବିଶ୍ୱବ୍ୟାପୀ ପ୍ରତ୍ୟେକ ସ୍ତ୍ରୀ ଓ ପୁରୁଷ ନିଜ ପରିବାର ପାଇଁ ସବୁକିଛି କରିବାକୁ ପ୍ରସ୍ତୁତ ଥାଆନ୍ତି। ନିଜ ପରିବାର ଲୋକଙ୍କୁ ଆଘାତ ଦେଲେ ସେଥିରେ ପ୍ରତିକ୍ରିୟା ଜନ୍ମିବା ଅସ୍ୱାଭାବିକ ନୁହେଁ। ତଥାପି ଓଡ଼ିଆରେ ଢଗ ଅଛି ‘ ସ୍ଥାନ କାଳ ପାତ୍ର’। ଏସବୁକୁ ଦେଖି ପ୍ରତିକ୍ରିୟା ପ୍ରକାଶ କରିବା ଉଚିତ। ଏହା କହିଦେବା ଅତ୍ୟନ୍ତ ସହଜ। କିନ୍ତୁ କ୍ରୋଧିତ ମଣିଷ ଅନ୍ଧ ହୋଇଯାଇଥାଏ। ହୁଏତ ସେଥିପାଇଁ ୱିଲ୍ ସ୍ମିଥ ମଧ୍ୟ କହିଛନ୍ତି ଯେ, ତାଙ୍କ ଅର୍ଦ୍ଧାଙ୍ଗିନୀଙ୍କ ପାଇଁ ପ୍ରେମ ତାଙ୍କୁ ସେହି ମୁହୂର୍ତ୍ତରେ ପାଗଳ କରିଦେଇଥିଲା। ଏଠାରେ ଉଲ୍ଲେଖ କରାଯାଇପାରେ ଯେ, କାହା ମୁହଁରେ ଏସିଡ୍ ମାଡ କରୁଥିବା ବ୍ୟକ୍ତି ପ୍ରେମରେ ଅନ୍ଧ ହୋଇ ଏଭଳି ଜଘନ୍ୟ କାର୍ଯ୍ୟ କରିଛନ୍ତି ବୋଲି କହିବାର ଅନେକ ଉଦାହରଣ ଅଛି। ଅନେକ ସମୟରେ ପ୍ରେମର ଦ୍ୱାହି ଦେଇ ଯେଉଁ ସବୁ ପଦକ୍ଷେପ ନିଆଯାଏ,ସେଗୁଡ଼ିକ ଅମାନୁଷିକ ହୋଇଥିବା ସତ୍ତ୍ୱେ ପ୍ରେମ ହୋଇଯାଏ ଢାଲ।

ୱିଲ୍ ସ୍ମିଥଙ୍କ ଚାପୁଡ଼ା ବିଶ୍ୱବ୍ୟାପୀ ବିଭିନ୍ନ ମତ ସୃଷ୍ଟି କରିଛି। ଅନେକଙ୍କ ମତରେ ନିଜ ପରିବାରର ସମ୍ମାନ ପାଇଁ ଛିଡା ହୋଇଥିବା ୱିଲ୍ ସ୍ମିଥ ଉଚିତ ପଦକ୍ଷେପ ନେଇଛନ୍ତି। ଏହି ଚିନ୍ତାଧାରାକୁ ଅନେକଙ୍କ ଦ୍ୱାରା ବିରୋଧ ମଧ୍ୟ କରାଯାଇଛି। ବିରୋଧୀଙ୍କ ମତରେ, ପୃଥିବୀରେ ଏବେ ସଂଘର୍ଷ ଏବଂ ଯୁଦ୍ଧ ଶୀର୍ଷରେ ପହଞ୍ଚିଛି। କେହି କାହାକୁ ମାନିବା ପାଇଁ ପ୍ରସ୍ତୁତ ହେଉନାହାନ୍ତି। ସେଭଳି ପ୍ରଚ୍ଛଦପଟରେ ୱିଲ୍ ସ୍ମିଥଙ୍କ ଦ୍ୱାରା ବ୍ୟକ୍ତିଗତ ହିଂସା ପ୍ରଦର୍ଶନ ସମସ୍ୟାକୁ ଅଧିକ ଜଟିଳ କରୁଛି। ସ୍ମିଥଙ୍କ ପ୍ରତିକ୍ରିୟା ବିଶ୍ୱବ୍ୟାପୀ ଏକ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଛି। ହାସ୍ୟ ଅଭିନେତାମାନେ ସବୁବେଳେ ସମାଜର କଦର୍ଯ୍ୟ ଭାଗକୁ ସାମ୍ନାକୁ ଆଣି ସେଥିରେ ସୁଧାର ପାଇଁ ଚେଷ୍ଟା କରିଥାଆନ୍ତି। ଅନେକ ସମୟରେ କୌତୂହଳରେ କୁହାଯାଉଥିବା ବିଷୟଟି ଅତ୍ୟନ୍ତ ଗଭୀର ଓ ମାରାତ୍ମକ ମଧ୍ୟ ହୋଇପାରେ। ସେହି ବିଷୟକୁ ପଦାରେ ପକାଇଲେ ପରିସ୍ଥିତିର ପରିବର୍ତ୍ତନ ଘଟେ ବୋଲି ଯେଉଁ ଚିନ୍ତାଧାରା ଆଧୁନିକ ଯୁଗରେ ସୃଷ୍ଟି ହୋଇଛି ତାହା ପ୍ରତି ୱିଲ୍ ସ୍ମିଥଙ୍କ ପ୍ରତିକ୍ରିୟା ବିପଦ ସୃଷ୍ଟି କରୁଛି। ଏବେ ସବୁ ଜାଗାରେ ହାସ୍ୟ ଅଭିନେତାମାନଙ୍କ ପ୍ରତି ବିପଦ ବଢିପାରେ। ତାଙ୍କର ପ୍ରତ୍ୟେକଟି କଥାରେ କେହି ନା କେହି ଉତ୍ତେଜିତ ହୋଇ ହିଂସା ଘଟାଇପାରନ୍ତି। ଶେଷରେ ଏହା କୁହାଯାଇପାରେ ଯେ, ହିଂସା ମାଧ୍ୟମରେ କୌଣସି ସମସ୍ୟାର ଦୀର୍ଘମିଆଦୀ ସମାଧାନ କରାଯାଇପାରେନାହିଁ।

# ବିଦ୍ୱେଷର ବିଷ ଓ ଶାନ୍ତିର ପାରିଜାତ



ଡ.ପ୍ରଫୁଲ୍ଲ କୁମାର ସାହୁ

ପ୍ରତିଟି ଦେଶର ସୁରକ୍ଷା ହିଁ ବିଶ୍ୱର ସୁରକ୍ଷା। ଘୋଷାପଦ ପରି ଏକଥା ବାରମ୍ବାର କହିହୁଅନ୍ତି ବୃହତ୍ ଶକ୍ତିମାନେ, ଯେଉଁମାନଙ୍କ ଅହଂ ଓ ରାଜନୈତିକ ପତିଆରା ପଶାପାଲିରେ ମୋହରା ହୋଇ ମାନବୀୟ ସଂକଟର ସମ୍ମୁଖୀନ ହୁଅନ୍ତି ୟୁକ୍ରେନ୍ ପରି ଦୁର୍ବଳ ରାଷ୍ଟ୍ର। ଇତି ମଧ୍ୟରେ ମାସାଧିକ କାଳ ବିତିଗଲାଣି, ୟୁକ୍ରେନ୍‌ରେ ଗର୍ଜୁଛି ରୁଷିଆର ବନ୍ଧୁକ ଓ କମାଣ। ଯୁଦ୍ଧ ବିଧ୍ୱସ୍ତ ୟୁକ୍ରେନ୍ ଆକାଶକୁ ଆଚ୍ଛାଦିତ କରି ରଖିଛି ଧୂଳି, ଧୂଆଁ ଓ ନିଆଁର ଆସ୍ତରଣ। ରୁଷିଆର ଘନ କ୍ଷେପଣାସ୍ତ୍ର ମାଡ଼ରେ ଧ୍ୱଂସ ସ୍ତୂପରେ ପରିଣତ ହେଲାଣି ୟୁକ୍ରେନ୍‌ର ରାଜଧାନୀ କିଭ୍ ତଥା ଅର୍ଥନୈତିକ ପ୍ରାଣକେନ୍ଦ୍ର ଖାର୍କିଭ ସହର। ପ୍ରାଣ ବିକଳରେ ବିଦେଶକୁ ଛୁଟିଛି ଶରଣାର୍ଥୀଙ୍କ ସୁଅ। ଶକ୍ତିଶାଳୀ ରାଷ୍ଟ୍ର ରୁଷିଆର ରାଷ୍ଟ୍ରପତି ଭ୍ଲାଡିମୀର ପୁଟିନଙ୍କ ଯୁଦ୍ଧଖୋର ମନୋଭାବ ପାଇଁ ହେଉ କି ଶାନ୍ତିପ୍ରିୟ ୟୁକ୍ରେନ୍‌ର ରାଷ୍ଟ୍ରପତି ଜେଲେନସ୍କିଙ୍କ ଅପରିପକ୍ୱତା କାରଣରୁ ହେଉ, ୟୁକ୍ରେନ୍ ଏବେ ନିଜ ଅସ୍ତିତ୍ୱକୁ ନେଇ ସନ୍ଦିହାନ।

ରୁଷିଆର ବିଭାଜନ ସହିତ ନବେ ଦଶକରେ ୟୁକ୍ରେନ୍ ଜନ୍ମ ନେବା ପରଠାରୁ ଦୁଇଦେଶ ମଧ୍ୟରେ ଚାଲିଛି ପ୍ରେମ ଓ ଘୃଣାର ଲୁଚକାଳି ଖେଳ। ରୁଷିଆ ରାଷ୍ଟ୍ରପତି ପୁଟିନଙ୍କ ମତରେ ୟୁକ୍ରେନ୍ ହେଉଛି ରୁଷିଆର ଅବିଚ୍ଛେଦ୍ୟ ଅଙ୍ଗ। ଅନ୍ୟପକ୍ଷରେ ରୁଷିଆର ଆଧିପତ୍ୟକୁ ଏଡ଼େଇବାକୁ ଯାଇ ନାଟୋ ଅନ୍ତର୍ଭୁକ୍ତ ହେବା ୟୁକ୍ରେନ୍‌ର ଲକ୍ଷ୍ୟ। ମାତ୍ର ତା’ର ନାଟୋ ଅନ୍ତର୍ଭୁକ୍ତ ହେବା ନିଷ୍ପତ୍ତି ଅନ୍ତରାଳରେ ରହିଛି ଆମେରିକାର ପ୍ରଚ୍ଛନ୍ନ ହାତ, ଯାହା ରୁଷିଆ ପାଇଁ ଚିନ୍ତାର କାରଣ। ଆନ୍ତର୍ଜାତିକ ମଞ୍ଚରେ ରୁଷିଆର ପ୍ରଭାବକୁ କ୍ଷୁଣ୍ଣ କରିବାକୁ ଚାହୁଁଥିବା ଆମେରିକାର କାର୍ଯ୍ୟକଳାପ ଉପରେ ସନ୍ଦେହ ପ୍ରକଟ କରିଆସୁଥିବା ରୁଷିଆ ଏଥିରେ କ୍ଷୁବ୍ଧହୋଇ ନିଷ୍ପତ୍ତି ବଦଳାଇବା ପାଇଁ ସେ ୟୁକ୍ରେନ୍ ଉପରେ ପକାଇଲା ଚାପ। ମାତ୍ର ଆମେରିକା ଇସାରାରେ ୟୁକ୍ରେନ୍ ନିଜ ନିଷ୍ପତ୍ତିରେ ଅଟଳ ରହିବାରୁ ସୃଷ୍ଟି ହେଲା ଯୁଦ୍ଧ ପରିସ୍ଥିତି। ଅର୍ଥାତ୍ ଦୁଇ ବୃହତ୍ ଶକ୍ତିଙ୍କ ଅହଂର ଲଢ଼େଇ ପାଇଁ ଆରମ୍ଭ ହେଲା ରୁଷିଆ-ୟୁକ୍ରେନ୍ ଯୁଦ୍ଧ।

ମାନବ ସଭ୍ୟତାର ଆରମ୍ଭରୁ ଏ ପର୍ଯ୍ୟନ୍ତ ଯେତେ ଯୁଦ୍ଧ ହୋଇଛି ସେଥିରେ କେବଳ ଅକାଳରେ ଝଡ଼ିପଡ଼ିଛି ଅନେକ ମୂଲ୍ୟବାନ ଜୀବନ। ବିପର୍ଯ୍ୟସ୍ତ ହୋଇଛି ଅର୍ଥନୀତି। ବାସ୍ତୁହରା ହୋଇଛନ୍ତି ଅସଂଖ୍ୟ ନିରୀହ ମଣିଷ। ସେଥିପାଇଁ ଯୁଦ୍ଧକୁ ଗଣହତ୍ୟା ସହିତ ତୁଳନା କରି ମହାତ୍ମା ଗାନ୍ଧୀ କହନ୍ତି -‘‘ଯୁଦ୍ଧର ଯେତେ ମହିମା ଗାନ କଲେ ବି ଯୁଦ୍ଧ ପାଷାଣ୍ଡ ଶକ୍ତିର ଏକ କ୍ରୂର ପ୍ରଦର୍ଶନ। ଯେଉଁମାନେ ଯୁଦ୍ଧ ପାଇଁ ପ୍ରଶିକ୍ଷିତ ହୋଇଛନ୍ତି ସେମାନେ ଯୁଦ୍ଧ କ୍ଷେତ୍ରରେ ନୀତିହୀନ ହୋଇଯାଆନ୍ତି ଏବଂ ବିଜୟ ତଥା ଗୌରବର କଥା କହୁଥିବା ଯୁଦ୍ଧରେ କେବଳ ରକ୍ତପାତ ଓ ହତ୍ୟା ହିଁ ମୂଳକଥା।’’

ଯୁଦ୍ଧର ଏହି ଅକଳ୍ପନୀୟ ଭୟାବହତାକୁ ମଣିଷ ଅନୁଭବ କଲା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ। ଦେଶ ଦେଶ ଭିତରେ ଭ୍ରାତୃତ୍ୱ ଭାବ ସୃଷ୍ଟି କରିବା ଲକ୍ଷ୍ୟ ନେଇ ରାଷ୍ଟ୍ରମୁଖ୍ୟଙ୍କ ପକ୍ଷରୁ ଆରମ୍ଭ ହେଲା ବିଚାର ବିମର୍ଶ। ତା’ର ପରିଣାମ ସ୍ୱରୂପ ଦ୍ୱିତୀୟ ବିଶ୍ୱଯୁଦ୍ଧର ଧ୍ୱଂସସ୍ତୂପ ମଧ୍ୟରୁ ଜନ୍ମନେଲା (୧୯୪୫ ଅକ୍ଟୋବର ୨୪) ମିଳିତ ଜାତିସଂଘ। ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ଗଠନ ହେଲା ନିରାପତ୍ତା ପରିଷଦ। ଚିନ୍ତାଶୀଳ ଲୋକେ ଭାବିନେଲେ ନିରାପତ୍ତା ପରିଷଦର ହସ୍ତକ୍ଷେପ ଫଳରେ ପୃଥିବୀରେ ଆଉ ପରମାଣୁ ବୋମା ତିଆରି ହେବନି କି ରହିବନି ଯୁଦ୍ଧଜନିତ ଭୟ ଓ ଉତ୍ତେଜନା। ମାତ୍ର ବିଡ଼ମ୍ବନାର ବିଷୟ ବୃହତ୍ ଶକ୍ତିମାନଙ୍କର ଅହଂ ଓ ସ୍ୱାର୍ଥପରତା ଆଗରେ ବ୍ୟର୍ଥ ହେଲା ଶାନ୍ତିକାମୀ ବିଶ୍ୱବାସୀଙ୍କ ଆଶା ଓ ଭରସା। ଜାତିସଂଘ ନିରାପତ୍ତା ପରିଷଦର ସ୍ଥାୟୀ ସଦସ୍ୟ ପଦ ଲାଭ କରିଥିବା ଆମେରିକା ବ୍ରିଟେନ, ଫ୍ରାନ୍ସ, ରୁଷିଆ ଓ ଚାଇନା ଭଳି ବୃହତ୍ ଶକ୍ତିମାନଙ୍କ ଭିଟୋ କ୍ଷମତା ଆଗରେ ମିଳିତ ଜାତିସଂଘ ପାଲଟିଗଲା ତର୍କ ଓ ପ୍ରସ୍ତାବର କେବଳ ଏକ ଅସହାୟ ମଞ୍ଚ। ଜାତିସଂଘର ଏହି ଅସହାୟତା ପାଇଁ ବିଗତ ସାତ ଦଶନ୍ଧି ଭିତରେ ବିଶ୍ୱରେ ସଂଘଟିତ ହୋଇଯାଇଛି ଅନେକ ଯୁଦ୍ଧର ଘନଘଟା। ଦ୍ୱିତୀୟ ବିଶ୍ୱଯୁଦ୍ଧର ପାଞ୍ଚବର୍ଷ ପରେ(୧୯୫୦) ଯୁକ୍ତରାଷ୍ଟ୍ର ସମର୍ଥିତ ଦକ୍ଷିଣ କୋରିଆ ଉପରେ ଆକ୍ରମଣ କଲା ସୋଭିଏଟ୍ ସଂଘ ସମର୍ଥିତ ଉତ୍ତର କୋରିଆ। ଏଥିରେ ପ୍ରାଣ ହରାଇଲେ ପାଖାପାଖି ପଚିଶ ଲକ୍ଷ ଲୋକ। ଏ ଯାବତ୍ ଦୂର ହୋଇନି ସେ ସଂଘର୍ଷର ତିକ୍ତତା। ୧୯୫୫ରେ ଭିଏତ୍‌ନାମ ଯୁଦ୍ଧ ଆରମ୍ଭ ହେଲା ଏବଂ ଉତ୍ତର ଭିଏତ୍‌ନାମ ଦକ୍ଷିଣ ଭିଏତ୍‌ନାମ ଉପରେ ବିଜୟ ପାଇଲା ବେଳକୁ ପାଖାପାଖି କୋଡ଼ିଏ ଲକ୍ଷ ଲୋକ ପ୍ରାଣ ହରାଇବା ସହ ଭିଟାମାଟି ଛାଡ଼ିଥିଲେ ଲକ୍ଷ ଲକ୍ଷ ଶରଣାର୍ଥୀ। ଜାତିସଂଘ ନିଷ୍ଠାପର ଭାବରେ ଉଦ୍ୟମ କରିଥିଲେ କ’ଣ ରୋକାଯାଇ ପାରି ନ ଥାନ୍ତା ଭାରତ-ଚାଇନା, ଭାରତ- ପାକିସ୍ତାନ, ଇରାକ-ଇରାନ, ଆମେରିକା-ଇରାକ ଆଦି ଅନେକ ଯୁଦ୍ଧ?

ଉତ୍କଳ ଗୌରବ ମଧୁସୂଦନ ଦାସ ଲେଖିଥିଲେ- ‘‘ଜାତିର ଉନ୍ନତି ସେ କାହୁଁ କରିବ ସ୍ୱାର୍ଥେ ଯା’ର ବ୍ୟସ୍ତ ମନ, ଶାଗୁଣା ବିଲୁଆ ଚିକିତ୍ସକ ହେଲେ ଶବ କି ପାଇବ ପ୍ରାଣ।’’ ଏକଥା ଉଲ୍ଲେଖ କରିବାର ଉଦ୍ଦେଶ୍ୟ ମାରଣାସ୍ତ୍ର ନିର୍ମାଣରେ ଯେଉଁମାନଙ୍କର ବିଳାସ, ଜାତିସଂଘ ଯଦି ସେହିମାନଙ୍କ ହାତର କ୍ରୀଡନକ ହୋଇଯାଏ କେମିତି ପ୍ରତିଷ୍ଠା ହେବ ବିଶ୍ୱ ଶାନ୍ତି? ସବୁଠାରୁ ଭୟାନକ ବିଷୟ ହେଉଛି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଯେଉଁମାନେ ତିଆରି କରନ୍ତି ଚୁକ୍ତି, ଆପଣା ସ୍ୱାର୍ଥ ପାଇଁ ସେହିମାନେ ପ୍ରଥମେ ଚୁକ୍ତି ଉଲ୍ଲଂଘନ କରି ସୃଷ୍ଟି କରନ୍ତି ବିଶୃଙ୍ଖଳା। ବିଦ୍ୱେଷର ମଞ୍ଜି ବୁଣି ଦେଶ ଦେଶ ଭିତରେ ଛିଡ଼ା କରନ୍ତି ବିବାଦ ଓ ବିଭେଦର ପାଚେରି। ଏ କ୍ଷେତ୍ରରେ ଅନ୍ୟାନ୍ୟ ଦେଶଠାରୁ ଆମେରିକାର ଭୂମିକା ବେଶି। କୁହାଯାଏ ଆଧୁନିକ ବିଶ୍ୱରେ ସଂଘଠିତ ହୋଇଥିବା ଅଧିକାଂଶ ଯୁଦ୍ଧ ଅନ୍ତରାଳରେ ରହିଛି ଆମେରିକାର ପ୍ରଚ୍ଛନ୍ନ ହାତ। ଆମେରିକାର ଯୁଦ୍ଧଖୋର ମନୋଭାବ ପାଇଁ ସାରା ବିଶ୍ୱରେ ବଢୁଛି ଯୁଦ୍ଧାସ୍ତ୍ରର ପରିମାଣ।

ଶୀତଳ ଯୁଦ୍ଧର ଅବସାନ ତଥା ସୋଭିଏଟ୍ ରୁଷର ପତନ ପରେ ବିଶ୍ୱର ଏକମାତ୍ର ମହାଶକ୍ତି ଭାବରେ ଉଭା ହୋଇଥିବା ଆମେରିକା ଯେ କୌଣସି ଉପାୟରେ ତା’ର ଏକାଧିପତ୍ୟ ବଜାୟ ରଖିବାକୁ ଚାହେଁ। ଅଥଚ ତା’ର ପତିଆରା ପ୍ରତି ଏବେ ଏକ ଖୋଲା ଆହ୍ୱାନ ହୋଇଛି ରୁଷିଆ-ୟୁକ୍ରେନ୍ ଯୁଦ୍ଧ। ଯୁଦ୍ଧ ରୋକିବା ପାଇଁ ଉଭୟ ପକ୍ଷ ମଧ୍ୟରେ ବହୁ ପର୍ଯ୍ୟାୟ ଆଲୋଚନା ପରେ ବି ସମାଧାନର ରାସ୍ତା ବାହାରି ପାରୁନି। ନିଜର ରାଜନୈତିକ ସଫଳତା ପାଇଁ ଯୁଦ୍ଧ ଅବ୍ୟାହତ ରଖିବା ଜିଦ୍‌ରେ ରୁଷିଆ ଅଟଳ ଥିବାବେଳେ ଆମେରିକା ଇସାରାରେ ପଛଘୁଞ୍ଚା ଦେବାକୁ ଅମଙ୍ଗ ହେଉଛି ୟୁକ୍ରେନ୍। ଏଭଳି ସ୍ଥିତିରେ କେମିତି ଥମିବ ଯୁଦ୍ଧର ତାତି?

ରୁଷିଆ ତୁଳନାରେ ଖୁବ୍ ଦୁର୍ବଳ ହୋଇପାରେ ୟୁକ୍ରେନ୍‌ର ସାମରିକ ଶକ୍ତି, ମାତ୍ର ତା’ର ଲଢୁଆପଣ ଆଗରେ ଧଇଁସଇଁ ହୋଇଗଲାଣି ରୁଷିଆ। ତା’ସତ୍ତ୍ୱେ ବି କିଭ୍ ଦଖଲ ନିଷ୍ପତ୍ତିରେ ଅଟଳ ଅଛନ୍ତି ପୁଟିନ। ଯୁଦ୍ଧର ଭୟାବହତା ଦୃଷ୍ଟିରୁ କୁହାଯାଉଛି ଏହା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସର୍ବବୃହତ୍ ସାମରିକ ଆକ୍ରମଣ। ରାଷ୍ଟ୍ରପତି ପୁଟିନଙ୍କ ଏଭଳି କଠୋର ଆଭିମୁଖ୍ୟ କଥା ଭାବିଲେ ମନେହୁଏ, ସତେ ଯେମିତ ସେ ଅତୀତର ଅଖଣ୍ଡ ରୁଷିଆକୁ ପୁନର୍ଜୀବିତ କରିବା ପାଇଁ ବଦ୍ଧପରିକର। ଏହା ତାଙ୍କର ଉଗ୍ର ଜାତୀୟତା ହୋଇପାରେ, ମାତ୍ର ଏହା ଅନ୍ତରାଳରେ ଥିବା ଧ୍ୱଂସମୁଖୀ ଭବିଷ୍ୟତର ସଂକେତ ହିଁ ବିଶ୍ୱପାଇଁ ଚିନ୍ତାର କାରଣ। ତା’ର ପରିଣତି କଥା ଭାବି ଚାରିଆଡ଼େ ଖେଳିଗଲାଣି ତୃତୀୟ ବିଶ୍ୱଯୁଦ୍ଧର ପ୍ରମାଦ।

ସମଗ୍ର ବିଶ୍ୱ ଗୋଟିଏ ଗୃହ। ସାରା ମଣିଷ ଜାତି ଗୋଟିଏ ପରିବାର। ସମସ୍ତ ସୃଷ୍ଟି ଗୋଟିଏ ସମଷ୍ଟି। ସେହି ସମଗ୍ରତା ମଧ୍ୟରୁ ମୁକ୍ତ ନୁହନ୍ତି କୌଣସି ରାଷ୍ଟ୍ର ବା ବ୍ୟକ୍ତି। ମଣିଷର ଏହି ଉପଲବ୍ଧି ହିଁ ବିଶ୍ୱ ଭ୍ରାତୃତ୍ୱର ମୂଳକଥା। ସେହି ମୂଳ ଉପରେ ଏବେ ଭାରି ପଡୁଛି ସାମରିକ ଖର୍ଚ୍ଚର ଶିଖର ଆରୋହଣ କରିଥିବା ବୃହତ୍ ଶକ୍ତିମାନଙ୍କର ଅହଂବାଦୀ ଲଢ଼େଇ। ଥରେ ଭାବିଲେ ଦେଖି ଏଇ କେଇମାସ ପୂର୍ବରୁ ଯେତେବେଳେ କରୋନା ପ୍ରକୋପରେ ଥରହର ହେଉଥିଲା ସାରା ପୃଥିବୀ, ସେତେବେଳେ କୁଆଡ଼େ ଗଲା ନିଜକୁ ବୃହତ୍ ଶକ୍ତି ଭାବୁଥିବା ଆମେରିକାର ଷ୍ଟେଲଥ ବମ୍ବର ଅସ୍ତ୍ର, ଯିଏ ଗୋଟେ ଆଲ୍‌ପିନ ମୁନକୁ ଲକ୍ଷ୍ୟ କରି ହଜାର ହଜାର ମାଇଲ ଦୂରରୁ ବୋମା ନିକ୍ଷେପ କରିପାରେ ନିର୍ଭୁଲ ଭାବରେ। କାହିଁ ସେତେବେଳେ କିଛି ତ କାମ ଦେଲାନି ରୁଷିଆର ୪୦୦ ମିଶାଇଲ ଡିଫେନ୍ସ ସିଷ୍ଟମ, ଯାହା ପୃଥିବୀକୁ ଟୁକୁଡ଼ା ଟୁକୁଡ଼ା କରିଦେଇ ପାରେ ନିମିଷକ ମଧ୍ୟରେ। କେବଳ ସାମରିକ ଶକ୍ତି ନୁହେଁ, ଚିକିତ୍ସା ବିଜ୍ଞାନକୁ ନେଇ ଗର୍ବ କରୁଥିବା ଇଉରୋପରେ ତ ଅଭାବ ପଡ଼ିଲା କଫିନ ପାଇଁ କାଠ। ଗୋଟେ ଅଦୃଶ୍ୟ ଭୂତାଣୁର ବିଧ୍ୱଂସକ ଶକ୍ତି ଓ ତେଜ ଆଗରେ ଆଣ୍ଠେଇ ପଡ଼ିଲା ଆମେରିକାର ଅହମିକା। ତେବେ ଆଉ କ’ଣ ପାଇଁ ଏ ଶକ୍ତି ପ୍ରଦର୍ଶନର ବାହାସ୍ଫୋଟ?

ସାଧାରଣତଃ ଦୁଇଟି ଷଣ୍ଢ ଭିତରେ ଲଢ଼େଇ ହେଲେ ଯେମିତି ଦଳାଚକଟାରେ ଧ୍ୱସ୍ତ ବିଧ୍ୱସ୍ତ ହୋଇଯାଏ ଉଭୟଙ୍କ ଚରାଭୂଇଁର ଘାସ, ସେମିତି ଦେଶ ଦେଶ ଭିତରେ ଲଢ଼େଇ ହେଲେ ସବୁ ପକ୍ଷ ପ୍ରଭାବିତ ହେବା ସ୍ୱାଭାବିକ। ଅର୍ଥାତ୍ ସମାଧାନର ପନ୍ଥା ଯୁଦ୍ଧ ନୁହେଁ, ଶାନ୍ତିପୂର୍ଣ୍ଣ ଓ ସକାରାତ୍ମକ ଆଲୋଚନା। ବିସ୍ତାରବାଦୀଙ୍କ ମନରେ ଏହି ଭାବନା ଉଜାଗ୍ରତ ନ ହେବା ଯାଏ ପୃଥିବୀରୁ ଗୋଳା ବାରୁଦର ଗନ୍ଧ ହଟିବନି କି ବିଶ୍ୱ ବଗିଚାରେ ଫୁଟିବନି ଶାନ୍ତିର ପାରିଜାତ।

**ଅଧ୍ୟକ୍ଷ, ଫୁଲମତୀ ହେମ୍ବ୍ରମ ମହାବିଦ୍ୟାଳୟ, ପଡ଼ିଆବେଡ଼ା, ମୟୂରଭଞ୍ଜ**
**ମୋ:୬୩୭୧୬୪୨୪୬୪**

# ମୁଖା ତଳର ମୁହଁ



ଡ. ପବିତ୍ର ସୁବୁଦ୍ଧି

ଜାମ୍ବିଆ ରାଜଧାନୀ ଲୁସାକାରେ ଅବସ୍ଥିତ ଏକ ଚିଡ଼ିଆଖାନାକୁ ଜଣେ ଦର୍ଶକ ବୁଲିବାକୁ ଯାଇଥାନ୍ତି। ବୁଲୁବୁଲୁ ସେ ଏକ କୋଠରି ଆଗରେ ଅଦ୍ଭୁତ ଫଳକଟିଏ ଦେଖି ଅଟକି ଗଲେ। ଫଳକଟିରେ ଲେଖାଥିଲା ‘‘Here lives the most dangerous animal of the world’’ ଅର୍ଥାତ୍ ଏଠାରେ ବିଶ୍ୱର ସବୁଠାରୁ ଭୟଙ୍କର ପ୍ରାଣୀଟିଏ ବାସକରେ। ବିସ୍ମୟାଭିଭୂତ ଦର୍ଶକ ଜଣକ ସେହି ପ୍ରାଣୀଟିକୁ ଦେଖିବା ପାଇଁ ଅତ୍ୟନ୍ତ ଉତ୍ସୁକତାର ସହ କୋଠରି ନିକଟକୁ ଗଲେ। କିନ୍ତୁ ଏ କ’ଣ? କୋଠରି ଭିତରେ କୌଣସି ବି ପ୍ରାଣୀ ନାହିଁ, ଶୂନ୍ୟ କୋଠରିରେ କେବଳ ଏକ ପୁରୁଷଉଚ୍ଚା ଦର୍ପଣ ରହିଛି, ଯାହା ଦର୍ଶକଙ୍କ ପୂର୍ଣ୍ଣ ଅବୟବକୁ ପ୍ରତିଫଳିତ କରୁଛି। ଦର୍ଶକ ଜଣକ କ୍ଷଣକ ମଧ୍ୟରେ ବୁଝିଗଲେ ଯେ, ମଣିଷ ହେଉଛି ଏ ବିଶ୍ୱର ସବୁଠାରୁ ଭୟଙ୍କର ପ୍ରାଣୀ।

ପାଠକେ! ଯଦି ବିଷାକ୍ତ ବିଛାଟିଏ ମଣିଷକୁ କାମୁଡ଼ିଦିଏ ତେବେ ଯନ୍ତ୍ରଣା ଗୋଟିଏ ଦିନରେ କମିଯାଏ। ଯଦି ବିଷଧର ସାପଟିଏ ମଣିଷକୁ ଦଂଶନକରେ ୩ଦିନର ଚିକିତ୍ସା ପରେ ମଣିଷ ଆରୋଗ୍ୟଲାଭ କରେ। ଯଦି କୁକୁରଟିଏ ମଣିଷକୁ କାମୁଡ଼ିଦିଏ, ତେବେ ଦଶଦିନର ଚିକିତ୍ସା ପରେ ମଣିଷ ବିଷମୁକ୍ତ ହୋଇଯାଏ। ଯଦି ମଣିଷଟିଏ ମଣିଷକୁ କାମୁଡ଼ିଦିଏ? ହାୟ! ବଞ୍ଚିବାର ଆଶା ଅତ୍ୟନ୍ତ କ୍ଷୀଣ। ସତରେ କେତେ ଭୟାନକ ଏ ମଣିଷ ବିଷ! ସୃଷ୍ଟିର ଶ୍ରେଷ୍ଠ ଜୀବ ହେଉଛି ଏ ମଣିଷ। ‘ମୁଁ ’ହେଉଛି ମଣିଷର ମୁଖା। ସେଇ ‘ମୁଁ’ର ମୁଖାତଳେ କେତେ ଯେ ଛଳନା, ପ୍ରତାରଣା, ଶଠତା, ପ୍ରବଞ୍ଚନା। ସବୁଠି କେବଳ ମାରୀଚର ମାୟା। ମିଛର ଭେଳିକି। ମାୟା ମିରିଗର ନାଟ। କାଳନେମୀର କୁଟିଳ ଭେକ। ପୁତନାର ସ୍ତନରେ ବିଷ। ଜଟାଜୁଟ ସନ୍ନ୍ୟାସୀର ବେଶ ତଳେ ସବୁ ଜଘନ୍ୟ ରାବଣ।

ଘର ସାମ୍ନା ଗଛ ଉପରେ ରହୁଥିବା ପୋହଳା ଏଣ୍ଡୁଅଟି ଆଜି ଆତ୍ମହତ୍ୟା କରିଦେଲା। ସୁଇସାଇଡ୍ ନୋଟ୍‌ରେ ଲେଖା ଥିଲା- ‘‘ମୁଁ ମଣିଷ ସହ ମୁକାବିଲା କରିପାରିଲିନି ରଙ୍ଗ ବଦଳାଇବାରେ। ଏଣୁ ଆତ୍ମହତ୍ୟା କରିଦେଲି।’’ ମୁହୁର୍ମୁହୁ ରଙ୍ଗ ବଦଳାଉଥିବା ପୋହଳା ଏଣ୍ଡୁଅକୁ ବି ବଳିଗଲା ଏ ମଣିଷ। ମିଛ ଏଠି ଅତି ଆପଣାର। ସତ ଏଠି ସାତପର। ମଣିଷ ଏଠି ଗୋଟେ ଗୋଟେ ମିଛ କଣ୍ଢେଇ। ଏଠି ସାତକଥାରେ ସତୀ ଭୁଲେ। ତିନି ତୁଣ୍ଡରେ ଛେଳି କୁକୁର। ଯେତେସବୁ ଚକ୍‌ଚକ୍ କରେ ସେସବୁ ସୁନା ନୁହେଁ, ଏକଥା ଜାଣିଲା ପରେ ବି ସୁନାମିରିଗ ପଛରେ ମଣିଷ ଦଉଡ଼େ। ସତ୍ୟକୁ ମାୟାବିନୀ ମିଛ ଢାଙ୍କି ଦିଏ। ଏଠି ପର ଚିଜ ଭାରି ସୁଆଦ। ଏଠି ନିଃଶ୍ୱାସରେ ବିଷ। ସତ୍ୟ ଏଠି ଭୂଲୁଣ୍ଠିତ। ଧର୍ମ ବିପର୍ଯ୍ୟସ୍ତ। ମାନବିକତା ମୃତ। ତଥାପି ଭାଙ୍ଗୁନି ମଣିଷର ନିଦ।

ମିଆଁ କହୁଛି ଏଠି ସାହିତ୍ୟରେ, ସଂସ୍କୃତିରେ ଅପମିଶ୍ରଣ, ବିଦେଶୀ ଚାରା ଉଧେଇବ ଆଉ କେତେକାଳ ଆମ ପ୍ରାଚୀନ ମାଟିରେ। ତିନିଦିନର ବାସି ତୁଚ୍ଛା ପଖାଳ ଚାଖି ନ ଥିବା ଜିଭ, କାଦୁଅ ଲାଗି ନ ଥିବା ଗୋଡ଼ ଆଜି ବେଶି ଚିତ୍କାର କରୁଛି ଦଳିତ ଓ ଶୋଷିତଙ୍କ ପାଇଁ। ନିଜ ଶୋଷରେ ଯା’ର ସରିଯାଏ କାଦମ୍ବରୀର ସମୁଦ୍ର, ସେମାନେ ଆଜି ଗରିବଙ୍କ ପାଇଁ ଗଢୁଛନ୍ତି ସ୍ୱପ୍ନର ବୋଇତ। ସତରେ କପଟତା ବି ହାର୍ ମାନେ ଏମାନଙ୍କ ମିଛ କପଟପାଶାରେ। ଏବେ ଦାନଖଇରାତରେ ପୂରୁଛି ତ ପେଟ,ଏଣୁ ରାଜାଙ୍କୁ ସାତଖୁଣ ମାଫ୍।

ସମସ୍ତେ ଦେଖୁଛନ୍ତି ରାଜା ଲଙ୍ଗଳା, କିନ୍ତୁ କରତାଳି ଦେଇ ସମସ୍ତେ କହୁଛନ୍ତି- ସାବାସ୍ ରାଜା ସାବାସ୍। ରାଜାଙ୍କ ଦେହରେ ବସ୍ତ୍ର ନାହିଁ, ସେ ସମ୍ପୂର୍ଣ୍ଣ ନିର୍ବସ୍ତ୍ର। ଅଥଚ ପ୍ରଜାଏ କହୁଛନ୍ତି, ରାଜାଙ୍କ ଲୁଗା ଅତି ସୂକ୍ଷ୍ମ ସୂତାରେ ବୁଣା, ଆଖିକୁ ଦିଶୁନି ସିନା, କିନ୍ତୁ ଅଛି ନିଶ୍ଚୟ। ଅନ୍ତତଃ ଥିବାଟା ଆଦୌ ଅସମ୍ଭବ ନୁହେଁ। ଅହଂକାରରେ ଅନ୍ଧରାଜା ନିଜ ନଗ୍ନତାକୁ ବି ଚର୍ମଚକ୍ଷୁରେ ଦେଖିପାରୁ ନାହାନ୍ତି। ସେଥିପାଇଁ ଉଲଗ୍ନ ରାଜା ଏବେ ଓହ୍ଲେଇ ଆସିଛନ୍ତି ବାସ୍ତବତାର ରାସ୍ତା ଉପରକୁ। ତାଳିରେ ଫାଟିପଡୁଛି ଶୋଭାଯାତ୍ରା। ରାସ୍ତାରେ ସ୍ତାବକମାନଙ୍କର ଭିଡ଼। ମିଛ ପ୍ରଶଂସାରେ ପୋତିହୋଇପଡୁଛନ୍ତି ରାଜା। ଏ ଗଳ୍ପଟି ଆପଣମାନେ ସମସ୍ତେ ଜାଣନ୍ତି। କିନ୍ତୁ କେହି ପାଟି ଫିଟେଇ କହୁନାହାନ୍ତି-‘‘ହେ ରାଜନ୍! ଆପଣଙ୍କ ଲୁଗା କାହିଁ?’’ କାରଣ କାହା ମନରେ ପୁରୁଣା ସଂସ୍କାର ତ, କାହାର ରାଜଦଣ୍ଡକୁ ହାଲ୍ ଭୟ। ଆଉ କିଏ ନିଜ ବୁଦ୍ଧି ବନ୍ଧକ ପକେଇଛି ରାଜାଙ୍କ ପାଖରେ ତ, ଆଉ କିଏ ପରାନ୍ନଭୋଜୀ, କିଏ କୃପାପ୍ରାର୍ଥୀ ତ କିଏ ପ୍ରବଞ୍ଚକ। କିନ୍ତୁ ସେହି ଶୋଭାଯାତ୍ରାରେ ଜଣେ ହିଁ ପିଲା ଥିଲା, ଯିଏ କାହାର ମିଛ ପ୍ରଶସ୍ତି ଗାନ କରିବା ଶିଖି ନ ଥିଲା କି ଭୀତତ୍ରସ୍ତ ବି ନ ଥିଲା। ଫନ୍ଦିବାଜ୍ ବି ନ ଥିଲା କି ବୟସ୍କଙ୍କ ଭଳି ନିର୍ବୋଧ ବି ନ ଥିଲା। ତେଣୁ ସେହି ସରଳ, ସାହସୀ, ସତ୍ୟବାଦୀ କୁନିପିଲାଟି ସେଦିନ ଲଙ୍ଗଳାରାଜାଙ୍କ ସାମ୍ନାରେ ନିର୍ଭୟରେ ଛିଡ଼ାହୋଇ ମୁହୁର୍ମୁହୁ କରତାଳିର ଊର୍ଦ୍ଧ୍ୱରେ ଉଚ୍ଚସ୍ୱରରେ ପ୍ରଶ୍ନକଲା- ‘‘ଆରେ ଏ ନିର୍ଲଜ୍ଜ ରାଜା! ତୋର ଲୁଗା କାହିଁ।’’ ଏ ପ୍ରଶ୍ନ ସ୍ତମ୍ଭୀଭୂତ କଲା ଅଗଣିତ ସ୍ତାବକଙ୍କୁ, ତୋଷାମଦକାରୀଙ୍କୁ, ମିଛ କରତାଳକୁ,ଏପରିକି ଲଙ୍ଗଳା ରାଜାଙ୍କୁ ବି।

ଏକ ଗାଁରେ ବୁଢ଼ାବାପାଟିଏ ବାଘମୁଖା ପିନ୍ଧି ନାଟ ଦେଖେଇ ପଇସା ଆଣୁଥିଲା। ହେଲେ ବୁଢ଼ାର ବେକାରିଆ ଭେଣ୍ଡାପୁଅ ବାପାର ପଇସାରେ ଖାଇପିଇ ମସ୍ତ ହୋଇ ବୁଲୁଥିଲା। ଏମିତି ବା କେତେଦିନ ଚାଲନ୍ତା। ଦିନେ ବୁଢ଼ାବାପାର ବେଳକାଳ ସରିଗଲା। ସେ ଆରପାରିକୁ ଚାଲିଗଲା। ଏବେ ଭେଣ୍ଡାପୁଅ ଖାଇବ କ’ଣ? ରହିବ କେମିତି? ତା’ ମୁଣ୍ଡରେ ଚିନ୍ତା ପଶିଲା। ଶେଷରେ ବାପାର ବୃତ୍ତିକୁ ଆଶ୍ରା କରିବ ବୋଲି ଭାବି ଦେଖିଲା ବେଳକୁ ବାପା ପିନ୍ଧୁଥିବା ବାଘମୁଖାଟି ନଷ୍ଟ ହୋଇଯାଇଥିଲା। ପୁଅ ମୁଖାଦୋକାନକୁ ଯାଇ ସୁନ୍ଦରିଆ ବାଘମୁଖାଟିଏ ମାଗିଲା। ଦୋକାନୀ କହିଲା- ଆଜିକାଲି ସେ ପୁରୁଣା ବାଘନାଚରେ ଆଉ ଲାଭ ନାହିଁ। ସେ ମହାବଳ ହେଉ କି କଲରାପତରିଆ ହେଉ, ବାଘର ଆଉ ଜମାନା ନାହିଁ। ଏବେ ନୂଆ ବାଘର ମୁଖା ପିନ୍ଧି ଅଭିନୟ କଲେ ଯାଇ ଦି’ପଇସା ଭଲ ରୋଜଗାର ହେବ। ଏତିକି କହି ଦୋକାନୀ ଦୁଇଟି ମୁଖା ଆଣି ଦେଖାଇଲା। ପୁଅ ଉତ୍ସୁକ ହୋଇ ପଚାରିଲା- ‘‘ଏଇଟା କେଉଁ ବାଘର ମୁଖା?’’ ଦୋକାନୀ ଉତ୍ତର ଦେଲା- ‘‘ଗୋଟିଏ ଜନସେବକ ଆଉ ଅନ୍ୟଟି ଧର୍ମ ପ୍ରଚାରକ। ଯୋଉଟା ନେବ ନିଅ।’’ ପୁଅ ମନେ ମନେ ଭାବୁଥିଲା- ସତରେ କ’ଣ ସବୁ ମୁଖା ତଳେ ଖାଲି ମହିଷାସୁରର ମୁହଁ?

**ପ୍ରାଧ୍ୟାପକ, ନୀଳମାଧବ କଲେଜ, କଣ୍ଟିଲୋ**
**ମୋ:୬୩୭୦୬୪୫୬୭୮୯**

## ଏଇ ଭାରତରେ

ଅଭିନବ ଉପାୟରେ ନିଜସ୍ୱ ଜ୍ଞାନ କୌଶଳରେ କମ୍ ସଂସାଧନ ଉପଯୋଗରେ ସ୍କ୍ରାପ୍ ଜିନିଷରୁ ଟର୍ବାଇନ ନିର୍ମାଣ କରି ବିଦ୍ୟୁତ ଉତ୍ପାଦନ କରୁଛନ୍ତି ଝାଡ଼ଖଣ୍ଡର କେଦାର ପ୍ରସାଦ ମହାତୋ। ଉତ୍ପାଦିତ ଶକ୍ତିରେ ତାଙ୍କ ଗାଁ ଘର, ରାସ୍ତା ଓ ମନ୍ଦିର ଆଲୋକିତ ହୋଇପାରିଛି। କେଦାର ତାଙ୍କ ଗାଁ ବେୟାଙ୍ଗ ନିକଟରେ ବହିଯାଉଥିବା ସିନେଗଡ଼ ନଦୀରେ ଏକ ୫ କିଲୋୱାଟ ଜଳବିଦ୍ୟୁତ୍ ଉତ୍ପାଦନ ୟୁନିଟ୍ ନିର୍ମାଣ କରିଛନ୍ତି। ସେ ସ୍କ୍ରାପ୍ ଭେଣ୍ଡରଙ୍କଠାରୁ ବହୁ ରଦ୍ଦି ଜିନିଷ ଓ ବୈଦ୍ୟୁତିକ ଉପକରଣ କିଣି ଏହି ପ୍ରୋଜେକ୍ଟରେ ବ୍ୟବହାର କରିଛନ୍ତି। ସବୁ ପାର୍ଟ ସେ ନିଜେ ତିଆରି କରିଛନ୍ତି। ଏଥିପାଇଁ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ନିଜସ୍ୱ ରୋଜଗାରରୁ ସଞ୍ଚିତ ୨ ଲକ୍ଷ ଓ ଗ୍ରାମବାସୀ ଦେଇଥିବା ୧ ଲକ୍ଷ ଟଙ୍କା ଏହି ପ୍ରୋଜେକ୍ଟରେ ସେ ଲଗାଇଛନ୍ତି। କେଦାର ଏବେ ରାଜ୍ୟ ବିଦ୍ୟୁତ୍ ବିଭାଗରେ ଜଣେ ଇଲେକ୍ଟ୍ରିସିଆନ ଭାବେ କାର୍ଯ୍ୟ କରୁଛନ୍ତି। ଏହାବାଦ୍ ଅନ୍ୟ ସମୟରେ କଠିନ କାମ କରି ସେ ଏଥିପାଇଁ ଅର୍ଥ ସଞ୍ଚୟ କରିଛନ୍ତି। ନଦୀର ପାହାଡ଼ିଆ ଶଯ୍ୟାରେ ସିମେଣ୍ଟ ଖମ୍ବ ଓ ବନ୍ଧ ନିର୍ମାଣ କରି ୨୦୨୦ରେ ପ୍ରଥମେ ୩ କିଲୋୱାଟ ଟର୍ବାଇନ, ଡାଇନାମୋ ଓ ମୋଟର ବ୍ୟବହାର କରି ବିଦ୍ୟୁତ ଉତ୍ପାଦନ ଆରମ୍ଭ କରିଥିଲେ। ଏବେ ୫ କିଲୋୱାଟ ଟର୍ବାଇନ ନିର୍ମାଣ କରି ସେଥିରୁ ବିଦ୍ୟୁତ୍ ଉତ୍ପାଦନ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୩୦ ମାର୍ଚ୍ଚ ୧୯୯୭

- ଇରାକର ସାମରିକ ଶିଳ୍ପ ସଙ୍ଗଠନ ମୁଖ୍ୟ ଜେନେରାଲ ତାଇଫ ଅବଦୁଲ ମାଜିଦ୍‌ଙ୍କୁ ରାଷ୍ଟ୍ରପତି ସଦ୍ଦାମ ହୁସେନ୍ ତାଙ୍କ ପଦରୁ ବହିଷ୍କାର କରିଛନ୍ତି।
- ଜମ୍ମୁର ଏକ ବସ୍‌ଷ୍ଟାଣ୍ଡଠାରେ ଦୁଇଟି ବଡ଼ ଧରଣର ବିସ୍ଫୋରଣ ଘଟି ୧୬ ଜଣ ନିହତ।
- ପ୍ରଖ୍ୟାତ ସମାଜସେବିକା ତଥା ଭାରତୀୟ ସଂସ୍କୃତିର ବାର୍ତ୍ତାବହ ପୁପୁଲ ଜୟକରଙ୍କ ୮୨ ବର୍ଷ ବୟସରେ ପରଲୋକ।

## ଚିରନ୍ତନୀ

ମୋଚନ କର ବିରହ-ଶାପ
ବନ୍ଧନ ହେ ବନ୍ଧନ
ପଉଷ-ଶେଷ ସନ୍ଧ୍ୟା ଘେନ
ବନ୍ଦନ!
-(ପଉଷ ସନ୍ଧ୍ୟା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | 5 | 6 | | | | | |
| | 7 | | | | 9 | | | 2 |
| | | | | | | | 3 | 5 |
| | 8 | | 5 | | 2 | | | |
| | 3 | | | | | | | |
| | | | | | | 4 | | |
| 4 | | | | 3 | | | 6 | 1 |
| | 2 | | 8 | | 1 | | | 9 |
| | | | | | | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 7 | 1 | 8 | 5 | 9 | 3 | 6 | 4 |
| 6 | 4 | 9 | 1 | 2 | 3 | 7 | 8 | 5 |
| 5 | 8 | 3 | 6 | 7 | 4 | 9 | 1 | 2 |
| 8 | 9 | 6 | 5 | 3 | 7 | 2 | 4 | 1 |
| 7 | 1 | 4 | 2 | 6 | 8 | 5 | 9 | 3 |
| 3 | 2 | 5 | 9 | 4 | 1 | 8 | 7 | 6 |
| 9 | 3 | 8 | 4 | 1 | 2 | 6 | 5 | 7 |
| 4 | 5 | 7 | 3 | 8 | 6 | 1 | 2 | 9 |
| 1 | 6 | 2 | 7 | 9 | 5 | 4 | 3 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ

ମହାଶୟ,

ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନ ସରକାରୀ ଜମି ଦଖଲରେ ଥିଲା। ସେ ସେବୁ ଜମିକୁ ସରକାର ବିନା ଶୁଳ୍କରେ ପଟ୍ଟା ଦେବାକୁ ନିଷ୍ପତ୍ତି କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ କେତେକ ଶିକ୍ଷାନୁଷ୍ଠାନକୁ ଜମି ଦେଇଥିବାରୁ ଛାତ୍ର, ଅଭିଭାବକଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି। ସରକାରୀ ଜମିରେ ଦୀର୍ଘଦିନ ଧରି ଶିକ୍ଷାନୁଷ୍ଠାନ ଚାଲିଥିଲା। ଏହି ଶିକ୍ଷାନୁଷ୍ଠାନଗୁଡ଼ିକରେ ଗ୍ରାମାଞ୍ଚଳର ଶହ ଶହ ଛାତ୍ରୀଛାତ୍ର ଉପକୃତ ହେଉଛନ୍ତି। ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ବାରମ୍ବାର ତହସିଲରେ ଜମି ପଟ୍ଟା ପାଇଁ ଆବେଦନ କରି ନିରାଶ ହେଉଥିଲେ। ଫଳରେ ସ୍କୁଲ ଓ କଲେଜ ସ୍ଥାୟୀ ସ୍ୱୀକୃତି ପାଇବାରେ ପ୍ରତିବନ୍ଧକ ସୃଷ୍ଟି ହେଉଥିଲା। ଏବେ ଜବରଦଖଲରେ ଥିବା ସ୍କୁଲ କଲେଜ ଜମିକୁ ସରକାର ବିନାମୂଲ୍ୟରେ ସମ୍ପୃକ୍ତ ଅନୁଷ୍ଠାନ ନାମରେ ପଟ୍ଟା ଦେଉଥିବାରୁ ଶିକ୍ଷକ, କର୍ମଚାରୀ, ଛାତ୍ର, ଅଭିଭାବକମାନେ ସନ୍ତୋଷ ପ୍ରକାଶ କରିଛନ୍ତି।

**ନିର୍ମଳ ଚନ୍ଦ୍ର ସାମଲ, ଯାଜପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ନୂଆଦିଲ୍ଲୀଠାରେ ଡିଏମ୍‌କେର ଦଳୀୟ କାର୍ଯ୍ୟାଳୟ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେବାପାଇଁ ଦଳର ସାଂସଦ ଟି.ଆର୍. ବାଲୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ କରୁଛନ୍ତି।



ନୂଆଦିଲ୍ଲୀ ଗସ୍ତରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ସଂସଦର ସେଣ୍ଟ୍ରାଲ ହଲ୍‌ରେ ଭେଟି ଶୁଭେଚ୍ଛା ଜଣାଉଛନ୍ତି।

# ଫେଡେକ୍ସ ସିଇଓ ରାଜ୍ ସୁବ୍ରମଣ୍ୟମ



**ନୂଆଦିଲ୍ଲୀ,୨୯।୩:** ବିଶ୍ୱର ପ୍ରମୁଖ ଏୟାର କୋରିୟର କମ୍ପାନୀ ଫେଡେକ୍ସ ପକ୍ଷରୁ ମଙ୍ଗଳବାର କମ୍ପାନୀର ନୂତନ ସିଇଓ (ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ)ଙ୍କ ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀର ସୂଚନା ଅନୁସାରେ ବରିଷ୍ଠ ଆଇଆଇଟିଆନ ରାଜ୍ ସୁବ୍ରମଣ୍ୟମଙ୍କୁ ଉକ୍ତ ପଦବୀ ଦିଆଯାଇଛି। ବର୍ତ୍ତମାନ କମ୍ପାନୀରେ ପ୍ରାୟ ୬ ଲକ୍ଷ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ଏବେ ଏହି ପଦବୀରେ ଫ୍ରେଡରିକ୍ ଡବ୍ଲ୍ୟୁ ସ୍ମିଥ୍ ଅବସ୍ଥାପିତ ଅଛନ୍ତି। ସେ ଆସନ୍ତା ଜୁନ୍ ପହିଲାରେ ଅବସର ଗ୍ରହଣ କରିବେ। ଫ୍ରେଡରିକ୍‌ଙ୍କ କାର୍ଯ୍ୟକାଳ ସମାପ୍ତ ହୋଇଯାଉଥିବାରୁ ତା' ପୂର୍ବରୁ ଉକ୍ତ ପଦବୀ ଲାଗି ଏହି ଭାରତୀୟ ମନୋନୀତ କରାଯାଇଛି। କମ୍ପାନୀର ନୂଆ ସିଇଓ ଦାୟିତ୍ୱ ନେବାକୁ ଯାଉଥିବା ସୁବ୍ରମଣ୍ୟମ କେରଳର ଥିରୁଭାନନ୍ତପୁରମର ଅଧିବାସୀ ବୋଲି ଜଣାପଡ଼ିଛି। ବର୍ତ୍ତମାନ ସେ ଟେନିସିର ମେମଫିସେର ରୁହନ୍ତି। ସୁବ୍ରମଣ୍ୟମ ଆଇଆଇଟି ମୁମ୍ବାଇରୁ କେମିକାଲ ଇଞ୍ଜିନିୟରିଂରେ ସ୍ନାତକ ହେବା ପରେ ମାଷ୍ଟର ଡିଗ୍ରୀ ସାୟରାକ୍ୟୁଜ୍ ୟୁନିଭର୍ସିଟିରୁ ହାସଲ କରିଛନ୍ତି। ରାଜ୍ ୨୦୨୦ ମସିହାରୁ ଉକ୍ତ କମ୍ପାନୀ ସହ ସମ୍ପୃକ୍ତ ହୋଇସାରିଥିଲେ। ସେ ଏବେ ପ୍ରେସିଡେଣ୍ଟ ଚିଫ୍ ଅପରେଟିଂ ଅଫିସର ଭାବେ କାର୍ଯ୍ୟ କରୁଛନ୍ତି।

# କୋଭିଡ୍ କଟକଣା ଉଚ୍ଛେଦ ସତ୍ତ୍ୱେ ଗଣମାଧ୍ୟମ ପ୍ରତିନିଧିଙ୍କୁ ବାରଣ

## ଉଦ୍‌ବେଗ ପ୍ରକାଶ କଲେ କଂଗ୍ରେସ, ଭାଜପା

**ଭୁବନେଶ୍ୱର,୨୯।୩(ବ୍ୟୁରୋ):** ରାଜ୍ୟରେ କୋଭିଡ୍ ସଂକ୍ରମଣ ହ୍ରାସ ପାଇଛି। ସମସ୍ତ ବିଭାଗ ୧୦୦ ପ୍ରତିଶତ କର୍ମଚାରୀଙ୍କୁ ନେଇ ଚାଲିଛି। ମାତ୍ର ଲୋକସେବା ଭବନକୁ ଏବଂ ବିଧାନସଭାକୁ ଖବରଦାତାଙ୍କୁ ବାରଣ କରାଯାଇଛି। ବିଧାନସଭା ପରିସରକୁ ଖବରଦାତାଙ୍କୁ ଅନୁମତି ଦିଆଯାଇଛି। ମାତ୍ର ବିଧାନସଭା ଗଣମାଧ୍ୟମ ଗ୍ୟାଲେରିକୁ ଅନୁମତି ଦିଆଯାଉ ନାହିଁ। ଏହାକୁ ନେଇ ଉଭୟ କଂଗ୍ରେସ ଓ ଭାଜପା ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ସରକାରଙ୍କ ଏହି ନୀତିକୁ କଡ଼ା ବିରୋଧ କରିଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ବିକାଶରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯଦି ଗଣମାଧ୍ୟମକୁ ଶ୍ୱାସରୁଦ୍ଧ କରାଯିବ ବିକାଶ ପ୍ରଭାବିତ ହେବ। କଟକଣା ଉଠାଯାଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ଛଡ଼ାଯାଉ ବୋଲି ସେ ଦାବି କରିଛନ୍ତି। ଭାଜପା ବିଧାୟକ ମୋହନ ମାଝି ମଧ୍ୟ ଗଣମାଧ୍ୟମ ପ୍ରତିନିଧିଙ୍କ ପାଇଁ ଲାଗୁ ହୋଇଥିବା କଟକଣାକୁ ବିରୋଧ କରିଛନ୍ତି।

# 'ସଫଳ ବ୍ୟକ୍ତି ଆଧ୍ୟାତ୍ମିକତାରେ ସୁଖ, ଶାନ୍ତି ଖୋଜନ୍ତି'

ଭୁବନେଶ୍ୱର, ୨୯।୩(ବ୍ୟୁରୋ)

ଆମ ନିକଟରେ ଯେତେ ଧନ ସମ୍ପତ୍ତି, କ୍ଷମତା ଓ ପ୍ରତିପତ୍ତି ଥିଲେ ମଧ୍ୟ ଏସବୁ ଆମକୁ ପ୍ରକୃତ ଶାନ୍ତି ଦେଇ ନ ଥାଏ। ଶ୍ରଦ୍ଧା, ଏକାଗ୍ରତା ଓ ସେବା ପ୍ରକୃତ ଶାନ୍ତି ପ୍ରଦାନ କରିଥାଏ ବୋଲି ନ୍ୟୁୟର୍କସ୍ଥିତ ବେଦାନ୍ତ ସୋସାଇଟିର ମୁଖ୍ୟ ତଥା ଅଧ୍ୟାତ୍ମ ଗୁରୁ ସ୍ୱାମୀ ସର୍ବପ୍ରିୟାନନ୍ଦ ପ୍ରକାଶ କରିଛନ୍ତି। କିଟ୍ ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ କିଟ୍ ନଲେଜ ଟ୍ରି ବକ୍ତୃତାମାଳାରେ ଅଭିଭାଷଣ ଦେଇ ସେ କହିଲେ, ଆମକୁ ଯେତେ ସଫଳତା ମିଳିଲେ ମଧ୍ୟ ଆଧ୍ୟାତ୍ମିକତାବାଦ ବ୍ୟତିରେକେ ଶାନ୍ତି ମିଳି ନ ଥାଏ। ଏଥିପାଇଁ ବିଭିନ୍ନ କ୍ଷେତ୍ରରେ ସଫଳ ବ୍ୟକ୍ତିତ୍ୱମାନେ ଆଧ୍ୟାତ୍ମିକତା ମଧ୍ୟରେ ସୁଖ ଓ ଶାନ୍ତି ଖୋଜିଥାନ୍ତି। ଆମେରିକା ଓ ଅନ୍ୟାନ୍ୟ ପାଶ୍ଚାତ୍ୟ ଦେଶ ଭଳି ଭାରତରେ ମଧ୍ୟ ଏହି ଧାରାରେ ଦ୍ରୁତ ପରିବର୍ତ୍ତନ ହୋଇଚାଲିଛି। ଯୁବଗୋଷ୍ଠୀ ବିଶେଷ କରି ଛାତ୍ରୀଛାତ୍ରମାନେ ହେଉଛନ୍ତି ଏହି ପରିବର୍ତ୍ତନର ଅଗ୍ରଦୂତ ବୋଲି ସେ କହିଥିଲେ।

## କିଟ୍ ନଲେଜ ଟ୍ରି ବକ୍ତୃତାମାଳା

ସକାଳେ କିଟ୍ ଓ କିସ୍ କ୍ୟାମ୍ପସ୍ ବୁଲି ଦେଖିବା ପରେ ସ୍ୱାମୀ ସର୍ବପ୍ରିୟାନନ୍ଦ କହିଲେ, ବିଶ୍ୱର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ କୁହାଯାଉଥିବା ହାର୍ଭାର୍ଡଠାରୁ କିଟ୍ ଓ କିସ୍ କୌଣସି ଗୁଣରେ କମ୍ ନୁହେଁ। ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେବା ସହ ସ୍ୱାମୀ ବିବେକାନନ୍ଦଙ୍କ ବାଣୀ ଉଦ୍ଧୃତ କରି ସେ କହିଲେ, ଆମେମାନେ ଆମ ଜୀବନର ପୂର୍ଣ୍ଣ ସଫଳତା ପାଇବାକୁ ହେଲେ ଆମକୁ ବିବେକାନନ୍ଦଙ୍କ ଆତ୍ମବିଶ୍ୱାସ, ଲକ୍ଷ୍ୟ ଉପରେ ଗୁରୁତ୍ୱ ଦେବା ଏବଂ ନିଃସ୍ୱାର୍ଥପରତା ଆଦି ତିନୋଟି ମନ୍ତ୍ର ଆପଣାଇବାକୁ ପଡ଼ିବ। ପ୍ରଥମେ ଆମକୁ ନିଜ ଉପରେ ବିଶ୍ୱାସ ରଖିବାକୁ ହେବ। ଜୀବନରେ ସଫଳତା ପାଇଁ ଆତ୍ମବିଶ୍ୱାସ ଓ ଆତ୍ମସମ୍ମାନ ହେଉଛି ସବୁଠାରୁ ବଡ଼ ସମ୍ବଳ। ଆମକୁ ଆମର ଅନ୍ତର୍ନିହିତ କ୍ଷମତାର ପୂର୍ଣ୍ଣ ବିନିଯୋଗ କରିବାକୁ ହେବ। ଏହି ଅବସରରେ ସେ ଆତ୍ମବିଶ୍ୱାସ, ନିଜ ଭୁଲକୁ ବୁଝି ସେଥିରେ ସୁଧାର ଆଣିବା, ଆତ୍ମକର୍ତ୍ତବ୍ୟବୋଧ, ଦୃଢ଼ତା, ଲକ୍ଷ୍ୟଯୁକ୍ତ ଜୀବନ ଓ ସତ୍ୟନିଷ୍ଠା ଆଦି ସଫଳତା ଓ ଶାନ୍ତିର ୭ ସୂତ୍ରୀ ମନ୍ତ୍ର ପ୍ରଦାନ କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ ଛାତ୍ରୀଛାତ୍ର ସ୍ୱାମୀ ସର୍ବପ୍ରିୟାନନ୍ଦଙ୍କ ପରାମର୍ଶକୁ ଅନୁସରଣ କଲେ ସଫଳତା ନିଶ୍ଚିତ ପାଇବେ ବୋଲି କହିଥିଲେ।



କିଟ୍ ନଲେଜ ଟ୍ରି ବକ୍ତୃତାମାଳାରେ ଅଧ୍ୟାତ୍ମ ଗୁରୁ ସ୍ୱାମୀ ସର୍ବପ୍ରିୟାନନ୍ଦ ଅଭିଭାଷଣ ରଖୁଛନ୍ତି।

## ପାନୀୟ ଜଳ ଯୋଗାଣ

# କେନ୍ଦ୍ର ବାଧକ ସାଜିଛି: ମନ୍ତ୍ରୀ

**ଭୁବନେଶ୍ୱର,୨୯।୩(ବ୍ୟୁରୋ):** ରାଜ୍ୟରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ କେନ୍ଦ୍ର ସାଜିଛି ବାଧକ। ଓଡ଼ିଶାକୁ କେନ୍ଦ୍ର ସରକାର ଆର୍ଥିକ ସହଯୋଗ କରୁନାହାନ୍ତି। ଓଡ଼ିଶାକୁ ତା'ର ହକ୍ ଦେଉନାହାନ୍ତି ବୋଲି ମଙ୍ଗଳବାର ପ୍ରଶ୍ନକାଳରେ ବିଧାନସଭାରେ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି। ରାଜ୍ୟରେ ବୃହତ୍ ପାନୀୟ ଜଳ ପ୍ରକଳ୍ପ ନେଇ ବିଧାନସଭାରେ ସରଗରମ ଆଲୋଚନା ହୋଇଥିଲା। ମେଗା ପାନୀୟ ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେବାରେ ବିଳମ୍ବ ନେଇ ସରକାରୀ ଦଳ ଓ ବିରୋଧୀ ଦଳ ସଦସ୍ୟମାନେ ପ୍ରଶ୍ନ କରିଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ, କୋଭିଡ୍-୧୯ ଓ ଜମି ଅଧିଗ୍ରହଣ ପାଇଁ କାମ ବିଳମ୍ବ ହୋଇଛି। ରାଜ୍ୟର ୩୧୪ ବ୍ଲକରୁ ୧୬୦ ବ୍ଲକରେ ୧୧୦ଟି ବୃହତ୍ ପାନୀୟ ଜଳ ପ୍ରକଳ୍ପ ପାଇଁ ୨୦୧୯ ଡିସେମ୍ବର ୩ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭ ଦେଇଥିଲେ। ଏହି ୧୧୦ଟି ପ୍ରକଳ୍ପ ପାଇଁ ୩୨୯ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ଏଗୁଡ଼ିକ ଦୁଇ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ ହେବା କଥା। କିନ୍ତୁ ୧୨ଟି ବ୍ଲକରେ ୯ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଏସବୁ ପ୍ରକଳ୍ପ ୧୫ ଡିସେମ୍ବର ୨୦୨୨ ସୁଦ୍ଧା ଶେଷ କରିବାକୁ ଲକ୍ଷ୍ୟ ରହିଛି। ଏହି ପ୍ରସଙ୍ଗରେ ବିଧାୟକ ଅମର ଶତପଥୀ, ତାରାପ୍ରସାଦ ବାହିନୀପତି, ନରସିଂହ ମିଶ୍ର ପ୍ରମୁଖ ପ୍ରଶ୍ନ କରିଥିଲେ।

୧୨ତମ ଜନ୍ମଦିନ ଶୁଭେଚ୍ଛା



(ଲିଟୁ)

ସ୍ୱରୂପ ସାଗର

ଜନ୍ମଦିନରେ ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା। ସଦାସର୍ବଦା ତୋର ଚଲାପଥ କୁସୁମିତ ହେଉ।

ଇତି: ତୋର ଶୁଭାକାଂକ୍ଷୀ ମାମା, ଦାଦା, ମା, ବାପା, ଖୁଡ଼ୀ, କାକା, ପିଉସୀ, ପିଉସା, ଭଉଣୀ ଶ୍ରୀନିକା ଓ ସୃଷ୍ଟି ସ୍ୱରୂପା (ଲିସୁ)।

ସୌଜନ୍ୟ: ଜୟ ପ୍ରକାଶ ମିଶ୍ର, ହାଟପଦାପଡ଼ା, ଟିଟିଲାଗଡ଼, ବଲାଙ୍ଗୀର, ଓଡ଼ିଶା।

ଧ-୨୩୪୪୪

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

କଟକ ଉନ୍ନୟନ କର୍ତ୍ତୃପକ୍ଷ (CDA)
ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ - ୧୨

ସୂଚନା

No. CAD-3300: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧୀନରେ ଥିବା କଲେଜ ଛକ ସ୍ଥିତ ବିକାଶ ସଦନ ମାର୍କେଟ କମ୍ପ୍ଲେକ୍ସର ଦୋକାନ ଘର ନଂ. - ୦୨ (ଫେଜ୍-୨)ଟିକୁ ଶ୍ରୀ ବୈବାଶ୍ୱତ ଦାଶ, ପିତା: ବଂଶୀଧର ଦାଶ, ସା: ଶିଖରପୁର, ନଦୀକୂଳ ସାହି, ପୋଷ୍ଟ: କଲେଜ ଛକ, ଥାନା: ଚାଉଳିଆଗଞ୍ଜ, ଜିଲ୍ଲା: କଟକ - ୭୫୩୦୦୩ଙ୍କ ନାମରେ ଆବଣ୍ଟନ କରାଯାଇଥିଲା।
ବର୍ତ୍ତମାନ ଉକ୍ତ ଦୋକାନ ଗୃହକୁ ଶ୍ରୀ ବୈବାଶ୍ୱତ ଦାଶ ତୃତୀୟପକ୍ଷ ପରିବର୍ତ୍ତନ ସୂତ୍ରରେ ଶ୍ରୀ ପ୍ରଫୁଲ୍ଲ କୁମାର ପ୍ରଧାନ, ପିତା: ୰ଯଶୋବନ୍ତ ପ୍ରଧାନ, ସା: ଶିଖରପୁର, ନଦୀକୂଳ ସାହି, ରାଧାମାଧବ ମନ୍ଦିର ନିକଟ, ପୋଷ୍ଟ: ନୟାବଜାର, ଜିଲ୍ଲା: କଟକ - ୭୫୩୦୦୪ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ଦୋକାନ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ ପ୍ରକାଶନର ୧୫ (ପନ୍ଦର)ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଉକ୍ତ ଦୋକାନ ଗୃହର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା./- ସଚିବ
କଟକ ଉନ୍ନୟନ କର୍ତ୍ତୃପକ୍ଷ, କଟକ - ୧୨
OIPR-13037/11/0235/2122

# ୫ ମହାନଗର ନିଗମ ବସ୍ତିବାସିନ୍ଦାଙ୍କୁ ମିଳିବ ଭୂମି ଅଧିକାର

## ବିଧାନସଭାରେ ୪ ବିଲ୍ ପାରିତ

ଭୁବନେଶ୍ୱର,୨୯।୩(ବ୍ୟୁରୋ)

ରାଜ୍ୟର ୫ ମହାନଗର ନିଗମରେ ବାସ କରୁଥିବା ବସ୍ତିବାସିନ୍ଦାଙ୍କୁ ଭୂମି ଅଧିକାର ମିଳିବ। ଓଡ଼ିଶା ମହାନଗର ନିଗମ ଅଧିନିୟମ, ୨୦୦୩ରେ ସଂଶୋଧନ କରାଯାଇ ମହାନଗର ନିଗମର ବସ୍ତି ବାସିନ୍ଦାମାନଙ୍କୁ ମଧ୍ୟ ଭୂମି ଅଧିକାର ଦେବା ସକାଶେ ପୌର ନିଗମ(ସଂଶୋଧନ) ବିଲ୍-୨୦୨୨କୁ ବିଧାନସଭାରେ ପାରିତ କରାଯାଇଛି। ଏଥିରେ ୪୫ ବର୍ଗମିଟର ପର୍ଯ୍ୟନ୍ତ ଭୂମି ବସ୍ତି ବାସିନ୍ଦାଙ୍କ ପରିବାରକୁ ଯୋଗାଇ ଦେବାର ବ୍ୟବସ୍ଥା ରହିଛି। ଯଦି ବସ୍ତି ବାସିନ୍ଦା ଅର୍ଥନୈତିକ ଦୁର୍ବଳ ଶ୍ରେଣୀର ବ୍ୟକ୍ତି ହୋଇଥାନ୍ତି, ତେବେ ତାଙ୍କୁ ୩୦ ବର୍ଗମିଟର ପର୍ଯ୍ୟନ୍ତ ଭୂମି ବିନା ମୂଲ୍ୟରେ ଯୋଗାଇ ଦିଆଯିବ। ଯଦି ବସ୍ତି ବାସିନ୍ଦାଙ୍କ ପରିବାର ୩୦ ବର୍ଗମିଟରରୁ କମ୍ ଦଖଲ କରୁଥାନ୍ତି ଏବଂ ବାସଗୃହ ସଂଲଗ୍ନରେ ଖାଲି ସରକାରୀ ଭୂମି ଉପଲବ୍ଧ ଥାଏ, ତେବେ ଉକ୍ତ ଭୂମିକୁ ମିଶାଇ ୩୦ ବର୍ଗମିଟର ପାଇଁ ଭୂମି ଅଧିକାର ମଞ୍ଜୁର କରିବାକୁ ପ୍ରସ୍ତାବ ରହିଛି। ଏହାଦ୍ୱାରା ୫ ଗୋଟି ପୌର ନିଗମ କ୍ଷେତ୍ରରେ ବସବାସ କରୁଥିବା ପ୍ରାୟ ୨,୪୦,୦୦୦ ପରିବାରର ପାଖାପାଖି ୯,୭୦,୦୦୦ ଲୋକ ଉପକୃତ ହୋଇପାରିବେ।

ମଙ୍ଗଳବାର ବିଧାନସଭାରେ ୪ଟି ବିଲ୍ ପାରିତ ହୋଇଛି। ସେହି ବିଲ୍‌ଗୁଡ଼ିକ ହେଲା, ଓଡ଼ିଶା ପୌର ବିଧି (ସଂଶୋଧନ) ବିଲ୍ ୨୦୨୨, ଶ୍ରୀଜଗନ୍ନାଥ ମନ୍ଦିର (ସଂଶୋଧନ) ବିଲ୍ ୨୦୨୨ ଏବଂ ଓଡ଼ିଶା ପଞ୍ଚାୟତ ବିଧି(ସଂଶୋଧନ) ବିଲ୍ ୨୦୨୨। ପଞ୍ଚାୟତିରାଜ ଓ ପାନୀୟ ଜଳ, ଆଇନ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନା ଉକ୍ତ ବିଲ୍‌ଗୁଡ଼ିକୁ ବିଧାନସଭାର ଅନୁମୋଦନ ପାଇଁ ଆଗତ କରିଥିଲେ।

# ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଗିରଫ କଲା ଭିଜିଲାନ୍ସ

ଗୁଣପୁର,୨୯।୩(ଡି.ଏନ୍.ଏ.)

ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଜାଲରେ ପଡ଼ିଥିବା ମାଲାକନଗିରି ଜିଲା ଗ୍ରାମ ଉନ୍ନୟନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଆଶିଷ କୁମାର ଦାସଙ୍କୁ ଅମାପ ଧନ ସମ୍ପତ୍ତି ଠାବ ହେବାରେ ଲାଗିଛି। ମଙ୍ଗଳବାର ଯନ୍ତ୍ରୀ ଦାସଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଦାସଙ୍କ ବାସଭବନରେ ଗତ ୪ଦିନ ହେବ ଭିଜିଲାନ୍ସ ବିଭାଗ ଚଢ଼ାଉ ଜାରି ରହିଥିଲା। ଗୁଣପୁରସ୍ଥିତ ଏକ୍ସିସ ବ୍ୟାଙ୍କ ଲକ୍‌ରକୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ଏହି ବ୍ୟାଙ୍କରେ ତାଙ୍କ ସ୍ତ୍ରୀଙ୍କ ନାମରେ ଥିବା ଲକ୍‌ରରୁ ସୁନାଚେନ ୪ଟି, ସୁନା ଚୁଡ଼ି ୨ଟି, ୧୦ଟି ୧୦ଗ୍ରାମର ସ୍ୱର୍ଣ୍ଣ ମୁଦ୍ରା ଏପରି ମୋଟ ୩୮୫ ଗ୍ରାମର ସୁନା ଅଳଙ୍କାର ଠାବ କରାଯାଇଥିବା ଭିଜିଲାନ୍ସ ଡ଼ିଏସ୍‌ପି ସୁଶାନ୍ତ ବିଶ୍ୱାଳ ସୂଚନା ଦେଇଛନ୍ତି।

**ଗୁଣପୁର ଆକ୍ସିସ ବ୍ୟାଙ୍କ ଲକ୍‌ରରୁ ମିଳିଲା ୩୮୫ ଗ୍ରାମ ସୁନା ଅଳଙ୍କାର**

ନିଯୁକ୍ତି
କୋଲକାତାରେ ନିଯୁକ୍ତି ନିମନ୍ତେ ୨୪ ଘଣ୍ଟିଆ ନିରାମିଷକାରୀ ରୋଷେୟା ମୁଖ୍ୟତଃ ମାରୱାରୀ ଶୈଳୀର ଖାଦ୍ୟ, ୨୪ ଘଣ୍ଟିଆ ଘରୋଇ ସହାୟକ (ମହିଳା), ୩ ମାସର ଶିଶୁ ନିମନ୍ତେ ୨୪ ଘଣ୍ଟିଆ ଶିଶୁ ସହାୟିକା, ଗୃହ ପରିଚାଳନା ନିମନ୍ତେ ପରିଚାଳକ ଆବଶ୍ୟକ କରୁଅଛି।
ଯୋଗାଯୋଗ: ୯୪୭୭୬୪୫୩୦୮
Contact No.:9477645308

WANTED
24Hrs Vegetarian Cook Preferably Marwari Style Food, 24 Hrs Domestic Helper (Female), 24 Hrs Baby Sitter for 3 months baby, Peon for Office, Manager for Home management for posting at Kolkata. Contact: 9477645308.

REQUIRED
GLOBAL AUTO COMPONENTS, CHENNAI
ROLE: CNC Machine Operator
QUALIFICATION EXPECTED: 10th/12th/ITI/Diploma
BENEFITS: Salary+ Accommodation and food will be provided.
Timing: 12 Hours Shift (Day/Night)
For further details contact:
Mobile No. 9043334695/9080602103

RECRUITMENT
Male / Female (8th-graduate) for Air hostess, Air-ticketing, Ground Staff, I.T.I Diploma, Exman, Computer Operator, Data Entry, Driver.
Salary- 28k-85k. Send C.V: interglobe62@gmail.com
9711809424, 7052138505

JOB OPPORTUNITY
SALES EXECUTIVE / ACCOUNTANT / PURCHASE EXECUTIVE with Tally knowledge of minimum 2-3 years experience required for a Pvt. Ltd. Company in Bhubaneswar.
Call: Mr. Rajiv Agarwal
Mob.: 91-9437006047
HIGH WAY TRADING PVT. LTD.
25-A, Janpath, Unit-3, Kharvel Nagar, Bhubaneswar - 751001

WANTED
JMG HEROMOTOCORP is looking for One Senior Accounts / Accounts Executive / Computer Operator / Sales Executive both Male/ Female. If you are Interested Please Walk-in for Interview from 25.03.2022 to 30.03.2022 at 10.30 am. Contact -8093080013, email. jobs@jmggroup.co.in, Address - Bajrakabati Canal Road, Professorpara, Cuttack.

ଅଫିସ ପିଅନ ପାଇଁ ମହିଳା ଏବଂ ଝିଅ ପିଲା ଆବଶ୍ୟକ।
ରହିବା ପାଇଁ ଘର + ଖାଇବା + ୭୫୦୦/-
ଫୁଲନଖରା, କଟକ
ଯୋଗାଯୋଗ-7809525452

See Career Appointment on every Wednesday & Saturday

The Odisha Small Industries Corporation Ltd.
(A Government of Odisha Undertaking)
(An ISO:9001:2008 certified Govt. Company)
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No. CAD-3330 OSIC GST No. 21AAACO2101M1Z1

TENDER CALL NOTICE

Ref. No.1439/OSIC/MKT Dt.28.03.2022

The OSIC Ltd., Cuttack invites sealed bids from experienced Manufacturers for supply of Furniture and amenities to 9 Nos of hostels of The Ravenshaw University, Cuttack and ICT Lab & Seminar Hall of four year integrated B.A/B.Sc., B.Ed program under Department of Education of The Ravenshaw University, Cuttack. The detail schedules, terms and conditions of the tender document along with quantity of requirement can be downloaded from www.osicltd.in . Any corrigendum/ changes/ modifications will appear in OSIC Ltd. website: www.osicltd.in only and the responsibility lies with the bidders to download the same before the last date of submission of bids.

By order of MD
Sd/-Manager(Mktg)
OIPR-14073/11/0099/2122

CLASSIFIED DISPLAY
MORE SPACE • SAME PRICE
TARIFF

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
ALL EDITION - B/W (Everyday)
for Booking Contact: 0674-2580385, 8637280816, 7894447167, 9338226625

ସରକାରୀ ସୁବିଧାର ଉଠାନ୍ତୁ ଲାଭ
(୧) କୃଷି ସୋଲାର ପମ୍ପ ଯୋଜନା
(୨) ଗୃହ ସୋଲାର ପ୍ୟାନେଲ ଯୋଜନା
(୩) ପ୍ରଧାନ ମନ୍ତ୍ରୀ ମୁଦ୍ରା ଲୋନ ଯୋଜନା
(୪) କିଷାନ କ୍ରେଡିଟ କାର୍ଡ ଯୋଜନା
6399403124

ALL EDITION - B/W
(Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଲକ୍ଷ୍ମଣ ନାଏକ ନିଃସ୍ୱାର୍ଥପର, ନିର୍ଭୀକ ଜନସେବକ ଥିଲେ

ଭୁବନେଶ୍ୱର,୨୯।୩(ବ୍ୟୁରୋ)

## ରାଜ୍ୟସ୍ତରୀୟ ଶ୍ରାଦ୍ଧ ଉତ୍ସବ

ଶହୀଦ ଲକ୍ଷ୍ମଣ ନାଏକ ଥିଲେ ମାତୃଭୂମିର ପରମ ପୂଜକ ଓ ମହାତ୍ମା ଗାନ୍ଧୀଙ୍କ ପଟ୍ଟଶିଷ୍ୟ। ତାଙ୍କ ଦେଶପ୍ରେମ, ବୀରତ୍ୱ ଓ ନେତୃତ୍ୱ ଥିଲା ଅତି ବଳିଷ୍ଠ। ସେ ଥିଲେ ଜନଜାତି ସମୁଦାୟଙ୍କ ଯଥାର୍ଥ ପ୍ରତିନିଧି। ତାଙ୍କ ନେତୃତ୍ୱରେ ଜନଜାତିଙ୍କ ମଧ୍ୟରେ ନୂତନ ଚେତନା ଜାଗ୍ରତ ହୋଇଥିଲା। ମଙ୍ଗଳବାର ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ଶହୀଦ ଲକ୍ଷ୍ମଣ ନାଏକଙ୍କ ଶ୍ରାଦ୍ଧ ଉତ୍ସବରେ ଅତିଥିମାନେ ଏହା କହିଛନ୍ତି।

ମୁଖ୍ୟ ଅତିଥି ଭାବେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଯୋଗଦେଇ କହିଲେ, ଲକ୍ଷ୍ମଣ ନାଏକ କୋରାପୁଟ ଜିଲା ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ମହାନାୟକ ଥିଲେ। ସେ ଆଦିବାସୀଙ୍କୁ ସଂଗଠିତ କରି ବ୍ରିଟିଶ ସରକାରଙ୍କ ଅନ୍ୟାୟ, ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିଥିଲେ। ଜଳସମ୍ପଦ, ସୂଚନା ଓ ଲୋକସମ୍ପର୍କମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ କହିଲେ, ଲକ୍ଷ୍ମଣ ନାଏକ ଜଣେ ନିଃସ୍ୱାର୍ଥପର, ନିର୍ଭୀକ ଜନସେବକ ଥିଲେ। ସମ୍ମାନିତ ଅତିଥି ଭାବେ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ୍ ଯୋଗଦେଇ, ଓଡ଼ିଶାର ଯେଉଁ କେତେଜଣ ବୀର ନାଏକ ସ୍ୱାଧୀନତା ସଂଗ୍ରାମରେ ଆଦିବାସୀଙ୍କ ନେତୃତ୍ୱ ନେଇଥିଲେ, ସେମାନଙ୍କ ମଧ୍ୟରେ ଲକ୍ଷ୍ମଣ ନାଏକ ଅନ୍ୟତମ ଥିଲେ। ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ ଡ. ଲେନିନ୍ ମହାନ୍ତି ଶହୀଦ ଲକ୍ଷ୍ମଣ ନାଏକଙ୍କ ସାଂଗଠନିକ ଦକ୍ଷତା, ସାହସିକତା ସମ୍ପର୍କରେ କହିଥିଲେ। ସମ୍ମାନିତ ଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗଦେଇ ଶହୀଦ ଲକ୍ଷ୍ମଣଙ୍କ ନାମରେ ରାଜ୍ୟ ସରକାର ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କଲେ ତାହା ତାଙ୍କ ପ୍ରତି ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ହେବ ବୋଲି କହିଥିଲେ। ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ଓ ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୋରାପୁଟର ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। ସୂଚନା ଓ ଲୋକ ସମ୍ପର୍କ ବିଭାଗର ନିର୍ଦ୍ଦେଶକ (ବୈଷୟିକ) ସୁରେନ୍ଦ୍ରନାଥ ପରିଡ଼ା, ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୋରାପୁଟ କଳାକାରଙ୍କ ଦ୍ୱାରା ଜନଜାତି ନୃତ୍ୟ ସଂଗୀତ ପରିବେଷଣ କରାଯାଇଥିଲା। ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ସ୍ୱାଗତ ଭାଷଣ, ସୂଚନା ଅଧିକାରୀ ସଚ୍ଚିଦାନନ୍ଦ ବେହେରା କାର୍ଯ୍ୟକ୍ରମ ସଂଯୋଜନା ଓ ଶବରୀ ସାଂସ୍କୃତିକ ପରିଷଦର ପ୍ରତିଷ୍ଠାତା ଇଂଜିନିୟର ଗୋଦାବରୀଶ ମହାପାତ୍ର ଧନ୍ୟବାଦ ଦେଇଥିଲେ। ସକାଳେ ଆଦିବାସୀ ପଡ଼ିଆ ଓ କଳିଙ୍ଗ ହସ୍ପିଟାଲ ଛକସ୍ଥିତ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।



ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଉତ୍ସବରେ ମଞ୍ଚାସୀନ ଅତିଥି।

ମନେ ପଡ଼ନ୍ତି

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଡା. ମନ୍ମଥ କୁମାର ବେହେରା
ନିର୍ଦ୍ଦେଶକ: ଆହାନା ଗାଇନାକେୟାର ପ୍ରା.ଲି. ଭୁବନେଶ୍ୱର
ଆବିର୍ଭାବ : ୧୬-୦୧-୧୯୪୪
ତିରୋଧାନ : ୨୦-୦୩-୨୦୨୨
ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ନିସ୍ୱାର୍ଥପରତା, ତ୍ୟାଗ ଆମ ସମସ୍ତଙ୍କ ପାଇଁ ଅବିସ୍ମରଣୀୟ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ
ପରିବାରବର୍ଗ ଏବଂ
ଆହାନା ଗାଇନାକେୟାର ଆଣ୍ଡ ଆଇଭିଏଫ୍‌ର କର୍ମକର୍ତ୍ତାବୃନ୍ଦ
ଧ-୨୩୫୧୭

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଅନ୍ୱେଷା ଧରାଶ୍ରୀ ଜେନା
ଲାଡ଼ଲି
ହଣ୍ଡପା, ଅନୁଗୋଳ
ଆବିର୍ଭାବ: ୨୩।୦୪।୨୦୦୯
ତିରୋଧାନ: ୩୦।୦୩।୨୦୧୨
ଆମକୁ କନ୍ଦାଇ ତୁ ସବୁଦିନ ପାଇଁ ଚାଲିଗଲୁ। ତୋର ଅମର ଆତ୍ମାର ସଦ୍‌ଗତି ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୨୩୫୧୪

# ରୟାଲ୍ସର ବିଜୟ ଅଭିଯାନ



ପ୍ଲେୟର ଅଫ୍ ଦି ମ୍ୟାଚ୍ ସଞ୍ଜୁ ସାମ୍‌ସନ।

**ପୁଣେ, ୨୯।୩**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୧୫ତମ ସଂସ୍କରଣରେ ରାଜସ୍ଥାନ ରୟାଲ୍ସ ବୃହତ୍ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ସଞ୍ଜୁ ସାମ୍‌ସନଙ୍କ ନେତୃତ୍ୱାଧୀନ ଦଳ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୬୧ ରନରେ ପରାସ୍ତ କରିଛି। ରୟାଲ୍ସ ୨୦ ଓଭରରେ ୬ ଉଇକେଟ ହରାଇ ୨୧୦ ରନ କରିଥିଲା। ଜବାବରେ ସନ୍‌ରାଇଜର୍ସ ୨୦ ଓଭରରେ ୭ ଉଇକେଟ ହରାଇ ୧୪୯ ରନ କରି ପାରିଥିଲା। ଅଧିନାୟକ କେନ୍ ୱିଲିୟମସନ (୨), ଅଭିଷେକ ଶର୍ମା (୯), ରାହୁଲ ତ୍ରିପାଠୀ (୦), ନିକୋଲସ ପୁରନ (୦) ଓ ଅବଦୁଲ ସମଦ (୪) ଦୁଇଅଙ୍କ ଛୁଇଁପାରି ନ ଥିବାବେଳେ ଏଡେମ ମାରକ୍ରାମ ସର୍ବାଧିକ ୫୭ (୪୧ ବଲ, ୫ ଚୌକା, ୨ ଛକା) ରନରେ ଅପରାଜିତ ରହିଥିଲେ। ୱାଶିଂଟନ ସୁନ୍ଦର ଦ୍ରୁତ ୪୦ (୧୪ ବଲ, ୫ ଚୌକା, ୨ ଛକା) ଓ ରୋମାରିଓ ଶେଫର୍ଡ ୨୪ ରନର ଇନିଂସ ଖେଳିଥିଲେ। ରାଜସ୍ଥାନ ବୋଲରଙ୍କ ମଧ୍ୟରେ ଯୁଜବେନ୍ଦ୍ର ଚହଲ ୩ଟି ଏବଂ ଟ୍ରେଣ୍ଟ ବୋଲ୍ଟ ଓ ପ୍ରସିଦ୍ଧ କ୍ରିଷ୍ଣା ୨ଟି ଲେଖାଏ ଉଇକେଟ ନେଇଥିଲେ।

**ସଞ୍ଜୁଙ୍କ ୧୦୦ତମ ମ୍ୟାଚ**

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାଜସ୍ଥାନ ଓପନିଂ ଯୋଡ଼ିରେ ୩୭ ବଲ୍‌ରୁ ୫୮ ରନ ସଂଗ୍ରହ କରି ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲା। ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ୧୬ ବଲ୍‌ରୁ ୨ ଚୌକା ଓ ୧ ଛକା ସହାୟତାରେ ୨୦ ରନ ସଂଗ୍ରହ କରିଥିଲେ। ଭଲ ଆରମ୍ଭ କରିଥିବା ଜୋଶ୍ ବଟଲର ୨୮ ବଲ୍‌ରୁ ୩ଟି ଲେଖାଏ ଚୌକା ଓ ଛକା ମାରି ୩୫ ରନ କରିଥିବାବେଳେ ଉମ୍ରାନ ମଲିକଙ୍କ ବଲ୍‌ରେ ଆଉଟ ହୋଇଥିଲେ। ରାଜସ୍ଥାନ ରୟାଲ୍ସ ପକ୍ଷରୁ ୧୦୦ତମ ମ୍ୟାଚ ଖେଳୁଥିବା ଅଧିନାୟକ ସଞ୍ଜୁ ସାମ୍‌ସନ କିନ୍ତୁ ହାସଲ କରିଥିଲେ ଅର୍ଦ୍ଧଶତକ। ସେ ମାତ୍ର ୨୭ ବଲ୍‌ରୁ ୩ ଚୌକା ଓ ୫ ଛକା ସହାୟତାରେ ୫୫ ରନ କରି ଦଳକୁ ବଡ଼ ସ୍କୋର ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ପୂର୍ବ ସିଜନଗୁଡ଼ିକରେ ରୟାଲ ଚ୍ୟାଲେଞ୍ଜର୍ସ ପକ୍ଷରୁ ଇନିଂସ ଓପନ କରିଥିବା ଦେବଦତ୍ତ ପଡ଼ିକାଲ ଏଠାରେ ୪ର୍ଥ ସ୍ଥାନରେ ଆସିଥିଲେ ହେଁ ପ୍ରଦର୍ଶନର ଛାପ ଛାଡ଼ିଥିଲେ। ସେ ସ୍ୱାଭାବିକଭାବେ ଷ୍ଟ୍ରୋକପୂର୍ଣ୍ଣ ଇନିଂସ ଖେଳି ୨୯ ବଲ୍‌ରୁ ୪ ଚୌକା ଓ ୨ ଛକା ସହାୟତାରେ ୪୧ ରନ ସଂଗ୍ରହ କରିଥିଲେ। ମିଡିଲ ଅର୍ଡରରେ ଶିମରନ ହେଟମେର ମାତ୍ର ୧୩ ବଲ୍‌ରୁ ଧୂଆଁଧାର ୩୨ (୨ ଚୌକା, ୩ ଛକା) ରନର ଇନିଂସ ଖେଳିବାରୁ ରାଜସ୍ଥାନ ୨୦୦ ସଂଖ୍ୟା ଅତିକ୍ରମ କରିଥିଲା। ରିୟାନ ପରାଗ ୧୨ ରନକରି ଆଉଟ ହୋଇଥିଲେ। ହାଇଦ୍ରାବାଦ ବୋଲରଙ୍କ ମଧ୍ୟରେ ଉମ୍ରାନ ମଲିକ ଓ ଟି. ନଟରାଜନ ୨ଟି ଲେଖାଏ ଏବଂ ଭୁବନେଶ୍ୱର କୁମାର ଓ ରୋମାରିଓ ଶେଫର୍ଡ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୨୧୦/୬ (ସଞ୍ଜୁ ସାମସନ-୫୫, ଦେବଦତ୍ତ ପଡ଼ିକାଲ-୪୧, ଜୋସ୍ ବଟଲର-୩୫, ଶିମରନ ହେଟମେର-୩୨, ଉମ୍ରାନ ମଲିକ-୨/୩୯, ଟି. ନଟରାଜନ-୨/୪୩, ଭୁବନେଶ୍ୱର କୁମାର-୧/୨୯, ରୋମାରିଓ ଶେଫର୍ଡ-୧/୩୩)। ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୪୯/୭ (ଏଡେନ ମାରକ୍ରାମ-୫୭*, ୱାଶିଂଟନ ସୁନ୍ଦର-୪୦, ରୋମାରିଓ ଶେଫର୍ଡ-୨୪, ଯୁଜବେନ୍ଦ୍ର ଚହଲ-୩/୨୨, ଟ୍ରେଣ୍ଟ ବୋଲ୍ଟ-୨/୨୩, ପ୍ରସିଦ୍ଧ କ୍ରିଷ୍ଣା-୨/୧୬)।

# ଡିଫା କପ୍ ଫୁଟବଲ: ଫାଇନାଲରେ ଭୁବନେଶ୍ୱର, କଟକ

**ଧର୍ମଶାଳା, ୨୯।୩(ଡି.ଏନ.ଏ.):** ଧର୍ମଶାଳା ବାଣୀପୀଠ ଖେଳ ପଡ଼ିଆରେ ଚାଲିଥିବା ୨୪ତମ ଡିଫା କପ ଓ ଚତୁର୍ଥ ରଞ୍ଜିତ ସ୍ୱାଇଁ ସ୍ମାରକୀ ଫୁଟବଲ୍ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଫାଇନାଲ ମ୍ୟାଚ୍ ସନ୍‌ସାଇନ କ୍ଲବ କଟକ ଓ ପ୍ରତାପ କ୍ଲବ୍ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଡିଫା ସଭାପତି ପ୍ରମୋଦ ଦାସ ଓ ସମ୍ପାଦକ ପ୍ରବୋଧ ପାତ୍ର ସୂଚନା ଦେଇଛନ୍ତି। ଦ୍ୱିତୀୟ ସେମିଫାଇନାଲରେ ସନସାଇନ କ୍ଲବ କଟକ ୨-୦ ଗୋଲରେ ନେତାଜୀ କ୍ଲବ କେନ୍ଦ୍ରାପଡ଼ାକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଧର୍ମଶାଳା ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟର ପ୍ରଥମାର୍ଦ୍ଧରେ କଟକ ଟିମ୍‌ର ରାକେଶ ସାହୁ ଓ ଅବିନାଶ ସାମଲ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ କେହି କାହାରିକୁ ଗୋଲ ନ ଦେବାରୁ କଟକ ଟିମ୍ ୨-୦ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚ୍‌କୁ ସଲିମ୍ ଅହମ୍ମଦ ଓ ଶୈଳେଶ ପାଣି ପରିଚାଳନା କରିଥିବା ବେଳେ ସେକ୍ ଆସିଫ ଓ ସତ୍ୟପ୍ରକାଶ ବିଶ୍ୱାଳ ଲାଇନରେ ସହାୟତା କରିଥିଲେ। ଖେଳରେ ଅତିଥିଭାବେ ଚହଟା ସମିତିସଭ୍ୟା ସସ୍ମିତା ନାୟକ ଓ ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର ଯୋଗଦେଇ ବିଜୟୀ ଟିମ୍‌ର ରାକେଶ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।








TALK TO TOYOTA FOR ENQUIRIES & FEEDBACK CONTACT TOLL FREE NO. 1800-309-0001 NEW LAND LINE: 080-45059000 | UNMATCHED WARRANTY* 3 years / 100000 kms *Conditions apply. | TOYOTA TRUST | 24x7 ROADSIDE ASSISTANCE | Toyota Mobility Service

**ODISHA: Bhubaneswar / Angul / Cuttack:** *Espirit Toyota: Turanga/ Patia / Telengapentha: Ph: 7873044152;* **Rourkela / Sambalpur:** *Espirit Toyota: Kalunga / Bareiplai, Ph: 7873044660.*

dentsu/dha bhu/01/22


4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୩୦/୨୦୨୨ (୮+୮=୧୬ ପୃଷ୍ଠା)
Bhubaneswar, Wednesday, March 30/2022



### ଦ୍ୱିତୀୟ ବିବାହ କରିବେ କନିକା

ବଲିଉଡ୍‌ର ଲୋକପ୍ରିୟ କଣ୍ଠଶିଳ୍ପୀ କନିକା କପୁର ମେ'୨୦ରେ ଦ୍ୱିତୀୟଥର ପାଇଁ ବିବାହ ବନ୍ଧନରେ ବାନ୍ଧି ହେବାକୁ ଯାଉଛନ୍ତି।

୦୨

୦୮

### ଜୟନ୍ତୀଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱରରେ ଚାଲିଥିବା ଜାତୀୟ ପାରା-ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ର ୧୦୦ ମିଟର ରେସ୍ ମହିଳା ଟି-୪୭ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ଓଡ଼ିଶାର ଜୟନ୍ତୀ ବେହେରା।





ମହାରାଷ୍ଟ୍ରର ସତାରା ଜିଲା କରାଡ଼ରେ ମଙ୍ଗଳବାର ଆୟୋଜିତ ପାରମ୍ପରିକ ବଳଦ ଗାଡ଼ି ଦୌଡ଼ ପ୍ରତିଯୋଗିତା।

# ୧୬ ଜିଲାରେ ଲୁଟେରାଙ୍କୁ ସୁରକ୍ଷା

## ଲଘୁ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ପ୍ରସଙ୍ଗ

ଯାଜପୁର ଅଫିସ,୨୯।୩

ରାଜ୍ୟରେ ଲଘୁ ଖଣିଜ ଦ୍ରବ୍ୟ ଲୁଟ୍ ପାଇଁ ବିଭିନ୍ନ ପ୍ରଭାବଶାଳୀ କମ୍ପାନୀ ପକ୍ଷରୁ ଅଘୋଷିତ ପ୍ରତିଯୋଗିତା ଚାଲିଛି। ଏହି ପ୍ରଭାବଶାଳୀ କମ୍ପାନୀ ଓ ରାଜନୈତିକ ନେତୃବର୍ଗଙ୍କ ଚାପରେ ସରକାରଙ୍କ ସମସ୍ତ ନୀତିନିୟମକୁ ଚାପି ଦିଆଯାଉଛି। ଏହି କ୍ରମରେ ରାଜ୍ୟରେ ୨୦୧୫-୧୬ରୁ ୨୦୨୧-୨୨ ମଧ୍ୟରେ ଲଘୁ ଖଣିଜ ଦ୍ରବ୍ୟର ବେଆଇନ ଉତ୍ତୋଳନ, ଅନୁମୋଦନ ପରିମାଣଠାରୁ ଅଧିକ ଲୁଟ, ବିନା ଟ୍ରାନ୍‌ଜିଟ ଫର୍ମରେ ଖଣିଜ ପରିବହନ ଓ ବିକ୍ରୀ ମାମଲାରେ ୧୪ ଜିଲାରୁ ୧୯ କୋଟି ୮୬ ଲକ୍ଷ ୫୦ ହଜାର ୫୪୩ ଟଙ୍କା ଜରିମାନା ଆଦାୟ ହୋଇଛି। ସେଥିରୁ ବାଲେଶ୍ୱର ଜିଲାରୁ ସର୍ବାଧିକ ୬ କୋଟି ୧୦ ଲକ୍ଷ ୫୬୨ ଟଙ୍କା ଜରିମାନା ଆଦାୟ ହୋଇଥିବା ସୂଚନା ମିଳିଛି। ଅର୍ଥାତ୍ ମୋଟ ଜରିମାନା ଆଦାୟରୁ କେବଳ ବାଲେଶ୍ୱର ଜିଲାରେ ୩୦.୭୦% ଜରିମାନା ଆସିଛି। ବାକି ☞ପୃଷ୍ଠା-୫

## ବିଧାନସଭାରେ କଂଗ୍ରେସର ହଟ୍ଟଗୋଳ

ଭୁବନେଶ୍ୱର, ୨୯।୩(ବ୍ୟୁରୋ): ଖଣି ଦୁର୍ନୀତି ପ୍ରସଙ୍ଗରେ ଆଲୋଚନା ପାଇଁ କଂଗ୍ରେସ ଦେଇଥିବା ମୁଲତବୀ ପ୍ରସ୍ତାବକୁ ବାଚସ୍ପତି ଅଗ୍ରାହ୍ୟ କରିଦେବାରୁ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ଗୃହରେ ସରକାରଙ୍କୁ ଘେରିଥିଲେ। ଖଣି ମାଲିକଙ୍କ ଚାପ ଯୋଗୁ ଗତ ୩ ବର୍ଷ ଧରି ଏହି ପ୍ରସଙ୍ଗକୁ ଗୃହରେ ଆଲୋଚନା ପାଇଁ ଅନୁମତି ମିଳୁ ନ ଥିବା ସେ କହିଥିଲେ। ମଙ୍ଗଳବାର ଶୂନ୍ୟକାଳରେ ସାଲୁଜା ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ ସମସ୍ତେ ଏବେ ଖଣି ମାଲିକଙ୍କ ପକେଟରେ। ଯେଉଁଥିପାଇଁ ୩ବର୍ଷ ହେଲା ଖଣି ଦୁର୍ନୀତି ଆଲୋଚନାକୁ ଅନୁମତି ମିଳୁନାହିଁ। ଖଣି ମାଲିକଙ୍କ ପଇସା ପଞ୍ଚାୟତ ଓ ପୌର ନିର୍ବାଚନରେ ଖର୍ଚ୍ଚ ହୋଇଛି। ଖଣି ମାଲିକଙ୍କ ଦ୍ୱାରା ଶାସକ, ବିରୋଧୀ ସମସ୍ତେ ମ୍ୟାନେଜ ହୋଇଯାଇଥିବା ସାଲୁଜା ଗୃହରେ କହିଥିଲେ। କଂଗ୍ରେସର ମୁଖ୍ୟ ସଚେତକ ତାରା ପ୍ରସାଦ ବାହିନୀପତି ଏହି ପ୍ରସଙ୍ଗରେ କହିଥିଲେ ଯେ ବେଆଇନ ଖନନ ଯୋଗୁ ଶହେରୁ ଅଧିକ ଖଣି ମାଲିକଙ୍କ ଉପରେ ଜରିମାନା ଧାର୍ଯ୍ୟ ହୋଇଥିଲା। ହେଲେ ତାହା ଆଦାୟ ହେଲାନାହିଁ। ଖଣିମାଲିକମାନେ ସଲାସୁତରା କରି ଖଣି ଚଳାଇଲେ। ବାହିନୀପତି କେତେକ ଖଣି ମାଲିକଙ୍କ ନାମ ବି ଗୃହରେ ପ୍ରକାଶ କରିଥିଲେ। ଖଣି ଦୁର୍ନୀତି ଆଲୋଚନା ପ୍ରସଙ୍ଗରେ କଂଗ୍ରେସ ସଭ୍ୟଙ୍କ ହଟ୍ଟଗୋଳ ମଧ୍ୟରେ ତାରା ବାଚସ୍ପତିଙ୍କ ପୋଡିୟମ ଉପରକୁ ଚେୟାର ଫିଙ୍ଗିବାକୁ ଟେକି ଧରିଲେ। ଏଥିସହ ସେ ଇୟରଫୋନ ମଧ୍ୟ ଫୋପାଡ଼ି ଦେଇଥିଲେ। ଅନ୍ୟପକ୍ଷରେ ଗୃହରେ ତାରାଙ୍କ ଆଚରଣକୁ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ନାପସନ୍ଦ କରିଛନ୍ତି। ସେ କହିଛନ୍ତି ଜଣେ ବରିଷ୍ଠ ସଭ୍ୟ ହୋଇ ଏଭଳି ଆଚରଣ ପ୍ରଦର୍ଶନ କରିବା ଠିକ୍ ନୁହେଁ।

### ଇୟରଫୋନ ଫୋପାଡ଼ିଲେ ତାରା

# ଭାରତରେ ଦିନକୁ ୧୦୦ କୋଟିର ବ୍ୟାଙ୍କ ଠକେଇ

ନୂଆଦିଲ୍ଲୀ,୨୯।୩

ବ୍ୟାଙ୍କ ଠକେଇ ଓ ଦୁର୍ନୀତି ଯୋଗୁ ଗତ ୭ ବର୍ଷ ହେଲା ଭାରତ ଦୈନିକ ଅନ୍ୟୂନ ୧୦୦ କୋଟି ଟଙ୍କା ହରାଇଆସୁଛି ବୋଲି ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ତଥ୍ୟରୁ ଜଣାପଡ଼ିଛି।

ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇ ଥିବା ମହାରାଷ୍ଟ୍ରରେ ସର୍ବାଧିକ ୫୦% ବ୍ୟାଙ୍କ ଠକେଇ ହେଉଛି। ଏହା ପଛରେ ଦିଲ୍ଲୀ, ତେଲଙ୍ଗାନା, ଗୁଜରାଟ ଓ ତାମିଲନାଡୁ ରହିଛି। ଏହି ୫ ରାଜ୍ୟରେ ୨ ଲକ୍ଷ କୋଟି ଟଙ୍କାର ଦୁର୍ନୀତି ହୋଇଛି, ଯାହାକି ମୋଟ ଆର୍ଥିକ ଠକେଇର ୮୩% ବୋଲି ଆର୍‌ବିଆଇ ରିପୋର୍ଟରେ ଦର୍ଶାଯାଇଛି। ୨୦୧୫ ଏପ୍ରିଲ ୧ରୁ ୨୦୨୧ ଡିସେମ୍ବର ୩୧ ମଧ୍ୟରେ ୨.୫ ଲକ୍ଷ କୋଟି ଟଙ୍କାର ବ୍ୟାଙ୍କ ଠକେଇ ହୋଇଥିବା ସାମ୍ନାକୁ ଆସିଥିଲା। ତେବେ ଏଭଳି ଠକେଇ ଧରିବା ପାଇଁ ପଦକ୍ଷେପ ନିଆଯାଉଥିବାରୁ ଏହା ହ୍ରାସ ପାଉଥିବା ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ୨୦୧୫-୧୬ରେ ୬୭,୭୬୦ କୋଟି ଟଙ୍କାର ଠକେଇ ହୋଇଥିବାବେଳେ ୨୦୧୬-୧୭ରେ ଏହା ୫୯,୯୬୬.୪ କୋଟିକୁ ହ୍ରାସ ପାଇଥିଲା। ଏହାର ପରବର୍ତ୍ତୀ ଦୁଇ ଆର୍ଥିକବର୍ଷରେ ଦେଶରେ ୪୫,୦୦୦ କୋଟିର ବ୍ୟାଙ୍କ ଠକେଇ ହୋଇଥିଲା। ୨୦୧୯-୨୦ରେ ଏହି ପରିମାଣ ୨୭,୬୯୮.୪ କୋଟି ଏବଂ ୨୦୨୦-୨୧ରେ ୧୦,୬୯୯.୯ କୋଟି ଟଙ୍କାର ଠକେଇ ଧରାପଡ଼ିଥିଲା। ଚଳିତ ଆର୍ଥିକବର୍ଷର ପ୍ରଥମ ୯ ମାସରେ ୬୪୭.୯ କୋଟି ଟଙ୍କା ଠକେଇ ହୋଇଥିବା ଆକଳନ କରାଯାଇଛି। ନିଖିଳ ଭାରତ ବ୍ୟାଙ୍କ ଅଫିସର୍ସ ମହାସଂଘର ପୂର୍ବତନ ଅଧ୍ୟକ୍ଷ ୱାଇ. ସୁଦର୍ଶନ କହିଛନ୍ତି, ଆର୍ଥିକ ଅନିୟମିତତାରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉଥିବାରୁ ଠକେଇ କମିବାରେ ଲାଗିଛି।

# ଗୃହରେ ଶ୍ରୀମନ୍ଦିର ସୁରକ୍ଷା ତାତି

ଭୁବନେଶ୍ୱର,୨୯।୩(ବ୍ୟୁରୋ)

ପୁରୀ ଶ୍ରୀମନ୍ଦିରର ସୁରକ୍ଷା ପ୍ରସଙ୍ଗକୁ ନେଇ ଭାଜପା ଓ କଂଗ୍ରେସ ସଦସ୍ୟମାନେ ଗୃହରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ଗୃହ କମିଟି ଗଠନ କିମ୍ବା ମନ୍ତ୍ରୀ ଉତ୍ତର ରଖିବା ପାଇଁ ବାଚସ୍ପତିଙ୍କ ରୁଲିଂ ଦାବି କରିଥିଲେ। ଏହି ପ୍ରସଙ୍ଗରେ ଭାଜପା ସଦସ୍ୟମାନେ ଗୃହ ମଧ୍ୟଭାଗରେ ହଟ୍ଟଗୋଳ କରିବାରୁ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଛନ୍ତି।

ମଙ୍ଗଳବାର ଶୂନ୍ୟକାଳରେ ଭାଜପା ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଏହି ପ୍ରସଙ୍ଗ ଉଠାଇ କହିଥିଲେ ଯେ ଜଗନ୍ନାଥ ମନ୍ଦିର ଏବେ ବିପଦରେ। ମନ୍ଦିର ଚାରିପଟେ ବିକାଶ କାର୍ଯ୍ୟ ଚାଲିଛି। ଏଥିପାଇଁ ଆମେ ସମସ୍ତେ ଘରଦ୍ୱାର ଛାଡ଼ିଛୁ। ଟାଟା କମ୍ପାନୀ ଏବେ ଜେସିବି ଲଗାଇ ମନ୍ଦିର ଚାରିପଟେ ବଡ଼ ବଡ଼ ଗାତ ଖୋଳିବାରୁ ମନ୍ଦିରରେ ଫାଟ ଦେଖାଦେଲାଣି। ଯେତେ ଅଭିଯୋଗ କଲେ ବି ପ୍ରଶାସନ ଶୁଣୁନାହିଁ। ବିଭିନ୍ନ ସଂଗଠନ ଏହି ପ୍ରସଙ୍ଗରେ ରାସ୍ତାରେ ଧାରଣା ଦେଲେଣି। ମନ୍ଦିର ପ୍ରତି ବିପଦ ଆସିଲେ ସରକାର ଦାୟୀ ରହିବେ। ବିକାଶ କାର୍ଯ୍ୟକୁ ଆମେ ବିରୋଧ କରୁନୁ। ହେଲେ ମନ୍ଦିର ସୁରକ୍ଷା ଜରୁରୀ। ଟିମ୍ ପଠାଯାଇ ସ୍ଥିତି ଅନୁଧ୍ୟାନ କରାଯାଉ ବୋଲି ସେ ଦାବି କରିଥିଲେ। ଭାଜପା ବିଧାୟକ ଦଳର ମୁଖ୍ୟ ସଚେତକ ମୋହନ ମାଝି ଓ ଭାଜପା ସଦସ୍ୟ ଭାସ୍କର ମଢ଼େଇ ମଧ୍ୟ ଅନୁରୂପ ଦାବି କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଏହି ପ୍ରସଙ୍ଗରେ ଗୃହ କମିଟି ଗଠନ କିମ୍ବା ବିଭାଗୀୟ ମନ୍ତ୍ରୀ ବିବୃତି ଦେବା ପାଇଁ ବାଚସ୍ପତି ରୁଲିଂ ଦିଅନ୍ତୁ ବୋଲି ଦାବି କରିଥିଲେ।

ନରସିଂହ କହିଥିଲେ ଯେ ପୁରୀ ଘଟଣାରେ ପୂର୍ବରୁ ଗୃହରେ ଅନେକ ଥର ଉଦ୍‌ବେଗ ପ୍ରକାଶ ପାଇଛି। କେବଳ ଓଡ଼ିଶାବାସୀ ନୁହନ୍ତି ସମଗ୍ର ବିଶ୍ୱବାସୀ ପୁରୀ ଶ୍ରୀମନ୍ଦିର ସଂକ୍ରାନ୍ତରେ ଅବଗତ। ବର୍ତ୍ତମାନ ଏଏସ୍‌ଆଇର ବିନାନୁମତିରେ କାର୍ଯ୍ୟ ଚାଲିଥିବା କୁହାଯାଉଛି। ଏହା ସତ୍ୟ ହୋଇଥିଲେ ସାଂଘାତିକ। ବିକାଶ କାର୍ଯ୍ୟକୁ ସମସ୍ତେ ସମର୍ଥନ କରୁଛନ୍ତି। କିନ୍ତୁ ମନ୍ଦିର ପ୍ରତି ବିପଦ ସୃଷ୍ଟି ହେଲେ ଭୟଙ୍କର ସ୍ଥିତି ଉପୁଜିବ। ତେଣୁ ବାଚସ୍ପତି ଏ ସଂକ୍ରାନ୍ତରେ ଏକ ଗୃହ କମିଟି ଗଠନ କରନ୍ତୁ। କମିଟି ସ୍ଥିତି ଅନୁଧ୍ୟାନ କରି ତୁରନ୍ତ ରିପୋର୍ଟ ଦେଉ। ଚଳିତ ଅଧିବେଶନରେ ନ ହେଲେ ବି ଆଗାମୀ ଅଧିବେଶନ ଆରମ୍ଭରେ କମିଟି ରିପୋର୍ଟ ଦେଉ। ବିଭାଗୀୟ ମନ୍ତ୍ରୀଙ୍କୁ ଏହା ଉପରେ ଉତ୍ତର ଦେବା ପାଇଁ ବାଚସ୍ପତି ରୁଲିଂ ଦିଅନ୍ତୁ। ମନ୍ତ୍ରୀ ଉତ୍ତର ଦେଲେ ଲୋକଙ୍କ ମନରେ ଥିବା ସନ୍ଦେହ ଦୂର ହୋଇଯିବ।

ସେ ଏହା କହିବା ସହିତ ବାଚସ୍ପିଙ୍କଠାରୁ ରୁଲିଂ ଦାବି କରି ନିଜ ଆସନରେ ଛିଡ଼ାହୋଇ ରହିଥିଲେ। ତେବେ ବାଚସ୍ପତି ଏ ପ୍ରସଙ୍ଗରେ ମତ ରଖିବେ ବୋଲି କହିଥିଲେ। ବାଚସ୍ପତିଙ୍କ ରୁଲିଂ ଦାବିରେ ଭାଜପା ସଦସ୍ୟମାନେ ଗୃହ ମଧ୍ୟଭାଗରେ ଆସି ହଟ୍ଟଗୋଳ କରିବାରୁ ବାଚସ୍ପତି ଗୃହକୁ ମୁଲତବୀ ଘୋଷଣା କରିଥିଲେ।

## ଆଜି ରାଜ୍ୟ ବଜେଟ

୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ୧.୦୬ ଲକ୍ଷ କୋଟି ଟଙ୍କାର ଲେଖାନୁଦାନ ପ୍ରସ୍ତାବକୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବୁଧବାର ଗୃହରେ ଉପସ୍ଥାପନ କରିବେ। ପଞ୍ଚାୟତ ଓ ପୌର ନିର୍ବାଚନ ଯୋଗୁ ଠିକ୍ ସମୟରେ ବଜେଟ୍ ଅଧିବେଶନ ଆରମ୍ଭ କରିବାରେ ସରକାର ବିଫଳ ହେବାରୁ କାମଚଳା ବଜେଟ୍ ଉପସ୍ଥାପନ କରି ପରବର୍ତ୍ତୀ ସମୟରେ ପୂର୍ଣ୍ଣାଙ୍ଗ ବଜେଟ୍ ବିଧାନସଭାରେ ଗୃହୀତ କରାଇବାକୁ ଲକ୍ଷ୍ୟ ରଖିଥିବା ଜଣାପଡ଼ିଛି।

ରାଜ୍ୟ ସରକାରଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଅର୍ଥମନ୍ତ୍ରୀ ପୂଜାରୀ ବୁଧବାର ୨୦୨୨-୨୩ ଆର୍ଥିକ ବର୍ଷର ବାର୍ଷିକ ବଜେଟ୍‌କୁ ଗୃହରେ ଉପସ୍ଥାପନ କରିବେ। ଏହାପରେ ଅର୍ଥମନ୍ତ୍ରୀ ପୂଜାରୀ ଅନ୍ୟ ଏକ ମୋସନ ମାଧ୍ୟମରେ ପ୍ରାୟ ୧ଲକ୍ଷ ୬ ହଜାର ୪୯୭ କୋଟି ଟଙ୍କାର 'ଭୋଟ୍ ଅନ୍ ଆକାଉଣ୍ଟ' ନିମନ୍ତେ ଗୃହର ଅନୁମତି ପାଇଁ ଉପସ୍ଥାନ କରିବେ। ମାର୍ଚ୍ଚ ୩୧ ତାରିଖରେ ବ୍ୟୟ ମଞ୍ଜୁରୀ ବିଲ୍ ଆକାରରେ ଗୃହର ଅନୁମୋଦନ ଲାଭ କରିବାର କାର୍ଯ୍ୟକ୍ରମ ରହିଛି। କରୋନା କାଳରେ ମଧ୍ୟ ଅର୍ଥମନ୍ତ୍ରୀ ପୂଜାରୀ ପ୍ରାୟ ୧ଲକ୍ଷ ୬ ହଜାର ୪୯୭ କୋଟିର ଲେଖାନୁଦାନ ଆଗତ କରି ରାଜ୍ୟ ପୂର୍ଣ୍ଣାଙ୍ଗ ବଜେଟ୍‌ର ଆକାର ପୂର୍ବବର୍ଷ ଗୁଡ଼ିକ ତୁଳନାରେ ଅଧିକ ବଡ ହେବାର ସନ୍ଦେଶ ଦେବେ ବୋଲି ଜଣାପଡ଼ିଛି। ଗତ ରବିବାର ରାଜ୍ୟ କ୍ୟାବିନେଟ୍ ବୈଠକରେ ଏହି ତିଠା ବଜେଟ୍‌କୁ ମଞ୍ଜୁରୀ ମିଳିଥିଲା।

# ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମରେ ୫୬୭ ଚିକିତ୍ସିତ

ଭବାନୀପାଟଣା,୨୯।୩(ସ୍ୱ.ପ୍ର.)



ଜଣେ ରୋଗୀଙ୍କ ଅସ୍ତ୍ରୋପଚାର କରାଯାଉଛି।

କଳାହାଣ୍ଡି ଜିଲାରେ ପ୍ରଥମ ଥର ପାଇଁ ସୋମବାରଠାରୁ 'ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସୋମବାର ଓ ମଙ୍ଗଳବାର ୨ ଦିନରେ ଜିଲାର ୫୬୭ଜଣ ରୋଗୀ ଚିକିତ୍ସିତ ହୋଇଛନ୍ତି। ମଙ୍ଗଳବାର ଦ୍ୱିତୀୟ ଦିନରେ ୫ଜଣ ସୁପର ସ୍ପେଶାଲିଷ୍ଟ ଡାକ୍ତର ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନାରେ ବିମାନ ଯୋଗେ ଉତ୍କେଲା ଏୟାର ଷ୍ଟ୍ରିପ୍‌ରେ ପହଞ୍ଚିଥିଲେ। ସେଠାରୁ ଭବାନୀପାଟଣା ସଦର ମୁଖ୍ୟ ଡାକ୍ତରଖାନାରେ ପହଞ୍ଚି ୩ଶହ ରୋଗୀଙ୍କ ଚିକିତ୍ସା କରାଯାଇଥିଲା। ସେଥିମଧ୍ୟରୁ ୪ଜଣଙ୍କ ଅସ୍ତ୍ରୋପଚାର କରାଯାଇଛି। ଏହି ଡାକ୍ତରୀ ଦଳରେ ୟୁରୋଲୋଜି ସ୍ପେଶାଲିଷ୍ଟ ଡାକ୍ତର ଦଣ୍ଡେଶ୍ୱର ହୋତା, କାର୍ଡିଓଲୋଜି ସ୍ପେଶାଲିଷ୍ଟ ଡାକ୍ତର ସତ୍ୟ ନାରାୟଣ ରାଉତ, ଆନାସ୍ଥେସିଓଲୋଜି ସ୍ପେଶାଲିଷ୍ଟ ଡାକ୍ତର ଦେବପ୍ରସାଦ ମହାନ୍ତି, ନ୍ୟୁରୋଲୋଜି ସ୍ପେଶାଲିଷ୍ଟ ଡାକ୍ତର ଅଶୋକ ମଲ୍ଲିକ, ନେଫ୍ରୋଲୋଜି ସ୍ପେଶାଲିଷ୍ଟ ଡାକ୍ତର ବିବେକାନନ୍ଦ କର ପ୍ରମୁଖ ରହିଥିଲେ। ସୋମବାର ପ୍ରଥମ ଦିନରେ ୭ଜଣ ସୁପର ସ୍ପେଶାଲିଷ୍ଟ ଡାକ୍ତର ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାରେ ପହଞ୍ଚିଥିଲେ। ଏଥିରେ ୟୁରୋଲୋଜି ସ୍ପେଶାଲିଷ୍ଟ ଡାକ୍ତର ସୁରେଶ ରୁଲାନିଆ, ଡାକ୍ତର କିଶୋର ଟନଜି, ରେଡିଓଲୋଜି ସ୍ପେଶାଲିଷ୍ଟ ଡାକ୍ତର ଶାନ୍ତିଭୂଷଣ ଦାସ, କାର୍ଡିଓଲୋଜି ସ୍ପେଶାଲିଷ୍ଟ ଡାକ୍ତର ଜେ. ସତ୍ୟ ସାରଥି, ନେଫ୍ରୋଲୋଜି ସ୍ପେଶାଲିଷ୍ଟ ଡାକ୍ତର ରାକେଶ କୁମାର ରାଉତରାୟ ପ୍ରମୁଖ ରହିଥିଲେ। ସେମାନେ ଜିଲାର ୨୬୭ ଜଣ ରୋଗୀଙ୍କୁ ପରୀକ୍ଷା କରି ଚିକିତ୍ସା କରିଥିଲେ। ପ୍ରଥମ ଥର ପାଇଁ କଳାହାଣ୍ଡି ଜିଲାରେ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା ଯୋଜନା କାର୍ଯ୍ୟକ୍ରମ ଯୋଗୁ ରୋଗୀମାନେ ଉପକୃତ ହେଉଛନ୍ତି। ଏହି କାର୍ଯ୍ୟକ୍ରମ ବୁଧବାର ପର୍ଯ୍ୟନ୍ତ ଜାରି ରହିବ ବୋଲି ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ପ୍ରକାଶ।

# ଆତ୍ମହତ୍ୟା: କଟକ ଆଗରେ, ସମ୍ବଲପୁର ଦ୍ୱିତୀୟ

## ୫ ବର୍ଷରେ ୨୮,୨୯୪ ମାମଲା ରୁଜୁ

ଯାଜପୁର ଅଫିସ,୨୯।୩

ଓଡ଼ିଶା ଭଳି ଅପେକ୍ଷାକୃତ ଶାନ୍ତିପ୍ରିୟ ରାଜ୍ୟରେ ବର୍ଷକୁ ବର୍ଷ ଆପରାଧିକ ମାମଲା, ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଉଛି। ଏଥିରେ ବିଶେଷତଃ ବେକାର ଯୁବତୀଯୁବକ, ଛାତ୍ରୀଛାତ୍ର ଓ ଚାଷୀମାନେ ସାମିଲ ହେଉଛନ୍ତି। ବିଧାୟକ ମୋହନ ଚରଣ ମାଝିଙ୍କ ଏକ ବିଧାନସଭା ପ୍ରଶ୍ନର ଉତ୍ତରରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ଦ୍ୱାରା ଉପସ୍ଥାପିତ ରିପୋର୍ଟରେ ୫ ବର୍ଷରେ ୧୭୬୫ ଆତ୍ମହତ୍ୟା ବୃଦ୍ଧି ପାଇଥିବା ଜଣାପଡ଼ିଛି। ରିପୋର୍ଟ ଅନୁସାରେ ୨୦୧୬ରେ ଆତ୍ମହତ୍ୟା ସଂଖ୍ୟା ୩୮୮୪ ରହିଥିବାବେଳେ ୨୦୨୧ରେ ତାହା ବୃଦ୍ଧି ପାଇ ୫୬୪୯ରେ ପହଞ୍ଚିଛି।

ଅନ୍ୟପକ୍ଷେ ଏହି ୫ ବର୍ଷରେ ଅର୍ଥାତ୍ ୨୦୧୬ରୁ ୨୦୨୧ ମଧ୍ୟରେ ସମୁଦାୟ ୨୮,୨୯୪ ଆତ୍ମହତ୍ୟା ମାମଲା ରୁଜୁ ହୋଇଥିବା ରିପୋର୍ଟରେ ଦର୍ଶାଯାଇଛି। ଏହି ୫ ବର୍ଷରେ କଟକ ଜିଲାରେ ସର୍ବାଧିକ ୩୩୨୫ ଆତ୍ମହତ୍ୟା ମାମଲା ରହିଥିବାବେଳେ ଦ୍ୱିତୀୟରେ ସମ୍ବଲପୁର ଜିଲାରେ ୨୮୦୨ ମାମଲା ରୁଜୁ ହୋଇଛି। ଅନ୍ୟପକ୍ଷେ କେଉଁ ବର୍ଗରୁ କେତେ ବ୍ୟକ୍ତି କେଉଁ ଧରଣର ଅପରାଧର ଶିକାର ହୋଇଛନ୍ତି ସେସବୁ ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଉଛି ବୋଲି ମନ୍ତ୍ରୀ ମିଶ୍ର ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଛନ୍ତି।

ରାଜ୍ୟରେ ଚାଷୀ ଓ ଚାଷ ସଙ୍କଟରେ ବୋଲି ଅନେକେ କ୍ଷୋଭ ପ୍ରକାଶ



କରିଆସୁଛନ୍ତି। ଗତ କିଛିବର୍ଷ ହେଲା ଚାଷ ସରକାରୀସ୍ତରରେ ପ୍ରାଥମିକତା ହରାଇ ବସିଥିବା ବେଳେ ବିଶ୍ୱତାପନ ଜନିତ ଜଳବାୟୁ ପରିବର୍ତ୍ତନର କୁପରିଣାମକୁ ଚାଷୀ ଭୋଗି ଆସୁଛନ୍ତି। ମରୁଡ଼ି, ବାତ୍ୟା, ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମେତ ରୋଗ ପୋକ ଦାଉରେ ରାଜ୍ୟର ଚାଷୀମାନେ ଫସଲ ହରାଇ ବ୍ୟାପକ କ୍ଷତିଗ୍ରସ୍ତ ହେଉଛନ୍ତି। ସରକାରଙ୍କ ଯୋଜନାବଦ୍ଧ ପଦକ୍ଷେପ ସତ୍ତ୍ୱେ ବ୍ୟାଙ୍କ ଓ ସମବାୟ ସମିତି ଚାଷୀଙ୍କୁ ଆବଶ୍ୟକ ଋଣ ଦେବାରେ ବିଫଳ ହେଉଛନ୍ତି। ଫଳରେ କୃଷକମାନେ ଚଢ଼ା ସୁଧରେ ମହାଜନ, ଏସ୍‌ଏଚ୍‌ଜି ଓ ମାଇକ୍ରୋ ଫାଇନାନ୍ସ ଋଣ ଆଣୁଛନ୍ତି। ଏଭଳି ସ୍ଥଳେ ଫସଲହାନିକୁ ସହି ନ ପାରି ଚାଷୀମାନେ ଆତ୍ମହତ୍ୟାର ପଥ ବାଛି ନେଉଛନ୍ତି, ଯାହାର ଉଦାହରଣ ବିଗତ ଦିନରେ ଅନେକ ଦେଖିବାକୁ ମିଳିଛି।

ସେହିପରି ଅଧିକରୁ ଅଧିକ ସ୍ଥାନୀୟ ନିଯୁକ୍ତି ସୁଯୋଗ ସୃଷ୍ଟି ଓ ଅର୍ଥନୈତିକ ଅଭିବୃଦ୍ଧିର ସ୍ଲୋଗାନ ଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଶିଳ୍ପ କାରଖାନା ପ୍ରତିଷ୍ଠା ପାଇଁ ବୁଝାମଣା ପତ୍ର ସ୍ୱାକ୍ଷର କରାଯାଉଛି। ହେଲେ ଶିଳ୍ପ ଅନୁପାତରେ ସ୍ଥାନୀୟ ନିଯୁକ୍ତି ମିଳୁ ନାହିଁ। ରାଜ୍ୟ ବାହାରର ଠିକାସଂସ୍ଥା ଜରିଆରେ ଶିଳ୍ପ କାରଖାନାରେ ଅଣଓଡିଆ ନିଯୁକ୍ତି ଅଧିକ ହେଉଥିବା ଦେଖିବାକୁ ମିଳିଛି। ଫଳରେ ସ୍ଥାନୀୟ ☞ପୃଷ୍ଠା-୫



## ରୁଚି ସୋୟା ବୈଠକ ମାର୍ଚ୍ଚ ୩୧କୁ ଘୁଞ୍ଚିଲା

**ନୂଆଦିଲ୍ଲୀ:** ରୁଚି ସୋୟା ଇଣ୍ଡଷ୍ଟ୍ରିଜ୍ ପକ୍ଷରୁ ଫଲୋ ଅନ୍ ପବ୍ଲିକ୍ ଅଫରିଂ(ଏଫ୍‌ପିଓ)ର ଫାଇନାଲ୍ ଇସ୍ୟୁ ପ୍ରାଇସ୍ ଧାର୍ଯ୍ୟ କରିବା ଉଦ୍ଦେଶ୍ୟରେ ହେବାକୁ ଥିବା ବୋର୍ଡ ମିଟିଂକୁ ୩୧ ମାର୍ଚ୍ଚକୁ ଘୁଞ୍ଚାଇ ଦିଆଯାଇଛି। ପୂର୍ବରୁ ଏହି ବୈଠକ ମାର୍ଚ୍ଚ ୨୯ ରେ ହେବ ବୋଲି ଧାର୍ଯ୍ୟ ହୋଇଥିଲା। ମାର୍କେଟ୍ ରେଗୁଲେଟର 'ସେବି' ପକ୍ଷରୁ ୨୮ ତାରିଖରେ ଅପ୍ରତ୍ୟାଶିତ ଭାବରେ ରୁଚି ସୋୟାରେ ୪,୩୦୦ କୋଟି ଟଙ୍କା ନିବେଶ କରିଥିବା ଇନ୍‌ଭେଷ୍ଟରଙ୍କୁ ନିଜ ଅର୍ଥ ଫେରାଇ ନେବାର ବିକଳ୍ପ ଦେଇଥିବା କାରଣରୁ ଏହି ବୈଠକ ଘୁଞ୍ଚାଇ ଦିଆଯାଇଛି।

### ସଂକ୍ଷେପରେ

## ଗୌରବ ନେଗି ଇଣ୍ଡିଗୋର ନୂଆ ସିଏଫ୍‌ଓ ନିଯୁକ୍ତ

**ନୂଆଦିଲ୍ଲୀ,୨୯।୩:** ଇଣ୍ଡିଗୋର ମୁଖ୍ୟ ବିତ୍ତ ଅଧିକାରୀ (ସିଏଫ୍‌ଓ) ଜିତେନ୍ ଚୋପ୍ରା ନିଜ ପଦବୀରୁ ଇସ୍ତଫା ଦେବାର ଗୋଟିଏ ଦିନ ପରେ ଗୌରବ ନେଗିଙ୍କୁ ଏହି ପଦରେ ନିଯୁକ୍ତ କରାଯାଇଛି। ନୂତନ ସିଏଫ୍‌ଓ ଭାବେ ନିଯୁକ୍ତ ପାଇଥିବା ନେଗି ଏପ୍ରିଲ ପହିଲାରୁ ନିଜ ଦାୟିତ୍ୱରେ ଯୋଗଦେବେ। ଏ ସମ୍ପର୍କରେ କମ୍ପାନୀ ବୋର୍ଡ ପକ୍ଷରୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ବିତ୍ତ, କର୍ପୋରେଟ୍ ପ୍ରଶାସନ ଏବଂ ବ୍ୟବସାୟ ସଞ୍ଚାଳନ କ୍ଷେତ୍ରରେ ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟର ଅଭିଜ୍ଞତା ରହିଛି। ସେ ଜଣେ ଚର୍ଟାର୍ଡ ଆକାଉଣ୍ଟାଣ୍ଟ। ସେ ଦେଶ ବିଦେଶର ବିଭିନ୍ନ ଉଦ୍ୟୋଗରେ ବରିଷ୍ଠ ପରିଚାଳକ ଭାବରେ କାର୍ଯ୍ୟ କରିଛନ୍ତି।

## ଟାଟା ଷ୍ଟିଲ୍‌ର ଅତିରିକ୍ତ ନିର୍ଦ୍ଦେଶକ ହେଲେ ନୋଏଲ୍ ନାଭାଲ

**ନୂଆଦିଲ୍ଲୀ,୨୯।୩:** ଇସ୍ପାତ ଉତ୍ପାଦକ କମ୍ପାନୀ ଟାଟା ଷ୍ଟିଲ୍ ପକ୍ଷରୁ ସାର୍ ରତନ ଟାଟା ଟ୍ରଷ୍ଟ ବୋର୍ଡରେ ସାମିଲ ଥିବା ନୋଏଲ୍ ନାଭାଲ ଟାଟାଙ୍କୁ ଅତିରିକ୍ତ ନିର୍ଦ୍ଦେଶକ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିସହିତ ତାଙ୍କୁ ଟାଟା ଷ୍ଟିଲ୍‌ର ଭାଇସ୍ ଚେୟାରମ୍ୟାନ୍ ଭାବେ ମଧ୍ୟ ନିଯୁକ୍ତ କରାଯାଇଛି। ଟାଟା ଷ୍ଟିଲ୍ ପକ୍ଷରୁ ଶେୟାର ବଜାରକୁ ଦିଆଯାଇଥିବା ସୂଚନା ଅନୁସାରେ, ନୋଏଲ୍ ଟାଟାଙ୍କ ଏହି ନିଯୁକ୍ତି ସମ୍ବନ୍ଧରେ କମ୍ପାନୀର ନିର୍ଦ୍ଦେଶକ ମଣ୍ଡଳ ଦ୍ୱାରା ସୋମବାର ହୋଇଥିବା ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସୂଚନାଯୋଗ୍ୟ, ନୋଏଲ୍ ସାର୍ ରତନ ଟାଟା ଟ୍ରଷ୍ଟ ସମେତ ଦୋରାବଜି ଟାଟା ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟି ଭାବରେ ସାମିଲ ଅଛନ୍ତି। ସେ ବର୍ତ୍ତମାନ ଟାଟା ଇଣ୍ଟରନ୍ୟାଶନାଲ ଲିମିଟେଡ୍‌ର ଚେୟାରମ୍ୟାନ୍ ଏବଂ ଟାଇଟନ୍ କମ୍ପାନୀ ଲିମିଟେଡ୍‌ର ଭାଇସ୍ ଚେୟାରମ୍ୟାନ ପଦବୀରେ ରହିଛନ୍ତି। ଟାଟା ଇଣ୍ଟରନ୍ୟାଶନାଲ ସହ ସାମିଲ ହେବା ପୂର୍ବରୁ ନୋଏଲ୍ ଟ୍ରେଣ୍ଟ୍ ଲିମିଟେଡ୍‌ରେ ୧୧ ବର୍ଷ ଧରି ପ୍ରବନ୍ଧ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଛନ୍ତି।

# ବନ୍ଦ ଯୋଗୁ ପ୍ରଭାବିତ ହୋଇଛି ବ୍ୟାଙ୍କ ସେବା

ନୂଆଦିଲ୍ଲୀ,୨୯।୩



କେନ୍ଦ୍ର ସରକାରଙ୍କ ମନମାନି ନୀତି ଓ ବିଭିନ୍ନ ଦାବି ଓ ୩ ଶ୍ରମ କୋଡ୍‌କୁ ବିରୋଧକରି ୨ ଦିନିଆ ଭାରତ ବନ୍ଦର ଡାକରା କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନଙ୍କ ଦ୍ୱାରା ଦିଆଯାଇଥିଲା। ଏହି ହରତାଳ ଡାକରାରେ ଦେଶର ପ୍ରାୟ ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କର ବିଭିନ୍ନ ୟୁନିୟନ ମଧ୍ୟ ସାମିଲ ହୋଇଛନ୍ତି। ଫଳରେ ଉକ୍ତ ୨ଦିନ ହରତାଳ ଯୋଗୁ ଦେଶର ବିଭିନ୍ନ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଦ୍ୱାରା ହେଉଥିବା ଆର୍ଥିକ ନେଣଦେଣ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏପରିକି ଏହି ସମୟ ମଧ୍ୟରେ ପ୍ରାୟ ୧୫ ହଜାର କୋଟି ଟଙ୍କାର କାରବାର ବନ୍ଦ ହୋଇଯାଇଥିବା ବ୍ୟାଙ୍କ ୟୁନିୟନଗୁଡ଼ିକ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଅଖିଳ ଭାରତୀୟ ବ୍ୟାଙ୍କ କର୍ମଚାରୀ ସଂଘ (ଏଆଇବିଇଏ)ର କହିବା ଅନୁସାରେ ଚେନ୍ନାଇରେ କାର୍ଯ୍ୟରତ ଦକ୍ଷିଣ ଗ୍ରୀଡ୍‌ରେ ପାଖାପାଖି ୬ ଲକ୍ଷ ଚେକ୍ ପାରିତ ହୋଇ ନ ପାରି ଅଟକି ରହିଛି। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୨୦ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଏଆଇବିଇଏ ମତବ୍ୟକ୍ତ କରିଛି। ସେହିପରି ଉଭୟ ସୋମବାର ଓ ମଙ୍ଗଳବାର ହରତାଳ ଯୋଗୁ ଦକ୍ଷିଣ ଗ୍ରୀଡ୍‌ରେ ୫ ହଜାର କୋଟି ଟଙ୍କାର ୬ ଲକ୍ଷ ଚେକ୍ ଗୃହୀତ ହୋଇପାରି ନାହିଁ। କାରଣ ହରତାଳ ଯୋଗୁ ଏହି ଜୋନ୍‌ର ଶାଖାଗୁଡ଼ିକ ପ୍ରାୟ ବନ୍ଦ ରହିଥିଲା ବୋଲି କୁହାଯାଇଛି। ଅପରପକ୍ଷରେ ହରତାଳ ଯୋଗୁ ବ୍ୟାଙ୍କଗୁଡ଼ିକରେ ସାଧାରଣ କାରବାର ମଧ୍ୟ ବ୍ୟାପକ ପ୍ରଭାବିତ ହୋଇଛି। ସେହିଭଳି ଜାତୀୟ ସ୍ତରରେ ପ୍ରାୟ ୧୮ହଜାର କୋଟି ଟଙ୍କାର ୨୦ହଜାର ଚେକ୍ ଲିଖିତ ନିକାଶି ଲାଗି ପଠାଯାଇ ପାରିନାହିଁ। ଦେଶର ବିଭିନ୍ନ ବ୍ୟାଙ୍କ କର୍ମଚାରୀ ସଂଘଙ୍କ ମଧ୍ୟରେ ଏଆଇବିଇଏ ଅନ୍ୟତମ ଓ ପ୍ରମୁଖ କର୍ମଚାରୀ ସଂଘ ବୋଲି କୁହାଯାଉଛି। ତେବେ ଏଥିଲାଗି ଜନସାଧାରଣ ଯେଉଁ ପ୍ରକାର ଅସୁବିଧାର ସମ୍ମୁଖୀନ ହୋଇଛନ୍ତି ସେଥିଲାଗି ସଂଘ ଦୁଃଖ ପ୍ରକାଶ କରିଛି। ହେଲେ ସରକାରୀ କ୍ଷେତ୍ରର ବ୍ୟାଙ୍କିଙ୍ଗ୍ ସୁରକ୍ଷା ଲାଗି ଅନ୍ୟ କୌଣସି ପନ୍ଥା ନ ଥିଲା ବୋଲି କର୍ମଚାରୀ ସଂଘର ସଭାପତି ସି.ଏଚ୍.ଭେଙ୍କଟାଚଲମ କହିଛନ୍ତି। କେନ୍ଦ୍ର ସରକାରଙ୍କ ବ୍ୟାଙ୍କ ଘରୋଇକରଣ ନିଷ୍ପତ୍ତିକୁ ନେଇ ଏଆଇବିଇଏ ଆଜି ମଧ୍ୟ ଅସନ୍ତୁଷ୍ଟ ଓ ଲଢ଼େଇ କରୁଛି। ଲୋକଙ୍କୁ

**୨ଦିନରେ ପ୍ରାୟ ୧୫ ହଜାର କୋଟିର ବ୍ୟାଙ୍କ କାରବାର ବନ୍ଦ: ଏଆଇବିଇଏ**

ବ୍ୟାଙ୍କ ଚାକିରି ଏତେ ସହଜରେ ମିଳେ ନାହିଁ। କଠିନ ନିଯୁକ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଲକ୍ଷ ଲକ୍ଷ ଯୁବକ ଯୁବତୀ ଦେଶର ବ୍ୟାଙ୍କିଙ୍ଗ୍ ସେକ୍ଟରରେ କାମ କରୁଛନ୍ତି। ସେହିପରି ଦେଶର ବ୍ୟାପକ ଅର୍ଥନୈତିକ ବିକାଶରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ଇଞ୍ଜିନ ଭଳି ସହଯୋଗ କରୁଛନ୍ତି। ଏଥିରେ ଲୋକଙ୍କ ସଞ୍ଚୟ ଓ ଅଭାବୀ କ୍ଷେତ୍ରକୁ ଋଣ ସମ୍ପ୍ରସାରଣ ନିମନ୍ତେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ହିଁ ହାତ ବଢ଼ାଇଥାନ୍ତି। ବ୍ୟାଙ୍କ ଘରୋଇକରଣ ଲାଗି ସରକାରଙ୍କ ଉଦାସୀନତା ଯୋଜନା ଅତ୍ୟନ୍ତ ନିନ୍ଦନୀୟ ବୋଲି ଭେଙ୍କଟାଚଲମ କହିଛନ୍ତି। ସରକାରଙ୍କ କର୍ମଚାରୀ, ଶ୍ରମିକ, କୃଷକ ଓ ଜନବିରୋଧୀ ନୀତି ବିରୋଧରେ ୨୮ ମାର୍ଚ୍ଚ ସକାଳୁ ୧୦ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଥିଲା।

# ୨୫୯ ଟଙ୍କିଆ ପ୍ରିପେଡ୍ ପ୍ଲାନ୍‌ର ଶୁଭାରମ୍ଭ

ମୁମ୍ବାଇ,୨୯।୩




ଭାରତର ଅଗ୍ରଣୀ ଟେଲିକମ୍ ଅପରେଟର ରିଲାଏନ୍ସ ଜିଓ ପକ୍ଷରୁ ୨୫୯ ଟଙ୍କିଆ ପ୍ଲାନ୍‌ର ଶୁଭାରମ୍ଭ କରାଯାଇଛି। ଏହା କ୍ୟାଲେଣ୍ଡର ମାସର ବୈଧତା ସହ ଆସିଥିବା ବେଳେ ପ୍ରିପେଡ୍ ଗ୍ରାହକମାନଙ୍କୁ ପ୍ରତି ମାସରେ ମାତ୍ର ଗୋଟିଏ ରିଚାର୍ଜ ତାରିଖ ମନେରଖିବାରେ ସହାୟକ ହେବ। ଜିଓ ହେଉଛି ଭାରତୀୟ ଟେଲିକମ୍ ଶିଳ୍ପର ପ୍ରଥମ କମ୍ପାନୀ ଯାହା 'କ୍ୟାଲେଣ୍ଡର ମାସ ବୈଧତା' ଥିବା ପ୍ରିପେଡ୍ ପ୍ଲାନ୍‌ର ଶୁଭାରମ୍ଭ କରିଛି। ଜିଓର ଏହି ୨୫୯ ଟଙ୍କିଆ ପ୍ଲାନ୍‌ରେ ଦୈନିକ ୧.୫ ଜିବି ହାଇ ସ୍ପିଡ୍ ଡାଟା ଓ ଅସୀମିତ କଲ୍ ସୁବିଧା ସହ ଗୋଟିଏ ମାସର ସମ୍ପୂର୍ଣ୍ଣ ବୈଧତା ଭଳ ସୁବିଧା ରହିଛି। ତେଣୁ ସେହି ଅନୁସାରେ, ପ୍ରତି ମାସରେ ରିଚାର୍ଜ କଲେ ବର୍ଷକୁ ରିଚାର୍ଜ ସଂଖ୍ୟା କେବଳ ୧୨ହିଁ ରହିବ। ପ୍ରତି ମାସର ସମାନ ତାରିଖରେ ରିଚାର୍ଜ ସମୟ ଆସିବ। ଅନ୍ୟ ଜିଓ ପ୍ରିପେଡ୍ ପ୍ଲାନ୍ ଭଳି ୨୫୯ ଟଙ୍କିଆ ପ୍ଲାନ୍‌କୁ ଏକ ସମୟରେ ଏକାଧିକ ଥର ରିଚାର୍ଜ କରିହେବ। ଅଗ୍ରିମ ରିଚାର୍ଜ ପ୍ଲାନ୍‌ଗୁଡ଼ିକ ଧାଡ଼ିରେ ରହିବ ଏବଂ ଚାଲୁ ରହିଥିବା ବର୍ତ୍ତମାନର ସକ୍ରିୟ ପ୍ଲାନ୍‌ର ସମୟ ସୀମା ଶେଷ ହେବା ପରେ ସେଗୁଡ଼ିକ ସ୍ୱୟଂକ୍ରିୟ ଭାବେ ସକ୍ରିୟ ହୋଇଯିବ। ଫଳରେ ବ୍ୟବହାରକାରୀଙ୍କ ପାଇଁ ସୁବିଧାଜନକ ଓ ସହଜ ହେବ। ସମସ୍ତ ଅନ୍‌ଲାଇନ ଓ ଅଫ୍‌ଲାଇନ ଚ୍ୟାନେଲରେ ଉଭୟ ନୂଆ ଓ ପୁରୁଣା ବ୍ୟବହାରକାରୀଙ୍କ ପାଇଁ ଏହି ପ୍ଲାନ୍ ଉପଲବ୍ଧ ରହିବ। ଚଳିତ ବର୍ଷ ପ୍ରାରମ୍ଭରେ ଟେଲିକମ୍ କ୍ଷେତ୍ରର ନିୟାମକ ସଂସ୍ଥା ଟ୍ରାଇ ପକ୍ଷରୁ ୩୦ଦିନ ବୈଧତା ଥିବା ପ୍ରିପେଡ୍ ମୋବାଇଲ ରିଚାର୍ଜ ପ୍ଲାନ୍ ସୁବିଧା ଉପଲବ୍ଧ କରାଇବା ଲାଗି ଟେଲିକମ୍ କମ୍ପାନୀଗୁଡ଼ିକୁ କୁହାଯାଇଥିଲା।

# ନିବଭ'ର ଅତ୍ୟାଧୁନିକ ଅସ୍ଥାୟୀ ଲିଫ୍ଟ ଉନ୍ମୋଚନ

ଭୁବନେଶ୍ୱର,୨୯।୩



ଭାରତୀୟ ଷ୍ଟାର୍ଟଅପ୍ ୟୁନିଟ୍ 'ନିବଭ' ହୋମ୍ ଏଲିଭେଟର୍ସ ପକ୍ଷରୁ ନିକଟରେ ତା'ର ଅତ୍ୟାଧୁନିକ ଅସ୍ଥାୟୀ ଲିଫ୍ଟଗୁଡିକର ଉନ୍ମୋଚନ ଏବଂ ବଜାର ପ୍ରବେଶ ସହ ଓଡ଼ିଶା ବଜାରରେ ଏହାର ବ୍ୟବସାୟିକ ରଣନୀତି ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ବ୍ୟବସାୟୀ ଜୟଶ୍ରୀ ମହାନ୍ତି ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ପୂର୍ବ ଭାରତର ରାଜ୍ୟ ମୁଖ୍ୟ ସାତ୍ତ୍ୱିକ୍ ଘୋଷ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ଏହାର କ୍ଷମତା ୨୧୦ କେଜିରୁ ଊର୍ଦ୍ଧ୍ୱ ରହିଥିବା ବେଳେ ଏକା ଥରକେ ୩ ଜଣ ଲୋକ ଏହା ଜରିଆରେ ଯିବା ଆସିବା କରିପାରିବେ। ସେହିଭଳି ଏହାର ବଜାର ମୂଲ୍ୟ ପ୍ରାୟ ୧୩ ଲକ୍ଷ ଟଙ୍କାରୁ ଆରମ୍ଭକରି ୧୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିଭଳି କମ୍ପାନୀର ଆଞ୍ଚଳିକ ମୁଖ୍ୟ ଷ୍ଟାଲିନ୍ କୁମାର ଆଭେଲ କହିଥିଲେ, ଏହି ଲିଫ୍ଟ ସମ୍ପୂର୍ଣ୍ଣ ଭାରତୀୟ ଜ୍ଞାନକୌଶଳରେ ନିର୍ମିତ ହୋଇଥିବା ବେଳେ ଏହା ଏକ ସ୍ୱଦେଶୀ କମ୍ପାନୀ ଏବଂ ଏଥିରେ ମାସିକ ବିଦ୍ୟୁତ୍ ସାଧାରଣ ଲିଫ୍ଟ ଠାରୁ ୯୦% କମ୍ ରହିବ। କମ୍ପାନୀର ଉକ୍ତ ମଡେଲ ଓଡ଼ିଶାର ବିଭିନ୍ନ ସ୍ଥାନରେ ସ୍ଥାପନା ହୋଇଥିବା ବେଳେ ଆଗାମୀ ଦିନରେ ରାଜ୍ୟର ସମସ୍ତ ଅଞ୍ଚଳରେ ଏହାର ସେବା ଓ ସୁବିଧା ପହଞ୍ଚାଇବା ଲକ୍ଷ୍ୟରେ ଭୁବନେଶ୍ୱରରେ ଶାଖା କାର୍ଯ୍ୟାଳୟ ଉଦ୍‌ଘାଟନ ସହ ଆଗାମୀ ଦିନରେ ରାଉରକେଲା ଏବଂ କଟକରେ ମଧ୍ୟ କାର୍ଯ୍ୟାଳୟ ଖୋଲାଯିବା ଯୋଜନା ରହିଛି।

# ୧.୫% ଅଂଶଧନ ବିକିବେ ସରକାର

ନୂଆଦିଲ୍ଲୀ,୨୯।୩

ଦେଶର ସର୍ବବୃହତ୍ତ ତୈଳ ଏବଂ ଗ୍ୟାସ୍ ଉତ୍ପାଦନକାରୀ କମ୍ପାନୀ ଓଏନ୍‌ଜିସିରେ ସରକାରଙ୍କର ଥିବା ୧.୫% ଅଂଶଧନକୁ ବିକ୍ରିକରିବାକୁ ଲକ୍ଷ୍ୟ ରଖିଛନ୍ତି ସରକାର। ଚଳିତ ସପ୍ତାହରେ ସରକାର ଏହି ଅଂଶଧନ ବିକ୍ରି କରି ପ୍ରାୟ ୩୦୦୦ କୋଟି ଟଙ୍କା ପୁଞ୍ଜି ସଂଗ୍ରହ ପାଇଁ ଯୋଜନା ରଖିଛନ୍ତି। ମାର୍ଚ୍ଚ ୩୦ ଏବଂ ୩୧ ତାରିଖରେ ଅଫର୍ ଫର୍ ସେଲ୍ (ଓଏଫ୍‌ଏସ୍) ସରକାରଙ୍କ ଦ୍ୱାରା ଖୋଲା ରହିବ ବୋଲି ଅଏଲ୍ ଆଣ୍ଡ୍ ନେଚୁରାଲ୍ ଗ୍ୟାସ୍ କର୍ପୋରେସନ୍(ଓଏନ୍‌ଜିସି) ପକ୍ଷରୁ ମଙ୍ଗଳବାର ଷ୍ଟକ୍ ଏକ୍ସଚେଞ୍ଜ ଫାଇଲିଂକୁ ସୂଚନା ଦିଆଯାଇଛି। ଓଏଫ୍‌ଏସ୍ ପାଇଁ ଫ୍ଲୋର୍ ପ୍ରାଇସ୍ ଶେୟାର ପିଛା ୧୫୯ ଟଙ୍କା ଧାର୍ଯ୍ୟ କରାଯାଇଛି।

# ଏଚ୍‌ଡିଏଫ୍‌ସିର ନୂତନ ଶାଖା ଉଦ୍‌ଘାଟିତ

ଭୁବନେଶ୍ୱର,୨୯।୩



ଏଚ୍‌ଡିଏଫ୍‌ସି ବ୍ୟାଙ୍କ୍‌ର ୧୬୬ତମ ଶାଖା ମଙ୍ଗଳବାର ସ୍ଥାନୀୟ ସମ୍ ହସ୍ପିଟାଲଠାରେ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ପୂରଣ କରିବା ଉଦ୍ଦେଶ୍ୟରେ ଏହି ଶାଖାର ଶୁଭାରମ୍ଭ କାଯାଇଥିବା ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଏହି ଅବସରରେ ସୋଆ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ତଥା ସଭାପତି ପ୍ରଫେସର ମନୋରଞ୍ଜନ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଉପାସନା ନାୟକ, ସାମ୍ବାଦିକ ଦେବେନ୍ଦ୍ର ସୁଆର, ସୋଆର ସିଏ ସରୋଜକାନ୍ତ ସାମଲଙ୍କ ସମେତ ଏଚ୍‌ଡିଏଫ୍‌ସିର ଓଡ଼ିଶା ଉପସଭାପତି ତଥା କ୍ଲଷ୍ଟର ହେଡ୍ ଦେବେନ୍ଦ୍ରନାଥ ଜେନା ଏବଂ ଭୁବନେଶ୍ୱର ବ୍ରାଞ୍ଚ ମ୍ୟାନେଜର ସଂଘମିତ୍ରା ମହାରଣା ପ୍ରମୁଖ ସାମିଲ ରହିଥିଲେ। ଏଚ୍‌ଡିଏଫ୍‌ସି ବ୍ୟାଙ୍କ ନିଶ୍ଚିତ ଭାବେ ଏକ ଉତ୍କୃଷ୍ଟ ଭିତ୍ତିଭୂମି ଏବଂ ଉତ୍ତମ ସେବା ଯୋଗାଉଥିବାବେଳେ ଆଗାମୀ ଦିନରେ ଏହା ସବୁ ବର୍ଗର ଲୋକଙ୍କୁ ବ୍ୟାଙ୍କ ସେବା ପ୍ରଦାନ କରିବ ବୋଲି ମନୋରଞ୍ଜନ ନାୟକ କହିଛନ୍ତି। ଏହି ଶାଖା ସାମପୁର, ଅନ୍ଧାରୁଆ, ନୂଆଗାଁ, ମାଳିପଡ଼ା, କଣ୍ଟାବାଡ଼ ଏବଂ ଚନ୍ଦକା ଅଞ୍ଚଳର ଲୋକଙ୍କୁ ସେବା ଯୋଗାଇଦେବ ବୋଲି ଏଚ୍‌ଡିଏଫ୍‌ସି ପକ୍ଷରୁ ଓଡ଼ିଶା ଉପସଭାପତି ତଥା କ୍ଲଷ୍ଟର ହେଡ୍ ଜେନା କହିଥିଲେ।

### ଫୁରସତ୍

# ମୁଣ୍ଡ ନ ଥିଲେ ବି ବଞ୍ଚିପାରେ



**ନୂଆଦିଲ୍ଲୀ:** ଏମିତି ଏକ ପ୍ରାଣୀ ଅଛି, ଯାହାର ମୁଣ୍ଡକୁ ଶରୀରରୁ ଅଲଗା କରିବା ପରେ ସେ ଜୀବିତ ରହିପାରେ। ଘଣ୍ଟାଏ କି ଦି ଘଣ୍ଟା ନୁହେଁ ବରଂ ସପ୍ତାହେ ପର୍ଯ୍ୟନ୍ତ ମୁଣ୍ଡ ବିହୀନ ହୋଇ ଜୀବିତ ରହିପାରେ। ଅଜବ ମନେହେଉଥିଲେ ବି ଏଭଳି ଏକ ଭିନ୍ନ ଧରଣର ପ୍ରାଣୀ ହେଉଛି ଅସରପା। ଅସରପାକୁ ପ୍ରକୃତିର ଏକ ବିସ୍ମୟ କହିଲେ ଭୁଲ୍ ହେବ ନାହିଁ। କାହିଁକି ନା ଅସରପାର ଶରୀରରୁ ମୁଣ୍ଡକୁ ଅଲଗା କରିଦେଲେ ବି ତା' ଦେହରେ ସପ୍ତାହେ ପର୍ଯ୍ୟନ୍ତ ଜୀବନ ରହିଥାଏ। ବିଜ୍ଞାନ ଅନୁସାରେ ଅସରପାର ଶରୀର ସରଞ୍ଚନା ସେଭଳି ଏକ ବିଶେଷ ଢଙ୍ଗରେ ହୋଇଥାଏ; ଯାହାଫଳରେ ଶରୀର ସହିତ ତା'ର ମୁଣ୍ଡ ଲାଗି ନ ଥିଲେ ବି ସେ ବଞ୍ଚିପାରେ। ବୈଜ୍ଞାନିକଙ୍କ କହିବା ଅନୁସାରେ ପ୍ରାକୃତିକଭାବେ ଅସରପାର ଶରୀରରେ ଓପନ୍ ସର୍କୁଲେଟୋରୀ ସିଷ୍ଟମ୍ ରହିଛି। ଏହି ସିଷ୍ଟମ୍ ଅନୁସାରେ ଅସରପାର ଶରୀରରେ ଛୋଟ ଛୋଟ ଛିଦ୍ର ରହିଥାଏ; ଯାହା ମାଧ୍ୟମରେ ସେ ନିଃଶ୍ୱାସ ନେଇପାରେ। ତେଣୁ ନିଃଶ୍ୱାସ ନେବା ପାଇଁ ସେ ମୁଣ୍ଡର ଆବଶ୍ୟକତାକୁ ଅପେକ୍ଷା କରି ନ ଥାଏ। ତେଣୁ ଅସରପା କେବେ ନିଃଶ୍ୱାସ ବନ୍ଦ ହେବା ଯୋଗୁ ମୃତ୍ୟୁମୁଖରେ ପଡ଼ି ନ ଥାଏ। ବରଂ ପାଣି ପିଇବାକୁ ନ ପାଇ କିଛି ଦିନ ପରେ ଅସରପା ଛଟପଟ ହୋଇ ମରିଯାଏ।

## ମୋଦିଙ୍କ ଫଟୋ ଲଗାଇଲେ ଘରୁ ବାହାର

**ଇନ୍ଦୋର:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଫଟୋ ନ ହଟାଇଲେ ଘରୁ ବାହାର କରିଦେବେ ବୋଲି ଧମକ ଦେଉଛନ୍ତି ଘର ମାଲିକ। ମଧ୍ୟ ପ୍ରଦେଶ ଇନ୍ଦୋରରୁ ଏହି ଘଟଣା ସାମ୍ନାକୁ ଆସିଛି। ୟୁସୁଫ ନାମକ ଜଣେ ବ୍ୟକ୍ତି ପ୍ରଧାନମନ୍ତ୍ରୀଙ୍କୁ ନିଜ ପ୍ରେରଣା ଭାବି ଘର କାନ୍ଥରେ ତାଙ୍କର ଏକ ଫଟୋ ଲଗାଇଥିଲେ। ଯେତେବେଳେ ଘର ମାଲିକ ୟାକୁବ ମନସୁରୀ ଏବଂ ସୁଲତାନ ମନସୁରୀଙ୍କ ଆଖିରେ ଏହି ଫଟୋ ପଡ଼ିଥିଲା ସେତେବେଳେ ସେମାନେ ୟୁସୁଫଙ୍କୁ ଫଟୋ ହଟାଇବାକୁ କହିଥିଲେ। ୟୁସୁଫ ଏଥିରେ ଅରାଜି ହେବାରୁ ସେମାନେ ତାଙ୍କୁ ଘରୁ ବାହାର କରିବାର ଧମକ୍ ଦେଲେ। ଏ ନେଇ ୟୁସୁଫ ଜନ ଅଦାଲତରେ ଅଭିଯୋଗ କରିଥିବା ଏମ୍‌ପି ପୋଲିସ କମିଶନର ଅଫିସ ପକ୍ଷରୁ ସୂଚନା ଦିଆଯାଇଛି।

# ଦ୍ୱିତୀୟ ବିବାହ କରିବେ କନିକା



**ମୁମ୍ବାଇ:** ବଲିଉଡ୍ ବେବିଡଲ୍ ଗାୟିକା କନିକା କପୁର ଖୁବ୍ ଲୋକପ୍ରିୟ। ସେ ତାଙ୍କ ଗୀତ ଜରିଆରେ ସମସ୍ତଙ୍କ ହୃଦୟରେ ରାଜ୍ କରୁଥିବା କନିକା ଦ୍ୱିତୀୟ ଥର ବିବାହ କରିବାକୁ ଯାଉଛନ୍ତି। ୪୩ ବର୍ଷ ବୟସରେ କନିକା ସାଜିବେ କନିଆଁ। ସୂଚନା ଅନୁଯାୟୀ, ସେ କିଛି ମାସ ହେବ ଏନ୍‌ଆରଆଇ ଗୌତମଙ୍କ ସହ ରିଲେଶନଶିପ୍‌ରେ ରହିଛନ୍ତି। ତେବେ ଦୁହେଁ ଚଳିତବର୍ଷ ମେ ୨୦ ତାରିଖରେ ଲଣ୍ଡନରେ ବିବାହ ବନ୍ଧନରେ ବାନ୍ଧିହେବାକୁ ଯାଉଛନ୍ତି। ଉଭୟ ଗତ ୬ ମାସ ହେବ ବିବାହର ଯୋଜନା କରୁଥିଲେ। ଏପର୍ଯ୍ୟନ୍ତ କନିକା ଅଫିସିଆଲି କୌଣସି ଘୋଷଣା କରିନାହାନ୍ତି। ସେ ପୂର୍ବରୁ ଏନ୍‌ଆରଆଇ ରାଜ ଚନ୍ଦୋକଙ୍କୁ ବିବାହ କରିଥିଲେ। ଉଭୟଙ୍କ ବୈବାହିକ ସମ୍ପର୍କ ମଧ୍ୟରେ ୩ଟି ପିଲା ହୋଇଥିଲେ। ବହୁ ସମୟ ଧରି ସେମାନଙ୍କ ମଧ୍ୟରେ ସମ୍ପର୍କ ତିଷ୍ଠି ପାରିଲା ନାହିଁ। କନିକା ତାଙ୍କ ସଙ୍ଗୀତ କ୍ୟାରିୟର ୨୦୧୨ରେ ପ୍ରଥମ ଥର 'ଜୁଗନି ଜି'ରୁ ଆରମ୍ଭ କରିଥିଲେ। ଏହାପରେ କନିକା ସେହି ବର୍ଷ ରାଗିନୀ ଏମ୍‌ଏମ୍‌ଏସ୍–୨ରେ ବେବିଡଲ୍ ଗୀତ ଗାଇ ଲୋକପ୍ରିୟ ହୋଇଥିଲେ। ପରେ 'ଚିଟିୟାକାଲାୟା ବେ' ଗୀତ ମଧ୍ୟ ସେ ପ୍ରସିଦ୍ଧି ଲାଭ କରିଥିଲା।

# 'ସୋନାର ବଙ୍ଗଲା'ରେ ସୁମୋନା




**ମୁମ୍ବାଇ:** ସୋନି ଟିଭିରେ ପ୍ରସାରିତ ପ୍ରସିଦ୍ଧ କମେଡି ଶୋ' 'ଦ କପିଲ ଶର୍ମା ଶୋ'ରେ ଅଭିନୟ କରୁଥିବା ସୁମୋନା ଚକ୍ରବର୍ତ୍ତୀ ଶୋ' ଛାଡିଦେଇଛନ୍ତି। ଏନେଇ ସୁମୋନା ଏ ପର୍ଯ୍ୟନ୍ତ କୌଣସି ଅଫିସିଆଲ ଘୋଷଣା କରି ନାହାନ୍ତି। ତେବେ ସେ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଏକ ଅପକମିଂ ସିରିଏଲ୍‌ର ପ୍ରୋମୋ ଶେୟାର କରିଛନ୍ତି, ଯେଉଁଥିରୁ ଅନୁମାନ କରାଯାଉଛି କି ନାୟିକା ଜଣଙ୍କ କପିଲ ଶର୍ମା ଶୋ'କୁ ଛାଡିଦେଇଛନ୍ତି। ରିପୋର୍ଟ ମୁତାବକ, ସୁମୋନା କପିଲଙ୍କ କମେଡି ଶୋ'ରୁ ବାହାରି ଏକ ନୂଆ ବଙ୍ଗାଳୀ ଶୋ'ରେ ନଜରକୁ ଆସିବେ, ଯାହାର ନାମ 'ସୋନାର ବଙ୍ଗଲା'। ଏଥିରେ ତାଙ୍କୁ ଜଣେ ୨୨–୨୫ ବର୍ଷ ବୟସର ଝିଅ ଚରିତ୍ରରେ ଦେଖିବାକୁ ମିଳିବ। ତେବେ ଏହି ଶୋ' ମାର୍ଚ୍ଚ ୩୦ରୁ ଆରମ୍ଭ ହେବାକୁ ଯାଉଛି।

# ଅଟୋରେ କଟୁଥିଲା ରାତି



**ନୂଆଦିଲ୍ଲୀ:** ପ୍ରଥମେ ବାଲ୍ୟ ବିବାହ ଆଉ ତା' ପରେ ଯୌତୁକ ନିର୍ଯାତନା, ଜୀବନ ତାଙ୍କ ପାଇଁ ଯେମିତି ଏକ ଅଭିଶାପ ପାଲଟିଯାଇଥିଲା। ନିର୍ଯାତନା ଏତେ ବଢ଼ିଯାଇଥିଲା ଯେ, ଜୀବନ ବଞ୍ଚାଇବା ପାଇଁ ତାଙ୍କୁ ଘରୁ ଲୁଚି ଆସିବାକୁ ପଡ଼ିଲା। ଉତ୍ତର ଭାରତର ପ୍ରଥମ ଅଟୋ ରିକ୍ସା ଚାଳକ ସୁନୀତା ଚୌଧୁରୀ। ପିଲାଟି ଦିନରୁ ଦୁଃଖ କଷ୍ଟରେ ଦିନ କାଟିଥିବା ସୁନୀତା ଏବେ ଲୋକଙ୍କୁ ସାହାଯ୍ୟ କରୁଛନ୍ତି। ଦୁଃଖ–ଯନ୍ତ୍ରଣା ତାଙ୍କ ବେଶଭୂଷା ବଦଳେଇ ଦେଇଛି ସତ, କିନ୍ତୁ ଲୋକଙ୍କୁ ସାହାଯ୍ୟ କରିବାର ମନବୃତ୍ତି ତାଙ୍କର ଆଗରୁ ଥିଲା ଆଉ ଏବେ ମଧ୍ୟ ରହିଛି।

ଶାଶୁଘରେ ନିର୍ଯାତନା ବଢ଼ିବା ପରେ ସେ ଜୀବନ ବିକଳରେ ଘର ଛାଡ଼ି ଚାଲିଗଲେ ରାଜଧାନୀ ଦିଲ୍ଲୀ। ରହିବାକୁ ତାଙ୍କ ପାଖରେ ନା ଥିଲା ବାସଖଣ୍ଡେ ନା ଥିଲା ପିନ୍ଧିବାକୁ କପଡ଼ା। ଚଳିବା ପାଇଁ ତାଙ୍କୁ ବାସନମାଜିବାକୁ ପଡ଼ିଥିଲା। ମାସକୁ ଦରମା ଥିଲା ମାତ୍ର ୨୦୦ ଟଙ୍କା। କାମରେ ତାଙ୍କୁ ସନ୍ତୋଷ ମିଳି ନ ଥିବାବେଳେ ଅଟୋ ରିକ୍ସା ଚଳାଇବା ପାଇଁ ତାଙ୍କ ମନରେ ଆଗ୍ରହ ହେଲା। ଆଉ ଡ୍ରାଇଭିଂ ଟ୍ରେନିଂ ସେଣ୍ଟରରୁ ସେ ଅଟୋ ଚଳାଇବା ଶିଖିଲେ। କିନ୍ତୁ ଏହାପରେ ବି ତାଙ୍କୁ ଅନେକ ଅସୁବିଧାର ସାମ୍ନା କରିବାକୁ ପଡ଼ିଥିଲା। ଠିକାରେ ଅଟୋ ଆଣି ବଜାରରେ ଚଳାଇବା ଆରମ୍ଭ କଲା ପରେ ସେ ପୁରୁଷ ଅଟୋ–ରିକ୍ସା ଡ୍ରାଇଭରଙ୍କ ଆକ୍ରୋଶର ଶିକାର ହୋଇଥିଲେ। ସେମାନେ ସୁନୀତାଙ୍କ ଅଟୋ ପଙ୍କ୍‌ଚର କରିବାକୁ ମଧ୍ୟ ପଛାଇ ନ ଥିଲେ। ଖାଲି ସେତିକି ନୁହେଁ ସୁନୀତାଙ୍କୁ ଅଟୋ–ରିକ୍ସାରେ ରାତ୍ରିଯାପନ କରିବାକୁ ପଡୁଥିଲା। କିନ୍ତୁ ଏମିତି କିଛିଦିନ କାଟିବା ପରେ ସୁନୀତାଙ୍କ ଚଳଣି ସ୍ୱଚ୍ଛଳ ହେବାକୁ ଲାଗିଲା। ବର୍ତ୍ତମାନ ସେ ଦୈନିକ ୫୦୦ରୁ ଅଧିକ ଟଙ୍କା ରୋଜଗାର କରୁଥିବାବେଳେ ମାଲଭିଆ ନଗରରେ ରହିଛି ତାଙ୍କ ନିଜ ଘର। ଆବଶ୍ୟକସ୍ଥଳେ ଲୋକଙ୍କୁ ସାହାଯ୍ୟ କରିବା ସହ ମହିଳା ଓ ବୃଦ୍ଧାଙ୍କୁ ରିହାତି ମଧ୍ୟ ଦେଉଛନ୍ତି।

**ଉତ୍ତର ଭାରତର ପ୍ରଥମ ମହିଳା ଅଟୋ-ରିକ୍ସା ଚାଳକ**

# ଖାଲି ଆଖିରେ ସୂର୍ଯ୍ୟଙ୍କୁ ଚାହିଁ ରେକର୍ଡ

**ଆଗ୍ରା:** ଉତ୍ତର ପ୍ରଦେଶ ମଥୁରାର ୭୦ ବର୍ଷୀୟ ମହେନ୍ଦ୍ର ସିଂ ବର୍ମା ଖାଲି ଆଖିରେ ସୂର୍ଯ୍ୟଙ୍କୁ ଚାହିଁ ରେକର୍ଡ ସୃଷ୍ଟି କରିଛନ୍ତି। ନିଜର ଏପ୍ରକାର ନିଆରା କାର୍ଯ୍ୟ ପାଇଁ ତାଙ୍କ ନାମ ଏବେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସାମିଲ କରାଯାଇଛି। ୩୯ ଡିଗ୍ରୀ ସେଲସିୟସ୍ ତାପମାତ୍ରାରେ ମହେନ୍ଦ୍ର ୧ ଘଣ୍ଟା ୨୬ ମିନିଟ ଖାଲି ଆଖିରେ ସୂର୍ଯ୍ୟଙ୍କୁ ଚାହିଁ ଏହି ରେକର୍ଡର ଅଧିକାରୀ ହୋଇପାରିଛନ୍ତି। ବହୁ ଦିନ ଧରି ଖାଲି ଆଖିରେ ସୂର୍ଯ୍ୟଙ୍କୁ ଚାହିଁବାର ଅଭ୍ୟାସ କରିଆସୁଥିବାବେଳେ ଏ ନେଇ ତାଙ୍କୁ ଏକ ବିଶେଷ ପ୍ରକାର ଯୋଗାସନ କରିବାକୁ ପଡୁଥିଲା, ଯାହାର ନାମ ତ୍ରାଟକ। ଏହାଦ୍ୱାରା ଖାଲି ଆଖିରେ ଜ୍ୱଳନ୍ତ ଶିଖାକୁ ଚାହିଁବାକୁ ପଡ଼ିଥାଏ। ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ରେକର୍ଡ ସୃଷ୍ଟି କରିବା ପାଇଁ ମହେନ୍ଦ୍ର ଆଶା ରଖିଛନ୍ତି।



## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ପଲ୍ଲବୀର ପରିଭାଷା, ରବୀନ୍ଦ୍ର ମଣ୍ଡପ, ସେମିନାର, ପୂର୍ବାହ୍ନ ୧୦ଟା, ପଲ୍ଲବୀ ସନ୍ଧ୍ୟା, ସନ୍ଧ୍ୟା ୬ଟା ୩୦।
- ଆଇସିସି ଅନ୍ତର୍ଜାତୀୟସ୍ତରୀୟ ସମ୍ମିଳନୀ, ହୋଟେଲ ସ୍ୱସ୍ତି ପ୍ରିମିୟମ, ପୂର୍ବାହ୍ନ ୧୧ଟା।
- ଦ ଓଡ଼ିଶା ଷ୍ଟେଟ୍ ଭାରତ ସ୍କାଉଟସ୍ ଆଣ୍ଡ ଗାଇଡସ୍ ପକ୍ଷରୁ 'ରୋଭର ରେଞ୍ଜର ଫିଏସ୍ତା', ଷ୍ଟେଟ୍ ହେଡ୍‌କ୍ୱାର୍ଟର, ପୂର୍ବାହ୍ନ ୧୧ଟା।
- ୧୬ତମ ତୋଷାଳି ଜାତୀୟ ହସ୍ତଶିଳ୍ପ ମେଳା, ଜନତା ମଇଦାନ, ଅପରାହ୍ନ ୩ଟା।
- ସୁଷମା ସଙ୍ଗୀତ ସଦନ ପକ୍ଷରୁ ଦେଶାତ୍ମବୋଧକ ଗୀତର ସନ୍ଧ୍ୟା, ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।
- ଭାରତୀୟ ବିଦ୍ୟାଭବନ ଓ ମୁକ୍ତ ଚିନ୍ତନ ମଞ୍ଚ ଆନୁକୂଲ୍ୟରେ ୧୭୭ତମ ଆଲୋଚନା ଚକ୍ର, ଭାରତୀୟ ବିଦ୍ୟାଭବନ ସଭାଗୃହ, ଖାରବେଳ ନଗର, ସନ୍ଧ୍ୟା ୬ଟା ୩୦।

ତିଗିରିଆ
- ନୂଆପାଟଣା ନଂ. ୧ ବୁଣାକାର ତାନ୍ତୁବାୟ ସହଯୋଗ ସମିତି ଲିଃର ୭୩ତମ ବାର୍ଷିକ ସାଧାରଣ ସଭା, ସମିତି ପରିସର, ବୁଧବାର ଅପରାହ୍ନ ୩ ଘଟିକା।
- ନୂଆପାଟଣା ସେବା ସମବାୟ ସମିତିର ବାର୍ଷିକ ସାଧାରଣ ସଭା, ସମିତି ପରିସର, ଅପରାହ୍ନ ୩ ଘଟିକା।
- ୨୩ତମ ଶ୍ରୀରାମ ଚରିତ ମାନସ ନର୍ବାହ୍ନ ପାରାୟଣ ପ୍ରବଚନ ଓ ଜ୍ଞାନଯଜ୍ଞ ଆରମ୍ଭ, ଶ୍ରୀରାମ ମନ୍ଦିର ପ୍ରାଙ୍ଗଣ ନୂଆପାଟଣା ହାଟ ଛକ, ବୁଧବାର।

# ମୁମ୍ବାଇରୁ ୨ ଦୁର୍ଦ୍ଧାନ୍ତ ଅପରାଧୀ ଗିରଫ

**ଭୁବନେଶ୍ୱର,୨୯।୩(ବ୍ୟୁରୋ)**

୧୦୦ କୋଟିର ଫାଇନାନ୍ସ କରାଇ ଦେବାକୁ କହି ୨.୦୨ କୋଟି ଠକି ନେଇଥିବା ଦୁଇ କୁଖ୍ୟାତ ଠକ ତଥା ଦୁର୍ଦ୍ଧାନ୍ତ ଅପରାଧୀଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ମୁମ୍ବାଇରୁ ଗିରଫ କରିଛି। ସେମାନେ ହେଲେ ରାକେଶ କୁମାର ଗିରିଜା ଶଙ୍କର ପାଣ୍ଡେ ଓ ଶର୍ମଣ ସିଂ ତୋମାର। ଏମାନଙ୍କଠାରୁ ଗୋଟିଏ ପିସ୍ତଲ, ୮ ରାଉଣ୍ଡ୍ ଗୁଳି, ୫୦ହଜାର ଟଙ୍କା, ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ଡେବିଟ୍‌କାର୍ଡ, କ୍ରେଡିଟ କାର୍ଡ ଓ ବିଭିନ୍ନ ବ୍ୟାଙ୍କ ଚେକ ଜବତ କରାଯାଇଛି। ଉଭୟଙ୍କୁ ଗତ ୨୬ ତାରିଖରେ ଇଓଡବ୍ଲ୍ୟୁ ଟିମ୍ ଗିରଫ କରିବା ପରେ ବାନ୍ଦ୍ରା ହଲିଡେ' କୋର୍ଟରେ ହାଜର କରି ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଅଣାଯାଇଛି। ରାକେଶ ହେଉଛନ୍ତି ଧୂର୍ତ୍ତ ଠକ। ତାଙ୍କ ଘର ଉତ୍ତରପ୍ରଦେଶରେ ହୋଇଥିବାବେଳେ ସେ ମୁମ୍ବାଇରେ ରହି ଠକେଇ ସହ ଅନ୍ୟାନ୍ୟ ଅପରାଧରେ ଜଡ଼ିତ ଥିଲେ। ତାଙ୍କ ନାଁରେ ମୁମ୍ବାଇ, ମହାରାଷ୍ଟ୍ର ଓ ଉତ୍ତରପ୍ରଦେଶ ଆଦି ବିଭିନ୍ନ ଥାନାରେ ୧୫ରୁ ଊର୍ଦ୍ଧ୍ୱ ଆପରାଧିକ ମାମଲା ରହିଛି। ସେହିଭଳି ଶ୍ରମଣଙ୍କ ଘର ମୁମ୍ବାଇରେ। ସେ ମଧ ବହୁ ଦିନ ଧରି ବେଆଇନ କାରବାର ସହ ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବା ଇଓଡବ୍ଲ୍ୟୁ ଏସ୍‌ପି ଦିଲୀପ କୁମାର ତ୍ରିପାଠୀ କହିଛନ୍ତି।


କ୍ରାଇମ୍‌ବ୍ରାଞ୍ଚ ଇଓଡବ୍ଲ୍ୟୁ ଦ୍ୱାରା ଗିରଫ ଦୁଇ ଅଭିଯୁକ୍ତ।

ଏମାନଙ୍କ ଠକେଇର ଶିକାର ହୋଇଥିଲେ ବିହାରର ଜମି ବ୍ୟବସାୟୀ ଅଶୋକ କୁମାର ସିଂ। ଅଶୋକ ଝାରସୁଗୁଡାରେ ନୂଆକରି ବ୍ୟବସାୟ କରୁଛନ୍ତି। ୨୦୨୧ ଜୁନ୍‌ରେ କୋଭିଡ ଯୋଗୁ ତାଙ୍କ ବ୍ୟବସାୟ ପ୍ରଭାବିତ ହୋଇଥିଲା। ଝାରସୁଗୁଡା ପ୍ରୋଜେକ୍ଟ ପାଇଁ ଅର୍ଥ ସମସ୍ୟା ଦେଖାଦେଇଥିଲା। ସେ ବ୍ୟାଙ୍କ ଋଣ ନ ପାଇବାରୁ ଘରୋଇ ଋଣ ପାଇଁ ଚେଷ୍ଟା କରୁଥିଲେ। ଏହି ସମୟରେ ଅଶୋକ ଅଭିଯୁକ୍ତ ରାକେଶ ପାଣ୍ଡେଙ୍କ ସଂସ୍ପର୍ଶରେ ଆସିଥିଲେ। ପରବର୍ତ୍ତୀ ସମୟରେ ରାକେଶ ଓ ସହଯୋଗୀ ଶର୍ମଣ ତାଙ୍କୁ ୧୦୦ କୋଟି ଟଙ୍କାର ଫାଇନାନ୍ସ କରାଇଦେବାକୁ ପ୍ରତିଶ୍ରୁତି ଦେବା ସହ ଏଥିପାଇଁ ୨ କୋଟିରୁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପଡିବ ବୋଲି କହିଥିଲେ। ଏପରି କି ଭୁବନେଶ୍ୱରରେ ଅଭିଯୁକ୍ତଙ୍କ ସହ ଆଶୋକଙ୍କ ଦେଖାସାକ୍ଷାତ୍ ଓ ଆଲୋଚନା ହୋଇଥିଲା। ଏତେ ଟଙ୍କା ଭୁବନେଶ୍ୱରରେ ଫାଇନାନ୍ସ କରାଇହେବନି କହି ଅଭିଯୁକ୍ତମାନେ ଅଶୋକଙ୍କୁ ଅକ୍ଟୋବର ୬ରେ ମୁମ୍ବାଇ ଡାକିଥିଲେ। ନିର୍ଦ୍ଧାରିତ ତାରିଖରେ ଅଶୋକ ୨ କୋଟି ଟଙ୍କା ଯୋଗାଡ କରି ବନ୍ଧୁ କୈଳାସଙ୍କୁ ନେଇ ମୁମ୍ବାଇରେ ପହଞ୍ଚିଥିଲେ। ଅଭିଯୁକ୍ତ ରାକେଶଙ୍କ କହିବାନୁସାରେ ଅଶୋକ ଉକ୍ତ ଟଙ୍କାକୁ ଅନ୍ୟତମ ଅଭିଯୁକ୍ତ ଶର୍ମଣଙ୍କ ପାଖରେ ଜମା କରି ରସିଦ ଆଣିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ୧୦୦ କୋଟି ଟଙ୍କା ଋଣ ହୋଇ ନ ଥିଲା କି ଅଭିଯୁକ୍ତମାନେ ନେଇଥିବା ୨ଲକ୍ଷ ଟଙ୍କା ଫେରାଇ ନ ଥିଲେ। ଏଥିସହ ଅଭିଯୁକ୍ତମାନେ ଫୋନ୍ ଉଠାଇ ନ ଥିଲେ କି ଧରାଛୁଆଁ ଦେଇ ନ ଥିଲେ। ଏହାପରେ ଅଶୋକ କ୍ରାଇମବ୍ରାଞ୍ଚର ଇଓଡବ୍ଲ୍ୟୁରେ ରାକେଶ ଓ ଶର୍ମଣଙ୍କ ସହ ଅନ୍ୟ ୭ ଜଣଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏନେଇ ଇଓଡବ୍ଲ୍ୟୁ ମାମଲା ନଂ.୩/୨୨ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ଠକେଇ ର୍‍ୟାକେଟରେ ଏକ ବଡ଼ ଆନ୍ତଃରାଜ୍ୟ ଠକେଇ ଗ୍ୟାଙ୍ଗ ସମ୍ପୃକ୍ତ ଥିବା ତଦନ୍ତବେଳେ କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି।

### ୨.୨ କୋଟି ଠକେଇ ମାମଲା
■ପିସ୍ତଲ, ୮ ରାଉଣ୍ଡ ଗୁଳି, ୫୦ ହଜାର ଟଙ୍କା ଜବତ କଲା ଇଓଡବ୍ଲ୍ୟୁ

# ହରିପ୍ରସାଦଙ୍କୁ ଗୁରୁ ଦେବପ୍ରସାଦ ଲାଇଫଟାଇମ୍ ଆଚିଭ୍‌ମେଣ୍ଟ ସମ୍ମାନ

**ଭୁବନେଶ୍ୱର,୨୯।୩(ବ୍ୟୁରୋ)**

ତ୍ରିଧାରା ପକ୍ଷରୁ ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଗୁରୁ ଦେବପ୍ରସାଦ ପୁରସ୍କାର ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆଜୀବନ ସଙ୍ଗୀତ ସାଧନା ନିମନ୍ତେ ବିଶିଷ୍ଟ ବଂଶୀବାଦକ ତଥା ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ନିର୍ଦ୍ଦେଶକ ପଦ୍ମ ବିଭୂଷଣ ପଣ୍ଡିତ ହରିପ୍ରସାଦ ଚୌରାସିଆଙ୍କୁ 'ଗୁରୁ ଦେବପ୍ରସାଦ ଲାଇଫଟାଇମ୍ ଆଚିଭ୍‌ମେଣ୍ଟ ସମ୍ମାନ ୨୦୨୧' ପ୍ରଦାନ କରାଯାଇଥିଲା। ଓଡ଼ିଶୀ ନୃତ୍ୟ କ୍ଷେତ୍ରରେ ଅବଦାନ ପାଇଁ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟଗୁରୁ ମାଲେସିଆର ପଦ୍ମଶ୍ରୀ ରାମଲି ଇବ୍ରାହିମ, କଥକ ନୃତ୍ୟ କ୍ଷେତ୍ରରେ ବିଦୂଷୀ ଶାଶ୍ୱତୀ ସେନ ଏବଂ ଛଉ ନୃତ୍ୟ କ୍ଷେତ୍ରରେ ଗୁରୁ ସଦାଶିବ ପ୍ରଧାନଙ୍କୁ 'ଗୁରୁ ଦେବପ୍ରଦାସ ସମ୍ମାନ ୨୦୨୧'ରେ ସମ୍ମାନିତ କରାଯାଇଥିଲା। ସେହିପରି 'ଗୁରୁ ଦେବପ୍ରସାଦ ଯୁବ ପ୍ରତିଭା ସମ୍ମାନ ୨୦୨୧' ଜାପାନର ଓଡ଼ିଶୀ ନୃତ୍ୟଶିଳ୍ପୀ କାଓରୀ ନାକା, ଗଞ୍ଜାମର ପ୍ରସିଦ୍ଧ ସଖୀ ନାଟ ଗୁରୁ ଆଲୋକ ବିଶୋଇ ଓ ତେଲଙ୍ଗାନାର ଓଡ଼ିଶୀ ନୃତ୍ୟଶିଳ୍ପୀ ସୁଶ୍ରୀ ଜି ନାଗେଶ୍ୱରୀଙ୍କୁ ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବ ପରେ ରାମଲି ଇବ୍ରାହିମ ଓ ତାଙ୍କ ଶିଷ୍ୟା ଗୀଥିକା ଶ୍ରୀଙ୍କ ଦ୍ୱାରା ଦୈତ୍ୟଓଡ଼ିଶୀ ନୃତ୍ୟରେ ମଙ୍ଗଳାଚରଣ ହରି-ହର ପରିବେଷିତ ହୋଇଥିଲା। ପରେ ଜାପାନର ନୃତ୍ୟଶିଳ୍ପୀ କାଓରୀ ନାକାଙ୍କ ଦ୍ୱାରା ଏକକ ଓଡ଼ିଶୀ ନୃତ୍ୟ ଅର୍ଦ୍ଧନାରିଶ୍ୱର ଏବଂ ବିଦୂଷୀ ଶାଶ୍ୱତୀ ସେନଙ୍କ ଦ୍ୱାରା କଥକ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଶେଷରେ ଗୁରୁ ସଦାଶିବ ପ୍ରଧାନ ଓ ସାଥୀଙ୍କ ଦ୍ୱାରା ଦଳଗତ ଛଉ ନୃତ୍ୟ ପରିବେଷିତ ହୋଇଥିଲା। ଶେଷ ସନ୍ଧ୍ୟାରେ ଅତିଥି ଭାବେ ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ବୀମା ଲୋକପାଳ ସୁରେଶ ଚନ୍ଦ୍ର ପଣ୍ଡା, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ସମ୍ପାଦିକା ଅରୁଣା ମହାନ୍ତି, ତ୍ରିଧାରାର ସମ୍ପାଦିକା ସୀମାଞ୍ଚଳ ପଣ୍ଡା ଓ ନିର୍ଦ୍ଦେଶକ ଗୁରୁ ଗଜେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଡ. ଇ. ଶ୍ରୀନିବାସ ଘଟୁଆରୀ ସଞ୍ଚାଳନ କରିଥିଲେ।



ଅତିଥିମାନେ ପଦ୍ମ ବିଭୂଷଣ ପଣ୍ଡିତ ହରିପ୍ରସାଦ ଚୌରାସିଆଙ୍କୁ ସମ୍ମାନ ପ୍ରଦାନ କରୁଛନ୍ତି।

■୩ଜଣଙ୍କୁ 'ଗୁରୁ ଦେବ ପ୍ରସାଦ ସମ୍ମାନ'
■୨ଜଣଙ୍କୁ 'ଗୁରୁ ଦେବ ପ୍ରସାଦ ଯୁବ ପ୍ରତିଭା ସମ୍ମାନ'

# କେନାଲରୁ ଯୁବକଙ୍କ ମୃତଦେହ ଜବତ

**ଯାଁଳା,୨୯।୩(ଡି.ଏନ୍.ଏ.)**

ଇଙ୍ଗୋଭ୍ୟାଲି ଥାନା ଅନ୍ତର୍ଗତ କାଶିପୁର ଗ୍ରାମର ଅଲକର ମୌଜାସ୍ଥିତ ଭଣ୍ଡାରି ନାଳ ନିକଟରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ତାଙ୍କ ପରିଚୟ ଜଣାପଡି ନାହିଁ। ସୂଚନା ଅନୁଯାୟୀ, ଅପରାହ୍ନରେ ଜଣେ ଗାଈ ଚରାଳି ମୃତଦେହ ଭାସୁଥିବା ଦେଖି ଗ୍ରାମାବାସୀଙ୍କୁ କହିଥିଲେ। ପରେ ଇଙ୍ଗୋଭ୍ୟାଲି ଥାନା ଓ ଯାଁଳା ଫାଣ୍ଡି, ସାଇଣ୍ଟିଫିକ ଟିମ୍ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭୁବନେଶ୍ୱରର ଏକ ହସ୍ପିଟାଲକୁ ପଠାଇଛନ୍ତି। ମୃତଦେହଟି ପ୍ରାୟ ୩/୪ ଦିନ ହେବ ପଡ଼ିଥିବା ବେଳେ ଯୁବକଙ୍କ ଦେହରେ ପ୍ୟାଣ୍ଟ ଓ ଶାର୍ଟ ରହିଥିଲା। କିଛି ଦୂରରେ ଦୁଇଟି ଗ୍ଲାସ ଓ ମଦ ବୋତଲ ପଡ଼ିଥିଲା। ମଦ୍ୟପାନ ପରେ ହୁଏତ ଯୁବକଙ୍କୁ କେହି ହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି। ତେଣୁ ସାଇଣ୍ଟିଫିକ ଟିମ ଉକ୍ତ ମଦ ବୋତଲ ଓ ଗ୍ଲାସକୁ ଜବତ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଇଙ୍ଗୋଭ୍ୟାଲି ଥାନା ଅଧିକାରୀ ବିଭୁଦତ୍ତ ରାଉତରାୟ ଓ ଯାଁଳା ଫାଣ୍ଡି ଅଧିକାରୀ ପ୍ରସନ୍ନ କୁମାର ନାଏକ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଦିବ୍ୟଜ୍ୟୋତି


@ ସଞ୍ଜୟ


@ ଦେବାଶିଷ


@ ଶୁଭଲକ୍ଷ୍ମୀ


@ ମାନସ

### ଘରୋଇ ସ୍କୁଲରେ ବେଆଇନ ବହି ବିକ୍ରି ପ୍ରସଙ୍ଗ

# ଗଣଶିକ୍ଷା ବିଭାଗକୁ ରିପୋର୍ଟ ମାଗିଲା ସିବିଏସ୍‌ଇ

**ଭୁବନେଶ୍ୱର, ୨୯।୩(ବ୍ୟୁରୋ):** ସିବିଏସ୍‌ଇ ଅନୁମୋଦିତ ସମସ୍ତ ଘରୋଇ ସ୍କୁଲ ଏନ୍‌ସିଇଆର୍‌ଟି ପାଠ୍ୟକ୍ରମ କିମ୍ବା ବହି ବ୍ୟବହାର ନିୟମ ଭଙ୍ଗ କରୁଛନ୍ତି। ବେଆଇନ ଭାବେ ଭୁଲ୍ ବହି ବିକ୍ରି କରୁଥିବାରୁ ସେସବୁ ସ୍କୁଲର ସ୍ୱୀକୃତି ପ୍ରତ୍ୟାହାର ପାଇଁ ଓଡ଼ିଶା ଅଭିଭାବକ ମହାସଂଘ ସିବିଏସ୍‌ଇ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରିଛି। ଠିକ କାର୍ଯ୍ୟାନୁଷ୍ଠାନ ନ ହେଲେ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟକୁ ଅଚଳ କରିବାକୁ ଚେତାବନୀ ମଧ ଦିଆଯାଇଥିଲା। ଏବେ ଏନେଇ ସିବିଏସ୍‌ଇ ତତ୍ପରତା ଦେଖାଇଛି। ସବୁ ସ୍କୁଲରେ ଉକ୍ତ ନିୟମର କାର୍ଯ୍ୟକାରିତା ସଂକ୍ରାନ୍ତରେ ସବିଶେଷ ତଥ୍ୟ ଦେବାକୁ ସିବିଏସଇ ମୁଖ୍ୟ କାର୍ଯ୍ୟାଳୟ ରାଜ୍ୟ ଗଣଶିକ୍ଷା ପ୍ରମୁଖ ସଚିବଙ୍କୁ ଚିଠି ଲେଖିଛନ୍ତି। ସୂଚନାଯୋଗ୍ୟ, ଦେଶର ସମସ୍ତ ସ୍କୁଲରେ ଜାତୀୟ ସ୍ତରରେ ଏନ୍‌ସିଇଆର୍‌ଟି ଓ ରାଜ୍ୟରେ ବିଭିନ୍ନ ଭାଷାରେ ରାଜ୍ୟ ସ୍ତରରେ ଏସ୍‌ସିଇଆର୍‌ଟି ପାଠ୍ୟକ୍ରମ ଅନୁମୋଦିତ ପାଠ୍ୟ ପୁସ୍ତକ ବ୍ୟବହାର କରି ପାଠ ପଢ଼ାଇବା ପାଇଁ ସ୍ପଷ୍ଟ ନିୟମ ରହିଛି। ଶିକ୍ଷା ଅଧିକାର ଆଇନ ୨୦୦୯ ଧାରା ୨୯, ସଂଶୋଧିତ ଜୁବେନାଇଲ ଜଷ୍ଟିସ ଆଇନ ୨୦୧୫ ଅନୁସାରେ ମଧ ଏହି ନିୟମରେ ସ୍କୁଲମାନେ ଏନ୍‌ସିଇଆର୍‌ଟି ବହିରେ ପାଠ ପଢ଼ାଇବାକୁ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ହେଲେ ଘରୋଇ ସ୍କୁଲମାନେ ବେଆଇନ ଭାବେ ବହି ବିକ୍ରି କରି ଚାଲିଛନ୍ତି। ଏହାଦ୍ୱାରା ଅଭିଭାବକମାନେ ଅଯଥାରେ ଆର୍ଥିକ ବୋଝ ସହିବା ସହିତ କୋମଳ ମତି ପିଲାମାନେ ମଧ ଅଯଥାରେ ଅନାବଶ୍ୟକ ବସ୍ତାନି ବୋଝ ବୋହି ତାଙ୍କର ସ୍ୱାସ୍ଥ୍ୟ ସମସ୍ୟାକୁ ଡାକି ଆଣୁଛନ୍ତି। ମହାସଂଘର କହିବାନୁଯାୟୀ, ଗଣଶିକ୍ଷା ବିଭାଗ ସ୍କୁଲଗୁଡ଼ିକୁ ସ୍ୱୀକୃତି ଦେବା ସମୟରେ ଏନ୍‌ସିଇଆର୍‌ଟି ପାଠ୍ୟକ୍ରମ ଅନୁମୋଦିତ ବହି ବ୍ୟବହାର ପାଇଁ ସ୍ପଷ୍ଟ ନିୟମ ରହିଛି। ଏହାକୁ ଗଣଶିକ୍ଷା ବିଭାଗ ତଦାରଖ କରିବା କଥା। ମାତ୍ର କିଛି ଅସାଧୁ ମେଣ୍ଟ ଏହାକୁ କରାଇଦେଉ ନ ଥିବାରୁ ମହାସଂଘ ବାରମ୍ବାର ଅଭିଯୋଗ କରିଆସୁଛି।

# ପାଇକ ଆଖଡ଼ାକୁ ରାଜ୍ୟ କ୍ରୀଡ଼ାର ମାନ୍ୟତା ମିଳୁ

**ଭୁବନେଶ୍ୱର,୨୯।୩(ବ୍ୟୁରୋ)**

### ପାଇକ ଦିବସରେ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ମାର୍ଚ୍ଚ ୨୯ ତାରିଖକୁ ରାଜ୍ୟ ସରକାର ପାଇକ ବିଦ୍ରୋହ ଦିବସ ଭାବେ ଘୋଷଣା କରିବା ସହ ପାଇକା ଆଖଡ଼ାକୁ ରାଜ୍ୟ କ୍ରୀଡାର ମାନ୍ୟତା ଦେବାକୁ ନିଖିଳ ଓଡ଼ିଶା ପାଇକ ମହାସଂଘ ସଭାପତି ଅଶୋକ କୁମାର ପାଲଟାସିଂହ ଦାବି କରିଛନ୍ତି। ପାଇକ ଦିବସ ଅବସରରେ ମଙ୍ଗଳବାର ରାଜ୍ୟ ସଂଗ୍ରହାଳୟ ଛକସ୍ଥିତ ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ପାଇକ ବିଦ୍ରୋହକୁ ନେଇ ଆଲୋଚନା କରାଯାଇଥିଲା। କେନ୍ଦ୍ର ସରକାରଙ୍କ ରାଜନୈତିକ ମନୋଭାବ ପାଇଁ ପାଇକ ବିଦ୍ରୋହ ଭାରତବର୍ଷର ପ୍ରଥମ ସ୍ୱାଧୀନତା ସଂଗ୍ରାମ ମାନ୍ୟତା ପାଇବାରୁ ବଞ୍ଚିତ ହୋଇଛି। ନିଜ ମାତୃଭୂମିର ସୁରକ୍ଷା ପାଇଁ ଯେଉଁ ପାଇକଙ୍କ ଢାଲ ଓ ତରବାରି ଗର୍ଜି ଉଠିଥିଲା, ଠିକ୍ ଆଜି ମଧ ପାଇକ ବିଦ୍ରୋହକୁ ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ଦେବା ସହ ପାଇକ ରେଜିମେଣ୍ଟ ଗଠନ ଦାବିରେ ଆଉ ଏକ ପାଇକ ବିଦ୍ରୋହକୁ ପାଇକ ମହାସଂଘ ଆହ୍ୱାନ କରୁଛି ବୋଲି ଆଲୋଚନାରେ ମତ ପ୍ରକାଶ ପାଇଥିଲା।

ଅନ୍ୟାୟ ବିରୋଧରେ ଲଢେଇ କରିବା ପାଇକ ବା କ୍ଷତ୍ରିୟର ଧର୍ମ। ରଣରଙ୍କା ପାଇକମାନେ ନିଜ ମାତୃଭୂମିର ସୁରକ୍ଷା ପାଇଁ ଇଂରେଜ ବିରୋଧରେ ରଣହୁଙ୍କାର ଡ଼ାକରା ଦେଇଥିଲେ। କିନ୍ତୁ ଆଜି କେତେଜଣ ଅଣପାଇକ, ଚିଟ୍‌ଫଣ୍ଡ ଦଲାଲ, ଜମି ଦଲାଲ (ଯେଉଁମାନଙ୍କ ପୂର୍ବପୁରୁଷ ଇଂରେଜଙ୍କ ସହିତ ସାମିଲ୍ ହୋଇ ପାଇକ ବୀରଙ୍କୁ ଇଂରେଜ ହାତରେ ଧରାଇ ଦେଇଥିଲେ) ନିଜର ରାଜନୈତିକ ସ୍ୱାର୍ଥ ପାଇଁ ପାଇକଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦି ପୁଣି ପାଇକଙ୍କୁ ପଶାପାଲିରେ ବାଜି ଲଗାଇବାକୁ ଉଦ୍ୟମ କରୁଛନ୍ତି। ସେମାନଙ୍କୁ ନିଖିଳ ଓଡିଶା ପାଇକ ମହାସଂଘ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି। ମା'କୁ ଭଲପାଅ, ମାଟିକୁ ଭଲପାଅ, ଏହି ବାର୍ତ୍ତା ପ୍ରଦାନ କରିଛି ମହାସଂଘ। କାର୍ଯ୍ୟକ୍ରମରେ ରାଜ୍ୟ ଉପଦେଷ୍ଟା ବିଭୂତି ଭୂଷଣ ସ୍ୱାଇଁ, ମୁଖପାତ୍ର ରାଜୀବ ନୟନ ରଥ, ଇଂ. ଶିବପ୍ରସାଦ ମିଶ୍ର, କାକଟପୁର ପାଇକ ସର୍ଦ୍ଦାର ସୁଧାକର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୫୦ ବର୍ଷ ପରେ ଶହୀଦଙ୍କୁ ମିଳିଲା ସେନା ସମ୍ମାନ

**କଟକ ଅଫିସ,୨୯।୩**

ଦୀର୍ଘ ୫୦ ବର୍ଷ ପରେ ଶହୀଦଙ୍କୁ ସେନା ସମ୍ମାନ ମିଳିଛି। କଟକ ତିନିକୋଣିଆ ବଗିଚା ଅଞ୍ଚଳର ଶହୀଦ ଅବନେନ୍ଦ୍ର ମିଶ୍ରଙ୍କ ପରିବାର ସଦସ୍ୟଙ୍କୁ ୧ ଆର୍ମଡ୍ ସ୍କ୍ୱାଡ୍ ଏନ୍‌ସିସିର ଯବାନମାନେ ଭେଟି ସମବେଦନା ଜଣାଇବା ସହ ସେନା ସମ୍ମାନ ପ୍ରଦାନ କରିଛନ୍ତି। ୧୯୪୮ରେ ତିନିକୋଣିଆ ବଗିଚା ଅଞ୍ଚଳରେ ଜନ୍ମିତ ଅବନେନ୍ଦ୍ର ୨୦ବର୍ଷ ବୟସରେ ବିହାର ରେଜିମେଣ୍ଟଠାରେ ସେନାରେ ଯୋଗଦେଇଥିଲେ। ଏହାପରେ ସେ ଜମ୍ମୁ-କଶ୍ମୀରର ଲେହ ସେକ୍ଟରରେ ସାମିଲ ହୋଇଥିଲେ । ଏହି ସମୟରେ ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ ଚାଲିଥିବାବେଳେ ସେ ସାମିଲ ହୋଇଥିଲେ। ଏହାପରେ ୧୯୭୩ରେ ନାଗାଲାଣ୍ଡରେ ତାଙ୍କର ପୋଷ୍ଟିଂ ହୋଇଥିଲା। ସେଠାରେ ରେଜିମେଣ୍ଟ ବାଟାଲିଅନ ଅପରେଶନରେ ଯାଉଥିବାବେଳେ ଆଇଇଡି ବ୍ଲାଷ୍ଟରେ ଅବନେନ୍ଦ୍ର ଶହୀଦ ହୋଇଥିଲେ। ସେତେବେଳେ ତାଙ୍କର ବୟସ ୨୬ ବର୍ଷ ଥିଲା । ହେଲେ ଏପର୍ଯ୍ୟନ୍ତ ତାଙ୍କୁ ଶହୀଦ ସମ୍ମାନ ମିଳି ନ ଥିଲା । ଏଥିସହ ତାଙ୍କ ପରିବାର ଲୋକଙ୍କୁ ମଧ କୌଣସି ସମ୍ମାନ ଦିଆଯାଇ ନ ଥିଲା । ତେବେ ଦୀର୍ଘ ବର୍ଷ ପରେ ଅର୍ଥାତ୍ ମଙ୍ଗଳବାର ତାଙ୍କ ଘରେ ପରିବାର ଲୋକଙ୍କୁ ସମ୍ମାନ ପ୍ରଦାନ କରାଯାଇଥିବାରୁ ସେମାନେ ଗର୍ବ ଅନୁଭବ କରୁଛନ୍ତି।


ପୁରୀ ସଦର ଅଞ୍ଚଳର ଛଇତନା ଗ୍ରାମରେ ଶ୍ରୀରାମ ଦୟା ଆଧାତ୍ମିକ ଚେତନା ପରିଷଦ ଆନୁକୂଲ୍ୟରେ ମଙ୍ଗଳବାର ଆୟୋଜିତ ଲଙ୍କା ଦହନ ଉତ୍ସବ।


ଚୈତ୍ରମାସ ଦ୍ୱିତୀୟ ମଙ୍ଗଳବାରରେ ଭୁବନେଶ୍ୱର ୟୁନିଟ୍-୩ ରୋଡ୍‌ରେ ମହିଳାମାନେ ମା ମଙ୍ଗଳାଙ୍କୁ ପୂଜାର୍ଚ୍ଚନା ସହ ପଣା ଭୋଗ ଅର୍ପଣ କରୁଛନ୍ତି।



କଟକ ତିନିକୋଣିଆ ବଗିଚା ଅଞ୍ଚଳର ଶହୀଦ ଅବନେନ୍ଦ୍ର ମିଶ୍ରଙ୍କ ପରିବାର ସଦସ୍ୟଙ୍କୁ ମଙ୍ଗଳବାର ତାଙ୍କ ଘରେ ସେନା ସମ୍ମାନ ପ୍ରଦାନ କରାଯାଉଛି।

**ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ବନମାଳୀ ଜେନା ସ୍ମୃତି ସମ୍ମାନ**

ଭୁବନେଶ୍ୱର,(ବ୍ୟୁରୋ): ଆନ୍ଧ୍ର ପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କୁ ମଙ୍ଗଳବାର କମ୍ରେଡ଼ ବନମାଳୀ ଜେନା ସ୍ମୃତି ସମ୍ମାନ ପ୍ରଦାନ କରାଯାଇଛି। ସ୍ମୃତି କମିଟିର ଅଭୟ ବଡ଼ଜେନା, ଅକ୍ଷୟ କୁମାର ଦାସ, ରଞ୍ଜନ କୁମାର ଜେନା, ବିଜୟ କୁମାର ଜେନା ଓ ଅମରେନ୍ଦ୍ର ମହାପାତ୍ର ପ୍ରମୁଖ ହରିଚନ୍ଦନଙ୍କ ବାସଭବନରେ ପହଞ୍ଚି ତାଙ୍କୁ ରୌପ୍ୟ ମୟୁର ଓ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। ହରିଚନ୍ଦନ କହିଥିଲେ, ବନମାଳୀ ଜେନା ଜଣେ ସଚ୍ଚୋଟ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ସେ ମଣିଷ ଭିତରେ ହୀରା ଓ ସଚ୍ଚୋଟ ଓଡ଼ିଆ ଭାବରେ ଗର୍ବିତ ଥିଲେ।



# ରାଜଧାନୀରୁ ୭୩ କେଜିର ଗଞ୍ଜେଇ ଜବତ, ୨ ଗିରଫ

ଭୁବନେଶ୍ୱର,୨୯।୩(ବ୍ୟୁରୋ)

ରାଜଧାନୀରୁ ୭୩ କେଜିର ଗଞ୍ଜେଇ ଜବତ କରାଯାଇଛି। ଏଥିସହ ୨ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି କ୍ୟାପିଟାଲ ଥାନା ପୋଲିସ । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଖୋର୍ଦ୍ଧାର ଦିଲୀପ ପ୍ରଧାନ (୪୪) ଓ କାଶୀନାଥ ପ୍ରଧାନ (୩୮)। ସେମାନଙ୍କଠାରୁ ଗୋଟିଏ ବୋଲେରୋ, ୨ଟି ମୋବାଇଲ ଫୋନ, ୪ହଜାର ଟଙ୍କା ଏବଂ ଗୋଟିଏ ଆଧାର କାର୍ଡ ଓ ଏଟିଏମ କାର୍ଡ ଜବତ କରାଯାଇଛି। ସୂଚନାନୁଯାୟୀ, ମଙ୍ଗଳବାର୨ ଅଭିଯୁକ୍ତ ଏକ ବୋଲେରୋରେ ଖୋର୍ଦ୍ଧାରୁ ଗଞ୍ଜେଇ ଧରି ବିକ୍ରି କରିବାକୁ ଭୁବନେଶ୍ୱର ଆସିଥିଲେ। କଂଗ୍ରେସ ଭବନ ପଛ ପାଖ ରାସ୍ତାରେ ଛିଡା ହୋଇ ଗ୍ରାହକଙ୍କୁ ଅପେକ୍ଷା କରିଥିଲେ। ବିଶେଷ ସୂତ୍ରରୁ ଖବର ପାଇ କ୍ୟାପିଟାଲ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ୨ ଅଭିଯୁକ୍ତଙ୍କୁ କାବୁ କରିଥିଲା । ଏନେଇ କେସ ନଂ. ୩/୨୨ରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି।

# ଅସୁସ୍ଥତା ଦର୍ଶାଇ ହସ୍ପିଟାଲରେ ଜଗଦ୍ଦେବ

## ଲୋକଙ୍କ ଉପରକୁ ଗାଡ଼ି ମଡ଼ାଇଦେବା ଘଟଣା

ଖୋର୍ଦ୍ଧା ଅଫିସ,୨୯।୩

ବାଣପୁର ବ୍ଲକ କାର୍ଯ୍ୟାଳୟ ଆଗରେ ଲୋକଙ୍କ ଉପରକୁ ଗାଡ଼ି ମଡ଼ାଇଦେବା ଘଟଣାରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଗିରଫ ହୋଇ ବାଣପୁର ସବ୍‌ଜେଲରେ ରହିଥିଲେ। ସୋମବାର ରାତିରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା ପାଇଁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ମଙ୍ଗଳବାର ଖୋର୍ଦ୍ଧା ଏସ୍‌ପି ଅଲେଖ ଚନ୍ଦ୍ର ପହି ସୂଚନା ଦେଇଛନ୍ତି।

ଏସ୍‌ପି ପହି କହିଛନ୍ତି, ସୋମବାର ରାତିରେ ବିଧାୟକ ଜଗଦ୍ଦେବ ଅସୁସ୍ଥତା ଅନୁଭବ କରିଥିଲେ। ବିଳମ୍ବିତ ରାତିରେ ବାଣପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସ୍ଥାନୀୟ ସବ୍‌ଜେଲକୁ ଯାଇ ଜଗଦ୍ଦେବଙ୍କ ଚିକିତ୍ସା କରିଥିଲେ। ଜଗଦ୍ଦେବ ଉଚ୍ଚ ରକ୍ତଚାପ, ମଧୁମେହ, ଛାତି ଯନ୍ତ୍ରଣା ପ୍ରଭୃତି ରୋଗରେ ଆକ୍ରାନ୍ତ ଥିବା ଡାକ୍ତର ଜାଣିବାକୁ ପାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ପରାମର୍ଶକ୍ରମେ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ଜେଲ୍ ଓ ପୋଲିସ କର୍ମଚାରୀ ମୁତୟନ ରହିବେ। କଡ଼ା ସୁରକ୍ଷା ମଧ୍ୟରେ ଜଗଦ୍ଦେବଙ୍କ ଚିକିତ୍ସା କରାଯିବ। ସେ ସୁସ୍ଥ ହେବା ପରେ ତାଙ୍କୁ ପୁଣି ବାଣପୁର ସବ୍‌ଜେଲକୁ ପଠାଇ ଦିଆଯିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ଜଗଦ୍ଦେବଙ୍କ ଜାମିନ ନିମନ୍ତେ ତାଙ୍କ ଓକିଲ ବାଣପୁର ଜେଏମ୍‌ଏଫ୍‌ସି କୋର୍ଟରେ ଆବେଦନ କରିଛନ୍ତି। ଆସନ୍ତା ୩୧ ତାରିଖରେ ଏହାର ଶୁଣାଣି ରହିଛି।

ଅନ୍ୟପଟେ ବିଧାୟକ ଜଗଦ୍ଦେବଙ୍କୁ ଆକ୍ରମଣ ଓ ତାଙ୍କ କାର୍ ଭଙ୍ଗାରୁଜା ଘଟଣାରେ ବାଣପୁର ପୋଲିସ ସୋମବାର ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ସବ୍‌ଜେଲକୁ ପଠାଇ ଦିଆଯାଇଛି। ତେବେ ସବ୍‌ଜେଲ୍‌ରେ ଆକ୍ରମଣକାରୀ ଏବଂ ଜଗଦ୍ଦେବ ମୁହାଁମୁହିଁ ହେବା ଆଶଙ୍କା ରହିଥିଲା। ବିଧାୟକ ନିଜ ସୁରକ୍ଷା ଦୃଷ୍ଟିରୁ ଚିକିତ୍ସା ବାହାନା କରି ସବ୍‌ଜେଲରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଯାଇଥିବା ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ବିଧାୟକ ଜଗଦ୍ଦେବ ବାଣପୁର ବ୍ଲକ କାର୍ଯ୍ୟାଳୟ ଆଗରେ ଲୋକଙ୍କ ଉପରକୁ ଗାଡ଼ି ମଡ଼ାଇ ଦେଇଥିଲେ। ସେହିପରି ଗତ ସେପ୍ଟେମ୍ବରରେ ବାଲୁଗାଁ ଭାଜପା ମୋର୍ଚ୍ଚା ମଣ୍ଡଳ ସଭାପତି ନିରଞ୍ଜନ ସେଠୀଙ୍କୁ ଆକ୍ରମଣ ଘଟଣାରେ ବିଧାୟକ ଜଗଦ୍ଦେବ ଗିରଫ ହେବା ପରେ ଖୋର୍ଦ୍ଧା ସବ୍‌ଜେଲକୁ ଯାଇଥିଲେ।

## ଗାଡ଼ି ବିକ୍ରି ନାଁରେ ୬୨ ହଜାର ଟଙ୍କା ଠକେଇ

# ଜେଲ ଗଲେ ପୂର୍ବତନ ହୋମ୍‌ଗାର୍ଡ

ଭୁବନେଶ୍ୱର,୨୯।୩(ବ୍ୟୁରୋ)



ନିଜକୁ ପୋଲିସ କର୍ମଚାରୀର ପରିଚୟ ଦେଇ ଜଣେ ଯୁବକଙ୍କୁ ଗାଡ଼ି ବିକ୍ରି ନାଁରେ ୬୨ ହଜାର ଟଙ୍କା ଠକେଇ କରିଥିବା ଅଭିଯୋଗରେ ଭୁବନେଶ୍ୱର ସାଇବର ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ଅଭିଯୁକ୍ତ ବିଜୟ କୁମାର ପାଣ୍ଡିଙ୍କୁ ଗିରଫ କରିଛି। ଅଭିଯୁକ୍ତ ବିଜୟଙ୍କ ଘର ପୁରୀ ଜିଲା ବଳଙ୍ଗା ଥାନା ଅଧୀନ ଚନ୍ଦ୍ରଦେଇପୁର ଗ୍ରାମରେ। ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅଭିଯୁକ୍ତ ବିଜୟ ପୂର୍ବରୁ କମିଶନରେଟ୍ ପୋଲିସରେ ହୋମ୍‌ଗାର୍ଡ ଭାବେ କାମ କରୁଥିଲେ। ହେଲେ ସେ ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବାର ପ୍ରମାଣ ପରେ ତାଙ୍କୁ ୨୦୧୭ରୁ ଚାକିରିରୁ ବହିଷ୍କୃତ କରାଯାଇଥିଲା।

# ରାସ୍ତା ମଝିରେ ହାଇଡ୍ରାମା

## ଯୁବତୀଙ୍କୁ ମାଡ଼ ମାରିଲେ ଡେଲିଭରି ବୟ

ଭୁବନେଶ୍ୱର,୨୯।୩(ବ୍ୟୁରୋ)



କ୍ୟାପିଟାଲ ଥାନା ଅନ୍ତର୍ଗତ ଆଇଜି ପାର୍କ ପଛପାଖ ରାସ୍ତାରେ ମଙ୍ଗଳବାର ଜଣେ ଯୁବତୀଙ୍କୁ ଡେଲିଭରି ବୟ ନିସ୍ତୁକ ମାଡ଼ ମାରିଛନ୍ତି। ଏହାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତେବେ ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ଆଇଜି ପାର୍କ ପଛପାଖ ରାସ୍ତାରେ ଜଣେ ଯୁବତୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କ ମଧ୍ୟରେ କୌଣସି କାରଣକୁ ନେଇ ଝଗଡ଼ା ହୋଇଥିଲା। ଯୁବତୀ ଜଣକ ତାଙ୍କ ପୁରୁଷ ବନ୍ଧୁଙ୍କୁ ଚାପୁଡ଼ା ମାରୁଥିଲେ। ଏହାଦେଖି ନିକଟରେ ଥିବା ଜଣେ ଡେଲିଭରି ବୟ ସର୍ବସାଧାରଣରେ ଏପରି କାହିଁକି ହେଉଛ ବୋଲି ଯୁବତୀଙ୍କୁ ପ୍ରଶ୍ନ କରିଥିଲେ। ହେଲେ ଏଥିରେ ଯୁବତୀ ଜଣକ ଉତ୍‌କ୍ଷିପ୍ତ ହୋଇ ଡେଲିଭରି ବୟଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳି ଦେଇଥିଲେ। ଫଳରେ ଡେଲିଭରି ବଏ ଜଣକ ରାଗିଯାଇ ଯୁବତୀଙ୍କୁ ଧକ୍କା ମାରିବା ସହ ଚାପୁଡ଼ା ମାରିଥିଲେ। ଏହା ଦେଖି ନିକଟରେ ଥିବା ଲୋକମାନେ ଭିଡିଓ କରିବାରେ ଲାଗିଥିଲେ। କିଛି ସମୟ ପରେ ଜଣେ ବାଇକ୍ ଚାଳକ ଆସି ଉଭୟଙ୍କୁ ଅଟକାଇଥିଲେ। ଫଳରେ ଯୁବତୀ ଜଣକ ସେହି ସ୍ଥାନରୁ ପଳାଇ ଯାଇଥିଲେ।

# ସାଇଆଙ୍ଗନରେ ଗ୍ରାଜୁଏଶନ୍ ସମାରୋହ

ଭୁବନେଶ୍ୱର, ୨୯।୩(ବ୍ୟୁରୋ)



ଜଣେ ଛାତ୍ରୀଙ୍କୁ ସ୍ନାତକ ଡ୍ରେସ୍, ଟୋପି ସହ ମାନପତ୍ର ପ୍ରଦାନ କରାଯାଉଛି।

ପ୍ରାକ୍ ପ୍ରାଥମିକ ପିଲାଙ୍କ ପାଇଁ କିଣ୍ଡରଗାର୍ଟେନ୍ ସ୍ନାତକ ଏକ ଉତ୍ସାହଜନକ ମାଇଲଖୁଣ୍ଟ। ଏହା ଆଶା ଓ ସମ୍ଭାବନାରେ ପରିପୂର୍ଣ୍ଣ ଭବିଷ୍ୟତ ଆଡ଼କୁ ସେମାନଙ୍କର ପ୍ରଥମ ପଦକ୍ଷେପ। କେଜି-୨ରୁ ପ୍ରଥମ ଶ୍ରେଣୀକୁ ଉନ୍ନୀତ ହୋଇଥିବା ଛାତ୍ରୀଛାତ୍ରଙ୍କ ପାଇଁ ମଙ୍ଗଳବାର ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲର ସାଇଆଙ୍ଗନରେ ଗ୍ରାଜୁଏଶନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କୁ ସ୍ନାତକ ଡ୍ରେସ୍, ଟୋପି ସହ ମାନପତ୍ର ପ୍ରଦାନ କରାଯାଇଥିଲା। କରୋନା ମହାମାରୀ ପାଇଁ ଦୀର୍ଘ ଦୁଇ ବର୍ଷ ଅନୁପସ୍ଥିତ ପରେ ଛାତ୍ରୀଛାତ୍ର ଓ ଅଭିଭାବକ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ଭରପୂର ଉପଭୋଗ କରିବା ସହ ଆନନ୍ଦ ଉଠାଇଥିଲେ। ସାଇ ଇଣ୍ଟରନ୍ୟାଶନାଲ୍‌ର ଚେୟାରପର୍ସନ ଡ. ଶିଲ୍ପୀ ସାହୁ କହିଲେ, ପିଲାମାନଙ୍କ ପାଇଁ ଏହା ପ୍ରକୃତରେ ଏକ ଆନନ୍ଦଦାୟକ ଓ ସ୍ମରଣୀୟ ଦିନ। କରୋନା ମହାମାରୀ ପରେ ଉକ୍ତ କାର୍ଯ୍ୟକ୍ରମ କୁନିକୁନି ପିଲାଙ୍କ ମନୋବଳ ବଢ଼ାଇବାରେ ନିଶ୍ଚିତ ସାହାଯ୍ୟ କରିବ। ସାଇଆଙ୍ଗନର ପ୍ରିନ୍ସିପାଲ୍ ରଶ୍ମି ପାଣ୍ଡେ ଏବଂ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ପୀଡ଼ିତାଙ୍କୁ ୮ ସପ୍ତାହ ମଧ୍ୟରେ କ୍ଷତିପୂରଣ ଦିଅ

## ଗଣବଳାତ୍କାର ଘଟଣା

## ଏନ୍‌ଏଚ୍‌ଆର୍‌ସିଙ୍କ ନିର୍ଦ୍ଦେଶ

ଖୋର୍ଦ୍ଧା ଅଫିସ,୨୯।୩

ଭଦ୍ରକ ଜିଲା ରହଣିଆ ଅଞ୍ଚଳରେ ୨୦୨୦ ଫେବୃୟାରୀ ୨୧ତାରିଖ ରାତିରେ ଜାଗର ଯାତ୍ରାରୁ ଫେରୁଥିବାବେଳେ ଜଣେ ଆଦିବାସୀ ମହିଳା ଗଣବଳାତ୍କାରର ଶିକାର ହୋଇଥିଲେ। ପୀଡ଼ିତାଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ତେବେ ଏହି ଘଟଣାରେ ୨୦୧୮ ପୀଡ଼ିତା କ୍ଷତିପୂରଣ ଆଇନ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ପ୍ରଶାସନ କିମ୍ବା ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତାଙ୍କ ପରିବାରକୁ କ୍ଷତିପୂରଣ ସହାୟତା ଦିଆଯାଇ ନ ଥିବା ନେଇ ମାନବାଧିକାର କର୍ମୀ ଜୟନ୍ତ ଦାଶ ଜାତୀୟ ମାନବ ଅଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ଙ୍କ ନିକଟରେ ଅଭିଯୋଗ କରିଥିଲେ। କମିଶନ ଏହି ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି। କମିଶନ ମଙ୍ଗଳବାର ପୀଡ଼ିତାଙ୍କ ପରିବାରଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଲାଗି ମୁଖ୍ୟଶାସନ ସଚିବଙ୍କୁ ନୋଟିସ କରିଛନ୍ତି। ଏଥିସହ ଭଦ୍ରକ ଜିଲା ପ୍ରଶାସନ ଓ ପୋଲିସର ଅବହେଳାକୁ ଭର୍ତ୍ସନା କରିଛନ୍ତି। ରାୟ ପ୍ରକାଶର ୮ ସପ୍ତାହ ମଧ୍ୟରେ କ୍ଷତିପୂରଣ ଦେବା ଏବଂ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଘଟଣାର ସବିଶେଷ ରିପୋର୍ଟ ଦାଖଲ କରିବା ଲାଗି କମିଶନ ନୋଟିସ ଜାରି କରିଛନ୍ତି।



କେନ୍ଦ୍ର ସରକାରଙ୍କ ଶ୍ରମିକ ମାରଣ ନୀତି, ରାଷ୍ଟ୍ରାୟତ୍ତ ସଂସ୍ଥାକୁ ବିକ୍ରି ଓ ଦରବୃଦ୍ଧିକୁ ବିରୋଧ ସହ ୧୨ ଦଫା ଦାବି ନେଇ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନ ଏବଂ ସ୍ୱାଧୀନ ଫେଡେରେଶନଗୁଡ଼ିକ ପକ୍ଷରୁ ଦୁଇଦିନିଆ ଭାରତ ବନ୍ଦ୍‌ର ମଙ୍ଗଳବାର ଦ୍ୱିତୀୟ ଦିନରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ବେଳେ ପୋଲିସ ସହ ମୁହାଁମୁହିଁ।

# କାର୍ଡିଆକ୍ କେୟାର ହସ୍ପିଟାଲ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ

## ଝାରସୁଗୁଡ଼ା ସ୍ୱାସ୍ଥ୍ୟସେବାରେ ଉନ୍ନତି ନେଇ ସମୀକ୍ଷା ବୈଠକ

ଭୁବନେଶ୍ୱର, ୨୯।୩(ବ୍ୟୁରୋ)

ଝାରସୁଗୁଡ଼ା ଜିଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉନ୍ନତି ନେଇ ସମୀକ୍ଷା ବୈଠକ ମଙ୍ଗଳବାର ଲୋକସେବା ଭବନଠାରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜକୁମାର ଶର୍ମାଙ୍କ ଉପସ୍ଥିତିରେ ଏହି ବୈଠକରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ନିର୍ଦ୍ଧାରିତ ସମୟରେ ସାରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀ କହିଲେ, ଝାରସୁଗୁଡ଼ାଠାରେ ପ୍ରସ୍ତାବିତ ୧୦୦ ଶଯ୍ୟାବିଶିଷ୍ଟ କାର୍ଡିଆକ୍ କେୟାର ହସ୍ପିଟାଲ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ। ବ୍ୟୟ ଅଟକଳ ପ୍ରାୟ ୧୦୯ କୋଟି ଟଙ୍କା ହୋଇଥିବାବେଳେ ମହାନଦୀ କୋଲ୍ ଫିଲ୍ଡ ଆର୍ଥିକ ସହାୟତା ଦେଉଛି। ବିଲ୍ଡିଂ ନିର୍ମାଣ ଏପ୍ରିଲ ୩୦ ସୁଦ୍ଧା ସରିବ। ଓଡ଼ିଶା ରାଜ୍ୟ ଔଷଧ ନିଗମ ତରଫରୁ କ୍ୟାଥ୍ ଲ୍ୟାବ୍ ପ୍ରତିଷ୍ଠା ପାଇଁ କ୍ରୟ ଆଦେଶ ଦିଆଯାଇଥିବାବେଳେ ଜୁଲାଇ ସୁଦ୍ଧା ଯୋଗାଇ ଦିଆଯିବ। ଅନ୍ୟସବୁ ଆନୁଷଙ୍ଗିକ ଯନ୍ତ୍ରପାତି ଓ ଉପକରଣ ଏପ୍ରିଲ ସୁଦ୍ଧା ଯୋଗାଇ ଦିଆଯିବ। ପ୍ରାୟ ୮ ଏକର ଜାଗାରେ ଡାକ୍ତର, କର୍ମଚାରୀଙ୍କ କ୍ୱାର୍ଟର୍ସ ଓ ନର୍ସିଂ ହଷ୍ଟେଲ ହେବ। ସମ୍ପୂର୍ଣ୍ଣ କାର୍ଯ୍ୟ ସରିବା ପରେ ହସ୍ପିଟାଲ୍ କାର୍ଯ୍ୟକ୍ଷମ ହେବା ପାଇଁ ୬ ମାସ ସମୟ ଲାଗିବ।

ଝାରସୁଗୁଡ଼ାଠାରେ ୧୬୯ କୋଟି ବ୍ୟୟରେ ୬ଏକର ଜାଗାରେ ୧୨୦ ଶଯ୍ୟାବିଶିଷ୍ଟ କ୍ୟାନସର କେୟାର ହସ୍ପିଟାଲ ପ୍ରତିଷ୍ଠା ହେବ। ହସ୍ପିଟାଲ ପାଇଁ ଜିଲା ଖଣିଜ ପାଣ୍ଠିରୁ ଅର୍ଥ ପ୍ରଦାନ କରାଯାଇଛି। ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶକ ଶାଳିନୀ ପଣ୍ଡିତ, ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ ଯାମିନୀ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ।


**OFFICE OF THE GENERAL MANAGER**
**WATCO DIVISION, CUTTACK**
Telephone/e-mail/Fax:0671-2547115/gmwatcoctc@gmail.com

**NATIONAL COMPETITIVE BIDDING**
No.C-2023: **THROUGH e-Procurement**
**Bid Identification No. WATCO (S)-16/2021-22 Dtd.28.03.2022**

1. Name of the work:- Supply, testing & commissioning of DG set for 8.00 MLD Water Treatment Plant & Intake Site at Pratapnagari, Cuttack.
2. Estimated cost: Rs.26.25 Lakhs (Approx.).
3. Period of completion :-3 (Three) Calendar Months.
4. Date & time of availability of bid document in the portal :-From 11 A.M of dt.31.03.2022 to 5.00 P.M. of dt.11.04.2022.
5. Last date/time of receipt of bids in the portal:- 11.04.2022 up to 05.00 P.M.
6. Date & time of opening of bids:-12.04.2022 at 12.30 P.M.
7. Name and address of the Officer Inviting Bid :-The General Manager, WATCO Division, Cuttack-753003, Odisha, Ph.(0671)2547115, email:gmwatcoctc@gmail.com.
8. The bidders have to participate in ONLINE bidding only. Further details can be seen from the website **www.tendersodisha.gov.in**

**Sd./- General Manager**
**WATCO Division, Cuttack**
**OIPR-13194/11/0024/2122**



**WATCO**
**OFFICE OF THE**
**CHIEF EXECUTIVE OFFICER, WATCO**
Ground Floor, Unnati Bhawan, H.B. Colony, Satyanagar, Bhubaneswar-751007,Odisha, India
Telefax:-+91-674-2391444,
E-mail- mail@watcoodisha.in, md@watcoodisha.in

**INVITATION FOR BID (IFB)**
**Bid Identification No. WATCO (W)-41/2021-22, Dtd.28.03.22**
**WATCO No.1131, Date:28.03.2022**

**No.C-2020:**1.Name of the work:-. Design, Construction, Testing & commissioning of RCC ESR at Bhubaneswar & Puri 1.7.5 lakh Litre capacity RCC ESR at Police colony (Kalinga stadium opposite) & reserve police line Jaydev vihar. 2- 10.00 & 12.50 lakh litre capacity at IGST womens hostel & Rasulgarh IE respectively. 3- 10.00 & 15.00 lakh litre capacity at Laxmisagar & Haladi padia respectively, 4-15.00 & 15.00 lakh litre at Satya nagar pump house & Mali colony pump house respectively. 5-5.00 & 15.00 lakh litre at Unit -3 park pump house & Budheswari colony respectively. 6- 15.00 & 20.42 lakh litre at Laxmisagar upper sahi & Baragada village respectively. 7-10.00 & 10.00 lakh litre at Baragada Brit colony & Madhusudan nagar respectively. 8-20.00 & 5.00 lakh litre at WTP Palasuni & Sameigadia respectively. 9-7.50 &15.00 lakh litre at Gadakana & Mancheswar IE respectively. 10-10.00 & 5.00 lakh litre at VSS nagar police colony & Adimata colony. respectively 11-20.00 & 5.00 lakh litre at OSAP 7th Battalion campus & within Division - I campus respectively. 12-15.00 & 15.00 lakh litre at STP C.S pur for BDA-300HH & STP C.S.Pur for HB colony respectively. 13- ESR for Totagopinath Zone, Puri.14-10.00 lakh litre at Kapilaswar. 15- 15.00 lakh litre at Bhuasuni. 16-10.00 lakh litre at Pandab nagar. 17-10.00 lakh litre at BJB nagar. 18- 10.00 lakh litre at Nageswar Tangi including anicillary works. 2. Estimated cost (1)- Rs.406.61 Lakh. (2) Rs.556.61 Lakh. (3) - Rs.606.61 Lakh. (4)-Rs.706.61 Lakh. (5)-Rs.506.61 Lakh. (6) -Rs.815.01 Lakh. (7)-Rs.506.61 Lakh. (8) - Rs.606.61 Lakh. (9) - Rs.556.61 Lakh.(10)-Rs.406.61 Lakh. (11)-Rs.606.61 Lakh. (12)-Rs.706.61 Lakh. (13)-Rs.448.78 lakh. (14)-Rs.253.30 lakh. (15)-Rs.353.30 lakh. (16)- Rs.253.30 lakh. (17)-Rs.253.30 lakh. (18)-Rs.253.30 lakh. 3. Period of completion:- 09 (Nine) Months. 4.Date & time of availability of bid document in the portal :- From 11.00 AM of Dt.11.04.2022 to 5.00 P.M. of 25.04.2022. 5.Last date / time of receipt of bids in the portal:-5.00 PM of 25.04.2022.6. Date & time of opening of technical bids :-12.30 PM of 26.04.2022. 7.Name and address of the Officer Inviting Bid:- CEO, WATCO. 8. The bidders have to participate in ONLINE bidding only. Further details can be seen from the website **www.tendersodisha.gov.in.**

**Sd/- CEO, WATCO**
**OIPR-13194/11/0022/2122**



**Bhubaneswar Smart City Limited**
Block-1, 5th Floor, BMC- Bhawani Mall, Saheed Nagar, Bhubaneswar- 751007, E-mail Id: bbsr.bscl@gov.in,
CIN: U74990OR2016PLC020016
Telephone-0674- 2548428 FAX: 0674-2540811
Ref.No.:BSCL/Administration/CARBON/2022/25-L1-709 Dt.28.03.22

**EXPRESSION OF INTEREST (EOI) for Consultancy Services to avail any applicable GHG (Green House Gas) Carbon Credits Benefits for RE (Renewable Energy), EE (Energy Efficiency), Waste Management and other technology projects of Bhubaneswar.**

**No.C-2011:**M/s. Bhubaneswar Smart City Limited (BSCL), Bhubaneswar invites sealed proposals for **Consultancy Services to avail any applicable GHG (Green House Gas) Carbon Credits Benefits for RE (Renewable Energy), EE (Energy Efficiency), Waste Management and other technology projects of Bhubaneswar.**

The details of Terms of Reference (ToR) can be downloaded from the website of BSCL i.e. www.smartcitybhubaneswar.gov.in and www.bmc.gov.in. Interested agencies may submit their proposals in a sealed cover superscribing as **"EXPRESSION OF INTEREST (EOI) for Consultancy Services to avail any applicable GHG (Green House Gas) Carbon Credits Benefits, for RE (Renewable Energy), EE (Energy Efficiency), Waste Management and other technology projects of Bhubaneswar."** with advertisement number and Date to the General Manager (Admin), Bhubaneswar Smart City Limited, 5th Floor, Block-1, BMC Bhawani Mall, Saheed Nagar, Bhubaneswar-751007 through Speed Post / Registered Post / Courier services only, which should reach on or before **3.00 P.M on 16.04.2022** positively and the same will be opened at **3.30 P.M.** on the same day. Proposals received after the due date and time shall be rejected. The undersigned reserves the right to reject any or all the tender without assigning any reason thereof. For any queries you reach through email:bbsr.bscl@gmail.com or telephone:0674- 2548428 / 2540811.

By Order of MD and CEO
**Sd./- General Manager (Admin),**
**Bhubaneswar Smart City Limited**
**OIPR-13070/11/0017/2122**



**ODISHA PUBLIC SERVICE COMMISSION**
**ADVERTISEMENT No. 30 of 2021-22**
**Recruitment to the Posts of Assistant Fisheries Officer, Group-B of Odisha Fisheries Cadre under Fisheries & Animal Resources Development Department**

No. D-375: Online applications are invited from the prospective candidates through the proforma application to be made available on the Website of the Commission **(http://opsc.gov.in)** for recruitment to **177 (One hundred seventy seven)** posts of **Assistant Fisheries Officer, Group-B** of Odisha Fisheries Cadre under Fisheries & Animal Resources Development Department carrying the pay at Level-10 of the Pay Matrix as per ORSP Rules, 2017 with usual Dearness and other allowances as may be sanctioned by the Government of Odisha from time to time.

2. **VACANCY POSITION:** As per requisition filed by the Fisheries & Animal Resources Development Department, Government of Odisha, out of total 177 (58 - W) Posts, 85 (28 - W) Posts are for UR Category, 03 Posts are for SEBC Category, 26 (09 - W) Posts are for SC Category and 63 (21 - W) Posts are for ST Category.
3. **AGE:** A candidate shall not ordinarily be below 21 (twenty one) years and above 38 (thrity eight) years of age as on the 1st day of January, 2022 i.e. he/she must have been born not earlier than 2nd January, 1984 and not later than 1st January, 2001.
4. **EDUCATIONAL QUALIFICATION:** A candidate must be a Bachelor of Fishery Science (B.F.Sc.) from any recognized University in India or abroad.
5. **EXAMINATION FEE:** A candidate is required to pay a non-refundable and non-adjustable fee of **Rs.500/- (Rupees five hundred)** only. Candidates belonging to Scheduled Caste and Scheduled Tribe of Odisha and Persons with Disability (whose permanent disability is 40% and more) are exempted from payment of this fee.
6. **METHOD OF SELECTION:** The selection of candidates for recuritment to the Posts shall be made on the basis of **Written Examination and Viva Voce Test**.

The link for registration/re-registration and payment of examination fee shall be available **from 04.04.2022 to 04.05.2022 (Note: 11.05.2022 is the last date for submission of Registered Online Application)**.

The candidates are advised to visit the Website of the Commission at **http://opsc.gov.in** for detailed information for applying to the above post.

**CUTTACK**
**DATE: 29.03.2022**
**Sd./- SECRETARY**
**ODISHA PUBLIC SERVICE COMMISSION, CUTTACK**
**OIPR-12002/11/0301/2122**



**OFFICE OF THE SUPERINTENDING ENGINEER**
**P.H. DIVISION, SAMBALPUR**
Near V.S.S. Stadium, Brooks Hill, Sambalpur
Ph.: 0663-2412135, E-mail: eephdsbp@gmail.com

**QUOTATION CALL NOTICE NO. 138 OF 2021-22**

No. C-2010: The Superintending Engineer, P.H. Division, Sambalpur on behalf of Governor of Odisha, invites sealed quotations from the Water Tanker Owners/Contractors duly registered under State/Central Govt. for deployment of Mini Truck Mounted/Truck Mounted/Tractor Mounted Water Tanker of capacity 4KL for distribution of water to public during **Summer - 2022** (April, May & June) in the under mentioned ULBs.

1. The quotation must be accompanied by Bid Security Declaration/1% Security Deposit of the quoted value in shape of NSC, POTD, Post Office Savings Bank Account, Deposit receipt of any scheduled Bank and duly pledged in favour of **Executive Engineer, P.H. Division, Sambalpur**.
2. The quotation will be received in the Office of the **Superintending Engineer, P.H. Division. Sambalpur/ Additional Chief Engineer, P.H. Circle, Sambalpur/Assistant Executive Engineer** of respective P.H. Sub-Division directly in the Tender Box within the stipulated date & time i.e. **5.00 P.M. of Dt.07.04.2022**.
3. The quotation can be received through Speed Post/Regd. Post latest upto **5.00 P.M. on Dt.07.04.2022**.
4. Quotation shall be opened by the Superintending Engineer, P.H. Division, Sambalpur in presence of the quotationers or their authorized representatives on the next day i.e. **11.30 A.M. Dt.08.04.2022**.
5. If the above days are declared later as a Govt. holiday then the quotations will be received or opened on the next working day as per the scheduled time.
6. Quotation received after due date and time shall not be entertained and the authority shall not be held responsible for delay or missing of the quotation during postal transit.
7. Quotation received without Bid Security Declaration/EMD shall be rejected.
8. Quotationer should enclose attested copy of valid GST, PAN Card & Registration Certificate etc. along with quotation.
9. In case the intending bidder does not own Mini Truck Mounted/Truck Mounted/Tractor pulled Water Tanker, he is required to furnish the original necessary agreement in proper form duly executed with the owner of the vehicle/water tanker towards hiring of the same for the above purpose.
10. The rate should be quoted per day per vehicle basis against each ULB and inclusive of hire charges of Vehicle, Fuel & Lubricants and other consumables along with salary of driver & helper etc.
11. The quotationers are not required to write their name on the outer cover containing the quotation documents. They are only required to write the name of the work and the authority who had invited the tender. Quotation should be quoted for each work in separate pockets.
12. The number of vehicle and number of days to be engaged may vary as per requirement.
13. Attested Xerox copy of valid Registration Certificate/Fitness Certificate/Insurance Copy/Pollution Testing Certificate/Driving Licence of driver of the proposed vehicle shall be furnished along with the quotation.
14. The authority reserves the right to reject any or all the quotations without assigning any reason thereof.
15. The No. of vehicle to be engaged & No. of days can be changed as per actual requirement depending upon situation.

| Sl. No. | Description | Name of ULBs | EMD 1% of Quoted Value | No. of Vehicle | Tentative Period of Engagement | Unit | Rate / Day / Vehicle | |
|---|---|---|---|---|---|---|---|---|
| | | | | | | | Word | Figure |
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Supplying and engaging Mini Truck Mounted Water Tanker of 4 KL Capacity or Tractor towed with 4 KL Capacity Water Tanker including supply of all materials, labour, T&P, fuel & lubricant along with driver and helper etc. for distribution of drinking water from PHED loading points to different locations within the town on daily basis minimum three trips/day (if haul/distance is more than 7.00 Km) & 5 trips/days if haul/distance is within 7.00 Km from loading point etc., all complete as per direction of the Engineer-in-Charge. | PH Section, Dhanupali / Bareiapali | | 3 | 75 days | Per day | | |
| | | P.H. Section, Brooks Hill/ Modipada | | 3 | 75 days | Per day | | |
| | | Burla Town | | 2 | 75 days | Per day | | |
| | | Hirakud Town | | 2 | 75 days | Per day | | |
| | | Rairakhol NAC | | 2 | 75 days | Per day | | |
| | | Kuchinda NAC | | 2 | 75 days | Per day | | |
| | | Deogarh Municipality | | 4 | 75 days | Per day | | |
| | | Bargarh (Phase-I) | | 3 | 75 days | Per day | | |
| | | Bargarh (Phase-II) | | 3 | 75 days | Per day | | |
| | | Barpali NAC | | 3 | 75 days | Per day | | |
| | | Padampur NAC | | 4 | 75 days | Per day | | |
| | | Attabira NAC | | 3 | 75 days | Per day | | |
| | | Bijepur NAC | | 1 | 75 days | Per day | | |

**Sd./- Superintending Engineer, P.H. Division, Sambalpur**
**OIPR-13026/11/0007/2122**


See Career Appointment on every Wednesday & Saturday

## ଖରାଟିଆ ମୁଗ ଫସଲରେ ଜଳସେଚନ

ଖରାଟିଆ ମୁଗ ଫସଲରେ ଜଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସଙ୍କଟ କାଳରେ ଅର୍ଥାତ୍ ଫୁଲ, ଫଳ ବା ଛୁଇଁ ଧରିବା ଅବସ୍ଥା, ଦାନା ଗଠନ ଓ ଛୁଇଁର ଦାନା ପୂରଣ ଅବସ୍ଥାରେ ଜଳସେଚନ କରନ୍ତୁ। ଡାଲି ଫସଲରେ ପତ୍ରଖିଆ ପୋକ, ଧଳାମାଛି, ଜଉପୋକ, ପତ୍ର ଉଙ୍କୁଣି, ଝାଉଁଳା ରୋଗ, ପତ୍ରଦାଗ, ସାହେବୀ ରୋଗ ଆଦି ଲାଗିବା ଆଶଙ୍କା ରହିଛି । ପୋକ ଓ ସାହେବୀ ରୋଗ ନିୟନ୍ତ୍ରଣ ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୫୦୦ ମି.ଲି. ପାଇରିପ୍ରୋକ୍ସିଫେନ୍ (୧୦ ଇ.ସି.) ୫୦୦ ଲିଟର ପାଣିରେ ସିଞ୍ଚନ କରନ୍ତୁ । ରୋଗ ନିୟନ୍ତ୍ରଣ କରିବାକୁ ହେକ୍ଟର ପ୍ରତି ୧୨୫୦ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଫୁଲ ଆସିବା ସମୟରେ ହେକ୍ଟର ପ୍ରତି ୨୫୦ ମି.ଲି. ଟ୍ରାଇକୋଣ୍ଟାନାଲ ବା ୧୨୫ ମି.ଲି. ଫାଣ୍ଟାକ୍‌କୁ ୨୫୦ ଲିଟର ପାଣିରେ ମିଶାଇ ସିଞ୍ଚନ କଲେ ଅଧିକ ସଂଖ୍ୟାରେ ଫୁଲ ହେବା ସଙ୍ଗେ ସଙ୍ଗେ ଛୁଇଁଗୁଡ଼ିକ ଲମ୍ବା ଓ ହୃଷ୍ଟପୁଷ୍ଟ ହୁଏ ।



## ଆମ୍ବ କଷିର ଯତ୍ନ



ଆମ୍ବ ଡାହାଣୀ ଦମନ ପାଇଁ ଆମ୍ବ କଷି ଧରିବା ଅବସ୍ଥାରେ ଥରେ ୩ ମି.ଲି. ଇମିଡାକ୍ଲୋପ୍ରିଡ୍‌କୁ କିମ୍ବା ଥାୟୋମିଥୋକ୍ସାମ୍ (୩ଗ୍ରାମ୍) ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ଫିମ୍ପି ତଥା ପାଉଁଶିଆ ରୋଗର ପ୍ରତିକାର ଲାଗି ବଉଳ ହେବାର ୧୫ ଦିନ ପରେ ଥରେ ସଲ୍‌ଫର (ସେଚିତ ଗୁଣ୍ଡ) ୦.୪% କିମ୍ବା ୦.୧୦% ବାଭିଷ୍ଟିନ୍ ବା ପେନ୍‌କୋନାଜୋଲ୍ ୦.୫ ମି.ଲି./ଲିଟର ପାଣି ସିଞ୍ଚନ କରନ୍ତୁ । ଅଧିକ ଅମଳ ପାଇବା ପାଇଁ ଚଣା ଅବସ୍ଥାରେ ଗଛରେ ପ୍ଲାନୋଫିକ୍ସ କିମ୍ବା ପ୍ଲାନୋଭିଟା ୭ ମି.ଲି.କୁ ୨୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । କଷି ଧରି ସାରିଥିଲେ ଜଳସେଚନର ବ୍ୟବସ୍ଥା କରନ୍ତୁ। ଅଧିକ ଅମଳ ପାଇବା ପାଇଁ ଗଛର ସୁରକ୍ଷା ପ୍ରତି ଧ୍ୟାନ ଦିଅନ୍ତୁ । ଫଳ ବଗିଚାକୁ ଉଇ ଦାଉରୁ ରକ୍ଷା କରିବା ଲାଗି ଜଳସେଚନ ପୂର୍ବରୁ କ୍ଲୋରୋପାଇରିଫସ୍ ଗୁଣ୍ଡ ଗଛ ପ୍ରତି ୧୦ରୁ ୨୦ ଗ୍ରାମ୍ ହିସାବରେ ପ୍ରୟୋଗ କରନ୍ତୁ । ଦହିଆ ପୋକ ନିୟନ୍ତ୍ରଣ କରିବାକୁ ହେଲେ ଗଛର ଗଣ୍ଡି ଚାରିପଟେ ଗ୍ରିଜ୍‌ର ଲେପ କିମ୍ବା ମସୃଣ ଟିଣ ବ୍ୟାଣ୍ଡ (୪ରୁ ୬ ଇଞ୍ଚ ଓସାର) ଭୂମି ପତ୍ତନଠାରୁ ଦେଢ଼ଫୁଟ ଉଚ୍ଚରେ ଦିଅନ୍ତୁ ।

## ଛେଳି-ମେଣ୍ଢାଙ୍କୁ ପିପିଆର୍ ଟିକା

ଏଣ୍ଟାରୋଟକ୍ସେମିଆ ଓ ପିପିଆର୍ ରୋଗର ଟିକା ଛେଳି ଓ ମେଣ୍ଢାମାନଙ୍କୁ ପ୍ରାଣୀଚିକିତ୍ସକଙ୍କ ସହ ପରାମର୍ଶ କରି ନିଶ୍ଚିତ ଭାବେ ଦିଅନ୍ତୁ । ଛେଳି ଓ ମେଣ୍ଢାମାନଙ୍କୁ ସକାଳ ୬ ଠାରୁ ୧୦ ଘଟିକା ଓ ଅପରାହ୍ନ ୪ଟାଠାରୁ ୬ଘଟିକା ପର୍ଯ୍ୟନ୍ତ ଚରିବାକୁ ବାହାରକୁ ଛାଡ଼ନ୍ତୁ । ଗୁହାଳରେ ଯଥେଷ୍ଟ ପରିମାଣରେ ଥଣ୍ଡାପାଣି ରଖନ୍ତୁ । ଛେଳି ଓ ମେଣ୍ଢାମାନଙ୍କୁ ନିକଟସ୍ଥ ପ୍ରାଣୀଚିକିତ୍ସକଙ୍କ ପରାମର୍ଶରେ କୃମିନାଶକ ଦିଅନ୍ତୁ । ଏହି ମାସରେ ଛେଳି ଓ ମେଣ୍ଢାମାନେ ଚରିଲେ ମଧ୍ୟ ଯଥେଷ୍ଟ ଘାସ ପାଇ ନ ଥାନ୍ତି । ତେଣୁ ଛେଳି ବା ମେଣ୍ଢା ପିଛା ୧୦୦ ଗ୍ରାମ୍ ଦାନା ଖାଇବାକୁ ଦିଅନ୍ତୁ ଏବଂ ଡାଳପତ୍ର କାଟି ଖାଇବାକୁ ଦିଅନ୍ତୁ ।



# ନଳିତା ଚାଷ ପାଇଁ ...

### ଏପ୍ରିଲ ମାସର କୃଷି ସୂଚନା



ନଳିତା ବୁଣିବା ପାଇଁ ମାଟିକୁ ଭଲଭାବରେ ଗୁଣ୍ଡକରି ହେକ୍ଟର ପ୍ରତି ୧୨ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ । ଶେଷ ଓଡ଼ ଚାଷରେ ପିଟା ନଳିତାରେ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ଏବଂ ମଧୁର ନଳିତାରେ ୨୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ମୂଳସାର ହିସାବରେ ପ୍ରୟୋଗ କରନ୍ତୁ । ଧାଡ଼ିରେ ବୁଣିଲେ ନିର୍ବାଚିତ କିସମରୁ ହେକ୍ଟର ପ୍ରତି ୭.୫ କି.ଗ୍ରା. ପିଟା ନଳିତା ବା ୫ କି.ଗ୍ରା. ମଧୁର ନଳିତା ବୁଣନ୍ତୁ। ଛଟାବୁଣା କରୁଥିଲେ ହେକ୍ଟର ପ୍ରତି ୧୦ କି.ଗ୍ରା. ପିଟା ନଳିତା ବା ୭.୫ କି.ଗ୍ରା. ମଧୁର ନଳିତା ବୁଣନ୍ତୁ । ମଧୁର ନଳିତା ୨୫ ସେ.ମି. x ୧୦ ସେ.ମି. ବ୍ୟବଧାନ ଓ ପିଟା ନଳିତା ୩୦ ସେ.ମି. x ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ । ବୁଣିବା ପୂର୍ବରୁ ୧ କି.ଗ୍ରା. ମଞ୍ଜି ପ୍ରତି ୩ ଗ୍ରାମ୍ ଥିରାମ୍ କିମ୍ବା ୧ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ୨ ଗ୍ରାମ୍ କାର୍ବୋକ୍ସିନ୍ ସହିତ ଥିରାମ୍ ଗୋଳାଇ ବିହନ ବିଶୋଧନ କରନ୍ତୁ ।

**ଡାଲୁଅ ଧାନ :** ଡାଲୁଅ ଧାନରେ ସମୟୋପଯୋଗୀ ଜଳସେଚନ କରନ୍ତୁ । ସାର ପ୍ରୟୋଗର ୧ ଦିନ ପୂର୍ବରୁ କ୍ଷେତରୁ ଜଳ ନିଷ୍କାସନକରି ସାର ପ୍ରୟୋଗର ୪୮ ଘଣ୍ଟା ପରେ ୫ ସେ.ମି. ଜଳ ବାନ୍ଧି ରଖନ୍ତୁ । ଧାନ ଫୁଲ ଉଡ଼ାଇବାର ୨୦ ଦିନ ଆଗରୁ ଓ ୧୦-୧୫ ଦିନ ପର୍ଯ୍ୟନ୍ତ କ୍ଷେତ୍ରରେ ୩-୫ ସେ.ମି. ପାଣି ବାନ୍ଧି ରଖନ୍ତୁ । ଧାନକେଣ୍ଡାର ୮୫% ପାଚିଗଲେ ଅମଳ କରନ୍ତୁ ।

**ଗହମ :** ଗହମ ଗଛ ଶୁଖିହଳଦିଆ ପଡ଼ିଗଲେ ଓ କେଣ୍ଡାକୁ ବଙ୍କେଇ ଦେଲେ ଯଦି ସହଜରେ



ଭାଙ୍ଗିଯାଏ ତେବେ ଗହମ ଫସଲ ଅମଳ ପାଇଁ ଉପଯୁକ୍ତ । ଅମଳ ପରେ ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ ।

**ଚିନାବାଦାମ :** ଚିନାବାଦାମ ଫସଲ ଅମଳକରି ୨-୩ ଦିନ ଖରାରେ ଶୁଖାଇ ବସ୍ତାରେ ସାଇତିରଖନ୍ତୁ । ଆର୍ଦ୍ରତା କମାଇବା ଏବଂ ପୋକ ନ ଲାଗିବା ପାଇଁ ୩୦ କି.ଗ୍ରା. ବିହନରେ ୨୫୦ ଗ୍ରାମ୍ କ୍ୟାଲ୍‌ସିୟମ୍ କ୍ଲୋରାଇଡ୍ ବସ୍ତା ଭିତରେ ରଖନ୍ତୁ ।

**ପନିପରିବା :** ଖରାଟିଆ ପନିପରିବା ଯଥା କଲରା, କାକୁଡ଼ି, ଜହ୍ନି, ଖଡ଼ା, ଲେଉଟିଆ, ପୋଇ, ଲାଉ, କଖାରୁ, ବାଇଗଣ, ଲଙ୍କା, ଭେଣ୍ଡି, ଛଚିନ୍ଦ୍ରା ଆଦି ଲାଭଜନକ ଭାବେ ଚାଷ କରାଯାଇ ପାରିବ । ପୋଟଳ ଗଛର ଫୁଲ କଷି ହୋଇ ଫଳ ହେଉଥିଲେ ଗଛ ମୂଳରୁ ଘାସ ବାଛି ଖୁସାଇ ସାର ପ୍ରୟୋଗ କରନ୍ତୁ। କଖାରୁ ଜାତୀୟ ଫସଲରେ ଫଳ ଖସି ପଡୁଥିଲେ ପ୍ଲାନୋଫିକ୍ସ ୧ ମି.ଲି./୪.୫ ଲିଟର ପାଣିରେ ମିଶାଇ ଉପରଓଳି ସ୍ପ୍ରେ କରନ୍ତୁ । ଫଳମାଛି ଲାଗିଲେ ମଧ୍ୟ କଖାରୁ ଜାତୀୟ ଫସଲର ଫଳ ଝଡ଼ିଯାଇଥାଏ ଓ ଏହା ବଙ୍କା ମଧ୍ୟ ହୋଇଯାଇଥାଏ । ମାଟିର ବତର ଦେଖି ପାଣି ଦିଅନ୍ତୁ । ତରଭୁଜ ପାଚିଲା ପରେ ତୋଳନ୍ତୁ । ତରଭୁଜ ସମ୍ପୂର୍ଣ୍ଣ ପାକଳ ହୋଇ ନ ଥିଲେ ତରଭୁଜ ଫାଟିବାକୁ କମ୍ କରିବା ପାଇଁ ବୋରାକ୍ସ ୨ ଗ୍ରାମ୍/୧ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ ।

**ଗୋପାଳନ :** ଦୁଧିଆଳୀ ଗାଈ ଓ ବଳଦଙ୍କୁ ଫାଟୁଆ ରୋଗର ପ୍ରତିଷେଧକ ଟିକା ୬ ମାସ ଅନ୍ତରରେ ଥରେ ଦିଅନ୍ତୁ । ଦୁଧିଆଳୀ ଗାଈକୁ ଗ୍ରୀଷ୍ମ ଉତ୍ତାପରୁ ରକ୍ଷା କରିବା ପାଇଁ ଛାଇ ଜାଗାରେ ବାନ୍ଧନ୍ତୁ ଓ ଯଥେଷ୍ଟ ପରିମାଣରେ ଥଣ୍ଡାପାଣି ପିଇବାକୁ ଦିଅନ୍ତୁ । ଅଧିକ ଗରମରୁ ରକ୍ଷା ପାଇଁ ଗାଈମାନଙ୍କୁ ଦିନ ୧୨ଟାରେ ଥରେ ଓ ଦିନ ୪ଟା ବେଳକୁ ଆଉ ଥରେ ଥଣ୍ଡାପାଣିରେ ଗାଧୋଇ ଦିଅନ୍ତୁ ।

**କୁକୁଡ଼ା ଓ ବତକ ପାଳନ :** କୁକୁଡ଼ା ଓ ବତକଙ୍କ କକ୍‌ସିଡିଆ ବା ନାଳରକ୍ତ ଝାଡ଼ାର ପ୍ରତିକାର ପାଇଁ କକ୍‌ସିଡିଆ ନିରୋଧୀ ଔଷଧ ଦାନା ବା ପାଣିରେ ନିୟମିତ ପ୍ରୟୋଗ କରନ୍ତୁ । ପ୍ରବଳ ଖରାତାପରୁ କୁକୁଡ଼ାମାନଙ୍କୁ ରକ୍ଷା କରିବା ପାଇଁ କୁକୁଡ଼ାଘରର ଟିଣଛାତ କିମ୍ବା ଆଜବେଷ୍ଟସ୍ ଛାତ ଉପରେ ନଡ଼ା ଛାଉଣି କରନ୍ତୁ । ମାଟିହାଣ୍ଡିରେ ପାଣି ରଖି ଥଣ୍ଡାପାଣିକୁ କୁକୁଡ଼ାଙ୍କୁ ପିଇବାକୁ ଦିଅନ୍ତୁ। ଅଧିକ ଗରମ ବେଳେ ଦିନ ୧୨ଟାରୁ ୪ଟା ପର୍ଯ୍ୟନ୍ତ କୁକୁଡ଼ାଙ୍କୁ ଦାନା ଖାଇବାକୁ ଦିଅନ୍ତୁ ନାହିଁ । ଦୁଇମାସରୁ ଅଧିକ ବୟସର କୁକୁଡ଼ାଙ୍କୁ ଘୁମାରୋଗ ନ ହେବା ପାଇଁ ପ୍ରାଣୀ ଚିକିତ୍ସକଙ୍କ ସହାୟତାରେ ଆର୍ ଟୁ ବି ଟିକା ଦିଅନ୍ତୁ।

**ମାଛଚାଷ :** ଏକ ହେକ୍ଟର ବିଶିଷ୍ଟ ମାଛ ପୋଖରୀରେ ପ୍ରତିଦିନ ସମପରିମାଣର କୃତ୍ରିମ ଖାଦ୍ୟ ମିଶ୍ରଣ (ଚିନାବାଦାମ ପିଡ଼ିଆ ଓ କାଣ୍ଡିଆକୁଣ୍ଡା) ପ୍ରତ୍ୟେକରୁ ୮ କିଲୋ ୭୫୦ ଗ୍ରାମ୍ ଲେଖାଏଁ ସମୁଦାୟ ୧୭ କିଲୋ ୫୦୦ ଗ୍ରାମ୍ ପ୍ରୟୋଗ କରିବା ଆବଶ୍ୟକ ।

**ମହୁଚାଷ :** ମହୁବାକ୍ସଗୁଡ଼ିକ ଗଛ ତଳେ ଛାଇ ଜାଗାରେ ରଖନ୍ତୁ କିମ୍ବା ବାକ୍ସଗୁଡ଼ିକ ଉପରେ ନଡ଼ା କିମ୍ବା ଅଖା ଦେଇ ଛାଇର ବ୍ୟବସ୍ଥା କରନ୍ତୁ। ଏହି ସମୟରେ ମହୁଫେଣାକୁ ବିରୁଡ଼ି, ଝିଟିପିଟି ପ୍ରଭୃତି ଆକ୍ରମଣ କରିଥାନ୍ତି। ତେଣୁ ନିୟମିତ ପରିଦର୍ଶନ କରି ଆବଶ୍ୟକ ସ୍ଥଳେ ବାକ୍ସ ଗୁଡ଼ିକୁ ପରିଷ୍କାର ରଖନ୍ତୁ। ପ୍ରତି ୭-୧୦ ଦିନରେ ବାକ୍ସର ତଳପଟା ସଫା କରିଦିଅନ୍ତୁ। ଗ୍ରୀଷ୍ମଋତୁ ମହୁମାଛିଙ୍କ ପାଇଁ ଅନୁକୂଳ ସମୟ। ଏହି ସମୟରେ ମହୁ ନିଷ୍କାସନ ଯନ୍ତ୍ର ସାହାଯ୍ୟରେ ମହୁ ଅମଳକରି ଦିଅନ୍ତୁ। ଦଳ ବିକିବାକୁ ଚାହୁଁଥିଲେ ଦଳ ବିଭାଜନ କରି ବିକ୍ରୟ କରନ୍ତୁ।



**ଛତୁଚାଷ :** ପାଳଛତୁ ଚାଷ କରୁଥିଲେ ଖରାଦିନେ ଛତୁ ବେଡ୍‌ର ଉପଯୁକ୍ତ ଯତ୍ନ ନିଅନ୍ତୁ ।

–କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର-୩

## ସୂର୍ଯ୍ୟମୁଖୀ ଚାଷରେ ରୋଗପୋକ ଦମନ



ସୂର୍ଯ୍ୟମୁଖୀ ଚାଷରେ ଧଳାମାଛି ଦମନ କରିବା ପାଇଁ ହେକ୍ଟର ପ୍ରତି ୧୨୫ ଗ୍ରାମ୍ ଏସିଟାମିପ୍ରିଡ୍ କିମ୍ବା ୧୦୦-୧୪୦ ମି.ଲି. ଇମିଡାକ୍ଲୋପ୍ରିଡ୍ (୧୭.୮% ଏସ୍‌ଏଲ୍) ଔଷଧ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ଝାଉଁଳା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୭୫୦ ଗ୍ରାମ୍ କାର୍ବେଣ୍ଡାଜିମ୍ ଗଛର ମୂଳ ଅଂଶରେ ପ୍ରୟୋଗ କରନ୍ତୁ। ପତ୍ରଚିତା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୨୦୦୦ ଗ୍ରାମ୍ ମାନ୍‌କୋଜେବ୍ ବା ୫୦୦ ଗ୍ରାମ୍ କାର୍ବେଣ୍ଡାଜିମ୍ ବା ଥାୟୋଫ୍ୟାନେଟ୍ ମିଥାଇଲ ୫୦୦ ମି.ଲି., ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିବାକୁ ପଡ଼ିବ । କଳଙ୍କି ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୦.୫ ମି.ଲି. ଡାଇଫେନୋକୋନାଜୋଲ୍ କିମ୍ବା ଅକ୍ସିକାର୍ବୋକ୍ସିନ୍ ୨ ଗ୍ରାମ୍/ଲିଟର ମିଶାଇ ପତ୍ର ସିଞ୍ଚନ କରନ୍ତୁ । ଫୁଲଶଢ଼ା ରୋଗ ଦମନ ପାଇଁ ପ୍ରତି ଲିଟର ପାଣିରେ ୩ ଗ୍ରାମ୍ କପର ଅକ୍ସିକ୍ଲୋରାଇଡ୍ ମିଶାଇ ସିଞ୍ଚନ କରନ୍ତୁ ।

## ସ୍ୱାବଲମ୍ବୀ କରାଇଛି ବାୟୋଫ୍ଲକ ପଦ୍ଧତିରେ ମାଛଚାଷ

**ସଫଳ ଚାଷୀ**
ମନୋଜ କୁମାର ଧୂପାଳ




ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସୁଗୋ ଗ୍ରାମର ମନୋଜ କୁମାର ଧୂପାଳ । ବାୟୋଫ୍ଲକ ପ୍ରଣାଳୀରେ ମାଛଚାଷ କରି ନିଜକୁ ସ୍ୱାବଲମ୍ବୀ କରାଇବା ସହ ପରିବାର ଚଳାଉଛନ୍ତି। ଗତ୨ବର୍ଷ କରୋନା ଯୋଗୁ ତାଙ୍କର ରୋଜଗାର ପ୍ରଭାବିତ ହୋଇଥିଲା। ଶେଷରେ ନିଜ ସାଙ୍ଗଙ୍କ ନିକଟରୁ ଏପରି ମାଛଚାଷ ବିଷୟରେ ସୂଚନା ପାଇଥିଲେ। ଏ ସମ୍ପର୍କରେ ମନୋଜ କହନ୍ତି, "ମୋ ସାଙ୍ଗ ପ୍ରଥମେ ମୋତେ ବାୟୋଫ୍ଲକ ପ୍ରଣାଳୀରେ ମାଛ ଚାଷ କରିବାକୁ ଉତ୍ସାହିତ କରିଥିଲେ। ତାଙ୍କଠାରୁ ଏ ବିଷୟରେ ବୁଝିବା ପରେ ତାହାକୁ ରୋଜଗାର ପନ୍ଥା ଭାବରେ ଆପଣେଇ ନେଇଛି। ଏହି ଚାଷରେ ମୋ ପରିବାରର ସଦସ୍ୟମାନେ ମୋତେ ସହଯୋଗ କରିଥାନ୍ତି। ଉତ୍ପାଦିତ ମାଛକୁ ବାସୁଦେବପୁର, ଭଦ୍ରକ ଓ ସ୍ଥାନୀୟ ଅଞ୍ଚଳରେ ବିକ୍ରି କରିଥାଏ । ମୋଟ ଉପରେ କହିବାକୁ ଗଲେ, ଏପରି ମାଛଚାଷ ମୋତେ ନିଜ ଲକ୍ଷ୍ୟପଥରେ ଅଗ୍ରସର ହେବାକୁ ଯଥେଷ୍ଟ ସାହାଯ୍ୟ କରିଛି। ବର୍ଷକୁ ତିନୋଟି କୁଣ୍ଡରୁ ମାଛ ବିକ୍ରିକରି ପ୍ରାୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ରୋଜଗାର ହେଉଛି।" ଏକ ଲମ୍ବା ଆଜବେଷ୍ଟସ ଘରେ ବସିଛି ୨୦ ହଜାର ଲିଟର ବିଶିଷ୍ଟ ୩ଟି ଟାଙ୍କି। ଏରିଏସନ ପାଇଁ ଲାଗିଛି ୬ଟି ମୋଟର ଜେନେରେଟର, ଇନ୍‌ଭର୍ଟର ଓ ଜାଲି। ଟାଙ୍କି ଭିତରେ ଦେଶୀ କଉ, ବାହାଲ, ଶିଙ୍ଗି, କଣ୍ଟାନାଳିଆ ଓ ମାଗୁର ମାଛଚାଷ କରାଯାଇଛି। ଏହାବ୍ୟତୀତ ମାଛଗୁଡ଼ିକ ଖାଦ୍ୟ ଖାଇବା ସହ ଲଗାଯାଇଥିବା ମୋଟର ସାହାଯ୍ୟରେ ଅମ୍ଳଜାନ ପାଉଛନ୍ତି।

"ଉତ୍ପାଦିତ ମାଛ ମଧ୍ୟରେ ଦେଶୀ କଉ, ମାଗୁର ଓ ଶିଙ୍ଗି ମାଛର ଯଥେଷ୍ଟ ଚାହିଦା ରହିଛି। ମାଛ କେଜି ପ୍ରତି ୧୫୦ରୁ ୨୦୦ ଟଙ୍କା ମଧ୍ୟରେ ବିକ୍ରି ହୋଇଥାଏ । ବେଶି ଜାଗା ବାଡ଼ି ନ ଥିବା ଯୁବତୀଯୁବକମାନେ ଏହି ପଦ୍ଧତିରେ ଚାଷକରି ନିଜର ଗୁଜୁରାଣ ମେଣ୍ଟାଇବା ସହ ସ୍ୱାବଲମ୍ବୀ ହୋଇପାରିବେ ବୋଲି ମୋର ଦୃଢ଼ ଆଶା ରହିଛି । ମାଛଚାଷ ପାଇଁ ସରକାରଙ୍କ ବିଭିନ୍ନ ଯୋଜନାରେ ପ୍ରୋତ୍ସାହନ ରାଶି ମିଳିବାର ବ୍ୟବସ୍ଥା ଅଛି। ସରକାରଙ୍କ ପକ୍ଷରୁ କିଛି ଆର୍ଥିକ ସହାୟତା ମିଳିଲେ ଅଧିକ କୁଣ୍ଡ ପ୍ରସ୍ତୁତ କରି ବ୍ୟବସାୟକୁ ଆହୁରି ଆଗକୁ ନେଇପାରିବି ବୋଲି କହନ୍ତି ମନୋଜ।"

**– କାଳୀପଦ ରାୟ**

## ଜାଣି ରଖନ୍ତୁ

- ମୁଗ, ବିରି ପାଇଁ ହେକ୍ଟର ପ୍ରତି ୨୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫେଟ୍ ଓ ୨୦ କି.ଗ୍ରା. ପଟାସ୍ ଏବଂ ମଟର ପାଇଁ ୨୫ କି.ଗ୍ରା. ଯବକ୍ଷାରଜାନ, ୫୦ କି.ଗ୍ରା. ଫସ୍‌ଫେଟ୍ ଓ ୨୫ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ । ଜଉପୋକ ଲାଗିଲେ ହେକ୍ଟର ପିଛା ରୋଗର ୧ ଲିଟର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ୍. ୧୨୦ ମି.ଲି.କୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପାଉଁଶିଆ ରୋଗ ଦେଖାଦେଲେ ହେକ୍ଟର ପିଛା ୨ କି.ଗ୍ରା. ସେଚିତ ଗନ୍ଧକ ବା ସଲ୍‌ଫେକ୍ସ ସିଞ୍ଚନ କରନ୍ତୁ ।
- ଚିନାବାଦମ ବୁଣିବାର ୨/୩ ସପ୍ତାହ ବେଳକୁ ଖୁସାଇ ଘାସ ବାଛି ଦିଅନ୍ତୁ । ଯଦି ଜିପ୍‌ସମ୍ ବୁଣିବା ସମୟରେ ଦିଆଯାଇ ନ ଥାଏ ତେବେ ଏହି ସମୟରେ ହେକ୍ଟର ପ୍ରତି ୨୫୦ କି.ଗ୍ରା. ଜିପ୍‌ସମ୍‌କୁ ୨ପାଖରେ ଦେଇ ମାଟିରେ ମିଶାଇ ଦିଅନ୍ତୁ । ୧୨ ରୁ ୧୫ ଦିନ ବ୍ୟବଧାନରେ ବତର ଦେଖି ପାଣି ମଡ଼ାନ୍ତୁ। ଲାଲ୍ ଶଁବାଳୁଆ ପାଇଁ ହେକ୍ଟର ପିଛା ୧ ଲିଟର ଇକାଲକ୍ସ ବା ପ୍ରୋଫେନୋଫସ୍ ସିଞ୍ଚନ କରନ୍ତୁ ।
- ସୋରିଷ ଚାଷ କରୁଥିଲେ ଆବଶ୍ୟକତା ନେଇ ଜଳସେଚନ କରନ୍ତୁ । ଜଉପୋକ ପ୍ରତିକାର ପାଇଁ ହେକ୍ଟର ପିଛା ୧ ଲିଟର ରୋଗର କିମ୍ବା ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍‌ଏଲ୍ ୧୨୦ ମି.ଲି. ସିଞ୍ଚନ କରନ୍ତୁ । କରତିଆ ମାଛି ଲାଗିଲେ ହେକ୍ଟର ପିଛା ୧୦୦୦ ମି.ଲି. ଇକାଲକ୍ସ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।
- ସୂର୍ଯ୍ୟମୁଖୀ ଚାଷରେ ରୋଗ ଓ ପୋକ ନିରାକରଣ ପାଇଁ ସମନ୍ୱିତ ପରିଚାଳନା ପଦ୍ଧତି ଅବଲମ୍ବନ କରନ୍ତୁ । ୪୫ ଦିନ ପର୍ଯ୍ୟନ୍ତ ଜମିକୁ ଘାସମୁକ୍ତ ରଖନ୍ତୁ । ମାଟିର ବତର ଦେଖି ଜଳସେଚନ କରନ୍ତୁ ।
- ଲିଚୁ ଓ ସପେଟା ଗଛରେ ଫଳ ଧରି ଆସିବାର ଦେଖିଲେ ଜଳସେଚନ କରନ୍ତୁ ଓ ୧ ଲିଟର ପାଣିରେ ୨ ମି.ଲି. କ୍ଲୋରୋପାଇରିଫସ୍ ସିଞ୍ଚନ କରନ୍ତୁ । ଫୁଲ ବା ବଉଳ ଆସିବା ପୂର୍ବରୁ ଗଛରେ ପାଣି ଦିଅନ୍ତୁ ନାହିଁ ।



## ଆଳୁ ଅମଳ ସମୟରେ...



ବର୍ତ୍ତମାନ ଆଳୁ ଅମଳ ସମୟ। ଏ ସମୟରେ ଚାଷୀଭାଇ କେତୋଟି ଦିଗ ପ୍ରତି ଯତ୍ନଶୀଳ ହେଲେ ଉତ୍କୃଷ୍ଟ ମାନର ଆଳୁ ଅମଳ କରିବା ସହ ପରବର୍ତ୍ତୀ ସମୟରେ ଆଳୁ ପଚିଯିବା ସମସ୍ୟାକୁ ରୋକିପାରିବେ। ଆଳୁ ଅମଳ କରିବାର ୧୦-୧୫ ଦିନ ପୂର୍ବରୁ ଜମିରେ ଜଳସେଚନ ବନ୍ଦ କରିଦେବା ଆବଶ୍ୟକ। ଏହାଦ୍ୱାରା ଆଳୁର ଉପର ଚୋପା ଟାଣ ହୁଏ ଏବଂ ଅମଳ ସମୟରେ ଓ ଅମଳ ପରେ ଶଢ଼ିବା ଆଶଙ୍କା କମ୍ ରହେ। ଆଳୁ ଅମଳ ସମୟରେ ଚାଷୀଭାଇ ଯତ୍ନର ସହ ହୁଡ଼ା ଭାଙ୍ଗି ଆଳୁ ଖୋଳିବା ଆବଶ୍ୟକ, ଯେପରିକି ଆଳୁ କଟି ନ ଯାଏ। ଯଦି କାଁ ଭାଁ କିଛି ଆଳୁ କଟିଯାଏ କିମ୍ବା ଆଘାତ ପାଏ, ସେଗୁଡ଼ିକୁ ଅଲଗା କରି ଶୀଘ୍ର ଖାଇବା ପାଇଁ ବ୍ୟବହାର କରିଦେବା ଦରକାର। ଆଳୁ ଖୋଳିବା ପରେ ତାହାକୁ ପବନ ଚଳାଚଳ କରୁଥିବା ଛାଇ ଜାଗାରେ (ଖୋଲା ଘର, ଛାତ ଥିବା ଖଳା ପ୍ରଭୃତି) ପତଳା ସ୍ତରରେ ୬-୮ ଦିନ ରଖି ୩-୪ ଦିନ ଅନ୍ତରରେ ପୋଚା ଆଳୁକୁ ଅଲଗା କରିବା ଆବଶ୍ୟକ ।

## ଡାଲୁଅ ଧାନରେ ମାଟିଆଗୁଣ୍ଡି ପୋକ ଲାଗିଲେ...

ଡାଲୁଅ ଧାନରେ ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବା ଆଶଙ୍କା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ୧/୨ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ଟି ପୋକ ଲାଗିଲେ ଫେନୋବୁକାର୍ବ ୧ ଲିଟର ପାଣିରେ ୧ ମି.ଲି. ବା ଇଥୋଫେନ୍‌ପ୍ରକ୍ସ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ ଟି ବୁଢ଼ିଆଣୀ ଥିଲେ ପୋକ ସଂଖ୍ୟା ବଢ଼ିବ ନାହିଁ। ଡାଲୁଅଧାନରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରୋପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପତ୍ରପୋଡ଼ା ରୋଗ ଦମନ ଲାଗି ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



ଭୁବନେଶ୍ୱରରେ ଚାଲିଥିବା ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ମଙ୍ଗଳବାର ଅତିଥିଭାବେ ଯୋଗଦେଇ ରାଜ୍ୟପାଳ ଗଣେଶୀ ଲାଲ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

# ଭାରତ-ଇଂଲଣ୍ଡ ମହିଳା ହକି ମ୍ୟାଚ ସ୍ଥଗିତ

**ଭୁବନେଶ୍ୱର, ୨୯।୩ (କ୍ରୀଡ଼ା ପ୍ରତିନିଧି)**

ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଅନ୍ତର୍ଗତ ଏପ୍ରିଲ ୨ ଓ ୩ ତାରିଖରେ କଳିଙ୍ଗ ଷ୍ଟାଡିୟମରେ ହେବାକୁ ଥିବା ଭାରତ-ଇଂଲଣ୍ଡ ମହିଳା ହକି ମ୍ୟାଚକୁ ସ୍ଥଗିତ ରଖାଯାଇଛି। ଇଂଲଣ୍ଡ ମହିଳା ହକି ଦଳର ଅଧିକାଂଶ ସଦସ୍ୟ କରୋନାରେ ସଂକ୍ରମିତ ହୋଇଛନ୍ତି। ଏହା ବ୍ୟତୀତ କେତେଜଣ ଖେଳାଳି ଆହତ ସମସ୍ୟାରେ ଥିବାରୁ ଦଳ ପାଇଁ

## ଇଂଲଣ୍ଡ ପୁରୁଷ ଦଳ ଭୁବନେଶ୍ୱରରେ ପହଞ୍ଚିଲା

ଉପଲବ୍ଧ ହୋଇପାରିବେ ନାହିଁ। ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍ )ପକ୍ଷରୁ ଏହା ଘୋଷଣା କରାଯିବା ପରେ ଏହି ଡବଲ୍ ହେଡର ମ୍ୟାଚ ସ୍ଥଗିତ ରହିବା ସମ୍ପର୍କରେ ହକି ଇଣ୍ଡିଆ ସ୍ପଷ୍ଟ କରିଛି। ତେବେ ଏହି ଦୁଇଦିନ ଭାରତ-ଇଂଲଣ୍ଡ ପୁରୁଷ ହକି ମ୍ୟାଚ ପୂର୍ବ କାର୍ଯ୍ୟସୂଚୀ ଅନୁସାରେ ଅନୁଷ୍ଠିତ ହେବ। ଏଥିପାଇଁ ଇଂଲଣ୍ଡ ପୁରୁଷ ହକି ଦଳ ମଙ୍ଗଳବାର ଭୁବନେଶ୍ୱରରେ ପହଞ୍ଚିଛି। ଭାରତ-ଇଂଲଣ୍ଡ ମହିଳା ହକି ମ୍ୟାଚ ପୁନଃ ନିର୍ଦ୍ଧାରିତ ହେବ ବୋଲି ହକି ଇଣ୍ଡିଆ ସଭାପତି ଜ୍ଞାନେନ୍ଦ୍ରୋ ନିଙ୍ଗୋମବାମ ପ୍ରକାଶ କରିଛନ୍ତି। ଏବେ ସମସ୍ତେ କୋଭିଡ୍-୧୯ ମହାମାରୀ ବିରୋଧରେ ସଂଗ୍ରାମ କରୁଛନ୍ତି। ସବୁ ଦଳ ପାଇଁ ଏହା ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏହି ପରିପ୍ରେକ୍ଷୀରେ ଆମେ ଇଂଲଣ୍ଡର ନିଷ୍ପତ୍ତିକୁ ସମ୍ମାନ ଜଣାଉଛୁ ବୋଲି ସେ କହିଛନ୍ତି। ଏଫ୍‌ଆଇଏଚ୍, ହକି ଇଣ୍ଡିଆ ଓ ଇଂଲଣ୍ଡ ହକି ପରିସ୍ଥିତିର ଅନୁଧ୍ୟାନ କରୁଛନ୍ତି। ପରିବର୍ତ୍ତିତ କାର୍ଯ୍ୟସୂଚୀ ଖୁବ୍‌ଶୀଘ୍ର ପ୍ରକାଶ ପାଇବ ବୋଲି ଏଫ୍‌ଆଇଏଚ୍ ପକ୍ଷରୁ ଟୁଇଟ୍ କରାଯାଇଛି। ପ୍ରକାଶଯୋଗ୍ୟ, ସମାନ କାରଣ ଯୋଗୁ ଚଳିତ ମାସ ଆରମ୍ଭରେ ଭାରତ-ଜର୍ମାନୀ ପୁରୁଷ ବିଭାଗ ମ୍ୟାଚକୁ ସ୍ଥଗିତ ରଖାଯାଇଥିଲା।

# ଜୟନ୍ତୀ, ରଶ୍ମିଙ୍କୁ ସ୍ୱର୍ଣ୍ଣ, ପଙ୍କଜ ବ୍ରୋଞ୍ଜ

**ଭୁବନେଶ୍ୱର, ୨୯।୩ (କ୍ରୀଡ଼ା ପ୍ରତିନିଧି)**

ପାରାଲିମ୍ପିକ୍ କମିଟି ଅଫ୍ ଇଣ୍ଡିଆ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ୨୦ତମ ଜାତୀୟ ପାରା-ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍‌ରେ ରାଜ୍ୟକୁ ଗର୍ବିତ କରିଛନ୍ତି ଜୟନ୍ତୀ ବେହେରା, ରଶ୍ମି ରଞ୍ଜନ ମଲିକ ଓ ପଙ୍କଜ

**ଜାତୀୟ ପାରା ଆଥ୍‌ଲେଟିକ୍ସ**

ଭୁଏ। ଓଡ଼ିଶାର ପାରା ସ୍ପ୍ରିଣ୍ଟ କୁଇନ୍ ଭାବେ ପରିଚିତ ଜୟନ୍ତୀ ଓଡ଼ିଶା ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ୧୦୦ ମିଟର ରେସ୍ ମହିଳା ଟି-୪୭ ଇଭେଣ୍ଟରେ ୧୨.୯୨ ସେକେଣ୍ଡ ସମୟ ନେଇ ଏହି ସଫଳତା ପାଇଛନ୍ତି। ପୂର୍ବରୁ କ୍ୟାରିୟରରେ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପଦକ



ଜୟନ୍ତୀ ବେହେରା



ରଶ୍ମି ରଞ୍ଜନ ମଲିକ



ପଙ୍କଜ ଭୁଏ

ଜିତି ସାରିଥିବା ଜୟନ୍ତୀ ଏହି ପ୍ରତିଯୋଗିତାର ଉଦ୍‌ଘାଟନୀ ସମାରୋହରେ ଓଡ଼ିଶା ପ୍ରତିନିଧି ଦଳର ପତାକାଧାରୀ ଥିଲେ। ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ରଶ୍ମି ରଞ୍ଜନ ମଲିକ। ସେ ୧୦୦ ମିଟର ରେସ୍ ପୁରୁଷ ଟି-୪୪ ଇଭେଣ୍ଟରେ ୧୨.୬୪ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ଓଡ଼ିଶା ପାଇଁ ପ୍ରଥମ ପଦକ କିନ୍ତୁ ଜିତିଛନ୍ତି ଦୃଷ୍ଟିହୀନ ଆଥଲେଟ୍ ପଙ୍କଜ ଭୁଏ। ସେ୧୦୦ ମିଟର ରେସ୍ ପୁରୁଷ ଟି-୧୩ ବର୍ଗରେ ବ୍ରୋଞ୍ଜ ପଦକ ଜିତି ରାଜ୍ୟ ପାଇଁ ପଦକ ଖାତା ଖୋଲିଛନ୍ତି। ୧୦୦ ମିଟର ଦୂରତାକୁ ପଙ୍କଜ ୧୨.୧୭ ସେକେଣ୍ଡ ସମୟରେ ଅତିକ୍ରମ କରି ତୃତୀୟ ସ୍ଥାନ ହାସଲ କରିଛନ୍ତି। ସୋମବାର ପ୍ରତିଯୋଗିତାର କେବଳ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଇଭେଣ୍ଟ ଆରମ୍ଭ ହୋଇଥିବାବେଳେ ଓଡ଼ିଶା ୨ ସ୍ୱର୍ଣ୍ଣ ଓ ୧ ବ୍ରୋଞ୍ଜ ପଦକ ପାଇଛି। ରାଜ୍ୟପାଳ ଗଣେଶୀ ଲାଲ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କ୍ରୀଡ଼ା ସଚିବ ତଥା କମିଶନର ଆର. ଭିନିଲ କ୍ରିଷ୍ଣା, ପାରାଲିମ୍ପିକ କମିଟି ଅଫ୍ ଇଣ୍ଡିଆ (ପିସିଆଇ) ସଭାପତି ତଥା ଅର୍ଜୁନ, ଖେଳରତ୍ନ ଓ ପଦ୍ମଶ୍ରୀ ପୁରସ୍କାର ବିଜୟିନୀ ଦୀପା ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ମିତାଲି, ଝୁଲଣଙ୍କ ର୍‍ୟାଙ୍କିଙ୍ଗ୍‌ରେ ଉନ୍ନତି

**ଦୁବାଇ, ୨୯।୩ (ପି.ଟି.):** ଆଇସିସି ମହିଳା ଦିନିକିଆ ର୍‍ୟାଙ୍କିଙ୍ଗ୍‌ରେ ଭାରତୀୟ ଅଧିନାୟିକା ମିତାଲି ରାଜ ଓ ଭେଟେରାନ ପେସ୍ ବୋଲର ଝୁଲଣ ଗୋସ୍ୱାମୀଙ୍କ ଉନ୍ନତି ହୋଇଛି। ମିତାଲି ୨ଟି ସ୍ଥାନ ଉପରକୁ ଉଠି ୬ଷ୍ଠରେ ପହଞ୍ଚିଛନ୍ତି। ଚଳିତ ମହିଳା କ୍ରିକେଟ ବିଶ୍ୱକପରେ ଭାରତର ଶେଷ ଲିଗ୍ ମ୍ୟାଚରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅର୍ଦ୍ଧଶତକ ହାସଲ କରିଥିବା ଅଷ୍ଟ୍ରେଲିଆର ରାଚେଲ ହେନ୍ସ ଓ ଟାମି ବିମଣ୍ଟଙ୍କୁ ସେ ପଛରେ ପକାଇ ଦେଇଛନ୍ତି। ତେବେ ଏହି ମ୍ୟାଚକୁ ଭାରତ ଶେଷ ବଲ୍‌ରେ ହାରିଥିଲା ଏବଂ ପ୍ରତିଯୋଗିତାରୁ ବିଦାୟ ନେଇଥିଲା। ଦକ୍ଷିଣ ଆଫ୍ରିକା ବିପକ୍ଷରେ ୭୧ ରନର ଇନିଂସ ଖେଳିଥିବା ତାରକା ଓପନର ସ୍ମୃତି ମନ୍ଧାନା ୧୦ମ ସ୍ଥାନରେ ଅପରିବର୍ତ୍ତିତ ରହିଛନ୍ତି। ବୋଲରଙ୍କ ତାଲିକାରେ ଝୁଲଣ ଦକ୍ଷିଣ ଆଫ୍ରିକାର ୨ ଖେଳାଳି ମାରିଜାନେ କାପ୍ ଓ ଆୟାବୋଙ୍ଗା ଖାକାଙ୍କୁ ହଟାଇ ୫ମ ସ୍ଥାନ ଅଧିକାର କରିଛନ୍ତି।

## ଭୁବନେଶ୍ୱର ଦଳ ଚୟନ ୨ରେ

**ଭୁବନେଶ୍ୱର, ୨୯।୩ (କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ ଆଥଲେଟିକ୍ସ ମିଟ୍ ଆସନ୍ତା ଏପ୍ରିଲ ୮ରୁ ୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ କରିବା ପାଇଁ ଭୁବନେଶ୍ୱର ଦଳର ଚୟନ ପ୍ରକ୍ରିୟା ଏପ୍ରିଲ ୨ରେ କିଟ୍ ଆଥଲେଟିକ୍ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିରେ ୧୬, ୧୮, ୨୦, ୨୩ ବର୍ଷରୁ କମ୍ ଏବଂ ସିନିୟର ମହିଳା ଓ ପୁରୁଷ ବିଭାଗରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିପାରିବେ। ଆଗ୍ରହୀ ଆସୋସିଏଶନ, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଭୁବନେଶ୍ୱରସ୍ଥିତ ବିଶ୍ୱବିଦ୍ୟାଳୟ ଆଦି ଅନୁଷ୍ଠାନରୁ ପ୍ରତ୍ୟେକ ଇଭେଣ୍ଟ ପାଇଁ ୨ ଜଣ ଲେଖାଏ ପ୍ରତିଯୋଗୀ ଭାଗ ନେଇପାରିବେ। ପ୍ରତିଯୋଗୀମାନେ ସେମାନଙ୍କ ବୟସ ପ୍ରମାଣପତ୍ର ଦେଖାଇବାପରେ ଚୟନ ପ୍ରକ୍ରିୟା ପାଇଁ ଉପଯୁକ୍ତ ହେବେ। ଅଧିକ ବିବରଣୀ ପାଇଁ ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆଥଲେଟିକ୍ ସମ୍ପାଦକ ଗୁରୁ ପ୍ରସାଦ ପଟ୍ଟନାୟକଙ୍କ ସହ ଅନୁଷ୍ଠାନ କର୍ମକର୍ତ୍ତା କିମ୍ବା ପ୍ରତିଯୋଗୀମାନେ ଯୋଗାଯୋଗ କରିପାରିବେ।

# ପ୍ରଥମ ବିଜୟ ଲକ୍ଷ୍ୟରେ ଆର୍‌ସିବି

**ନଭି ମୁମ୍ବାଇ, ୨୯।୩ (ପି.ଟି.)**

ଚଳିତ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ବୁଧବାର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆର୍‌ସିବି) ଓ କୋଲକାତା ନାଇଟ ରାଇଡର୍ସ (କେକେଆର୍) ମଧ୍ୟରେ ମୁକାବିଲା ହେବ। ଉଦ୍‌ଘାଟନୀ ମ୍ୟାଚରେ ଗତଥରର ଚାମ୍ପିୟନ ଚେନ୍ନାଇ ସୁପରକିଙ୍ଗ୍ସକୁ ହରାଇ କୋଲକାତା ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଅନ୍ୟପକ୍ଷରେ ଆର୍‌ସିବି ୨୦୦ରୁ ଉର୍ଦ୍ଧ୍ୱ ସ୍କୋର କରିଥିଲେ ହେଁ ଏହାର ପ୍ରଥମ ମ୍ୟାଚରେ ପଞ୍ଜାବ କିଙ୍ଗ୍ସଠାରୁ ହାରି ଯାଇଛି। ତେଣୁ ପ୍ରଥମ ବିଜୟ ଲକ୍ଷ୍ୟରେ ରହିବ ଆରସିବି।

ଆର୍‌ସିବି ପାଇଁ ଅଧିନାୟକ ଫାଫ୍ ଡୁପ୍ଲେସି ଏବେ ଚମତ୍କାର ଫର୍ମରେ ଅଛନ୍ତି। ସେ ପ୍ରଥମ ମ୍ୟାଚରେ ୫୮ ବଲରୁ ଦ୍ରୁତ ୮୮ ରନ ସ୍କୋର କରିଥିଲେ। ଅନୁଜ ରାୱତ ଭଲ ଆରମ୍ଭ କରିଥିଲେ ହେଁ ତାହାକୁ ବଡ଼ ସ୍କୋରରେ ପରିଣତ କରିପାରି ନ ଥିଲେ। ଅଧିନାୟକ ଚାପମୁକ୍ତ ହୋଇଥିବା ବିରାଟ କୋହଲି ଏବଂ ଦୀନେଶ କାର୍ତ୍ତିକ ମଧ୍ୟ ଭଲ ଖେଳିଥିଲେ। ଏମାନଙ୍କ ନିକଟରୁ ଦଳ ଆଗାମୀ ମ୍ୟାଚରେ ଅନୁରୂପ ପ୍ରଦର୍ଶନ ଆଶା କରୁଛି। ତା' ହେଲେ ଯାଇ ଆର୍‌ସିବି ବଡ଼ ସ୍କୋର କିମ୍ବା ଚେଜ୍ କରିପାରିବ। ଯଦି ଏହି ୪ ଖେଳାଳି ଦକ୍ଷତା ଅନୁସାରେ ପ୍ରଦର୍ଶନ କରିବେ ତେବେ କୋଲକାତା ବୋଲରଙ୍କ ପକ୍ଷରେ ରନ ହାର ରୋକିବା କାଠିକର ପାଠ ହୋଇଯିବ। ଗତ ରବିବାର ଡୁପ୍ଲେସିଙ୍କର ଛକା ମାରିବା ଦକ୍ଷତାକୁ କୋଲକାତା ବୋଲରମାନେ ନିଶ୍ଚିତ ଦେଖିଥିବେ। ତାଙ୍କୁ ସେହି ଅନୁସାରେ ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ। ଅନ୍ୟପକ୍ଷରେ ଆର୍‌ସିବି ବୋଲରମାନେ ପ୍ରଥମ ମ୍ୟାଚର ବିଫଳତାକୁ ଶୀଘ୍ର ଭୁଲିବାକୁ ହେବ।

ଚେନ୍ନାଇ ବିପକ୍ଷରେ କୋଲକାତାର ଅଜିଙ୍କ୍ୟ ରାହାନେ ଓ ଭେଙ୍କଟେଶ୍ ଆୟାର ଇନିଂସ ଓପନ କରିଥିଲେ। ରାହାନେ ବଡ଼ ଶଟ୍ ଖେଳିବା କେକେଆର୍ ପାଇଁ ଶୁଭ ସଙ୍କେତ। ପୂର୍ବ ମ୍ୟାଚରେ ଭେଙ୍କଟେଶ୍ ଆୟାର ମାତ୍ର ୧୬ ରନରେ ଆଉଟ ହୋଇଥିଲେ ହେଁ ସେ ଯେ କୌଣସି ବୋଲରଙ୍କୁ ଧୂଳେଇ କରିବାର ଦକ୍ଷତା ରଖିଛନ୍ତି। ଅଧିନାୟକ ଶ୍ରେୟାସ ଆୟାର, ସାମ୍ ବିଲିଙ୍ଗ୍ସ ଓ ଶେଲଡନ ଜ୍ୟାକସନଙ୍କୁ ମିଡିଲ ଅର୍ଡରର ଭାର ନେବାକୁ ହେବ। ୱାଙ୍ଖେଡେ ଷ୍ଟାଡିୟମରେ ଉମେଶ ଯାଦବ ଚମତ୍କାର ପ୍ରଦର୍ଶନ କରିଥିଲେ। ତେବେ ଶିବମ୍ ମାଭି, ବରୁଣ ଚକ୍ରବର୍ତ୍ତୀ ଓ ସୁନୀଲ ନାରିନଙ୍କୁ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ହେବ।

**ଆଇପିଏଲ୍-୧୫**

**ଆଜିର ମ୍ୟାଚ**

**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବନାମ କୋଲକାତା ନାଇଟ ରାଇଡର୍ସ**

**ସ୍ଥାନ: ମୁମ୍ବାଇ**

**ସମୟ: ରାତି ୭ଟା ୩୦**

**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

**ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର:** ଫାଫ୍ ଡୁ'ପ୍ଲେସି (ଅଧିନାୟକ), ବିରାଟ କୋହଲି, ଗ୍ଲେନ ମ୍ୟାକ୍ସୱେଲ, ମହମ୍ମଦ ସିରାଜ, ହର୍ଶଲ ପଟେଲ, ୱାନିନ୍ଦୁ ହସରଙ୍ଗା, ଦୀନେଶ କାର୍ତ୍ତିକ, ଜୋଶ୍ ହାଜେଲଉଡ୍, ଶାହାବାଜ ଅହମଦ, ଅନୁଜ ରାୱତ, ଆକାଶ ଦୀପ୍, ମହିପାଲ ଲୋମରୋର, ଫିନ୍ ଆଲେନ, ଶେର୍ଫାନେ ରୁଥରଫୋର୍ଡ, ଜାସନ ବେହେରେନଡର୍ଫ, ସୂୟାଶ ପ୍ରଭୁଦେଶାଇ, ଚାମା ମିଲିନ୍ଦ, ଅନିଶ୍ୱର ଗୌତମ, କର୍ନ ଶର୍ମା, ଡେଭିଡ ୱିଲି, ଲୁଭନିଥ ସିସୋଡିଆ, ସିଦ୍ଧାର୍ଥ କୌଲ।

**କୋଲକାତା ନାଇଟ ରାଇଡର୍ସ:** ଶ୍ରେୟାସ ଆୟାର (ଅଧିନାୟକ), ଆରୋନ ଫିଞ୍ଚ, ଅଭିଜିତ ତୋମାର, ଅଜିଙ୍କ୍ୟ ରାହାନେ, ବାବା ଇନ୍ଦ୍ରଜିତ, ନୀତୀଶ ରାଣା, ପ୍ରଥମ ସିଂ, ରିଙ୍କୁ ସିଂ, ଅଶୋକ ଶର୍ମା, ପ୍ୟାଟ୍ କୁମିନ୍ସ, ରଶିଖ ଦର, ଶିବମ୍ ମାଭି, ଟିମ୍ ସୌଦୀ, ଉମେଶ ଯାଦବ, ବରୁଣ ଚକ୍ରବର୍ତ୍ତୀ, ଅମନ ଖାଁ, ଆନ୍ଦ୍ରେ ରସେଲ, ଅନୁକୂଳ ରୟ, ଚାମିକା କରୁଣାରତ୍ନେ, ମହମ୍ମଦ ନବି, ରମେଶ କୁମାର, ସୁନୀଲ ନାରିନ, ଭେଙ୍କଟେଶ ଆୟାର, ସାମ୍ ବିଲିଙ୍ଗ୍ସ, ଶେଲଡନ ଜ୍ୟାକସନ।



ଇନ୍ଦୋରରେ ହେବାକୁଥିବା ଜାତୀୟ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା ପାଇଁ ମନୋନୀତ ଓଡ଼ିଶା ଦଳ।

## ଅଷ୍ଟନ ଅଗର ପଜିଟିଭ୍

**ଲାହୋର, ୨୯।୩ (ଏପି):** ସମ୍ପ୍ରତି ପାକିସ୍ତାନ ଗସ୍ତରେ ଥିବା ଅଷ୍ଟ୍ରେଲିଆ ବାମହାତୀ ସ୍ପିନର ଅଷ୍ଟନ ଅଗର କୋଭିଡ-୧୯ରେ ସଂକ୍ରମିତ ହୋଇଛନ୍ତି। ଫିଜିଓ ବ୍ରେଣ୍ଡନ ୱିଲସନଙ୍କ ରିପୋର୍ଟ ମଧ୍ୟ ପଜିଟିଭ୍ ଆସିଛି ବୋଲି ଅଷ୍ଟ୍ରେଲିଆ ଟିମ୍ ମ୍ୟାନେଜମେଣ୍ଟ ପକ୍ଷରୁ ପ୍ରକାଶ କରାଯାଇଛି। ପାକିସ୍ତାନ ବିପକ୍ଷ ଦିନିକିଆ ସିରିଜ ଆରମ୍ଭ ପୂର୍ବରୁ ଅଗର କରୋନା ପଜିଟିଭ୍ ହୋଇଥିବାରୁ ଅଷ୍ଟ୍ରେଲିଆ ଦଳ ଦୁର୍ବଳ ହୋଇଛି। ପୂର୍ବରୁ ଉଇକେଟ କିପର ବ୍ୟାଟର ଜୋଶ୍ ଇନ୍‌ଗ୍ଲିସ ମଧ୍ୟ କରୋନାରେ ସଂକ୍ରମିତ ହୋଇ ସିରିଜରୁ ଓହରି ଯାଇଛନ୍ତି। ଆହତ ସମସ୍ୟା ଯୋଗୁ ଅଲ୍‌ରାଉଣ୍ଡର ମିଚେଲ ମାର୍ଶ ମଧ୍ୟ ଉପଲବ୍ଧ ହେଉ ନାହାନ୍ତି।

## ଜାତୀୟ ମହିଳା ହ୍ୟାଣ୍ଡବଲ ପାଇଁ ଓଡ଼ିଶା ଦଳ

**ଭୁବନେଶ୍ୱର, ୨୯।୩ (କ୍ରୀଡ଼ା ପ୍ରତିନିଧି):** ମଧ୍ୟପ୍ରଦେଶର ଇନ୍ଦୋରଠାରେ ଚଳିତ ମାସ ୩୧ରୁ ୫୦ତମ ଜାତୀୟ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିପାଇଁ ମଙ୍ଗଳବାର ୧୬ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ଆସୋସିଏଶନ ପକ୍ଷରୁ ଏକ ଚୟନ ଟ୍ରାଏଲ କରାଯାଇ ଦଳ ମନୋନୟନ କରାଯାଇଛି। ରାଜ୍ୟ ଦଳକୁ ସଂଘ ସମ୍ପାଦକ ବୀରେନ ବେହେରା, ସଭାପତି ମକବୁଲ ଅଲୀ ଓ ଅନ୍ୟ କର୍ମକର୍ତ୍ତାମାନେ ଶୁଭେଚ୍ଛା ଜଣାଇଛନ୍ତି।

ଓଡ଼ିଶା ଦଳ: ଗୀତାରାଣୀ ନାୟକ, ରାଜଲକ୍ଷ୍ମୀ ରାଉତ, ସରସ୍ୱତୀ ସାହୁ, ସ୍ୱର୍ଣ୍ଣପ୍ରଭା ହାତୀ, ଫାରା ଆରାତ, ସଲ୍‌ମା ମୁର୍ମୁ, ସୁମୀ ବେହେରା, ପ୍ରିୟଙ୍କା ମୁଣ୍ଡା, ଝରଣା ସାହୁ, ସ୍ୱର୍ଣ୍ଣଲତା ସାହୁ, ସ୍ୱର୍ଣ୍ଣଲତା ବିନ୍ଧାରା, ପ୍ରିୟଙ୍କା ପ୍ରିୟଦର୍ଶିନୀ ସାହୁ, ସରସ୍ୱତୀ ବେହେରା, ସାଇନା ବେଗମ୍, କୁମ୍‌କୁମ୍ ମହାପାତ୍ର, ମୋନାଲିସା ନାୟକ। କୋଚ୍: ମନୋଜ କୁମାର ନିଶଙ୍କ, ମ୍ୟାନେଜର: ନୀହାରିକା ମିଶ୍ର।

# ରେକର୍ଡ ସହ ଭୋଳା, ଶ୍ରୀଲକ୍ଷ୍ମୀଙ୍କୁ ସ୍ୱର୍ଣ୍ଣ

**ଭୁବନେଶ୍ୱର, ୨୯।୩ (କ୍ରୀଡ଼ା ପ୍ରତିନିଧି)**

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଭାରତୀୟ ଭାରୋତ୍ତୋଳନ ମହାସଂଘର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ କିଟ୍ ବିଶ୍ୱବିଦ୍ୟାଳୟ ଇନ୍‌ଡୋର ହଲ୍‌ରେ ଚାଲିଥିବା ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ମଙ୍ଗଳବାର ବିହାରର ଭୋଳା ସିଂ ଓ ଆନ୍ଧ୍ର ପ୍ରଦେଶର ସି.ଏଚ୍. ଶ୍ରୀଲକ୍ଷ୍ମୀ ନୂଆ ରେକର୍ଡ ସ୍ଥାପନ କରିବା ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତ। ୧୦୨ କେଜି ଯୁଥ ବାଳକ ବର୍ଗରେ ଭୋଳା ସ୍ନାଚରେ ୧୨୬ କେଜି, କ୍ଲିନ ଆଣ୍ଡ ଜର୍କରେ ୧୫୦ କେଜି ସହ ମୋଟ ୨୭୬ କେଜି ଉତ୍ତୋଳନ କରି ତିନୋଟି ଯାକ ବିଭାଗରେ ନୂଆ ରେକର୍ଡ କରିଛନ୍ତି। ସେହିପରି ୮୧ କେଜି ଯୁଥ ବାଳିକା ବର୍ଗରେ ଶ୍ରୀଲକ୍ଷ୍ମୀ ସ୍ନାଚରେ ୮୧, କ୍ଲିନ ଆଣ୍ଡ ଜର୍କରେ ୧୦୪ ସହ ମୋଟ ୧୮୫ କେଜି ଉତ୍ତୋଳନ କରି ତିନୋଟି ଯାକ ଶୃଙ୍ଖଳରେ ନୂଆ ରେକର୍ଡ ସ୍ଥାପନ କରିଛନ୍ତି। ଶ୍ରୀଲକ୍ଷ୍ମୀ ଜୁନିୟର ମହିଳା ୮୧ କେଜି ବର୍ଗରେ ମଧ୍ୟ ମୋଟ ୧୮୫ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

ଜୁନିୟର ୧୦୨ କେଜି ପୁରୁଷ ବର୍ଗରେ ରାଜସ୍ଥାନର ହରଚରଣ ସିଂ ସ୍ନାଚରେ ୧୫୧ କେଜି, କ୍ଲିନ ଆଣ୍ଡ ଜର୍କରେ ୧୬୮ କେଜି ସହ ମୋଟ ୩୧୯ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।





ଭାରୋତ୍ତୋଳନ ଅବସରରେ ବିହାରର ଭୋଳା ସିଂ ଓ ଆନ୍ଧ୍ର ପ୍ରଦେଶର ସି.ଏଚ୍. ଶ୍ରୀଲକ୍ଷ୍ମୀ।

**ପଦକ ବିଜେତାଙ୍କ ପାଇଁ ପୁରସ୍କାର ଘୋଷଣା**

କିଟ୍ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଜାତୀୟ ଯୁଥ୍ ଜୁନିୟର ଓ ସିନିୟର ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ପଦକ ବିଜେତାଙ୍କ ପାଇଁ ଭାରତୀୟ ଭାରୋତ୍ତୋଳନ ସଂଘ (ଆଇଡବ୍ଲ୍ୟୁଏଫ୍) ପକ୍ଷରୁ ପୁରସ୍କାର ଘୋଷଣା କରାଯାଇଛି। ସଂଘ ସଭାପତି ସହଦେବ ଯାଦବଙ୍କ ଘୋଷଣା ଅନୁସାରେ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ୧୦,୦୦୦, ରୌପ୍ୟ ପାଇଁ ୫,୦୦୦ ଓ ବ୍ରୋଞ୍ଜ ପାଇଁ ୩,୦୦୦ ଟଙ୍କା ଲେଖାଏ ମିଳିବ। ପ୍ରତିଯୋଗିତାରେ ଏ ପର୍ଯ୍ୟନ୍ତ ୯୦ରୁ ଉର୍ଦ୍ଧ୍ୱ ଜାତୀୟ ରେକର୍ଡ ସୃଷ୍ଟି ହୋଇ ସାରିଲାଣି। ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହେବ।

ହରଚରଣ ସ୍ନାଚ ଓ ମୋଟ୍‌ରେ ସର୍ବଶ୍ରେଷ୍ଠ ଉତ୍ତୋଳନ କରି ଦୁଇଟି ନୂଆ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏହି ବର୍ଗରେ ହରିୟାଣାର ଅମନ ମୋଟ ୩୧୪ କେଜି ଉତ୍ତୋଳନ କରି ରୌପ୍ୟ ପଦକ ହାସଲ କରିଛନ୍ତି। ଅମନ ସ୍ନାଚରେ ୧୭୭ କେଜି ଉତ୍ତୋଳନ କରି ନୂଆ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ପଞ୍ଜାବର ଯଶବୀର ସିଂ ମୋଟ ୨୯୪ କେଜି ଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସିନିୟର ପୁରୁଷ ୧୦୨ କେଜି ବର୍ଗରେ ଅରୁଣାଚଳ ପ୍ରଦେଶର କୁଲୁମ ତାବା ସ୍ନାଚରେ ୧୫୩କେଜି ଉତ୍ତୋଳନ କରି ନୂଆ ରେକର୍ଡ କରିଛନ୍ତି। ସେ କ୍ଲିନ ଆଣ୍ଡ ଜର୍କରେ ୧୯୨ କେଜି ଓ ମୋଟରେ ୩୪୫ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ପାଇଛନ୍ତି। ଏସ୍‌ଏସ୍‌ସିବିର ବିକାଶ ଠାକୁର ମୋଟ ୩୪୧ କେଜି ଉତ୍ତୋଳନ କରି ରୌପ୍ୟ ଏବଂ ସଚିନ ମେହମି ୩୩୩କେଜି ଉତ୍ତୋଳନକରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ୮୧ କେଜି ସିନିୟର ମହିଳା ବର୍ଗରେ ଉତ୍ତର ପ୍ରଦେଶର କ୍ରିତ୍ୟଗା ପନୱାର ମୋଟ ୨୦୩ କେଜି ଉତ୍ତୋଳନ କରି ସ୍ୱର୍ଣ୍ଣ, ଚଣ୍ଡିଗଡ଼ର ବଂଶୀତା ବର୍ମା ରୌପ୍ୟ ଏବଂ ଉତ୍ତର ପ୍ରଦେଶର ପୂଜା ଯାଦବ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।




ଶିମ୍ଲାର ଝାକ୍ରିଠାରେ ଏସ୍‌ଜେଭିଏନ୍‌ଏଲ୍ ଆନୁକୂଲ୍ୟରେ ଆୟୋଜିତ ୨୧ତମ ଆନ୍ତଃ ସିପିଏସ୍‌ୟୁ କବାଡି ଟୁର୍ନାମେଣ୍ଟରେ ଦ୍ୱିତୀୟ ରନର୍ସଅପ୍ ଟ୍ରଫି ହାସଲ କରିଥିବା ଜୟ ସିଂଙ୍କ ନେତୃତ୍ୱାଧୀନ ପାୱାରଗ୍ରୀଡ଼ କବାଡି ଦଳ। ଏହି ପ୍ରତିଯୋଗିତା ମାର୍ଚ୍ଚ ୨୩ରୁ ୨୫ ପର୍ଯ୍ୟନ୍ତ ଚାଲିଥିଲା ଏବଂ ଏଥିରେ ୯ଟି ଦଳ ଅଂଶଗ୍ରହଣ କରିଥିଲେ।



4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ବୁଧବାର, ମାର୍ଚ୍ଚ ୩୦/୨୦୨୨ Bhubaneswar, Wednesday, March 30/ 2022

# ରୟାଲ୍ସର ବିଜୟ ଅଭିଯାନ



ପ୍ଲେୟର ଅଫ୍ ଦି ମ୍ୟାଚ୍ ସଞ୍ଜୁ ସାମ୍‌ସନ।

**ପୁଣେ, ୨୯।୩**

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ୧୫ତମ ସଂସ୍କରଣରେ ରାଜସ୍ଥାନ ରୟାଲ୍ସ ବୃହତ୍ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ସଞ୍ଜୁ ସାମ୍‌ସନଙ୍କ ନେତୃତ୍ୱାଧୀନ ଦଳ ମଙ୍ଗଳବାର ଅନୁଷ୍ଠିତ ମ୍ୟାଚରେ ସନ୍‌ରାଇଜର୍ସ ହାଇଦ୍ରାବାଦକୁ ୬୧ ରନରେ ପରାସ୍ତ କରିଛି। ରୟାଲ୍ସ ୨୦ ଓଭରରେ ୬ ଉଇକେଟ ହରାଇ ୨୧୦ ରନ କରିଥିଲା। ଜବାବରେ ସନ୍‌ରାଇଜର୍ସ ୨୦ ଓଭରରେ ୭ ଉଇକେଟ ହରାଇ ୧୪୯ ରନ କରି ପାରିଥିଲା। ଅଧିନାୟକ କେନ୍ ୱିଲିୟମସନ (୨), ଅଭିଷେକ ଶର୍ମା (୯), ରାହୁଲ ତ୍ରିପାଠୀ (୦), ନିକୋଲସ ପୁରନ (୦) ଓ ଅବଦୁଲ ସମଦ (୪) ଦୁଇଅଙ୍କ ଛୁଇଁପାରି ନ ଥିବାବେଳେ ଏଡେନ ମାରକ୍ରାମ ସର୍ବାଧିକ ୫୭ (୪୧ ବଲ, ୫ ଚୌକା, ୨ ଛକା) ରନରେ ଅପରାଜିତ ରହିଥିଲେ। ୱାଶିଂଟନ ସୁନ୍ଦର ଦ୍ରୁତ ୪୦ (୧୪ ବଲ, ୫ ଚୌକା, ୨ ଛକା) ଓ ରୋମାରିଓ ଶେଫର୍ଡ ୨୪ ରନର ଇନିଂସ ଖେଳିଥିଲେ। ରାଜସ୍ଥାନ ବୋଲରଙ୍କ ମଧ୍ୟରେ ଯୁଜବେନ୍ଦ୍ର ଚହଲ ୩ଟି ଏବଂ ଟ୍ରେଣ୍ଟ ବୋଲ୍ଟ ଓ ପ୍ରସିଦ୍ଧ କ୍ରିଷ୍ଣା ୨ଟି ଲେଖାଏ ଉଇକେଟ ନେଇଥିଲେ।

**ସଞ୍ଜୁଙ୍କ ୧୦୦ତମ ମ୍ୟାଚ**

ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାଜସ୍ଥାନ ଓପନିଂ ଯୋଡ଼ିରେ ୩୭ ବଲ୍‌ରୁ ୫୮ ରନ ସଂଗ୍ରହ କରି ବଡ଼ ସ୍କୋର ପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲା। ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ ୧୬ ବଲ୍‌ରୁ ୨ ଚୌକା ଓ ୧ ଛକା ସହାୟତାରେ ୨୦ ରନ ସଂଗ୍ରହ କରିଥିଲେ। ଭଲ ଆରମ୍ଭ କରିଥିବା ଜୋଶ୍ ବଟଲର ୨୮ ବଲ୍‌ରୁ ୩ଟି ଲେଖାଏ ଚୌକା ଓ ଛକା ମାରି ୩୫ ରନ କରିଥିବାବେଳେ ଉମ୍ରାନ ମଲିକଙ୍କ ବଲ୍‌ରେ ଆଉଟ ହୋଇଥିଲେ। ରାଜସ୍ଥାନ ରୟାଲ୍ସ ପକ୍ଷରୁ ୧୦୦ତମ ମ୍ୟାଚ ଖେଳୁଥିବା ଅଧିନାୟକ ସଞ୍ଜୁ ସାମ୍‌ସନ କିନ୍ତୁ ହାସଲ କରିଥିଲେ ଅର୍ଦ୍ଧଶତକ। ସେ ମାତ୍ର ୨୭ ବଲ୍‌ରୁ ୩ ଚୌକା ଓ ୫ ଛକା ସହାୟତାରେ ୫୫ ରନ କରି ଦଳକୁ ବଡ଼ ସ୍କୋର ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ପୂର୍ବ ସିଜନଗୁଡ଼ିକରେ ରୟାଲ ଚ୍ୟାଲେଞ୍ଜର୍ସ ପକ୍ଷରୁ ଇନିଂସ ଓପନ କରିଥିବା ଦେବଦତ୍ତ ପଡ଼ିକାଲ ଏଠାରେ ୪ର୍ଥ ସ୍ଥାନରେ ଆସିଥିଲେ ହେଁ ପ୍ରଦର୍ଶନର ଛାପ ଛାଡ଼ିଥିଲେ। ସେ ସ୍ୱାଭାବିକଭାବେ ଷ୍ଟ୍ରୋକପୂର୍ଣ୍ଣ ଇନିଂସ ଖେଳି ୨୯ ବଲ୍‌ରୁ ୪ ଚୌକା ଓ ୨ ଛକା ସହାୟତାରେ ୪୧ ରନ ସଂଗ୍ରହ କରିଥିଲେ। ମିଡିଲ ଅର୍ଡରରେ ଶିମରନ ହେଟମେର ମାତ୍ର ୧୩ ବଲ୍‌ରୁ ଧୂଆଁଧାର ୩୨ (୨ ଚୌକା, ୩ ଛକା) ରନର ଇନିଂସ ଖେଳିବାରୁ ରାଜସ୍ଥାନ ୨୦୦ ସଂଖ୍ୟା ଅତିକ୍ରମ କରିଥିଲା। ରିୟାନ ପରାଗ ୧୨ ରନକରି ଆଉଟ ହୋଇଥିଲେ। ହାଇଦ୍ରାବାଦ ବୋଲରଙ୍କ ମଧ୍ୟରେ ଉମ୍ରାନ ମଲିକ ଓ ଟି. ନଟରାଜନ ୨ଟି ଲେଖାଏ ଏବଂ ଭୁବନେଶ୍ୱର କୁମାର ଓ ରୋମାରିଓ ଶେଫର୍ଡ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୨୧୦/୬ (ସଞ୍ଜୁ ସାମସନ-୫୫, ଦେବଦତ୍ତ ପଡ଼ିକାଲ-୪୧, ଜୋସ୍ ବଟଲର-୩୫, ଶିମରନ ହେଟମେର-୩୨, ଉମ୍ରାନ ମଲିକ-୨/୩୯, ଟି. ନଟରାଜନ-୨/୪୩, ଭୁବନେଶ୍ୱର କୁମାର-୧/୨୯, ରୋମାରିଓ ଶେଫର୍ଡ-୧/୩୩)। ସନ୍‌ରାଇଜର୍ସ ହାଇଦ୍ରାବାଦ ୨୦ ଓଭରରେ ୧୪୯/୭ (ଏଡେନ ମାରକ୍ରାମ-୫୭*, ୱାଶିଂଟନ ସୁନ୍ଦର-୪୦, ରୋମାରିଓ ଶେଫର୍ଡ-୨୪, ଯୁଜବେନ୍ଦ୍ର ଚହଲ-୩/୨୨, ଟ୍ରେଣ୍ଟ ବୋଲ୍ଟ-୨/୨୩, ପ୍ରସିଦ୍ଧ କ୍ରିଷ୍ଣା-୨/୧୬)।

# ଡିଫା କପ୍ ଫୁଟବଲ: ଫାଇନାଲରେ ଭୁବନେଶ୍ୱର, କଟକ

**ଧର୍ମଶାଳା, ୨୯।୩ (ଡି.ଏନ.ଏ.):** ଧର୍ମଶାଳା ବାଣୀପୀଠ ଖେଳ ପଡ଼ିଆରେ ଚାଲିଥିବା ୨୪ତମ ଡିଫା କପ ଓ ଚତୁର୍ଥ ରଞ୍ଜିତ ସ୍ୱାଇଁ ସ୍ମାରକୀ ଫୁଟବଲ୍ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଫାଇନାଲ ମ୍ୟାଚ୍ ସନ୍‌ସାଇନ କ୍ଲବ କଟକ ଓ ପ୍ରତାପ କ୍ଲବ୍ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଡିଫା ସଭାପତି ପ୍ରମୋଦ ଦାସ ଓ ସମ୍ପାଦକ ପ୍ରବୋଧ ପାତ୍ର ସୂଚନା ଦେଇଛନ୍ତି। ଦ୍ୱିତୀୟ ସେମିଫାଇନାଲରେ ସନସାଇନ କ୍ଲବ କଟକ ୨-୦ ଗୋଲରେ ନେତାଜୀ କ୍ଲବ କେନ୍ଦ୍ରାପଡ଼ାକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ଧର୍ମଶାଳା ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟର ପ୍ରଥମାର୍ଦ୍ଧରେ କଟକ ଟିମ୍‌ର ରାକେଶ ସାହୁ ଓ ଅବିନାଶ ସାମଲ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧରେ କେହି କାହାରିକୁ ଗୋଲ ନ ଦେବାରୁ କଟକ ଟିମ୍ ୨-୦ ଗୋଲରେ ବିଜୟୀ ହୋଇଥିଲା। ମ୍ୟାଚ୍‌କୁ ସଲିମ୍ ଅହମ୍ମଦ ଓ ଶୈଳେଶ ପାଣି ପରିଚାଳନା କରିଥିବା ବେଳେ ସେକ୍ ଆସିଫ ଓ ସତ୍ୟପ୍ରକାଶ ବିଶ୍ୱାଳ ଲାଇନରେ ସହାୟତା କରିଥିଲେ। ଖେଳରେ ଅତିଥିଭାବେ ଚହଟା ସମିତିସଭ୍ୟା ସସ୍ମିତା ନାୟକ ଓ ଶିକ୍ଷୟିତ୍ରୀ କାଦମ୍ବିନୀ ମିଶ୍ର ଯୋଗଦେଇ ବିଜୟୀ ଟିମ୍‌ର ରାକେଶ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ଧର୍ମଘଟ ସତ୍ତ୍ୱେ ଖୋଲାଥିଲା ବ୍ୟାଙ୍କ**

ନିରାକାରପୁର, (ଡି.ଏନ୍.ଏ.)- କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଭାରତ ବନ୍ଦ ଡାକରା ଦ୍ୱିତୀୟ ଦିନ ଥିବାବେଳେ ନିରାକାରପୁର ପଞ୍ଚାୟତରେ ବିଭିନ୍ନ ବ୍ୟାଙ୍କ ଖୋଲାଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ଆନ୍ଦୋଳନକାରୀମାନେ ପିକେଟିଂ କରୁଥିବା ବେଳେ ନିରାକାରପୁର ଅଞ୍ଚଳରେ ଥିବା ବ୍ୟାଙ୍କ ଅଫ୍ ବରୋଦା ଏବଂ ଗ୍ରାମ୍ୟ ବ୍ୟାଙ୍କ ଖୋଲାଯାଇଥିଲା। ତେବେ ଅଞ୍ଚଳର ସିପିଏମ୍ ପକ୍ଷରୁ ବଜାର ବନ୍ଦ ଡାକରା ଦିଆଯିବା ସହ ବଜାର ପରିକ୍ରମା କରୁଥିବା ବେଳେ। ୨ଟି ବ୍ୟାଙ୍କ ଖୋଲାଯାଇଥିବା ଦେଖି ସିପିଏମ୍ କର୍ମୀମାନେ ବ୍ୟାଙ୍କ ଅଧିକାରୀଙ୍କୁ କହି ବନ୍ଦ କରିଥିଲେ। ଏହାପରେ ସିପିଏମ୍ ପକ୍ଷରୁ ସ୍ଥାନୀୟ କଲେଜ ଛକ ନିକଟ ସରଣକୂଳରୁ ପୁରୀ ରାସ୍ତା ଉପରେ ବସି ଅବରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରମିକ ନେତା ଦିରିଶ ଚନ୍ଦ୍ର ମହାରଣା, ବିଦ୍ୟୁଭୂଷଣ ମହାରଣାଙ୍କ ସମେତ ମହିଳା ପୁରୁଷ କର୍ମୀମାନେ ସାମିଲ ଥିଲେ।

# ‘ପୀଡ଼ିତାଙ୍କୁ ୮ ସପ୍ତାହ ମଧ୍ୟରେ କ୍ଷତିପୂରଣ ଦିଅ’

**ମୁଖ୍ୟ ଶାସନ ସଚିବଙ୍କୁ ଏନ୍ଏଚ୍ଆର୍ସିଙ୍କ ନିର୍ଦ୍ଦେଶ**

- ଜାଗରଯାତ୍ରାରୁ ଫେରିବା ବେଳେ ମହିଳାଙ୍କୁ ଗଣବଳାତ୍କାର ଘଟଣା
- ୮ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ଡିଜିପିଙ୍କୁ ନୋଟିସ

ଖୋର୍ଦ୍ଧା ଅଫିସ,୨୯।୩

ଭଦ୍ରକ ଜିଲା ରହଣିଆ ଅଞ୍ଚଳରେ ୨୦୨୦ ଫେବୃୟାରୀ ୨୧ ରାତିରେ ଜାଗର ଯାତ୍ରାରୁ ଫେରୁଥିବା ବେଳେ ଜଣେ ଆଦିବାସୀ ମହିଳା ଗଣବଳାତ୍କାରର ଶିକାର ହୋଇଥିଲେ। ପୀଡ଼ିତାଙ୍କ ଅଭିଯୋଗ କ୍ରମେ ଥାନାରେ ମାମଲା ରୁଜୁ ହୋଇଥିଲା। ଏହି ଘଟଣାରେ ୨୦୧୮ ପୀଡ଼ିତା କ୍ଷତିପୂରଣ ଆଇନ ଅନୁଯାୟୀ ବର୍ତ୍ତମାନ ସୁଦ୍ଧା ପ୍ରଶାସନ କିମ୍ବା ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତାଙ୍କ ପରିବାରକୁ କ୍ଷତିପୂରଣ ସହାୟତା ଦିଆଯାଇ ନ ଥିବା ନେଇ ମାନବାଧିକାର କର୍ମୀ ଜୟନ୍ତ ଦାଶ ଜାତୀୟ ମାନବ ଅଧିକାର କମିଶନ (ଏନ୍ଏଚ୍ଆର୍ସି)ଙ୍କ ନିକଟରେ ଅଭିଯୋଗ କରିଥିଲେ। ମଙ୍ଗଳବାର କମିଶନ ପୀଡ଼ିତାଙ୍କ ପରିବାରଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଲାଗି ମୁଖ୍ୟଶାସନ ସଚିବଙ୍କୁ ନୋଟିସ କରିଛନ୍ତି। ଏଥିସହିତ ଭଦ୍ରକ ଜିଲା ପ୍ରଶାସନ ଓ ପୋଲିସର ଅବହେଳାକୁ ଭର୍ତ୍ସନା କରିଛନ୍ତି। ରାୟ ପ୍ରକାଶର ୮ ସପ୍ତାହ ମଧ୍ୟରେ କ୍ଷତିପୂରଣ ଦେବା ଏବଂ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଘଟଣାର ସବିଶେଷ ରିପୋର୍ଟ ଦାଖଲ କରିବା ଲାଗି କମିଶନ ନୋଟିସ ଜାରି କରିଛନ୍ତି।

ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅଞ୍ଚଳର ଏକ ଆଦିବାସୀ ପରିବାର ଗତ କିଛି ମାସ ଧରି ଭଦ୍ରକ ଜିଲା ରହଣିଆରେ ରହିଆସୁଛନ୍ତି। ଗ୍ରାମରେ ଜାଗରଯାତ୍ରା ଚାଲିଥିବାରୁ ପରିବାର ଲୋକେ ଦେଖିବାକୁ ଯାଇଥିଲେ। ମହିଳା ଜଣକ ବରୁଣେଶ୍ୱର ମହାଦେବ ଜାଗର ଉତ୍ସବ ଦେଖି ରାତି ପ୍ରାୟ ୧୧ଟାରେ ଘରକୁ ଏକା ଫେରୁଥିଲେ। ଡିହସାହି ହନୁମାନ ମନ୍ଦିର ନିକଟରେ ୨ଜଣ ଯୁବକ ତାଙ୍କୁ ଟେକିନେଇ ବଳାତ୍କାର କରିଥିଲେ। ପୀଡ଼ତା ଏ ସମ୍ପର୍କରେ ପରିବାର ଓ ଗ୍ରାମବାସୀଙ୍କୁ ଜଣାଇଥିଲେ। ତାଙ୍କ ପରିବାରର ଅଭିଯୋଗକ୍ରମେ ପୋଲିସ ମହିଳାଙ୍କୁ ଭଣ୍ଡାରିପୋଖରୀ ଡାକ୍ତରଖାନାକୁ ନେଇଥିଲେ। ଏହି ଘଟଣା ସମ୍ପର୍କରେ ମାନବାଧିକାର କର୍ମୀ ଜୟନ୍ତ ଦାଶ ଜାତୀୟ ମାନବ ଅଧିକାର କମିଶନଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। କମିଶନ ଆବେଦନକୁ ଗ୍ରହଣ କରି ପୀଡ଼ିତାଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ ଦେବା ସହ ଭଦ୍ରକ ଏସ୍ପିଙ୍କୁ ରିପୋର୍ଟ ମାଗିଥିଲେ। ଭଦ୍ରକ ପୋଲିସ ପକ୍ଷରୁ ଦାଖଲ କରାଯାଇଥିବା ରିପୋର୍ଟ ଉପରେ ଦାଶ ପୁଣି ଥରେ କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ଯେ, ଅଭିଯୋଗ ମାମଲା ରୁଜୁ ହେବାର ୨ମାସ ମଧ୍ୟରେ ଚାର୍ଜଶିଟ ଦାଖଲ କରାଯିବା ସମ୍ପର୍କରେ ଏସ୍ପି ଉଲ୍ଲେଖ କରିନାହାନ୍ତି। ଘଟଣାର ୨ବର୍ଷ ପରେ ବି ପୀଡ଼ିତା ଉପଯୁକ୍ତ ନ୍ୟାୟ ପାଇପାରିନାହାନ୍ତି। ଓଡ଼ିଶା ପୀଡ଼ିତା କ୍ଷତିପୂରଣ ଯୋଜନା ୨୦୧୮ ଅଧୀନରେ ରହଣିଆ ପୀଡ଼ିତାଙ୍କୁ ଟଙ୍କାଟିଏ ବି କ୍ଷତିପୂରଣ ଦିଆଯାଇନାହିଁ। ଭଦ୍ରକ ପ୍ରଶାସନ, ପୋଲିସ, ଜିଲା ଓ ରାଜ୍ୟ ଆଇନସେବା ପ୍ରାଧିକରଣ କେହି ପୀଡ଼ିତାଙ୍କ ପରିବାରକୁ ସହଯୋଗ କରୁନାହାନ୍ତି। ପୀଡ଼ିତା ଏ ସମ୍ପର୍କରେ ଅନଭିଜ୍ଞ ହୋଇଥିବାରୁ କ୍ଷତିପୂରଣ ଯୋଜନାରୁ ବଞ୍ଚିତ ହୋଇଛନ୍ତି। ଏହାକୁ ଗୁରୁତ୍ୱର ସହ ନେବାକୁ ମାନବାଧିକାର କର୍ମୀ ଦାଶ କମିଶନଙ୍କୁ ଗୁହାରି ଜଣାଇଥିଲେ।

## ଜଙ୍ଗଲ ସୁରକ୍ଷା ଆମ ଦାୟିତ୍ୱ

ଖୋର୍ଦ୍ଧା ଅଫିସ,୨୯।୩

ଟାଙ୍ଗୀ ବନାଞ୍ଚଳ ମୋରାମାରି ପଞ୍ଚାୟତର ସଲପଡିହ ବିଟ୍ହାଉସ ପରିସରରେ ମଙ୍ଗଳବାର ‘ଜଙ୍ଗଲରେ ନିଆଁ ଲଗାନ୍ତୁ ନାହିଁ’ ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ନାଥ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ବସନ୍ତ ମାଳି ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଜଙ୍ଗଲ ହେଉଛି ଆମ ସମ୍ପଦ। ଜଙ୍ଗଲରେ କେହି ବିଡ଼ି, ସିଗାରେଟ ଲଗାଇବା ଉଚିତ ନୁହେଁ। ପଞ୍ଚାୟତ ସ୍ତରରେ ସଚେତନତା କରାଯିବ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ଖବରଦାତା ପ୍ରଭାତ ପାଣିଗ୍ରାହୀ ଯୋଗଦେଇ ଦ୍ରୁତ ଶିଳ୍ପାୟନ ଓ ସହରାଞ୍ଚଳ ଯୋଗୁ ଜଙ୍ଗଲ କ୍ଷୟ ହେଉଛି, ଜଙ୍ଗଲ ସୁରକ୍ଷା ସହ ନିଆଁକୁ ନିୟନ୍ତ୍ରଣ କରିବା ଆମର ଦାୟିତ୍ୱ ବୋଲି କହିଥିଲେ। ସମ୍ମାନିତ ଅତିଥି ସମିତି ସଭ୍ୟ ରତ୍ନାକର ପ୍ରଧାନ, ସାମାଜିକ କର୍ମୀ ଏସ୍.କେ. ଆବିଦ, ସୁକାନ୍ତ ନାୟକ, ରବୀନ୍ଦ୍ର ରଣା, ପରିବେଶବିତ ଧନେଶ୍ୱର ବିଧାର ପ୍ରମୁଖ ସାମିଲ ଥିଲେ। ଧନେଶ୍ୱର ଭୁଜବଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ମା’ବାପା ହେଲେ ଦୁଇ ଜ୍ୟୋତିଷ, ଜୀବନ୍ତ ଦେବତା



ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଓ ଅନ୍ୟମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବେଗୁନିଆ,୨୯।୩(ଡି.ଏନ.ଏ)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳର ସାହିତ୍ୟିକ ରାଜକିଶୋର ପାଣିଗ୍ରାହୀଙ୍କ ରଚିତ ‘ଜୀବନ୍ତ ଦେବତା’ ନାମକ ଓଡ଼ିଆ ପୁସ୍ତକ ମଙ୍ଗଳବାର ଲୋକାର୍ପିତ ହୋଇଯାଇଛି। ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ବାସଭବନସ୍ଥିତ ଅତିଥି ଭବନରେ ଆୟୋଜିତ ଏହି ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଆନ୍ଧ୍ରପ୍ରଦେଶ ରାଜ୍ୟପାଳ ହରିଚନ୍ଦନ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ମା’ ଓ ବାପାଙ୍କ ଜୀବନୀ ସମ୍ପର୍କରେ ଲିଖିତ ପୁସ୍ତକକୁ ଲୋକାର୍ପିତ କରିଥିଲେ। ଅନ୍ୟତମ ଅତିଥି ଭାବେ ଐତିହାସିକ ସତ୍ୟବାଦୀ ବଳିଆରସିଂହ ଯୋଗ ଦେଇଥିଲେ। ମା’ ଓ ବାପା ହେଉଛନ୍ତି ଦୁନିଆରେ ଦୁଇ ଜ୍ୟୋତିଷ। ମା’ ପେଟ ଓ ମନର କଥାକୁ ଆଗୁଆ ଜାଣି ପାରୁଥିଲାବେଳେ ବାପା ଆମର ଭବିଷ୍ୟତ କଥା ଜାଣିପାରନ୍ତି, ତେଣୁ ସେ ଜୀବନ୍ତ ଦେବତା ବୋଲି ଅତିଥି ହରିଚନ୍ଦନ କହିଥିଲେ। ଶିଳ୍ପୀ ଦିଲୀପ ପାଣିଗ୍ରାହୀ, ସାମାଜିକ କର୍ମୀ କାର୍ତ୍ତିକେୟ ପାଣିଗ୍ରାହୀ, ମାନସ ଦାଶ, ସ୍ତମ୍ଭକାର ସମରେନ୍ଦ୍ର ବଳିଆରସିଂହ ଏବଂ କାଳୀଚରଣ ଜୟସିଂହ ପ୍ରମୁଖ ଉପସ୍ଥିତ ଥିଲେ।

# ହସ୍ପିଟାଲରେ ଭର୍ତ୍ତି ଚିଲିକା ବିଧାୟକ

- ଅସୁସ୍ଥତା ଅନୁଭବ କରିବାରୁ ସ୍ଥାନାନ୍ତର
- ଲୋକଙ୍କ ଉପରକୁ ଗାଡ଼ି ମଡ଼ାଇଦେବା ଘଟଣା

ଖୋର୍ଦ୍ଧା ଅଫିସ,୨୯।୩

ବାଣପୁର ବ୍ଲକ କାର୍ଯ୍ୟାଳୟ ଆଗରେ ଲୋକଙ୍କ ଉପରକୁ ଗାଡ଼ି ମଡ଼ାଇଦେବା ଘଟଣାରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ ଗିରଫ ହୋଇ ବାଣପୁର ସବ୍ଜେଲରେ ରହିଥିଲେ। ସୋମବାର ରାତିରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ଚିକିତ୍ସା ପାଇଁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ମଙ୍ଗଳବାର ଖୋର୍ଦ୍ଧା ଏସ୍ପି ଅଲେଖ ଚନ୍ଦ୍ର ପହି ସୂଚନା ଦେଇଛନ୍ତି। ଏସ୍ପି ପହି କହିଛନ୍ତି, ସୋମବାର ରାତିରେ ବିଧାୟକ ଜଗଦେବ ଅସୁସ୍ଥତା ଅନୁଭବ କରିଥିଲେ। ବିଳମ୍ବିତ ରାତିରେ ବାଣପୁର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସ୍ଥାନୀୟ ସବ୍ଜେଲକୁ ଯାଇ ଜଗଦେବଙ୍କ ଚିକିତ୍ସା କରିଥିଲେ। ଜଗଦେବ ଉଚ୍ଚ ରକ୍ତଚାପ, ମଧୁମେହ, ଛାତି ଯନ୍ତ୍ରଣା ପ୍ରଭୃତି ରୋଗରେ ଆକ୍ରାନ୍ତ ଥିବା ଡାକ୍ତର ଜାଣିବାକୁ ପାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ପରାମର୍ଶକ୍ରମେ ତାଙ୍କୁ ୧୦୮ ଆମ୍ବୁଲାନ୍ସରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ଜେଲ୍ ଓ ପୋଲିସ କର୍ମଚାରୀ ମୁତୟନ ରହିବେ। କଡ଼ା ସୁରକ୍ଷା ମଧ୍ୟରେ ଜଗଦେବଙ୍କ ଚିକିତ୍ସା କରାଯିବ। ସେ ସୁସ୍ଥ ହେବା ପରେ ତାଙ୍କୁ ପୁଣି ବାଣପୁର ସବ୍ଜେଲକୁ ପଠାଇ ଦିଆଯିବ ବୋଲି ଏସ୍ପି ସୂଚନା ଦେଇଛନ୍ତି। ଜଗଦେବଙ୍କ ଜାମିନ ନିମନ୍ତେ ତାଙ୍କ ଓକିଲ ବାଣପୁର ଜେଏମ୍ଏଫ୍ସି କୋର୍ଟରେ ଆବେଦନ କରିଛନ୍ତି। ଆସନ୍ତା ୩୧ ତାରିଖରେ ଏହାର ଶୁଣାଣି ରହିଛି। ଅନ୍ୟପଟେ ବିଧାୟକ ଜଗଦେବଙ୍କୁ ଆକ୍ରମଣ ଓ ତାଙ୍କ କାର୍ ଭଙ୍ଗାରୁଜା ଘଟଣାରେ ବାଣପୁର ପୋଲିସ ସୋମବାର ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ସବ୍ଜେଲକୁ ପଠାଇ ଦିଆଯାଇଛି। ତେବେ ସବ୍ଜେଲରେ ଆକ୍ରମଣକାରୀ ଏବଂ ଜଗଦେବ ମୁହାଁମୁହିଁ ହେବା ଆଶଙ୍କା ରହିଥିଲା। ବିଧାୟକ ନିଜ ସୁରକ୍ଷା ଦୃଷ୍ଟିରୁ ଚିକିତ୍ସା ବାହାନା କରି ସବ୍ଜେଲରୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର ହୋଇଯାଇଥିବା ଚର୍ଚ୍ଚା ହେଉଛି। ସୂଚନାଯୋଗ୍ୟ, ଗତ ୧୨ ତାରିଖରେ ବିଧାୟକ ଜଗଦେବ ବାଣପୁର ବ୍ଲକ କାର୍ଯ୍ୟାଳୟ ଆଗରେ ଲୋକଙ୍କ ଉପରକୁ ଗାଡ଼ି ମଡ଼ାଇ ଦେଇଥିଲେ। ଏଥିରେ ଲୋକେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ନିସ୍ଠୁର ମାଡ଼ ମାରିବା ସହ ତାଙ୍କ କାର୍ ଭଙ୍ଗାରୁଜା କରିଥିଲେ। ସେହିପରି ଗତ ସେପ୍ଟେମ୍ବରରେ ବାଲୁଗାଁ ଭାଜପା ମୋର୍ଚ୍ଚା ମଣ୍ଡଳ ସଭାପତି ନିରଞ୍ଜନ ସେଠୀଙ୍କୁ ଆକ୍ରମଣ ଘଟଣାରେ ବିଧାୟକ ଜଗଦେବ ଗିରଫ ହେବା ପରେ ଖୋର୍ଦ୍ଧା ସବ୍ଜେଲକୁ ଯାଇଥିଲେ। ସେଠାରେ ବିଳମ୍ବିତ ରାତିରେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସିତ ଅବସ୍ଥାରେ ସେ ହାଇକୋର୍ଟରୁ ଅନ୍ତରୀଣ ସର୍ତ୍ତମୂଳକ ଜାମିନ ପାଇଥିଲେ।

## ଛୁରାମାଡ଼ କରି ଲୁଟ ଘଟଣା: ୩ ଗିରଫ

ଖୋର୍ଦ୍ଧା ଅଫିସ,୨୯।୩

ମୁକୁନ୍ଦପ୍ରସାଦ ବାଇପାସ୍ଠାରେ ମାଛ ବେପାରୀଙ୍କୁ ଛୁରାମାଡ଼ କରି ଲୁଟ ଘଟଣାରେ ମଙ୍ଗଳବାର ଟାଉନ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବାଣପୁର ଥାନା ଅନ୍ତର୍ଗତ ଦଉପୁରର ତପୁ ଓରଫ ଚିତ୍ତରଞ୍ଜନ ହରିଚନ୍ଦନ, ଟାଉନ ଥାନା ତରତୁଆ ଟାଙ୍ଗୀ ସାହିର ସୋନୁ ଓରଫ ଅମିର ଖାନ ଏବଂ ଶରଧାପୁରର ଜାବିର ଓରଫ ଧଡ଼ିଆ ଓରଫ ଟୁକୁନା ଜାଭେଦ ମହମ୍ମଦ। ଏମାନଙ୍କଠାରୁ ପୋଲିସ ୨୪ ହଜାର ଟଙ୍କା, ୧୦ ମୋବାଇଲ ଏବଂ ୨ଟି ବାଇକ (ନଂ. ଓଡି ୦୨-ଏଡି-୮୧୪୧) ଏବଂ(ନଂ. ଓଡି ୦୨-ଏମ-୮୧୪୧)। ବିଭିନ୍ନ ସ୍ଥାନରେ ମୋବାଇଲ ଲୁଟ୍ ଘଟଣାରେ ଏହି ଗିରଫ ଅଭିଯୁକ୍ତମାନଙ୍କ ସମ୍ପୃକ୍ତି ରହିଥିବା ପୋଲିସ ସୂଚନା ଦେଇଛି। ପୂର୍ବରୁ ଏକ ଘଟଣାରେ ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ବାପି ପାତ୍ରଙ୍କ ମଙ୍ଗଳବାର ଗିରଫ ହୋଇଥିବା ଅଭିଯୁକ୍ତଙ୍କ ସହ ସମ୍ପୃକ୍ତି ଥିବା ପୋଲିସ କହିଛି।

## ୫୦ହଜାର ଟଙ୍କାର ଲୁହା ସାମଗ୍ରୀ ଜବତ, ୨ ଗିରଫ

ଯାଁଳା,୨୯।୩ (ଡି.ଏନ୍.ଏ.)

ଏକ ଆପାର୍ଟମେଣ୍ଟରୁ ବିଭିନ୍ନ ସାମଗ୍ରୀ ଚୋରି ଅଭିଯୋଗରେ ଇଙ୍ଗୋଭ୍ୟାଲି ଥାନା ଦୁଇ ଯୁବକଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଚନ୍ଦକା ଥାନା ବିନ୍ଧ୍ୟଗିରି ଗ୍ରାମର ମାରୁତି ଭୋଇ ଓ ଛତାବର ପଞ୍ଚାୟତ ଅଶିଣଲ ଗ୍ରାମରେ ଭଡ଼ାରେ ରହୁଥିବା କୋରାପୁଟର ସତ୍ୟବାନ ମଲ୍ଲିକ। ସେମାନଙ୍କଠାରୁ ପ୍ରାୟ ୫୦ ହଜାର ଟଙ୍କାର ଲୁହା ସାମଗ୍ରୀ ସହ ଏକ ବୋଲେରୋ ଗାଡ଼ି ଜବତ କରିଛି। ସୋମବାର ରାତିରେ ଇଙ୍ଗୋଭ୍ୟାଲି ଥାନା ପୋଲିସ ଯାଞ୍ଚ କରୁଥିଲେ। ଏହି ସମୟରେ ମାରୁତି ଓ ସତ୍ୟବାନ ଏକ ବୋଲେରୋ ଯୋଗେ ଲୁହା ସାମଗ୍ରୀ ନେଇ ଯାଉଥିଲେ। ପୋଲିସ ଦେଖି ଚୋରଦ୍ୱୟଙ୍କୁ ଧରି ପଚରାଉଚରା ବେଳେ ମଦନପୁରସ୍ଥିତ ଆପାର୍ଟମେଣ୍ଟରୁ ଚୋରି କରିଥିବା ମାନିଥିଲେ। ଏ ନେଇ ଆପାର୍ଟମେଣ୍ଟ ଜଣେ ଥାନାରେ ଅଭିଯୋଗ କରିଥିଲେ।

# ଭାଇଚାରା ବାର୍ତ୍ତା ଦିଏ ଜରିପୁଟ ମେଲଣ

**ଏକାଠି ହୋଇଛନ୍ତି ୧୫ ଗାଁ ଠାକୁର**

ଖୋର୍ଦ୍ଧା ଅଫିସ, ୨୯।୩

ଖୋର୍ଦ୍ଧା ଉପକଣ୍ଠ ଜରିପୁଟ ଗ୍ରାମରେ ସୋମବାର ରାତିରୁ ଆରମ୍ଭ ହୋଇଛି ଦଶଦୋଳ ମେଲଣ। ଜରିପୁଟ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ଏହି ମେଲଣ ୩ଦିନ ଧରି ଚାଲିବ। ଏଠାରେ ଆଖପାଖ ୧୫ଟି ଗାଁର ଠାକୁର ଏକାଠି ହୋଇଛନ୍ତି। ଚଳିତବର୍ଷ ଶୋଭାଯାତ୍ରା, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବାଣଫୁଟା ଉପରେ ପ୍ରଶାସନ ପକ୍ଷରୁ କଟକଣା ରହିଛି। ଗ୍ରାମର ଚନ୍ଦ୍ରଶେଖର ମହାଦେବ ହେଉଛନ୍ତି ଥାନପତି। ରାତିନୀତି ଓ ପରମ୍ପରା ଅନୁଯାୟୀ ରାତିରେ ପଟୁଆରରେ ଚନ୍ଦ୍ରଶେଖର ମହାଦେବ ବାଦ୍ୟବାଜଣା, ପାରମ୍ପରିକ ଲୋକନୃତ୍ୟ ମଧ୍ୟରେ ଭକ୍ତଙ୍କ ଗହଳରେ ଏକ ବିଶାଳ ଶୋଭାଯାତ୍ରାରେ ମନ୍ଦିରରୁ ବାହାରି ମେଲଣ ପଡ଼ିଆ ଦୋଳ ମଣ୍ଡପରେ ବିଜେ କରନ୍ତି। ଚନ୍ଦ୍ରଶେଖର ମହାଦେବଙ୍କ ପଛରେ ନିମନ୍ତ୍ରିତ ଅନ୍ୟ ଗାଁର ଠାକୁରମାନେ ଶୋଭାଯାତ୍ରାରେ ଆସି ନିଜ ଆସନରେ ବିଜେ କରନ୍ତି। ଏହି ମେଲଣରେ ଶିଆଳିଆର ମଦନମୋହନ, କଦଳୀବାଡ଼ିର ଭଗବତ ବାସୁଦେବ, ଦେଉଳ ଟାଙ୍ଗୀର ସୋମନାଥ ଦେବ, ଦଧିମାଛଗାଡ଼ିଆର ରାଧାମୋହନ ଦେବ, ଭାଟପଡ଼ାର ସୋମନାଥ, ଜରିପୁଟର ରଘୁନାଥ, ଗୋପୀନାଥ, କଙ୍କଡ଼ାହାଡ଼ର ଈଶାନେଶ୍ୱର, ପାଟପୁରର ରାଧାକୃଷ୍ଣ, ପାନବରଜର ବାଲୁଙ୍କେଶ୍ୱର, ଭାଲିଆବାଡ଼ର ରାଧାକାନ୍ତ, କଲ୍ୟାଣପୁରର ସ୍ୱପ୍ନେଶ୍ୱର, ଜକରାର ଲୋକନାଥ ଏବଂ ବୋଉଳମା ଗ୍ରାମର ଧବଳେଶ୍ୱର ମହାଦେବ ଏକାଠି ହୋଇଛନ୍ତି। ଗ୍ରାମ୍ୟ କମିଟି ସଭାପତି



ଦିବାକର ମର୍ଦ୍ଦରାଜ କହିଛନ୍ତି, ପ୍ରାୟ ୧୦୩ ବର୍ଷ ହେବ ଏହି ମେଲଣ ଉତ୍ସବ ଆୟୋଜନ ହୋଇଆସୁଛି। ପୂର୍ବରୁ ମୋ’ ଜେଜେ ପରିବାରର ସୁଖ ମନାସି ଏହି ମେଲଣ ଆରମ୍ଭ କରିଥିଲେ। କିଛି ବର୍ଷ ଚାଲିବା ପରେ ଏହାକୁ ବନ୍ଦ କରିଦେବାକୁ ସ୍ଥିର କରିଥିଲେ, ତେବେ ଏହି ମେଲଣ ଯାତ୍ରା ଜାରି ରଖିବାକୁ ଗ୍ରାମବାସୀ ନିଷ୍ପତ୍ତି ନେଇଥିଲେ। ସେବେଠାରୁ ଗ୍ରାମ୍ୟ କମିଟି ଆନୁକୂଲ୍ୟରେ ଏହି ଯାତ୍ରା ଆୟୋଜନ ହୋଇଆସୁଛି। ନିଜେ ୪୦ବର୍ଷ ହେଲା ସେ ଏହି ମେଲଣ ଯାତ୍ରାର ସଭାପତି ଦାୟିତ୍ୱ ତୁଲାଇ ଆସୁଛନ୍ତି। ଜରିପୁଟ ମେଲଣ ଭାଇଚାରାର ବାର୍ତ୍ତା ଦେଇଥାଏ। ପ୍ରଥମ ଦିନ ରାତିରେ ଠାକୁରଙ୍କ ଜମାଣ ହୋଇଥାଏ। ପରଦିନ ମେଲଣ ଏବଂ ତା’ ପରଦିନ ହରିହର ଭେଟ ନୀତି ହୁଏ। ପରେ ନିମନ୍ତ୍ରିତ ଠାକୁର ଦୋଳ ବିମାନରେ ସ୍ୱମନ୍ଦିରକୁ ଫେରିଥାନ୍ତି। ତିନିଦିନ ବ୍ୟାପୀ ମେଲଣ ପଡିଆରେ ମିନାବଜାର, ଖାଦ୍ୟ ଷ୍ଟଲ ଖୋଲିଥାଏ।


**OFFICE OF THE GENERAL MANAGER**
**WATCO DIVISION, CUTTACK**
Telephone/e-mail/Fax:0671-2547115/gmwatcoctc@gmail.com

**NATIONAL COMPETITIVE BIDDING**

No.C-2023: **THROUGH e-Procurement**

**Bid Identification No. WATCO (S)-16/2021-22 Dtd.28.03.2022**

1. Name of the work:- Supply, testing & commissioning of DG set for 8.00 MLD Water Treatment Plant & Intake Site at Pratapnagari, Cuttack.
2. Estimated cost: Rs.26.25 Lakhs (Approx.).
3. Period of completion :-3 (Three) Calendar Months.
4. Date & time of availability of bid document in the portal :-From 11 A.M of dt.31.03.2022 to 5.00 P.M. of dt.11.04.2022.
5. Last date/time of receipt of bids in the portal:- 11.04.2022 up to 05.00 P.M.
6. Date & time of opening of bids:-12.04.2022 at 12.30 P.M.
7. Name and address of the Officer Inviting Bid :-The General Manager, WATCO Division, Cuttack-753003, Odisha, Ph.(0671)2547115, email:gmwatcoctc@gmail.com.
8. The bidders have to participate in ONLINE bidding only. Further details can be seen from the website **www.tendersodisha.gov.in**

**Sd./- General Manager**
**WATCO Division, Cuttack**
**OIPR-13194/11/0024/2122**

**WATCO**
**OFFICE OF THE**
**CHIEF EXECUTIVE OFFICER, WATCO**
**Ground Floor, Unnati Bhawan, H.B. Colony, Satyanagar, Bhubaneswar-751007,Odisha, India**
**Telefax:-+91-674-2391444,**
**E-mail- mail@watcoodisha.in, md@watcoodisha.in**

**INVITATION FOR BID (IFB)**

**Bid Identification No. WATCO (W)-41/2021-22, Dtd.28.03.22**
**WATCO No.1131, Date:28.03.2022**

**No.C-2020:**1.Name of the work:-. Design, Construction, Testing & commissioning of RCC ESR at Bhubaneswar & Puri 1.7.5 lakh Litre capacity RCC ESR at Police colony (Kalinga stadium opposite) & reserve police line Jaydev vihar. 2- 10.00 & 12.50 lakh litre capacity at IGST womens hostel & Rasulgarh IE respectively. 3- 10.00 & 15.00 lakh litre capacity at Laxmisagar & Haladi padia respectively, 4-15.00 & 15.00 lakh litre at Satya nagar pump house & Mali colony pump house respectively. 5-5.00 & 15.00 lakh litre at Unit -3 park pump house & Budheswari colony respectively. 6- 15.00 & 20.42 lakh litre at Laxmisagar upper sahi & Baragada village respectively. 7-10.00 & 10.00 lakh litre at Baragada Brit colony & Madhusudan nagar respectively. 8-20.00 & 5.00 lakh litre at WTP Palasuni & Sameigadia respectively. 9-7.50 &15.00 lakh litre at Gadakana & Mancheswar IE respectively. 10-10.00 & 5.00 lakh litre at VSS nagar police colony & Adimata colony. respectively 11-20.00 & 5.00 lakh litre at OSAP 7th Battalion campus & within Division - I campus respectively. 12-15.00 & 15.00 lakh litre at STP C.S pur for BDA-300HH & STP C.S.Pur for HB colony respectively. 13- ESR for Totagopinath Zone, Puri.14-10.00 lakh litre at Kapilaswar. 15- 15.00 lakh litre at Bhuasuni. 16-10.00 lakh litre at Pandab nagar. 17-10.00 lakh litre at BJB nagar. 18- 10.00 lakh litre at Nageswar Tangi including anicillary works. 2. Estimated cost (1)- Rs.406.61 Lakh. (2) Rs.556.61 Lakh. (3) - Rs.606.61 Lakh. (4)-Rs.706.61 Lakh. (5)-Rs.506.61 Lakh. (6) -Rs.815.01 Lakh. (7)-Rs.506.61 Lakh. (8) - Rs.606.61 Lakh. (9) - Rs.556.61 Lakh.(10)-Rs.406.61 Lakh. (11)-Rs.606.61 Lakh. (12)-Rs.706.61 Lakh. (13)-Rs.448.78 lakh. (14)-Rs.253.30 lakh. (15)-Rs.353.30 lakh. (16)- Rs.253.30 lakh. (17)-Rs.253.30 lakh. (18)-Rs.253.30 lakh. 3. Period of completion:- 09 (Nine) Months. 4.Date & time of availability of bid document in the portal :-From 11.00 AM of Dt.11.04.2022 to 5.00 P.M. of 25.04.2022. 5.Last date / time of receipt of bids in the portal:-5.00 PM of 25.04.2022.6. Date & time of opening of technical bids :-12.30 PM of 26.04.2022. 7.Name and address of the Officer Inviting Bid:- CEO, WATCO. 8. The bidders have to participate in ONLINE bidding only. Further details can be seen from the website **www.tendersodisha.gov.in.**

**Sd/- CEO, WATCO**
**OIPR-13194/11/0022/2122**

**Bhubaneswar Smart City Limited**
**Block-1, 5th Floor, BMC- Bhawani Mall, Saheed Nagar, Bhubaneswar- 751007, E-mail Id: bbsr.bscl@gov.in,**
**CIN: U74990OR2016PLC020016**
**Telephone-0674- 2548428 FAX: 0674-2540811**
**Ref.No.:BSCL/Administration/CARBON/2022/25-L1-709 Dt.28.03.22**

**EXPRESSION OF INTEREST (EOI) for Consultancy Services to avail any applicable GHG (Green House Gas) Carbon Credits Benefits for RE (Renewable Energy), EE (Energy Efficiency), Waste Management and other technology projects of Bhubaneswar.**

**No.C-2011:**M/s. Bhubaneswar Smart City Limited (BSCL), Bhubaneswar invites sealed proposals for **Consultancy Services to avail any applicable GHG (Green House Gas) Carbon Credits Benefits for RE (Renewable Energy), EE (Energy Efficiency), Waste Management and other technology projects of Bhubaneswar.**

The details of Terms of Reference (ToR) can be downloaded from the website of BSCL i.e. www.smartcitybhubaneswar.gov.in and www.bmc.gov.in. Interested agencies may submit their proposals in a sealed cover superscribing as **“EXPRESSION OF INTEREST (EOI) for Consultancy Services to avail any applicable GHG (Green House Gas) Carbon Credits Benefits, for RE (Renewable Energy), EE (Energy Efficiency), Waste Management and other technology projects of Bhubaneswar.”** with advertisement number and Date to the General Manager (Admin), Bhubaneswar Smart City Limited, 5th Floor, Block-1, BMC Bhawani Mall, Saheed Nagar, Bhubaneswar-751007 through Speed Post / Registered Post / Courier services only, which should reach on or before **3.00 P.M on 16.04.2022** positively and the same will be opened at **3.30 P.M.** on the same day. Proposals received after the due date and time shall be rejected. The undersigned reserves the right to reject any or all the tender without assigning any reason thereof. For any queries you reach through email:bbsr.bscl@gmail.com or telephone:0674- 2548428 / 2540811.

By Order of MD and CEO
**Sd./- General Manager (Admin),**
**Bhubaneswar Smart City Limited**
**OIPR-13070/11/0017/2122**

**ODISHA PUBLIC SERVICE COMMISSION**

**ADVERTISEMENT No. 30 of 2021-22**

**Recruitment to the Posts of Assistant Fisheries Officer, Group-B of Odisha Fisheries Cadre under Fisheries & Animal Resources Development Department**

No. D-375: Online applications are invited from the prospective candidates through the proforma application to be made available on the Website of the Commission **(http://opsc.gov.in)** for recruitment to **177 (One hundred seventy seven)** posts of **Assistant Fisheries Officer, Group-B** of Odisha Fisheries Cadre under Fisheries & Animal Resources Development Department carrying the pay at Level-10 of the Pay Matrix as per ORSP Rules, 2017 with usual Dearness and other allowances as may be sanctioned by the Government of Odisha from time to time.

2. **VACANCY POSITION:** As per requisition filed by the Fisheries & Animal Resources Development Department, Government of Odisha, out of total 177 (58 - W) Posts, 85 (28 - W) Posts are for UR Category, 03 Posts are for SEBC Category, 26 (09 - W) Posts are for SC Category and 63 (21 - W) Posts are for ST Category.
3. **AGE:** A candidate shall not ordinarily be below 21 (twenty one) years and above 38 (thrity eight) years of age as on the 1st day of January, 2022 i.e. he/she must have been born not earlier than 2nd January, 1984 and not later than 1st January, 2001.
4. **EDUCATIONAL QUALIFICATION:** A candidate must be a Bachelor of Fishery Science (B.F.Sc.) from any recognized University in India or abroad.
5. **EXAMINATION FEE:** A candidate is required to pay a non-refundable and non-adjustable fee of **Rs.500/- (Rupees five hundred)** only. Candidates belonging to Scheduled Caste and Scheduled Tribe of Odisha and Persons with Disability (whose permanent disability is 40% and more) are exempted from payment of this fee.
6. **METHOD OF SELECTION:** The selection of candidates for recuritment to the Posts shall be made on the basis of **Written Examination and Viva Voce Test**.

The link for registration/re-registration and payment of examination fee shall be available **from 04.04.2022 to 04.05.2022 (Note: 11.05.2022 is the last date for submission of Registered Online Application).**

The candidates are advised to visit the Website of the Commission at **http://opsc.gov.in** for detailed information for applying to the above post.

**CUTTACK**
**DATE: 29.03.2022**
**Sd./- SECRETARY**
**ODISHA PUBLIC SERVICE COMMISSION, CUTTACK**
**OIPR-12002/11/0301/2122**

**OFFICE OF THE SUPERINTENDING ENGINEER**
**P.H. DIVISION, SAMBALPUR**
**Near V.S.S. Stadium, Brooks Hill, Sambalpur**
**Ph.: 0663-2412135, E-mail: eephdsbp@gmail.com**

**QUOTATION CALL NOTICE NO. 138 OF 2021-22**

No. C-2010: The Superintending Engineer, P.H. Division, Sambalpur on behalf of Governor of Odisha, invites sealed quotations from the Water Tanker Owners/Contractors duly registered under State/Central Govt. for deployment of Mini Truck Mounted/Truck Mounted/Tractor Mounted Water Tanker of capacity 4KL for distribution of water to public during **Summer - 2022** (April, May & June) in the under mentioned ULBs.

1. The quotation must be accompanied by Bid Security Declaration/1% Security Deposit of the quoted value in shape of NSC, POTD, Post Office Savings Bank Account, Deposit receipt of any scheduled Bank and duly pledged in favour of **Executive Engineer, P.H. Division, Sambalpur**.
2. The quotation will be received in the Office of the **Superintending Engineer, P.H. Division. Sambalpur/ Additional Chief Engineer, P.H. Circle, Sambalpur/Assistant Executive Engineer** of respective P.H. Sub-Division directly in the Tender Box within the stipulated date & time i.e. **5.00 P.M. of Dt.07.04.2022**.
3. The quotation can be received through Speed Post/Regd. Post latest upto **5.00 P.M. on Dt.07.04.2022**.
4. Quotation shall be opened by the Superintending Engineer, P.H. Division, Sambalpur in presence of the quotationers or their authorized representatives on the next day i.e. **11.30 A.M. Dt.08.04.2022**.
5. If the above days are declared later as a Govt. holiday then the quotations will be received or opened on the next working day as per the scheduled time.
6. Quotation received after due date and time shall not be entertained and the authority shall not be held responsible for delay or missing of the quotation during postal transit.
7. Quotation received without Bid Security Declaration/EMD shall be rejected.
8. Quotationer should enclose attested copy of valid GST, PAN Card & Registration Certificate etc. along with quotation.
9. In case the intending bidder does not own Mini Truck Mounted/Truck Mounted/Tractor pulled Water Tanker, he is required to furnish the original necessary agreement in proper form duly executed with the owner of the vehicle/water tanker towards hiring of the same for the above purpose.
10. The rate should be quoted per day per vehicle basis against each ULB and inclusive of hire charges of Vehicle, Fuel & Lubricants and other consumables along with salary of driver & helper etc.
11. The quotationers are not required to write their name on the outer cover containing the quotation documents. They are only required to write the name of the work and the authority who had invited the tender. Quotation should be quoted for each work in separate pockets.
12. The number of vehicle and number of days to be engaged may vary as per requirement.
13. Attested Xerox copy of valid Registration Certificate/Fitness Certificate/Insurance Copy/Pollution Testing Certificate/Driving Licence of driver of the proposed vehicle shall be furnished along with the quotation.
14. The authority reserves the right to reject any or all the quotations without assigning any reason thereof.
15. The No. of vehicle to be engaged & No. of days can be changed as per actual requirement depending upon situation.

| Sl. No. | Description | Name of ULBs | EMD 1% of Quoted Value | No. of Vehicle | Tentative Period of Engagement | Unit | Rate / Day / Vehicle Word | Rate / Day / Vehicle Figure |
|---|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Supplying and engaging Mini Truck Mounted Water Tanker of 4 KL Capacity or Tractor towed with 4 KL Capacity Water Tanker including supply of all materials, labour, T&P, fuel & lubricant along with driver and helper etc. for distribution of drinking water from PHED loading points to different locations within the town on daily basis minimum three trips/day (if haul/distance is more than 7.00 Km) & 5 trips/days if haul/distance is within 7.00 Km from loading point etc., all complete as per direction of the Engineer-in-Charge. | PH Section, Dhanupali / Bareiapali | | 3 | 75 days | Per day | | |
| | | P.H. Section, Brooks Hill/ Modipada | | 3 | 75 days | Per day | | |
| | | Burla Town | | 2 | 75 days | Per day | | |
| | | Hirakud Town | | 2 | 75 days | Per day | | |
| | | Rairakhol NAC | | 2 | 75 days | Per day | | |
| | | Kuchinda NAC | | 2 | 75 days | Per day | | |
| | | Deogarh Municipality | | 4 | 75 days | Per day | | |
| | | Bargarh (Phase-I) | | 3 | 75 days | Per day | | |
| | | Bargarh (Phase-II) | | 3 | 75 days | Per day | | |
| | | Barpali NAC | | 3 | 75 days | Per day | | |
| | | Padampur NAC | | 4 | 75 days | Per day | | |
| | | Attabira NAC | | 3 | 75 days | Per day | | |
| | | Bijepur NAC | | 1 | 75 days | Per day | | |

**Sd./- Superintending Engineer, P.H. Division, Sambalpur**
**OIPR-13026/11/0007/2122**

See Career Appointment on every Wednesday & Saturday

**ସତ୍ୟବାଦୀକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ**

ସାକ୍ଷୀଗୋପାଳ,(ଡି.ଏନ୍.ଏ.): ଲିଭ ପିଓର ଏବଂ ଅକ୍ସଫାମ ପକ୍ଷରୁ ସତ୍ୟବାଦୀ ବ୍ଲକ ଶୁକଳ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଦକ୍ଷିଣକେରା ଗ୍ରାମରେ ସ୍ୱଚ୍ଛ ପାନୀୟ ଜଳ ପ୍ରକଳ୍ପ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସୌରଶକ୍ତି ଚାଳିତ ଲୌହ ଅପସାରଣ ଶୁଦ୍ଧ ପାନୀୟଜଳ ପ୍ରକଳ୍ପ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା ଯୋଗଦେଇ ପ୍ରକଳ୍ପ ଉଦ୍‌ଘାଟନ କରି କହିଥିଲେ, ସତ୍ୟବାଦୀର ସମସ୍ତ ପଞ୍ଚାୟତକୁ ବସୁଧା ଯୋଜନାରେ ବିଶୁଦ୍ଧ ପାନୀୟ ଜଳ ଖୁବଶୀଘ୍ର ଯୋଗାଇ ଦିଆଯିବ। ସମ୍ମାନିତ ଅତିଥି ଭାବେ ବିଡିଓ କ୍ଷୀରୋଦ ବେହେରା ଏକ କମିଟି ଜରିଆରେ ପ୍ରକଳ୍ପର ପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ନାରାୟଣ ରାଉତରାୟ, ସରପଞ୍ଚ ଲଳିତ ମୋହନ ସେନାପତି ଓ ଅନ୍ୟ ଅଧିକାରୀମାନେ ଅତିଥି ରୂପେ ଯୋଗଦେଇଥିଲେ।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୯।୩।୨୦୨୨

| | |
|---|---|
| ୩,୩୩,୭୯୦ ଟଙ୍କା | |
| ସୁନା | ୧୦.୨୫୦ ଗ୍ରାମ |
| ରୁପା | ୩୫.୫୦୦ ଗ୍ରାମ |

# ଭାର୍ଗବୀ ନଦୀ ଭୃଗୁ ଘାଟରେ ସାଗର ସ୍ନାନ ମେଳା

**ସାକ୍ଷୀଗୋପାଳ, ୨୯।୩(ଡି.ଏନ୍.ଏ.):**



ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ବଳପୁର ପଞ୍ଚାୟତ ବଳପୁରସ୍ଥିତ ଭାର୍ଗବୀ ନଦୀ ଭୃଗୁ ଘାଟରେ ବାରୁଣୀ ଯୋଗରେ ପବିତ୍ର ସାଗର ସ୍ନାନ ମେଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଚୈତ୍ରମାସ କୃଷ୍ଣପକ୍ଷ ତ୍ରୟୋଦଶୀ ଶତଭିସା ନକ୍ଷତ୍ର ତିଥିରେ ଭାର୍ଗବୀରେ ମହାବାରୁଣୀ ଯୋଗରେ ବୁଡ ପକାଇଲେ ମହୋଦଧି ସ୍ନାନର ପୁଣ୍ୟ ମିଳିଥାଏ ବୋଲି ପ୍ରଥା ଥିବାରୁ ନିକଟବର୍ତ୍ତୀ ରାଜ୍ୟରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ମେଳାରେ ସାନଭାଇ ବଳପୁର ବାଲୁଙ୍କେଶ୍ୱର, ବଡଭାଇ ବରାଳ ବାଲୁଙ୍କେଶ୍ୱର ଦେବଙ୍କୁ ସୁସଜ୍ଜିତ ବିମାନରେ ଭାର୍ଗବୀ ନଦୀତଟସ୍ଥ ଭୃଗୁ ଘାଟକୁ ପଟୁଆରରେ ବିଜେ କରିଥିଲେ। ଠାକୁରଙ୍କ ବାରୁଣୀ ସ୍ନାନନୀତି ସମାପନ ପରେ ଉପସ୍ଥିତ ଶ୍ରଦ୍ଧାଳୁମାନେ ନଦୀରେ ବୁଡ ପକାଇବା, କେଶ ଦାନ କରିବା ଦୃଶ୍ୟମାନ ହୋଇଥିଲା। ମହିଳାମାନେ ସନ୍ତାନ ପ୍ରାପ୍ତି ଆଶାରେ ଦୂରରୁ ଆସି ଏଠାରେ ବୁଡ ପକାଇଥିଲେ। ସେହିପରି ନଦୀର ଅପରପାର୍ଶ୍ୱ ସୁଆଣ୍ଡୋ ଘାଟରେ ଅନରୂପ ଭାବେ ଲୋକନାଥ ଦେବ ଓ ବିଦ୍ୟାଧରପୁରର କୁଣ୍ଡଳେଶ୍ୱର ଠାକୁର ବିଜେ କରିଥିଲେ। ସୁରକ୍ଷିତ ଭାବେ ମେଳା ପରିଚାଳନା ପାଇଁ ମନ୍ଦିର ପ୍ରଶାସନ ଟ୍ରଷ୍ଟବୋର୍ଡ ଓ ଗ୍ରାମପଞ୍ଚାୟତ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ସତ୍ୟବାଦୀ ଥାନା ଆଇଆଇସି ଦିଲୀପ କୁମାର ଧଳଙ୍କ ତତ୍ତ୍ୱାବଧାନରେ ପୋଲିସ ଫୋର୍ସଙ୍କ ସହିତ ଭିଡ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳାରେ ମେଳା ପରିଚାଳନା ହୋଇଥିଲା। ଏହାସହ ସାକ୍ଷୀଗୋପାଳ ଦମକଳ କେନ୍ଦ୍ର ଅଧିକାରୀ ମନୋଜ ପାତ୍ର କର୍ମଚାରୀଙ୍କ ସହିତ ଉପସ୍ଥିତ ରହି ଭକ୍ତଙ୍କ ସୁରକ୍ଷିତ ସ୍ନାନ ପ୍ରତି ନଜର ରଖିଥିଲେ। ବରାଳ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାର କାଦୁଆ ଓ ବଳପୁର ସରପଞ୍ଚ , ବଳପୁର ଟ୍ରଷ୍ଟି ନିରଞ୍ଜନ ମହାପାତ୍ର ଙ୍କ ସହ ସେବାୟତବୃନ୍ଦ ଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ। ଏହି ମେଳାରେ ୫ ଶହରୁ ଊର୍ଦ୍ଧ୍ୱ ଉଠା ଦୋକାନୀ ଦୋକାନ ଖୋଲିଥିଲେ ଏବଂ ବିଳମ୍ବିତ ରାତି ପର୍ଯ୍ୟନ୍ତ ଲୋକଙ୍କ ଗହଳି ଲାଗି ରହିଥିଲା।

# ସ୍ୱାମୀ ଥାନାରେ ଅଟକ ଶୁଣି ସ୍ତ୍ରୀଙ୍କ ଆତ୍ମହତ୍ୟା

**ଗୋପ,୨୯।୩(ଡି.ଏନ୍.ଏ.)**

ଅମୃତଭଣ୍ଡା ଚୋରି କରିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ପୋଲିସ ଥାନାରେ ଅଟକ ରଖିଥିଲା। ହେଲେ ସ୍ୱାମୀ ଥାନାରେ ଅଟକ ଥିବା ଶୁଣି ଲୋକଲଜ୍ୟା ଭୟରେ ତାଙ୍କ ସ୍ତ୍ରୀ ଆତ୍ମହତ୍ୟା କରିଦେଇଛନ୍ତି। ଏଭଳି ଦୁଃଖଦ ଘଟଣା ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ପଦ୍ମପଡ଼ା ଅଞ୍ଚଳରେ ମଙ୍ଗଳବାର ଘଟିଛି। ମୃତା ହେଲେ ଏହି ଥାନା ଅଧୀନ ପଦ୍ମପଡ଼ା ଗ୍ରାମର ଶୁଭାସିନୀ ଦାସ(୩୪)। ଏ ନେଇ ଶୁଭାସିନୀଙ୍କ ଭାଇ ଲିଙ୍ଗରାଜ ଦାସ ଥାନାରେ ଏକ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା( ନଂ.୭/୨୨) ରୁଜୁ କରି ମହିଳାଙ୍କ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଅନ୍ୟପଟେ ଏହି ଘଟଣା ପରେ ଅମୃତଭଣ୍ଡା ଚୋରି ଅଭିଯୋଗରେ ଏକ ମାମଲା (ନଂ.୧୦୦/୨୨) ରୁଜୁ କରି ଅଟକ ଥିବା ମୃତା ଶୁଭାସିନୀଙ୍କ ସ୍ୱାମୀଙ୍କୁ ଥାନାରୁ ନୋଟିସ ବେଲ୍ ଦେଇଛି।

ସୂଚନା ଅନୁଯାୟୀ, ବଳଙ୍ଗା ଥାନା ଅଞ୍ଚଳର ବିରଞ୍ଚି ନାରାୟଣ ପ୍ରଧାନ ଗୋପ ଥାନା ଅଧୀନ ସୋନପୁର ଅଞ୍ଚଳରେ ଏକ ଜମି ଲିଜ୍ ନେଇ ଅମୃତ ଭଣ୍ଡା ଚାଷ କରୁଥିଲେ। ମଙ୍ଗଳବାର ଭୋର ୪ଟାରେ ଗୋପର ପଦ୍ମପଡା ଗ୍ରାମର ସୁଶାନ୍ତ ଦାସ ଏକ ବାଇକ୍(ଓଡି ୧୩ ସି–୦୬୨୧) ଯୋଗେ ଉକ୍ତ ଜମିରୁ ଅମୃତଭଣ୍ଡା ଚୋରି କରୁଥିଲେ। ଜମି ମାଲିକ ବିରଞ୍ଚି ସେଠାରେ ଥିବାବେଳେ ତାଙ୍କୁ ଧରି ଗୋପ ଥାନାରେ ଦେଇଥିଲେ। ପୋଲିସ ସୁଶାନ୍ତଙ୍କୁ ଅଟକ ରଖି ପଚରାଉଚରା କରୁଥିଲା। ସୁଶାନ୍ତ ଥାନାରେ ଅଟକ ଥିବା ଖବର ଶୁଣି ପରିବାର ଲୋକ ଥାନାକୁ ଯାଇଥିଲେ। ହେଲେ ସୁଶାନ୍ତଙ୍କ ସ୍ତ୍ରୀ ଶୁଭାସିନୀ ଘରେ ଥିବାବେଳେ କିଛି ସମୟ ପରେ ଗ୍ରାମବାସୀ ତାଙ୍କୁ ଘର ନିକଟସ୍ଥ ଏକ ଜଙ୍ଗଲରେ ବେକରେ ଲୁଗା ବାନ୍ଧି ଝୁଲୁଥିବା ଦେଖିଥିଲେ। ଗ୍ରାମବାସୀ ପରିବାର ଲୋକଙ୍କୁ ଜଣାଇବା ସହ ନିକଟସ୍ଥ ନାଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। କିନ୍ତୁ ଡାକ୍ତର ମୃତ ଘୋଷଣା କରିବା ପରେ ପରିବାର ଲୋକ ମୃତଦେହକୁ ଘରକୁ ନେଇ ଆସିଥିଲେ। ପରେ ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିବା ବେଳେ ଶୁଭାସିନଙ୍କ ଭାଇ ଏକ ଅଭିଯୋଗ କରିଥିଲେ। ତେବେ ମୃତ ମହିଳାଙ୍କ ପରିବାର ଗରିବ ହୋଇଥିବା ବେଳେ ତାଙ୍କର ଏକ ୧୩ ବର୍ଷୀୟା ଝିଅ ଓ ୫ ବର୍ଷର ପୁଅ ରହିଛି। ତୁରନ୍ତ ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ନାଗପୁର ସରପଞ୍ଚ ପଦ୍ମପର୍ଣ୍ଣା ଦଳାଇ ଦାବି କରିଛନ୍ତି ।



ପୁରୀ ଆୟୁର୍ବେଦିକ ମହାବିଦ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ଜିଲାସ୍ତରୀୟ ଆଶା, ଗାଁକଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତିର ବାର୍ଷିକ ଉତ୍ସବରେ ପୁରସ୍କୃତ ଆଶାକର୍ମୀ ।

# ଶିଶୁ ସୁରକ୍ଷା, ବିକାଶ ଉପରେ ଗୁରୁତ୍ୱ

**ପୁରୀ ଅଫିସ, ୨୯।୩:**

ପୁରୀ ଜିଲାସ୍ତରୀୟ ଶିଶୁ ସୁରକ୍ଷା କମିଟି ଏବଂ ବାଲ୍ୟ ବିବାହ ନିଷେଧ ଓ କିଶୋରୀ ବାଳିକା ସଶକ୍ତୀକରଣ ଟାସ୍କଫୋର୍ସ ତଥା ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ମଙ୍ଗଳବାର ଜିଲା ପର୍ଯ୍ୟବେକ୍ଷଣ ସମ୍ମିଳନୀ କକ୍ଷରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବୈଠକରେ ଜିଲା ପରିଷଦ ସଭାପତି ତଥା ଜିଲା ଶିଶୁ ସୁରକ୍ଷା କମିଟି ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଶିଶୁଙ୍କ ସୁରକ୍ଷା ଓ ବିକାଶ ସମ୍ପର୍କରେ ଆଲୋଚନା ହୋଇଥିଲା। ପୁରୀ ଜିଲାରେ ଶିଶୁ ସୁରକ୍ଷା କ୍ଷେତ୍ରରେ ଚଳିତ ବର୍ଷର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ, ସୁଖୀ ସୂଚକାଙ୍କ ସର୍ଭେ, ବାଲ୍ୟ ବିବାହ ସ୍ଥିତି, ଶିଶୁ ଶ୍ରମିକଙ୍କ ସ୍ଥିତି, ଆଶୀର୍ବାଦ ଯୋଜନାରେ ସାମିଲ ପିତୃମାତୃହୀନ ତଥା ଏକକ ପିତାମାତା ଥିବା ପିଲାଙ୍କ ସ୍ଥିତି ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ତଥ୍ୟ ରଖିଥିଲେ। ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ମହାବୀର ରୁଦ୍ରନାରାୟଣ ସାହୁ, ସଦସ୍ୟ ରମାଶଙ୍କର ପାତ୍ର, କିଶୋର ନ୍ୟାୟ ପରିଷଦ ସଦସ୍ୟ ବିଜୟାନନ୍ଦ ମିଶ୍ର, ଚାଇଲ୍ଡଲାଇନ ନିର୍ଦ୍ଦେଶକ ଦେବାଶିଷ ରଥ, ଜିଲା ବାଲ୍ୟ ବିବାହ ନିରୋଧ ସଂଯୋଜିକା ସୁମିତା ଘୋଷ ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବ୍ଲକ ମିଶନ ଶକ୍ତି ମହାସଂଘ ଅନ୍ତର୍ଗତ ସ୍ୱୟଂସହାୟକ ଗୋଷ୍ଠୀ ସମୂହର ସଦସ୍ୟା ଓ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ଏକ ସପ୍ତାହ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ସମୟରେ ପ୍ରାର୍ଥନା ସଭାରେ ଏକ ସମୟରେ ବାଲ୍ୟ ବିବାହ ନିରାକରଣ ଲାଗି ସଚେତନତା ସୃଷ୍ଟି ପାଇଁ ଶପଥ ପାଠ ସହ ଆଗାମୀ ତିନିମାସ ମଧ୍ୟରେ ସମ୍ବେଦନଶୀଳ ପଞ୍ଚାୟତଗୁଡ଼ିକୁ ବାଲ୍ୟ ବିବାହମୁକ୍ତ ପଞ୍ଚାୟତ ଭାବେ ଗଠନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଜିଲା ଶିଶୁ ସୁରକ୍ଷା ଶାଖାର ସୁରକ୍ଷା ଅଧିକାରୀ ଶୁଭନାରାୟଣ ଶତପଥୀ ଧନ୍ୟବାଦ ଦେଇଥିଲେ।




ପୁରୀ ବ୍ୟାଙ୍କ ୟୁନିୟନ ପକ୍ଷରୁ ଗ୍ରାଣ୍ଡରୋଡ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ସମ୍ମୁଖରେ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ।

## ଗାଡ଼ି ବିକ୍ରି ନାଁରେ ୬୨ ହଜାର ଟଙ୍କା ଠକେଇ
# ଜେଲଗଲେ ପୂର୍ବତନ ହୋମ୍‌ଗାର୍ଡ

**ଭୁବନେଶ୍ୱର,୨୯।୩(ବ୍ୟୁରୋ):**

ନିଜକୁ ପୋଲିସ କର୍ମଚାରୀର ପରିଚୟ ଦେଇ ଜଣେ ଯୁବକଙ୍କୁ ଗାଡ଼ି ବିକ୍ରି ନାଁରେ ୬୨ ହଜାର ଟଙ୍କା ଠକେଇ ଅଭିଯୋଗରେ ଭୁବନେଶ୍ୱର ସାଇବର ଓ ଅର୍ଥନୈତିକ ଅପରାଧ ଥାନା ପୋଲିସ ଅଭିଯୁକ୍ତ ବିଜୟ କୁମାର ପାଣ୍ଡିଙ୍କୁ ଗିରଫ କରିଛି। ଅଭିଯୁକ୍ତ ବିଜୟଙ୍କ ଘର ପୁରୀ ଜିଲା ବଳଙ୍ଗା ଥାନା ଅଧୀନ ଚନ୍ଦ୍ରଦେଇପୁର ଗ୍ରାମରେ। ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବାବେଳେ ଜାମିନ ନାମଞ୍ଜୁର ହେବାରୁ ଜେଲହାଜତକୁ ପଠାଇ ଦିଆଯାଇଛି। ବିଜୟ ପୂର୍ବରୁ କମିଶନରେଟ୍ ପୋଲିସରେ ହୋମ୍‌ଗାର୍ଡ ଥିଲେ। ସେ ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବାର ପ୍ରମାଣ ମିଳିବା ପରେ ତାଙ୍କୁ ୨୦୧୭ରୁ ଚାକିରୀରୁ ବହିଷ୍କୃତ କରାଯାଇଥିଲା।

# ମା' ମଙ୍ଗଳାଙ୍କ ଦ୍ୱିତୀୟ ପାଳିଯାତ୍ରା ନେତ୍ରୋତ୍ସବ

**କାକଟପୁର, ୨୯।୩(ଡି.ଏନ୍.ଏ):**

ଚୈତ୍ର ମାସ ଦ୍ୱିତୀୟ ମଙ୍ଗଳବାରରେ କାକଟପୁରର ଆରାଧ୍ୟା ଠାକୁରାଣୀ ମା' ମଙ୍ଗଳାଙ୍କ ଦ୍ୱିତୀୟ ପାଳିଯାତ୍ରା ନେତ୍ରୋତ୍ସବ ଅନୁଷ୍ଠିତ ହୋଇଯାଇଛି। ରାତ୍ର ତିନି ଘଡ଼ି ଥାଇ ମନ୍ଦିର ଦ୍ୱାରଫିଟା ପରେ ମଙ୍ଗଳ ଆଳତି, ଭିତରଶୋଧ, ସ୍ନାନ, ବେଶ, ଚନ୍ଦନଲାଗି ପରେ ସୂର୍ଯ୍ୟ ପୂଜା, ବଲ୍ଲଭ ନୀତି କରାଯାଇଥିଲା। ବଲ୍ଲଭ ନୀତି ପରେ ପ୍ରାରମ୍ଭିକ ସମୟରେ ସକାଳ ଧୂପ କରାଯାଇଥିଲା ଏବଂ ବନ୍ଦାପନା ଆଳତି ପରେ ସର୍ବସାଧାରଣ ଦର୍ଶନ ପାଇଁ ସାହାଣମେଲା କରିଦିଆଯାଇଥିଲା। ମା'ଙ୍କ ଦିବ୍ୟ ବେଶ ଦର୍ଶନ କରିବା ସହ ସୀମନ୍ତିନୀମାନେ ମନ୍ଦିର ବେଢାରେ ପଞ୍ଚେଇ ପୂଜା କରିଥିଲେ। ମଧ୍ୟାହ୍ନରେ ଶାରଳା ପୀଠରୁ ଆସିଥିବା ରାଉଳ ସେବକ ଓ ଭୋଇ ସେବକମାନେ ପାଣି ତୋଳି ମନ୍ଦିର ବେଢାରେ ପାଟୁଆ ନୃତ୍ୟ କରିଥିଲେ। ଏହାପରେ ମନ୍ଦିର ଗର୍ଭଗୃହ ଖାଲି କରାଯାଇ ଦ୍ୱିପ୍ରହର ଧୂପ ଓ ଭଅଣ୍ଡ ଧୂପ କରାଯାଇଥିଲା। ପହୁଡ଼ କିଛି ସମୟ ପଡ଼ିଲା ପରେ ସନ୍ଧ୍ୟା ଆଳତି କରାଯାଇ ଓଲାଗି ଓ ମାର୍ଜନା କରାଯାଇଥିଲା। ବେଶ ପରେ ଭାଗବତ ପାଠ, ରାତ୍ରି ଧୂପ, ଗୀତଗୋବିନ୍ଦ ପାଠ ଓ ବଡ଼ସିଂହାର ପରେ ଭ୍ରମଣ ନୀତି ଅନୁଷ୍ଠିତ ହୋଇଥିଲା।



ଯୁବନେତା ଓମ୍ ପ୍ରକାଶ ମିଶ୍ରଙ୍କ ନେତୃତ୍ୱରେ ନବ ନିର୍ବାଚିତ ଲୋକପ୍ରତିନିଧିମାନେ ମଙ୍ଗଳବାର ଜିଲାପାଳ ସମର୍ଥ ବର୍ମାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।


**OFFICE OF THE GENERAL MANAGER WATCO DIVISION, CUTTACK**

Telephone/e-mail/Fax:0671-2547115/gmwatcoctc@gmail.com

**NATIONAL COMPETITIVE BIDDING**

No.C-2023: **THROUGH e-Procurement**

**Bid Identification No. WATCO (S)-16/2021-22 Dtd.28.03.2022**

1. Name of the work:- Supply, testing & commissioning of DG set for 8.00 MLD Water Treatment Plant & Intake Site at Pratapnagari, Cuttack.
2. Estimated cost: Rs.26.25 Lakhs (Approx.).
3. Period of completion :-3 (Three) Calendar Months.
4. Date & time of availability of bid document in the portal :-From 11 A.M of dt.31.03.2022 to 5.00 P.M. of dt.11.04.2022.
5. Last date/time of receipt of bids in the portal:- 11.04.2022 up to 05.00 P.M.
6. Date & time of opening of bids:-12.04.2022 at 12.30 P.M.
7. Name and address of the Officer Inviting Bid :-The General Manager, WATCO Division, Cuttack-753003, Odisha, Ph.(0671)2547115, email:gmwatcoctc@gmail.com.
8. The bidders have to participate in ONLINE bidding only. Further details can be seen from the website **www.tendersodisha.gov.in**

**Sd./- General Manager**
**WATCO Division, Cuttack**
**OIPR-13194/11/0024/2122**

**WATCO**
**OFFICE OF THE CHIEF EXECUTIVE OFFICER, WATCO**
**Ground Floor, Unnati Bhawan, H.B. Colony, Satyanagar, Bhubaneswar-751007,Odisha, India**
Telefax:-+91-674-2391444,
E-mail- mail@watcoodisha.in, md@watcoodisha.in

**INVITATION FOR BID (IFB)**

**Bid Identification No. WATCO (W)-41/2021-22, Dtd.28.03.22**
**WATCO No.1131, Date:28.03.2022**

**No.C-2020:**1.Name of the work:-. Design, Construction, Testing & commissioning of RCC ESR at Bhubaneswar & Puri 1.7.5 lakh Litre capacity RCC ESR at Police colony (Kalinga stadium opposite) & reserve police line Jaydev vihar. 2- 10.00 & 12.50 lakh litre capacity at IGST womens hostel & Rasulgarh IE respectively. 3- 10.00 & 15.00 lakh litre capacity at Laxmisagar & Haladi padia respectively, 4-15.00 & 15.00 lakh litre at Satya nagar pump house & Mali colony pump house respectively. 5-5.00 & 15.00 lakh litre at Unit -3 park pump house & Budheswari colony respectively. 6- 15.00 & 20.42 lakh litre at Laxmisagar upper sahi & Baragada village respectively. 7-10.00 & 10.00 lakh litre at Baragada Brit colony & Madhusudan nagar respectively. 8-20.00 & 5.00 lakh litre at WTP Palasuni & Sameigadia respectively. 9-7.50 &15.00 lakh litre at Gadakana & Mancheswar IE respectively. 10-10.00 & 5.00 lakh litre at VSS nagar police colony & Adimata colony. respectively 11-20.00 & 5.00 lakh litre at OSAP 7th Battalion campus & within Division - I campus respectively. 12-15.00 & 15.00 lakh litre at STP C.S pur for BDA-300HH & STP C.S.Pur for HB colony respectively. 13- ESR for Totagopinath Zone, Puri.14-10.00 lakh litre at Kapilaswar. 15- 15.00 lakh litre at Bhuasuni. 16-10.00 lakh litre at Pandab nagar. 17-10.00 lakh litre at BJB nagar. 18- 10.00 lakh litre at Nageswar Tangi including anicillary works. 2. Estimated cost (1)- Rs.406.61 Lakh. (2) Rs.556.61 Lakh. (3) - Rs.606.61 Lakh. (4)-Rs.706.61 Lakh. (5)-Rs.506.61 Lakh. (6) -Rs.815.01 Lakh. (7)-Rs.506.61 Lakh. (8) - Rs.606.61 Lakh. (9) - Rs.556.61 Lakh.(10)-Rs.406.61 Lakh. (11)-Rs.606.61 Lakh. (12)-Rs.706.61 Lakh. (13)-Rs.448.78 lakh. (14)-Rs.253.30 lakh. (15)-Rs.353.30 lakh. (16)- Rs.253.30 lakh. (17)-Rs.253.30 lakh. (18)-Rs.253.30 lakh. 3. Period of completion:- 09 (Nine) Months. 4.Date & time of availability of bid document in the portal :- From 11.00 AM of Dt.11.04.2022 to 5.00 P.M. of 25.04.2022. 5.Last date / time of receipt of bids in the portal:-5.00 PM of 25.04.2022.6. Date & time of opening of technical bids :-12.30 PM of 26.04.2022. 7.Name and address of the Officer Inviting Bid:- CEO, WATCO. 8. The bidders have to participate in ONLINE bidding only. Further details can be seen from the website **www.tendersodisha.gov.in.**

**Sd/- CEO, WATCO**
**OIPR-13194/11/0022/2122**

**Bhubaneswar Smart City Limited**
**Block-1, 5th Floor, BMC- Bhawani Mall, Saheed Nagar, Bhubaneswar- 751007, E-mail Id: bbsr.bscl@gov.in,**
**CIN: U74990OR2016PLC020016**
**Telephone-0674- 2548428 FAX: 0674-2540811**
**Ref.No.:BSCL/Administration/CARBON/2022/25-L1-709 Dt.28.03.22**

**EXPRESSION OF INTEREST (EOI) for Consultancy Services to avail any applicable GHG (Green House Gas) Carbon Credits Benefits for RE (Renewable Energy), EE (Energy Efficiency), Waste Management and other technology projects of Bhubaneswar.**

**No.C-2011:**M/s. Bhubaneswar Smart City Limited (BSCL), Bhubaneswar invites sealed proposals for **Consultancy Services to avail any applicable GHG (Green House Gas) Carbon Credits Benefits for RE (Renewable Energy), EE (Energy Efficiency), Waste Management and other technology projects of Bhubaneswar.**

The details of Terms of Reference (ToR) can be downloaded from the website of BSCL i.e. www.smartcitybhubaneswar.gov.in and www.bmc.gov.in. Interested agencies may submit their proposals in a sealed cover superscribing as **"EXPRESSION OF INTEREST (EOI) for Consultancy Services to avail any applicable GHG (Green House Gas) Carbon Credits Benefits, for RE (Renewable Energy), EE (Energy Efficiency), Waste Management and other technology projects of Bhubaneswar."** with advertisement number and Date to the General Manager (Admin), Bhubaneswar Smart City Limited, 5th Floor, Block-1, BMC Bhawani Mall, Saheed Nagar, Bhubaneswar-751007 through Speed Post / Registered Post / Courier services only, which should reach on or before **3.00 P.M on 16.04.2022** positively and the same will be opened at **3.30 P.M.** on the same day. Proposals received after the due date and time shall be rejected. The undersigned reserves the right to reject any or all the tender without assigning any reason thereof. For any queries you reach through email:bbsr.bscl@gmail.com or telephone:0674- 2548428 / 2540811.

By Order of MD and CEO
**Sd./- General Manager (Admin),**
**Bhubaneswar Smart City Limited**
**OIPR-13070/11/0017/2122**

**ODISHA PUBLIC SERVICE COMMISSION**

**ADVERTISEMENT No. 30 of 2021-22**

**Recruitment to the Posts of Assistant Fisheries Officer, Group-B of Odisha Fisheries Cadre under Fisheries & Animal Resources Development Department**

No. D-375: Online applications are invited from the prospective candidates through the proforma application to be made available on the Website of the Commission **(http://opsc.gov.in)** for recruitment to **177 (One hundred seventy seven)** posts of **Assistant Fisheries Officer, Group-B** of Odisha Fisheries Cadre under Fisheries & Animal Resources Development Department carrying the pay at Level-10 of the Pay Matrix as per ORSP Rules, 2017 with usual Dearness and other allowances as may be sanctioned by the Government of Odisha from time to time.

2. **VACANCY POSITION:** As per requisition filed by the Fisheries & Animal Resources Development Department, Government of Odisha, out of total 177 (58 - W) Posts, 85 (28 - W) Posts are for UR Category, 03 Posts are for SEBC Category, 26 (09 - W) Posts are for SC Category and 63 (21 - W) Posts are for ST Category.
3. **AGE:** A candidate shall not ordinarily be below 21 (twenty one) years and above 38 (thrity eight) years of age as on the 1st day of January, 2022 i.e. he/she must have been born not earlier than 2nd January, 1984 and not later than 1st January, 2001.
4. **EDUCATIONAL QUALIFICATION:** A candidate must be a Bachelor of Fishery Science (B.F.Sc.) from any recognized University in India or abroad.
5. **EXAMINATION FEE:** A candidate is required to pay a non-refundable and non-adjustable fee of **Rs.500/- (Rupees five hundred)** only. Candidates belonging to Scheduled Caste and Scheduled Tribe of Odisha and Persons with Disability (whose permanent disability is 40% and more) are exempted from payment of this fee.
6. **METHOD OF SELECTION:** The selection of candidates for recuritment to the Posts shall be made on the basis of **Written Examination and Viva Voce Test**.

The link for registration/re-registration and payment of examination fee shall be available **from 04.04.2022 to 04.05.2022 (Note: 11.05.2022 is the last date for submission of Registered Online Application).**

The candidates are advised to visit the Website of the Commission at **http://opsc.gov.in** for detailed information for applying to the above post.

**CUTTACK**
**DATE: 29.03.2022**

**Sd./- SECRETARY**
**ODISHA PUBLIC SERVICE COMMISSION, CUTTACK**
**OIPR-12002/11/0301/2122**

**OFFICE OF THE SUPERINTENDING ENGINEER P.H. DIVISION, SAMBALPUR**
**Near V.S.S. Stadium, Brooks Hill, Sambalpur**
**Ph.: 0663-2412135, E-mail: eephdsbp@gmail.com**

**QUOTATION CALL NOTICE NO. 138 OF 2021-22**

No. C-2010: The Superintending Engineer, P.H. Division, Sambalpur on behalf of Governor of Odisha, invites sealed quotations from the Water Tanker Owners/Contractors duly registered under State/Central Govt. for deployment of Mini Truck Mounted/Truck Mounted/Tractor Mounted Water Tanker of capacity 4KL for distribution of water to public during **Summer - 2022** (April, May & June) in the under mentioned ULBs.

1. The quotation must be accompanied by Bid Security Declaration/1% Security Deposit of the quoted value in shape of NSC, POTD, Post Office Savings Bank Account, Deposit receipt of any scheduled Bank and duly pledged in favour of **Executive Engineer, P.H. Division, Sambalpur**.
2. The quotation will be received in the Office of the **Superintending Engineer, P.H. Division. Sambalpur/ Additional Chief Engineer, P.H. Circle, Sambalpur/Assistant Executive Engineer** of respective P.H. Sub-Division directly in the Tender Box within the stipulated date & time i.e. **5.00 P.M. of Dt.07.04.2022**.
3. The quotation can be received through Speed Post/Regd. Post latest upto **5.00 P.M. on Dt.07.04.2022**.
4. Quotation shall be opened by the Superintending Engineer, P.H. Division, Sambalpur in presence of the quotationers or their authorized representatives on the next day i.e. **11.30 A.M. Dt.08.04.2022**.
5. If the above days are declared later as a Govt. holiday then the quotations will be received or opened on the next working day as per the scheduled time.
6. Quotation received after due date and time shall not be entertained and the authority shall not be held responsible for delay or missing of the quotation during postal transit.
7. Quotation received without Bid Security Declaration/EMD shall be rejected.
8. Quotationer should enclose attested copy of valid GST, PAN Card & Registration Certificate etc. along with quotation.
9. In case the intending bidder does not own Mini Truck Mounted/Truck Mounted/Tractor pulled Water Tanker, he is required to furnish the original necessary agreement in proper form duly executed with the owner of the vehicle/water tanker towards hiring of the same for the above purpose.
10. The rate should be quoted per day per vehicle basis against each ULB and inclusive of hire charges of Vehicle, Fuel & Lubricants and other consumables along with salary of driver & helper etc.
11. The quotationers are not required to write their name on the outer cover containing the quotation documents. They are only required to write the name of the work and the authority who had invited the tender. Quotation should be quoted for each work in separate pockets.
12. The number of vehicle and number of days to be engaged may vary as per requirement.
13. Attested Xerox copy of valid Registration Certificate/Fitness Certificate/Insurance Copy/Pollution Testing Certificate/Driving Licence of driver of the proposed vehicle shall be furnished along with the quotation.
14. The authority reserves the right to reject any or all the quotations without assigning any reason thereof.
15. The No. of vehicle to be engaged & No. of days can be changed as per actual requirement depending upon situation.

| Sl. No. | Description | Name of ULBs | EMD 1% of Quoted Value | No. of Vehicle | Tentative Period of Engagement | Unit | Rate / Day / Vehicle | |
|---|---|---|---|---|---|---|---|---|
| | | | | | | | Word | Figure |
| 1 | 2 | 3 | 4 | 5 | 6 | 7 | 8 | 9 |
| 1 | Supplying and engaging Mini Truck Mounted Water Tanker of 4 KL Capacity or Tractor towed with 4 KL Capacity Water Tanker including supply of all materials, labour, T&P, fuel & lubricant along with driver and helper etc. for distribution of drinking water from PHED loading points to different locations within the town on daily basis minimum three trips/day (if haul/distance is more than 7.00 Km) & 5 trips/days if haul/distance is within 7.00 Km from loading point etc., all complete as per direction of the Engineer-in-Charge. | PH Section, Dhanupali / Bareiapali | | 3 | 75 days | Per day | | |
| | | P.H. Section, Brooks Hill/ Modipada | | 3 | 75 days | Per day | | |
| | | Burla Town | | 2 | 75 days | Per day | | |
| | | Hirakud Town | | 2 | 75 days | Per day | | |
| | | Rairakhol NAC | | 2 | 75 days | Per day | | |
| | | Kuchinda NAC | | 2 | 75 days | Per day | | |
| | | Deogarh Municipality | | 4 | 75 days | Per day | | |
| | | Bargarh (Phase-I) | | 3 | 75 days | Per day | | |
| | | Bargarh (Phase-II) | | 3 | 75 days | Per day | | |
| | | Barpali NAC | | 3 | 75 days | Per day | | |
| | | Padampur NAC | | 4 | 75 days | Per day | | |
| | | Attabira NAC | | 3 | 75 days | Per day | | |
| | | Bijepur NAC | | 1 | 75 days | Per day | | |

**Sd./- Superintending Engineer, P.H. Division, Sambalpur**
**OIPR-13026/11/0007/2122**

See Career Appointment on every Wednesday & Saturday